# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଏପ୍ରିଲ ୬/୨୦୨୨ (୧୪ ପୃଷ୍ଠା) | Sambalpur, Wednesday, April 6/2022 | Page 14 | ₹ 7.00 | ★★

୧୮ଶ ଭାଗ ୧୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ରାଣୀଙ୍କ ପ୍ରତ୍ୟାବର୍ତ୍ତନ**
ଆହତ ସମସ୍ୟାରୁ ମୁକୁଳିବା ପରେ ଭାରତୀୟ ମହିଳା ହକି ଦଳକୁ ଫେରିଛନ୍ତି ତାରକା ଷ୍ଟ୍ରାଇକର ରାଣୀ ରାମପାଲ।
୧୨

୧୦
**ସଫଳ ହୋଷ୍ଟ କଙ୍ଗନା**
ବଲିଉଡ୍ କୁଇନ୍ କଙ୍ଗନା ହୋଷ୍ଟ କରୁଥିବା ରିଆଲିଟି ଶୋ' 'ଲକ୍ ଅପ୍'ର ଭିୟର୍ସ ସଂଖ୍ୟା ୨ ଶହ ମିଲିୟନ କ୍ରସ୍ କରିଛି।



# ଜଙ୍ଗଲ ନିଆଁରେ ଓଡ଼ିଶା ପ୍ରଥମ

ଭୁବନେଶ୍ୱର,୫।୪(ବ୍ୟୁରୋ)



ଓଡ଼ିଶା ଜଙ୍ଗଲରେ ଲାଗୁଥିବା ନିଆଁ ଘଟଣା ଦେଶର ସମସ୍ତ ରାଜ୍ୟଠାରୁ ଆଗରେ ରହିଛି। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଲୋକ ସଭାରେ ଏହି ସୂଚନା ଦେଇଛନ୍ତି।

ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ (ଏଫ୍ଏସ୍ଆଇ) ପକ୍ଷରୁ ସଂଗୃହୀତ ତଥ୍ୟ ଅନୁଯାୟୀ ୨୦୨୦ ନଭେମ୍ବରରୁ ୨୦୨୧ ଜୁନ୍ ମଧ୍ୟରେ ଦେଶରେ ୩,୪୫,୯୮୯ଟି ବନାଗ୍ନି ଘଟିଥିବାବେଳେ ଓଡ଼ିଶାରେ ଏହି ସଂଖ୍ୟା ୫୧,୯୬୮ ରହିଛି। ସେହିଭଳି ଓଡ଼ିଶା ପଛକୁ ମଧ୍ୟପ୍ରଦେଶ ୪୭,୭୯୫ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଏହା ପଛକୁ ଛତିଶଗଡ଼ରେ ୩୮,୧୦୬ ଜଙ୍ଗଲ ନିଆଁ ପରିଲକ୍ଷିତ ହୋଇଥିବାବେଳେ ମହାରାଷ୍ଟ୍ରରେ ୩୪,୦୨୫, ଝାଡ଼ଖଣ୍ଡରେ ୨୧,୭୧୩, ଉତ୍ତରାଖଣ୍ଡରେ ୨୧,୪୮୭, ଆନ୍ଧ୍ରପ୍ରଦେଶରେ ୧୯,୩୨୮, ତେଲଙ୍ଗାନାରେ ୧୮,୨୩୭, ମିଜୋରାମରେ ୧୨,୮୪୬, ଆସାମରେ ୧୦,୭୧୮ ଏବଂ ମଣିପୁରରେ ୧୦,୪୫୭ ଜଙ୍ଗଲ ନିଆଁ ଘଟିଥିବା ମନ୍ତ୍ରୀ କହିଛନ୍ତି। ପ୍ରତିବର୍ଷ ନଭେମ୍ବରରୁ ମେ' ମାସ ମଧ୍ୟରେ ଦେଶରେ ଜଙ୍ଗଲ ଅଗ୍ନିକାଣ୍ଡ ସଂଖ୍ୟା ବଢ଼ିବାରେ ଲାଗିଛି। ଏହି ସମୟରେ ଜଙ୍ଗଲରେ ନିଆଁ ଧରୁଥିବା ସାମଗ୍ରୀ ଯଥା ଶୁଖିଲା କାଠ, ପତ୍ର, କାଠି ଆଦି ପଡ଼ିବା ଦ୍ୱାରା ଅଗ୍ନିକାଣ୍ଡ ଘଟୁଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଅଧିକାଂଶ ଜଙ୍ଗଲ ନିଆଁ ସ୍ଥଳଭାଗରେ ପରିଲକ୍ଷିତ ହୋଇଥାଏ ଏବଂ ଏହାଦ୍ୱାରା ସବୁଜିମା ନଷ୍ଟ ହୋଇଥାଏ। ଏଫ୍ଏସ୍ଆଇ ପକ୍ଷରୁ ପଞ୍ଜୀକୃତ ବ୍ୟକ୍ତିଙ୍କ ନିକଟରୁ ଜଙ୍ଗଲ ନିଆଁ ସଂକ୍ରାନ୍ତରେ ସତର୍କ ସୂଚନା ପଠାଯାଇଥାଏ।

ମନ୍ତ୍ରଣାଳୟ ଓ ବିଶ୍ୱ ବ୍ୟାଙ୍କ ମିଳିତ ସହାୟତାରେ ଭାରତୀୟ ଜଙ୍ଗଲରେ ଅଗ୍ନିକାଣ୍ଡ ପରିଚାଳନା ଶୀର୍ଷକ ଏକ ଅନୁଧ୍ୟାନ ରିପୋର୍ଟ ପ୍ରସ୍ତୁତ ହୋଇଥିଲା, ଯେଉଁଥିରେ ଅଗ୍ନିକାଣ୍ଡ ରୋକିବା ପାଇଁ ଅନେକଗୁଡ଼ିଏ ସୁପାରିସ କରାଯାଇଥିଲା। ଏଥିମଧ୍ୟରେ ଅଗ୍ନିକାଣ୍ଡ ଘଟିବା ପୂର୍ବରୁ ସତର୍କତା ସହିତ ସ୍ଥାନୀୟ ଗୋଷ୍ଠୀଗୁଡ଼ିକୁ ଏଥିରେ ସାମିଲ ଆଦି ରହିଥିଲା। ରିପୋର୍ଟରେ ହୋଇଥିବା ଆକଳନ ଅନୁଯାୟୀ ଜଙ୍ଗଲ ଅଗ୍ନିକାଣ୍ଡ ଯୋଗୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ପରିମାଣ ୬.୩୪ ନିୟୁତ ଟନ୍‌ରୁ ୧୨୩.୮୪ ନିୟୁତ ଟନ୍ ବୃଦ୍ଧି ପାଉଛି।

ଜଙ୍ଗଲରେ ଲାଗୁଥିବା ନିଆଁକୁ ପ୍ରତିହତ କରିବାର ପ୍ରାଥମିକ ଦାୟିତ୍ୱ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର। ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିଆଁକୁ ଆୟତ୍ତ କରିବା ପାଇଁ ଆର୍ଥିକ ସହାୟତା ସହିତ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ବିଭିନ୍ନ ପ୍ରକାର ସାଜ ସରଞ୍ଜାମ ଯୋଗାଇ ଦିଆଯାଇଥାଏ। ଏହି ଯୋଜନାରେ ୨୦୧୮-୧୯ରୁ ୨୦୨୦-୨୧ ମଧ୍ୟରେ ରାଜ୍ୟକୁ ୧୨୫ କୋଟି ଟଙ୍କାର ସହାୟତା ଯୋଗାଯାଇଛି।

ଏଫ୍ଏସ୍ଆଇ ପକ୍ଷରୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସତର୍କ ସୂଚନା ପାଉଥିବା ପଞ୍ଜୀକୃତ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଇଁ କୁହାଯିବା ପରେ ଏବେ ଏହି ସଂଖ୍ୟା ୧.୩୦ ଲକ୍ଷରେ ପହଞ୍ଚିଛି। ସେହିଭଳି ଏଫ୍ଏସ୍ଆଇ ମଧ୍ୟ ସାପ୍ତାହିକ ଭାବେ ରାଜ୍ୟଗୁଡ଼ିକୁ ପ୍ରାରମ୍ଭିକ ସତର୍କ ସୂଚନା ଦେଉଛନ୍ତି। ଏଥିସହିତ ଜଙ୍ଗଲ ନିଆଁକୁ ପ୍ରତିହତ ଲାଗି କେନ୍ଦ୍ର ସରକାର ଜାତୀୟ ସ୍ତରରେ ଏକ କମିଟି ଗଠନ କରିଛନ୍ତି। ଏହି କମିଟି ପକ୍ଷରୁ ରାଜ୍ୟ ସରକାରଙ୍କୁ ଜଙ୍ଗଲ ନିଆଁ ପ୍ରଶମନ ପାଇଁ ରାଜ୍ୟସ୍ତରୀୟ ମନିଟରିଂ କମିଟି ଗଠନ ସହିତ କାର୍ଯ୍ୟ ଯୋଜନା ପ୍ରସ୍ତୁତି ଲାଗି ପରାମର୍ଶ ପ୍ରଦାନ କରିଥାନ୍ତି।

# ୪୦ ବର୍ଷ ପରେ ବି ପ୍ରକଳ୍ପ ସରୁନି

ଭୁବନେଶ୍ୱର,୫।୪(ବ୍ୟୁରୋ)

- ଖର୍ଚ୍ଚ ବୋଝରେ ରାଜକୋଷ
- ଲଦି ହେଲାଣି ୧୮,୧୪୭ କୋଟି

ଚାଷୀଙ୍କ ଜମିକୁ ଜଳସେଚନ କରିବାକୁ ରାଜକୋଷ ଖୋଲି ଦିଆଯାଉଛି। ସେଚ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରତିବର୍ଷ ବଜେଟରେ ବିପୁଳ ଟଙ୍କା ବ୍ୟୟବରାଦ କରାଯାଉଛି। ହେଲେ ପ୍ରକଳ୍ପ ଶେଷ ହେଉଛି ନା ଜମିକୁ ମିଳୁଛି ଜଳ। ପ୍ରକଳ୍ପ କାମ ଶେଷ ହେବାକୁ ଲାଗିଯାଉଛି ୩୦ରୁ ୪୦ ବର୍ଷ। କେବଳ ସମୟ ସରୁନି, ରାଜକୋଷ ମଧ୍ୟ ଫାଙ୍କା ହୋଇଯାଉଛି। କେବଳ ସେତିକି ନୁହେଁ, ଶେଷ ହୋଇଥିବା ଅନେକ ପ୍ରକଳ୍ପରୁ ଧାର୍ଯ୍ୟ ଚାଷଜମିକୁ ପାଣି ମଧ୍ୟ ଯୋଗାଇ ଦିଆଯାଇପାରୁନାହିଁ। ତ୍ରୁଟିପୂର୍ଣ୍ଣ ଡିଜାଇନ, ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ (ଡିପିଆର)ରେ ତ୍ରୁଟିବିଚ୍ୟୁତି, ଜମି ଅଧିଗ୍ରହଣରେ ବିଳମ୍ବ, ଆର୍ଥିକ ପରିଚାଳନାରେ ଅନିୟମିତତା ଯୋଗୁ ପ୍ରକଳ୍ପ ସ୍ୱପ୍ନ ବାସ୍ତବ ରୂପ ନେଇପାରୁନି। ଏଥିଯୋଗୁ ରାଜକୋଷ ଉପରେ ୧୮,୧୪୭.୯ କୋଟି ଟଙ୍କାର ଅତିରିକ୍ତ ବୋଝ ପଡିଛି। କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ଜଳ ସମ୍ପଦ ବିଭାଗର ଏଭଳି ଅପାରଗତାକୁ ପଦାରେ ପକାଇଛନ୍ତି।

ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି ଯେ, ୧୯୭୮ରୁ ଆରମ୍ଭ କରାଯାଇଥିବା ଜଳସେଚନ ପ୍ରକଳ୍ପ କାମ ଏ ପର୍ଯ୍ୟନ୍ତ ଶେଷ ହୋଇପାରି ନାହିଁ। ଏବେ ବି ଉକ୍ତ ପ୍ରକଳ୍ପ କାମ ଚାଲୁ ରହିଛି। ସବୁଠାରୁ ବିଡ଼ମ୍ବନା ଯେ ପ୍ରକଳ୍ପ ପାଇଁ ଧାର୍ଯ୍ୟ ଖର୍ଚ୍ଚ ବଢ଼ି ଚାଲିଥିବା ବେଳେ କେବେ ଶେଷ ହେବ ତାହା ସ୍ଥିର କରାଯାଇ ପାରୁନାହିଁ। ବୃହତ୍, ମଧ୍ୟମ, କ୍ଷୁଦ୍ର ଜଳ ପ୍ରକଳ୍ପ ପାଇଁ ୧୯୭୮ରୁ ୨୦୧୩-୧୪ ମଧ୍ୟରେ ୯୫୫.୭୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ସେଥିରୁ ଅପର ଇନ୍ଦ୍ର ଜଳସେଚନ ପ୍ରକଳ୍ପ (ୟୁଆଇଆଇପି)ପାଇଁ ୧୩୬.୬୭ କୋଟି ଟଙ୍କା, ଏସ୍ଆଇପି ପାଇଁ ୨୨୧.୬୮ କୋଟି, ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ (ଏଲ୍ଆଇଆଇପି) ପାଇଁ ୨୧୧. ୭୦ କୋଟି, ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ କେନାଲ (ଆର୍ଆରବିସି) ପାଇଁ ୬୯.୬୪ କୋଟି, ରେଙ୍ଗାଲି ବାମପାର୍ଶ୍ୱ କେନାଲ(ଆରଏଲ୍ବିସି) ପାଇଁ ୧୬୪ କୋଟି, ୯ଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ (ଏମ୍ଏଲ୍ପି)ପାଇଁ ୧୩୭.୩୩ କୋଟି ଏବଂ ୧୦ଟି କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପ (ଏମ୍ଆଇପି)ପାଇଁ ୧୪.୭୧ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଏହି ସବୁ ପ୍ରକଳ୍ପ ୧୯୭୮ରୁ ୨୦୧୩-୧୪ ମଧ୍ୟରେ ଆରମ୍ଭ ହୋଇଥିଲା। ଏଥିରେ ଅଦ୍ୟାବଧି ୧୯,୧୦୩ .୬୩ କୋଟି ଟଙ୍କା ବ୍ୟୟବୃଦ୍ଧି କରାଯାଇଛି। ଯଦି ପ୍ରକଳ୍ପ ଆରମ୍ଭ ଖର୍ଚ୍ଚକୁ ହିସାବକୁ ☞ପୃଷ୍ଠା-୪



ଗଞ୍ଜାମ ରଷିକୁଲ୍ୟା ମୁହାଣରେ ମଙ୍ଗଳବାର ଅଲିଭ୍ ରିଡ୍ଲେଙ୍କ ଗଣ ଅଣ୍ଡାଦାନ।

# ଏଟିଏମ୍ ତାଡ଼ି ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଲୁଟ୍

**ଭୁବନେଶ୍ୱର,୫।୪ (ବ୍ୟୁରୋ):** ରାଜଧାନୀରେ ପୂର୍ବରୁ ବହୁ ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ କରିବା ଖବର ନଜିର ରହିଥିବାବେଳେ ଏବେ ନୂଆ କୌଶଳ ଆପଣାଇଛନ୍ତି ଦୁର୍ବୃତ୍ତ। ଟଙ୍କା ଚୋରି କରିବାକୁ ଆସି ଏଟିଏମ୍ ତାଡ଼ି ନେଇ ସେଥିରୁ ୨୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେବାରେ ଦୁର୍ବୃତ୍ତ ସଫଳ ହୋଇଛନ୍ତି। ଭୁବନେଶ୍ୱର ଶିଶୁପାଳଗଡ଼ ଲିଙ୍ଗିପୁରସ୍ଥିତ ଇନ୍ଦିରାକଲୋନୀରେ ଥିବା ଏସ୍ବିଆଇ ଏଟିଏମ୍‌କୁ ଦୁର୍ବୃତ୍ତମାନେ ତାଡ଼ି ଏହାକୁ ଏକ ଚୋରା ଗାଡ଼ିରେ ନେଇ ଧଉଳି ନିକଟ ଦୟାନଦୀ କୂଳରେ ଫୋପାଡି ଦେଇଥିଲେ। ହେଲେ ସେଥିରେ ଥିବା ଟଙ୍କାକୁ ନେଇ ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣାସ୍ଥଳରୁ ଏଟିଏମ୍‌ର ଭଙ୍ଗା ଅଂଶ ଜବତ କରିବା ସହ ସେଠାରୁ କିଛି ଦୂରରେ ଥିବା ଚୋରା ଗାଡ଼ିକୁ ଜବତ କରିଛି। ଉକ୍ତ ଗାଡ଼ିଟି ଲିଙ୍ଗିପୁରଠାରେ ଥିବା ଏକ ନର୍ସରୀ ମାଲିକଙ୍କ ବୋଲି ଜଣାପଡ଼ିଛି। ଏଭଳି ଘଟଣା ଓଡ଼ିଶାରେ ପ୍ରଥମ ବୋଲି ☞ପୃଷ୍ଠା-୪

# ଭ୍ୟାନ୍ ଧକ୍କାରେ ୪ ମୃତ

## ବାପା, ୨ ଝିଅ ସମେତ ନାବାଳକର ଜୀବନ ଗଲା

ଆସିକା,୫।୪(ଡି.ଏନ.ଏ.)

ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଅନ୍ତର୍ଗତ ଇନ୍ଧନପୁର ଗ୍ରାମ ନିକଟରେ ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ମୋପେଡ୍‌କୁ ପିକ୍ଅପ୍ ଭ୍ୟାନ୍ ଧକ୍କାଦେବାରୁ ଗୋଟିଏ ପରିବାରର ୪ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ ମୁନିଗାଡି ଗ୍ରାମର ଜୟରାମ ନାୟକ (୫୪), ତାଙ୍କ ବିବାହିତା ଝିଅ ଲକ୍ଷ୍ମୀ ପାତ୍ର (୨୯), ଅନ୍ୟ ଜଣେ ଝିଅ ରିଙ୍କି ନାୟକ (୨୬) ଓ ନାତି ତଥା ଲକ୍ଷ୍ମୀଙ୍କ ୬ ବର୍ଷୀୟ ପୁଅ ବିଶ୍ୱଜିତ ପାତ୍ର। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଅଞ୍ଚଳବାସୀ ଆସିକା-ଭଞ୍ଜନଗର ରାସ୍ତା ଅବରୋଧ କରିଥିଲେ। କ୍ଷତିପୂରଣ ଲାଗି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଅପରାହ୍ନ ପ୍ରାୟ ୫ଟାରେ ରାସ୍ତା ଅବରୋଧ ହଟିଛି। ପ୍ରକାଶ ଯେ, ମୁନିଗାଡ଼ି ଗ୍ରାମର ଜୟରାମ ପରିବା ବିକି ପରିବାର ଚଳାନ୍ତି। ତାଙ୍କର ୫ ଝିଅଙ୍କ ମଧ୍ୟରୁ ୩ ଜଣ ବିବାହିତା। ବାଲିପଦର ନିକଟ ମହୁଲପଲ୍ଲୀରେ ବିବାହ କରିଥିବା ଲକ୍ଷ୍ମୀ ୩ ଦିନ ହେଲା ପୁଅ ବିଶ୍ୱଜିତ ଓ ୬ ମାସର ଝିଅକୁ ଧରି ବାପଘରକୁ ଆସିଥିଲେ। ଦିନେ,ଦୁଇ ଦିନ ପରେ ସେ ଶାଶୁଘରକୁ ଫେରିଯିବାକୁ ଥିବାରୁ ଲୁଗାପଟା କିଣିବା ପାଇଁ ଜୟରାମ ଗାଙ୍ଗପୁର ଆସିଥିଲେ। ବଜାରରୁ କାମ ସାରି ସେ ଏକ ମୋପେଡ୍‌ରେ ୨ ଝିଅ ଲକ୍ଷ୍ମୀ ଓ ରିଙ୍କି ଏବଂ ନାତିକୁ ଧରି ଫେରୁଥିଲେ। ଇନ୍ଧନପୁର ଗ୍ରାମ ନିକଟରେ ଆସିକାରୁ ଭଞ୍ଜନଗର ଅଭିମୁଖେ ଯାଉଥିବା ପିକ୍ଅପ୍ ଭ୍ୟାନ୍ (ଓଡି ୧୫ ପି ୨୩୦୭) ଉକ୍ତ ମୋପେଡକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବାପା ଓ ୨ ଝିଅଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ବିଶ୍ୱଜିତଙ୍କୁ ପ୍ରଥମେ ଆସିକା ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଦିଆଯାଇଥିଲା। ସେଠାରେ ତାଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳବାସୀ ଉତ୍ୟକ୍ତ ହୋଇ ରାସ୍ତା ☞ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ**

**ଅସୁନ୍ଦରୀଙ୍କ ସହ ଅସୁନ୍ଦର**

# କେନ୍ଦ୍ର ବଢ଼ାଉଛି ତେଲ ଦର

## ଏନ୍‌ଡିଏକୁ ଜିତାଇଥିବା ଭୋଟର ଏବେ ମର୍ମାହତ: ଜେଡିୟୁ



- ୧୫ ଦିନରେ ପେଟ୍ରୋଲ, ଡିଜେଲ ୯.୨୦ ଟଙ୍କା ମହଙ୍ଗା
- ପାର୍ଲାମେଣ୍ଟରେ ପ୍ରବଳ ହଟ୍ଟଗୋଳ

ନୂଆଦିଲ୍ଲୀ,୫।୪

ଦେଶରେ ମଙ୍ଗଳବାର ପେଟ୍ରୋଲ ଓ ଡିଜେଲ ଲିଟର ପିଛା ଆହୁରି ୮୦ ପଇସା ମହଙ୍ଗା ହୋଇଛି। ଏହାକୁ ମିଶାଇ ଦୁଇ ସପ୍ତାହ ମଧ୍ୟରେ ତେଲ ଦର ୯ ଟଙ୍କା ୨୦ ପଇସା ବଢ଼ିଲାଣି। ତେଲ ଦର ବୃଦ୍ଧିରେ ସାଢ଼େ ୪ ମାସ ଧରି ଲାଗିଥିବା ବ୍ରେକ୍ ହଠାତ୍ ଫେଲ୍ ହୋଇଯାଇଥିଲା ମାର୍ଚ୍ଚ ୨୨ରେ। କାରଣ ଏହାର ୧୨ ଦିନ ପୂର୍ବରୁ ଅର୍ଥାତ୍ ୧୦ ତାରିଖରେ ଉତ୍ତର ପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ଗୋଆ ଓ ମଣିପୁର ବିଧାନସଭା ନିର୍ବାଚନର ଫଳାଫଳ ଆସିଥିଲା। ନିକଟ ଭବିଷ୍ୟତରେ ଆଉ କେଉଁଠି ବଡ଼ ଭୋଟ ନ ଥିବାରୁ ପେଟ୍ରୋଲ, ଡିଜେଲ ଦରବୃଦ୍ଧି ଘଟିଲେ ବି କେନ୍ଦ୍ର ସରକାରଙ୍କୁ କିଛି ଫରକ୍ ପଡ଼ିବାର ନାହିଁ। ଭୋଟର, ଉପଭୋକ୍ତା ବା ଗାଡ଼ି ମାଲିକ ଯେତେ ହୋହଲ୍ଲା କଲେ ବି ନିରଙ୍କୁଶ ସଂଖ୍ୟାଗରିଷ୍ଠ ସରକାର ହଲିବାର ନାହିଁ। ସମ୍ଭବତଃ ଏଭଳି ଦୃଢ଼ତା ବର୍ତ୍ତମାନ ଭାରତରେ ତେଲ ଦରକୁ ଉପରକୁ ଉଠିବାରେ ବାଧା ଦେଉନାହିଁ। ତେବେ ଖୋଦ୍ ଜାତୀୟ ☞ପୃଷ୍ଠା-୧୧

### ଭୁବନେଶ୍ୱରରେ ପେଟ୍ରୋଲ, ଡିଜେଲ ୮୫ ପଇସା ବୃଦ୍ଧି

ଭୁବନେଶ୍ୱର,୫।୪

ଭାରତୀୟ ତୈଳ ନିଗମର ସୂଚନା ଅନୁସାରେ ମଙ୍ଗଳବାର ଭୁବନେଶ୍ୱରରେ ଉଭୟ ପେଟ୍ରୋଲ ଏବଂ ଡିଜେଲ ୮୫ ପଇସା ଲେଖାଏ ବୃଦ୍ଧି ପାଇ ପେଟ୍ରୋଲ ଲିଟର ପିଛା ୧୧୧.୬୪ ଟଙ୍କାରେ ବିକ୍ରି ହେଉଥିବା ବେଳେ ଡିଜେଲ ୧୦୧.୩୯ ଟଙ୍କାରେ କାରବାର ହେଉଛି। ଇତିମଧ୍ୟରେ ପେଟ୍ରୋଲ ଉପରେ ୯.୮୩ ଟଙ୍କା ଏବଂ ଡିଜେଲ ୯.୭୭ ଟଙ୍କା ବଢ଼ିସାରିଛି।

**ହତ୍ୟା ଅପେକ୍ଷା ଆତ୍ମହତ୍ୟା ସଂଖ୍ୟା ଅଧିକ।**




# ନକଲି ଡାକ୍ତରଙ୍କ ଅସଲି ଡାକ୍ତର ସ୍ତ୍ରୀ ଗିରଫ

ଭୁବନେଶ୍ୱର,୫।୪(ବ୍ୟୁରୋ)

**ଝାଡ଼ଖଣ୍ଡରୁ ଧରାପଡ଼ିଲେ**



ରମେଶ ଚନ୍ଦ୍ର ସ୍ୱାଇଁ



କମଳା ସ୍ୱାଇଁ

- ଠକେଇରେ ସହଯୋଗ କରୁଥିଲେ
- ଏପର୍ଯ୍ୟନ୍ତ ଗିରଫ ହେଲେଣି ୪
- ରମେଶଙ୍କ ଭିଣୋଇଙ୍କୁ ଖୋଜୁଛି ପୋଲିସ

ବିଭିନ୍ନ ରାଜ୍ୟର ୧୭ରୁ ଅଧିକ ମହିଳାଙ୍କୁ ବିବାହ କରି ପ୍ରତାରଣା ପରେ ଲୁଟିବା ସହ ବିଭିନ୍ନ ଠକେଇ ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱିତୀୟ ସ୍ତ୍ରୀ କମଳା ସ୍ୱାଇଁ କମିଶନରେଟ ପୋଲିସ ହାତରେ ଧରାପଡ଼ିଛନ୍ତି। ସେ ଜଣେ ଡାକ୍ତର। ମହିଳା ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍‌ର ମିଳିତ ଟିମ୍ ସୋମବାର ତାଙ୍କୁ ଝାଡ଼ଖଣ୍ଡର ରାଞ୍ଚିରୁ ଗିରଫ କରିଛି। ପୋଲିସ କମଳାଙ୍କୁ ସେଠାକାର ସ୍ଥାନୀୟ କୋର୍ଟରେ ହାଜର କରିବା ପରେ ମଙ୍ଗଳବାର ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଛି। ଏନେଇ ମହିଳା ଥାନା ଅଧିକାରିଣୀ ସନ୍ତୋଷିନୀ ବେହେରା କହିଛନ୍ତି, କମଳାଙ୍କୁ ଥାନାରେ ରଖାଯାଇ ପଚରାଉଚରା କରାଯାଉଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯିବ।

ସୂଚନା ଅନୁଯାୟୀ, କମଳା ପେସାରେ ଡାକ୍ତର। ୨୦୦୨ରେ ରମେଶ ତାଙ୍କୁ ବିବାହ କରିଥିଲେ। ସେ ଏହା ପୂର୍ବରୁ ପାରାଦୀପ ଇଫ୍‌କୋରେ ଡାକ୍ତର ଭାବେ କାମ କରୁଥିଲେ। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ରମେଶଙ୍କୁ ବିଭିନ୍ନ ଠକେଇରେ କମଳା ସହଯୋଗ କରୁଥିଲେ। ରମେଶ ବିବାହ କରିବା ସମୟରେ କମଳା ବିଭିନ୍ନ ପରିଚୟ ଦେଇ ବରଯାତ୍ରୀରେ ଯାଉଥିଲେ। ତେବେ ରମେଶଙ୍କୁ କମିଶନରେଟ ପୋଲିସ ଫେବୃୟାରୀ ୧୪ରେ ଗିରଫ କରିବା ପରେ ରିମାଣ୍ଡରେ ଆଣିଥିଲା। ଏହାପରେ ତାଙ୍କୁ ପଚରାଉଚରା କରିବା ସହ ବିଭିନ୍ନ ବ୍ୟାଙ୍କର ଟ୍ରାଞ୍ଜାକ୍ସନ୍ ଯାଞ୍ଚ କରିଥିଲା। ସେ କମଳାଙ୍କ ଆକାଉଣ୍ଟକୁ ଲକ୍ଷାଧିକ ଟଙ୍କା ପଠାଇଥିବା ଜଣାପଡ଼ିଥିଲା। ଏଥିସହ କମଳାଙ୍କ ବିଷୟରେ ରମେଶ ପୋଲିସ ଆଗରେ ମୁହଁ ଖୋଲିଥିଲେ। କମଳା ଆହ୍ଲାବାଦରେ ଚାକିରି କରିଥିବା ରମେଶ ପୋଲିସକୁ କହିଥିଲେ। ଏହାପରେ ପୋଲିସ କମଳାଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲା। ☞ପୃଷ୍ଠା-୧୧

**ଦକ୍ଷିଣ କୋରିଆକୁ ପରମାଣୁ ଅସ୍ତ୍ର ଧମକ**

ଦକ୍ଷିଣ କୋରିଆ ଉସୁକାଇଲେ ଉତ୍ତର କୋରିଆ ପରମାଣୁ ଅସ୍ତ୍ରରେ ଆକ୍ରମଣ କରିବ ବୋଲି ଧମକ ଦେଇଛନ୍ତି ଉ. କୋରିଆ ଶାସକ କିମ୍ ଜୋଙ୍ଗ୍ ଉନ୍‌ଙ୍କ ଭଉଣୀ କିମ୍ ୟୋ ଜୋଙ୍ଗ୍ । ଉ. କୋରିଆର ମନମୁଖୀ କାର୍ଯ୍ୟକଳାପ ପାଇଁ ସୀମାରେ ଅସ୍ଥିରତା ବଢୁଛି ବୋଲି ନିକଟରେ ଦକ୍ଷିଣ କୋରିଆ ସେନା ମୁଖ୍ୟ ସୁହ ଉକ୍ କହିଥିଲେ। ଦକ୍ଷିଣ କୋରିଆ ଶତ୍ରୁକୁ ଟାର୍ଗେଟ କରିବାରେ ସକ୍ଷମ ବୋଲି ଉକ୍ ଚେତାବନୀ ଦେଇଥିଲେ। ଉକ୍‌ଙ୍କ ବୟାନ୍‌କୁ ଆଧାର କରି କିମ୍ ୟୋ ଜୋଙ୍ଗ୍ ଏହି ଧମକ ଦେଇଛନ୍ତି।

## ସଂକ୍ଷେପରେ

### ବନ୍ଦ ହେଲା ୨୨ ୟୁଟ୍ୟୁବ୍ ଚ୍ୟାନେଲ

**ନୂଆଦିଲ୍ଲୀ, ୫।୪:** ଜାତୀୟ ସୁରକ୍ଷା, ବୈଦେଶିକ ସମ୍ପର୍କ, ସାର୍ବଜନିକ ବ୍ୟବସ୍ଥା ସମ୍ପର୍କିତ ଭୁଲ୍ ତଥ୍ୟ ପ୍ରସାର କରୁଥିବାରୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ମଙ୍ଗଳବାର ୨୨ ୟୁଟ୍ୟୁବ୍ ଚ୍ୟାନେଲକୁ ବ୍ଲକ କରିଛି। ସେଥିମଧ୍ୟରେ ୧୮ଟି ଭାରତୀୟ ଏବଂ ୪ଟି ପାକିସ୍ତାନୀ ଚ୍ୟାନେଲ ରହିଛି। ଏଥିସହ ମନ୍ତ୍ରଣାଳୟ ୩ଟି ଟୁଇଟର ଆକାଉଣ୍ଟ, ଏକ ଫେସ୍‌ବୁକ ଆକାଉଣ୍ଟ ଏବଂ ଏକ ନୂଆ ୱେବ୍‌ସାଇଟ୍‌କୁ ମଧ୍ୟ ବନ୍ଦ କରିଛି। ଆଇଟି ନିୟମ-୨୦୨୧ ଅଧୀନରେ ପ୍ରଥମ ଥର ପାଇଁ ୧୮ଟି ଭାରତୀୟ ୟୁଟ୍ୟୁବ ନ୍ୟୁଜ୍ ଚ୍ୟାନେଲ୍‌କୁ ବ୍ଲକ୍ କରାଯାଇଛି। ଏ ନେଇ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, ବନ୍ଦ ହୋଇଥିବା ୟୁଟ୍ୟୁବ୍ ଚ୍ୟାନେଲଗୁଡ଼ିକର ଭ୍ୟୁୟର୍ସ ସଂଖ୍ୟା ୨୬୦ କୋଟିରୁ ଅଧିକ ଥିଲା। ଏହା ମାଧ୍ୟମରେ ସମ୍ବେଦନଶୀଳ ପ୍ରସଙ୍ଗରେ ମିଥ୍ୟା ଏବଂ ଭୁଲ୍ ତଥ୍ୟ ପ୍ରଚାର କରାଯାଉଥିଲା। ଏଥିସହ ୟୁକ୍ରେନ୍ ସମସ୍ୟା ପ୍ରସଙ୍ଗରେ ମଧ୍ୟ ଭୁଲ୍ ଖବର ପ୍ରଦାନ କରାଯାଉଥିଲା। ସେଥିମଧ୍ୟରୁ କେତେକ ଚ୍ୟାନେଲ୍ ଅନ୍ୟ ନିର୍ଦ୍ଦିଷ୍ଟ ଚ୍ୟାନେଲର ଲୋଗୋ ଏବଂ ଟେମ୍ପଲେଟ୍ ମଧ୍ୟ ବ୍ୟବହାର କରୁଥିଲେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହାକୁ ମିଶାଇ ଗତ ଡିସେମ୍ବରଠାରୁ ଏ ପର୍ଯ୍ୟନ୍ତ ୭୮ ୟୁଟ୍ୟୁବ୍ ନ୍ୟୁଜ୍ ଚ୍ୟାନେଲ ବନ୍ଦ କରାଗଲାଣି।

### ୨୪ରେ ମୋଦିଙ୍କ କଶ୍ମୀର ଗସ୍ତ

**ନୂଆଦିଲ୍ଲୀ,୫।୪:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୪ରେ ଜମ୍ମୁ-କଶ୍ମୀର ଗସ୍ତ କରିବେ । ଏ ନେଇ ମଙ୍ଗଳବାର ଭାଜପା ସାଧାରଣ ସମ୍ପାଦକ ଅଶୋକ କୋଲ ସୂଚନା ଦେଇଛନ୍ତି। ଜାମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ହେବା ପରେ ଏହା ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗସ୍ତ। ପଞ୍ଚାୟତିରାଜ ଦିବସ ଅବସରରେ ସାମ୍ବାରେ ଆୟୋଜିତ ସମ୍ମିଳନୀରେ ସ୍ଥାନୀୟ ପ୍ରତିନିଧିମାନଙ୍କୁ ମୋଦି ସମ୍ବୋଧନ କରିବେ ।

### ୩ ମାସରେ ୪୨ ଆତଙ୍କବାଦୀ ନିହତ

**ଶ୍ରୀନଗର,୫।୪:** ଜମ୍ମୁ-କଶ୍ମୀରରେ ୩ ମାସ ମଧ୍ୟରେ ୪୨ ଆତଙ୍କବାଦୀ ନିହତ ହୋଇଥିବା ମଙ୍ଗଳବାର କଶ୍ମୀର ଡିଆଇଜି ଦିଲ୍‌ବାଗ ସିଂ କହିଛନ୍ତି। ଗତ ବର୍ଷ ଆତଙ୍କବାଦ ନିରୋଧୀ ପଦକ୍ଷେପ ଯୋଗୁ ୩୨ ବିଦେଶୀ ଆତଙ୍କବାଦୀଙ୍କୁ ସଫା କରାଯାଇଥିବା ସେ ସୂଚନା ଦେଇଛନ୍ତି। ବାହାର ରାଜ୍ୟଗୁଡ଼ିକରୁ କାମ କରିବା ପାଇଁ କଶ୍ମୀର ଆସୁଥିବା ଅଣ-କଶ୍ମୀରଙ୍କୁ ଆତଙ୍କବାଦୀମାନେ ଟାର୍ଗେଟ କରୁଥିବା ସେ କହିଛନ୍ତି। ଆତଙ୍କବାଦୀମାନେ ମଣିଷର ଶତ୍ରୁ। ସୀମାପାର ଆତଙ୍କବାଦ ସଙ୍ଗଠନ ଚଳାଉଥିବା ଲୋକେ କଶ୍ମୀରବାସୀଙ୍କ ଶାନ୍ତିପୂର୍ଣ୍ଣ ଜୀବନଯାପନକୁ ସହ୍ୟ କରିପାରୁନାହାନ୍ତି। ତେଣୁ ଏଭଳି ଆତଙ୍କବାଦ ଚଳାଉଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ସୋମବାର ଆତଙ୍କବାଦୀ ଆକ୍ରମଣରେ ଜଣେ ସିଆର୍‌ପିଏଫ୍ ଯବାନ ଶହୀଦ୍ ହୋଇଥିବାବେଳେ ଜଣେ କଶ୍ମୀର ପଣ୍ଡିଙ୍କର ମଧ୍ୟ ମୃତ୍ୟୁ ହୋଇଛି। ଅପ୍ୟପଟେ ଏକାଧିକ ଅଣ-କଶ୍ମୀର ଶ୍ରମିକ ଆତଙ୍କବାଦୀଙ୍କ ଆକ୍ରମଣର ଶିକାର ହୋଇ ଚିକିତ୍ସିତ ହେଉଥିବା ଦିଲବାଗ ସିଂ କହିଛନ୍ତି।

## ଇମ୍ରାନ୍ ଖାନ୍‌ଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ


ଇମ୍ରାନ ଅହମଦ୍ ଖାନ୍

ବ୍ରିଟିଶ ଏମ୍‌ପି ଇମ୍ରାନ ଅହମଦ୍ ଖାନ୍‌ଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ସାମ୍ନାକୁ ଆସିଛି। ପାକିସ୍ତାନରେ ଇମ୍ରାନ୍ ଖାନ୍ ଓ ଜଣେ ବ୍ୟକ୍ତି ଏକାଠି ରହିଥିଲେ। ଦୁହେଁ ହ୍ୱିସ୍କି ପିଇବା ପରେ ଗୋଟିଏ କୋଠରୀରେ ଶୋଇପଡ଼ିଥିଲେ। କିନ୍ତୁ ଶୋଇଥିବା ଅବସ୍ଥାରେ ଇମ୍ରାନ୍ ବ୍ୟକ୍ତିଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ଏ ନେଇ ଉକ୍ତ ବ୍ୟକ୍ତି ବ୍ରିଟିଶ ହାଇ କମିଶନର ଏବଂ ବର୍ହିବ୍ୟାପାର କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ପାକିସ୍ତାନରେ ବହୁ ଉଚ୍ଚାଧିକାରୀ ଇମ୍ରାନଙ୍କ ପରିଚିତ ହୋଇଥିବାବେଳେ ମାମଲାକୁ ଚପାଇ ଦିଆଯିବା ଆଶଙ୍କା କରି ସେ ପାକିସ୍ତାନରେ ଅଭିଯୋଗ କରି ନ ଥିବା କହିଛନ୍ତି। ୨୦୦୮ରେ ୧୫ ବର୍ଷର ଜଣେ ବାଳକକୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ଇମ୍ରାନ୍‌ଙ୍କ ବିରୋଧରେ ହୋଇଥିବାବେଳେ ୨୦୧୦ରେ ମଧ୍ୟ ଆଉ ଜଣେ ବ୍ୟକ୍ତିଙ୍କ ସହ ସମାନ ଘଟଣା ଘଟିଥିବା ଅଭିଯୋଗ ସାମ୍ନାକୁ ଆସିଛି।

## ଗିରଫ ଭୟରେ ଦେଶ ଛାଡ଼ିଲେ ଫରା ଖାନ୍



ଇମ୍ରାନ୍ ଖାନ୍‌ଙ୍କ ତୃତୀୟ ସ୍ତ୍ରୀ ବୁଶ୍ରା ବିବିଙ୍କ ବାନ୍ଧବୀ ଫରା ଖାନ୍ ଗିରଫ ଭୟରେ ପାକିସ୍ତାନ ଛାଡ଼ି ଦୁବାଇ ଚାଲିଯାଇଛନ୍ତି। ପାକିସ୍ତାନରେ ସରକାରୀ କର୍ମଚାରୀଙ୍କ ସ୍ଥାନାନ୍ତରଣ ସାଙ୍ଗକୁ ସେମାନଙ୍କୁ ନିଜ ସୁବିଧା ସ୍ଥାନରେ ନିଯୁକ୍ତି ଦେବା ପାଇଁ ଫରା ଲୋକଙ୍କଠାରୁ ପ୍ରାୟ ୬ ବିଲିୟନ୍ ପାକିସ୍ତାନୀ ମୁଦ୍ରା ଠକି ନେଇଥିବା ଅଭିଯୋଗ ହୋଇଛି। ତେବେ ଫରାଙ୍କ ଅନୈତିକ କାର୍ଯ୍ୟରେ ତାଙ୍କୁ ଇମ୍ରାନ୍ ଖାନ୍ ଓ ସ୍ତ୍ରୀ ବୁଶ୍ରାଙ୍କ ସହଯୋଗ କରୁଥିବା ପାକିସ୍ତାନ ମୁସଲିମ୍ ଲିଗ୍ (ଏନ୍)ର ଉପସଭାପତି ମରିୟମ ନୱାଜ୍ କହିଛନ୍ତି । ଫରାଙ୍କ ସ୍ୱାମୀ ଅହସାନ ଜାମିଲ ଗୁଜର ମଧ୍ୟ ଏହି ସ୍କାଣ୍ଡେଲରେ ସାମିଲ ଥିବାବେଳେ ସେ ପାକିସ୍ତାନ ଛାଡ଼ ଆମେରିକା ଚାଲିଯାଇଥିବା କୁହାଯାଉଛି।

# ଗୋଟାବାୟା ଅସମର୍ଥ



### ୪୨ ଏମ୍‌ପିଙ୍କ ଇସ୍ତଫା ପରେ ସରକାର ସଂଖ୍ୟାଲଘୁ



ଶ୍ରୀଲଙ୍କାର କ୍ୟାଥୋଲିକ୍ ନନ୍ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

**କଲମ୍ବୋ,୫।୪**

ଘୋର ଆର୍ଥିକ ସଙ୍କଟକୁ ସାମ୍ନା କରୁଥିବା ଶ୍ରୀଲଙ୍କାର ସ୍ଥିତି ଦିନକୁ ଦିନ ଅତି ଖରାପ ଆଡ଼କୁ ଗତି କରୁଛି। ୪୨ ଏମ୍‌ପି ନିଜକୁ ସ୍ୱାଧୀନ ଘୋଷଣା କରିବା ପରେ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେଙ୍କ ଶ୍ରୀଲଙ୍କା ପୋଦୁଜନ ପେରାମୁନା (ଏସ୍‌ଏଲ୍‌ପିପି) ମଙ୍ଗଳବାର ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠତା ହରାଇଛି। ବିଦ୍ୟୁତ୍ କାଟ୍ ଓ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ବିରୋଧରେ ନାଗରିକଙ୍କ ବିକ୍ଷୋଭକୁ ଦେଖି ଏପ୍ରିଲ ପହିଲାରେ ରାଷ୍ଟ୍ରପତି ରାଜପାକ୍‌ସେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍‌ସେଙ୍କ ବ୍ୟତୀତ କ୍ୟାବିନେଟର ସମସ୍ତ ସଦସ୍ୟ ଇସ୍ତଫା ଦେଇଥିଲେ। ରାଷ୍ଟ୍ରପତି ଗାଦି ଛାଡ଼ନ୍ତୁ ବୋଲି ଦାବି ଜୋର୍ ଧରିଥିଲେ ହେଁ ଗୋଟାବାୟା ଇସ୍ତଫା ଦେବାକୁ ମନା କରିଥିଲେ। ଦେଶରେ ସରକାର ବିରୋଧୀ ବିକ୍ଷୋଭ ତେଜିବାରେ ଲାଗିଥିବାବେଳେ ସଦ୍ୟ ରାଜନୈତିକ ଘଟଣାକ୍ରମ ଦ୍ୱୀପରାଷ୍ଟ୍ରର ଭବିଷ୍ୟତକୁ ଅନ୍ଧାର ଭିତରକୁ ଟାଣିନେଇଛି।

୨୦୨୦ ସାଧାରଣ ନିର୍ବାଚନରେ ୨୨୫ ଆସନ ବିଶିଷ୍ଟ ପାର୍ଲାମେଣ୍ଟରେ ଶାସକ ଏସ୍‌ଏସ୍‌ପିପି ନେତୃତ୍ୱାଧୀନ ମେଣ୍ଟ ୧୪୬ ଆସନ ଦଖଲ କରିଥିଲା। ମହିନ୍ଦା ରାଜପାକ୍‌ସେଙ୍କ ସରକାରରେ ପ୍ରତିରକ୍ଷା ସଚିବ ଥିବା ତାଙ୍କ ଭାଇ ଗୋଟାବାୟାଙ୍କୁ ରାଷ୍ଟ୍ରପତି କରାଯାଇଥିଲା। କିନ୍ତୁ ଡଲାର ରିଜର୍ଭର ଅଭାବ ଓ ଆର୍ଥିକ ସଙ୍କଟ ଯୋଗୁ ଇନ୍ଧନ, ଏଲ୍‌ପିଜି, ବିଦ୍ୟୁତ୍, ଔଷଧ ଏବଂ ଖାଦ୍ୟ ସଙ୍କଟ ଦେଖାଦେଲା। ଏହାର ମୁକାବିଲା କରିବାରେ ଗୋଟାବାୟାଙ୍କ ଅକ୍ଷମତା ଯୋଗୁ ଦେଶରେ ଆର୍ଥିକ ସଙ୍କଟ ଘନେଇବାରେ ଲାଗିଛି। ରାଷ୍ଟ୍ରପତିଙ୍କ ଇସ୍ତଫା ଦାବିରେ ଲୋକେ ରାସ୍ତାକୁ ଓହ୍ଲାଇଥିବାବେଳେ ସୋମବାର ରାତିରେ ଗୋଟାବାୟା ପଦ ଛାଡ଼ିବାକୁ ମନା କରିଥିଲେ। ଇତିମଧ୍ୟରେ ସରକାର ୪ ନୂଆ ମନ୍ତ୍ରୀଙ୍କୁ ନିଯୁକ୍ତ କରିଥିଲେ। ତେବେ ଶପଥ ନେବାର ୨୪ ଘଣ୍ଟା ନ ପୂରୁଣୁ ଅର୍ଥମନ୍ତ୍ରୀ ଅଲୀ ସବ୍ରି ଇସ୍ତଫା ଦେଇଛନ୍ତି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ଠାରୁ ଋଣ ଆଣିବା ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପୂର୍ବରୁ ଅର୍ଥମନ୍ତ୍ରୀ ନିଜ ପଦ ଛାଡ଼ିଛନ୍ତି। ତାଙ୍କ ଇସ୍ତଫା ଅନ୍ତରୀଣ ସରକାର ଗଠନ ପାଇଁ ବାଟ फିଟାଇବ ବୋଲି ସବ୍ରି କହିଛନ୍ତି। ମଙ୍ଗଳବାର ନିଜକୁ ସ୍ୱାଧୀନ ଘୋଷଣା କରିଥିବା ୪୨ ଏମ୍‌ପିଙ୍କ ମଧ୍ୟରେ ଅଛନ୍ତି ଶ୍ରୀଲଙ୍କା ଫ୍ରିଡମ୍ ପାର୍ଟିର ୧୪, ଶାସକ ମେଣ୍ଟର ୧୦ ଏବଂ ଏସ୍‌ଏଲ୍‌ପିପିର ୧୨ ସଦସ୍ୟ।

### ଶ୍ରୀଲଙ୍କା ଅର୍ଥନୀତି ବିଧ୍ୱସ୍ତ

➡ଶ୍ରୀଲଙ୍କାରେ କ୍ଷୀର, ଚାଉଳ, ଅଟା, ଚିନି, ଖାଇବା ତେଲ, ପେଟ୍ରୋଲ, ରୋଷେଇ ଗ୍ୟାସ୍, ମେଡିସିନ ଆଦିର ଆକାଶଛୁଆଁ ଦର ବତାଉଛି ଦ୍ୱୀପରାଷ୍ଟ୍ରର ଅର୍ଥନୀତି ଏବେ ବିଧ୍ୱସ୍ତ ପ୍ରାୟ। ଲୋକେ ରାଜରାସ୍ତାରେ ଆନ୍ଦୋଳନ କରୁଥିବାବେଳେ ହାତ ଟେକିଦେଇଛନ୍ତି ଗୋଟାବାୟା ସରକାର। ପଡ଼ୋଶୀ ଦେଶ ଋଣଭାରରେ ନଇଁ ପଡ଼ିଥିବାରୁ ବିଦେଶରୁ କିଛି ଆମଦାନୀ ଅବସ୍ଥାରେ ନାହିଁ। ଏଥିପାଇଁ ଚାଇନାର ଷ୍ଟ୍ରାଟେଜିକ୍ ଟ୍ରାପ୍ ଡିପ୍ଲୋମାସି ବା ଋଣ ଜାଲର କୂଟନୀତିକୁ ଦାୟୀ କରାଯାଉଛି।

➡ଶ୍ରୀଲଙ୍କାରେ ଦିନକୁ ୧୨ ଘଣ୍ଟାରୁ ଅଧିକ ବିଦ୍ୟୁତ୍ କାଟ ହେଉଛି। କ୍ୟାବିନେଟ ମନ୍ତ୍ରୀଙ୍କ ସମୂହ ଇସ୍ତଫା ସତ୍ତ୍ୱେ ସ୍ୱର ଉତ୍ତୋଳନକାରୀ ଲୋକଙ୍କ ମୁହଁ ବନ୍ଦ ପାଇଁ ସବୁଠି ସେନା ମୁତୟନ କରାଯାଇଛି।

➡୨୦୦୯ରେ ତାମିଲ ବିରୋଧୀ ଟାଇଗର୍ସଙ୍କ ଦୀର୍ଘ ୨୬ ବର୍ଷର ଯୁଦ୍ଧର ଅବସାନ ପରେ ଭାରତ ପାଇଁ ଏକ ସୁଯୋଗ ସୃଷ୍ଟି ହୋଇଥିବା ଚାଇନା ଦେଖିଥିଲା। ଶ୍ରୀଲଙ୍କା ସରକାରଙ୍କୁ ଚାଇନା ଅସ୍ତ୍ରଶସ୍ତ୍ର ଦେବା ସହ ସେଠାରେ ଦୀର୍ଘକାଳୀନ ପ୍ରକଳ୍ପଗୁଡ଼ିକରେ ବିପୁଳ ଅର୍ଥ ନିବେଶ କରିଥିଲା।

➡୨୦୦୭ରେ ମହିନ୍ଦା ରାଜପାକ୍‌ସେ ରାଷ୍ଟ୍ରପତି ଥିବାବେଳେ ଚାଇନା ତାଙ୍କ ସହ ହମ୍‌ବାନ୍‌ଟୋଟା ବନ୍ଦର ଚୁକ୍ତି ସ୍ୱାକ୍ଷର କରିଥିଲା। ହମ୍‌ବାନ୍‌ଟୋଟା ହେଉଛି ରାଜପାକ୍‌ସେ ପରିବାରର ସହର। ପରବର୍ତ୍ତୀ ସମୟରେ ମହିନ୍ଦା ପ୍ରଧାନମନ୍ତ୍ରୀ ହୋଇଥିଲେ ଏବଂ ତାମିଲ ବିଦ୍ରୋହୀଙ୍କ ବିରୋଧରେ ହୋଇଥିବା ଲଢ଼େଇରେ ବଡ଼ ଭୂମିକା ନେଇଥିବା ନିଜ ଭାଇ ଗୋଟାବାୟାଙ୍କୁ ରାଷ୍ଟ୍ରପତି କରାଇଥିଲେ। ରାଷ୍ଟ୍ରପତିଙ୍କ ଭାଇ ଚମଲ ଓ ବାସିଲ ରାଜପାକ୍‌ସେ ମଧ୍ୟ କ୍ୟାବିନେଟରେ ମନ୍ତ୍ରୀ ଥିଲେ। ପ୍ରଧାନମନ୍ତ୍ରୀ ନିଜ ପୁଅଙ୍କୁ ମଧ୍ୟ ମନ୍ତ୍ରୀ କରାଇଥିଲେ। ଚୁକ୍ତି ସ୍ୱାକ୍ଷର ପରଠାରୁ ଅଦ୍ୟାବଧି ଚାଇନା ଶ୍ରୀଲଙ୍କାକୁ ୧୨ ବିଲିୟନ୍ ଡଲାର ଋଣ ଦେଇଥିବା କୁହାଯାଉଛି।




## ୪ ମାସରେ ମଲେଣି ୩୯ ବାଘ



**ନୂଆଦିଲ୍ଲୀ, ୫।୪**

### ମଧ୍ୟପ୍ରଦେଶରେ ସର୍ବାଧିକ

ଚଳିତ ବର୍ଷ ଦେଶରେ ୩୯ ବାଘଙ୍କ ମୃତ୍ୟୁ ଘଟିଛି। ସେଥିମଧ୍ୟରୁ ମଧ୍ୟପ୍ରଦେଶରେ ସର୍ବାଧିକ ୧୫ ବାଘଙ୍କ ଜୀବନ ଯାଇଛି। କେବଳ ଗତ ୩ ଦିନରେ ଏହି ରାଜ୍ୟର ସତପୁରା ବ୍ୟାଘ୍ର ସଂରକ୍ଷଣ ଏବଂ ବାଲାଘାଟ ଜଙ୍ଗଲରେ ୨ ବାଘଙ୍କ ମୃତଦେହ ଠାବ କରାଯାଇଥିବାବେଳେ ୫/୬ ମାସର ଏକ ବାଘଛୁଆର ଅବଶେଷ ମିଳିଛି। ଉକ୍ତ ଦୁଇ ବାଘ ପରସ୍ପର ମଧ୍ୟରେ ଲଢ଼େଇରେ ପ୍ରାଣ ହରାଇଥିବା ସ୍ଥାନୀୟ ବନ ଅଧିକାରୀ ସୂଚନା ଦେଇଛନ୍ତି। ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ସୂଚନା ଅନୁସାରେ, ଜାନୁୟାରୀ ୧ରୁ ଏପ୍ରିଲ ୪ ମଧ୍ୟରେ କେବଳ ମଧ୍ୟପ୍ରଦେଶରେ ୧୫ ବାଘଙ୍କ ମୃତ୍ୟୁ ଘଟିଛି। ୨୦୧୮ ବ୍ୟାଘ୍ରଗଣନା ଅନୁସାରେ, ମଧ୍ୟପ୍ରଦେଶରେ ୫୨୬ ବାଘ ରହିଥିଲେ। ୨୦୨୧ରେ ୪୩ ବାଘଙ୍କ ମୃତ୍ୟୁ ଘଟିଥିଲା।

## ଟୁଇଟରରେ ଏଡିଟ୍ ବଟନ୍ ଚାହଁ କି

**ୱାଶିଂଟନ୍,୫।୪**

କୌଣସି ଖବର, ସୋସିଆଲ ମିଡିଆ ପୋଷ୍ଟ କିମ୍ବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା, ଟ୍ରୋଲ, ଗସିପ୍ ଆଦି ନିମନ୍ତେ ମାଇକ୍ରୋ ବ୍ଲଗିଂ ପ୍ଲାଟ୍‌ଫର୍ମ ଟୁଇଟରର ବ୍ୟବହାର କିଛି ବର୍ଷ ହେଲା ବ୍ୟାପକ ହୋଇଛି। ବିଶେଷ କରି କୌଣସି ଟୁଇଟ୍‌ରେ ବନାନ୍ ଭୁଲ୍ କିମ୍ବା ସାମାନ୍ୟ ତ୍ରୁଟି ପାଇଁ ଅନେକ ସମୟରେ ରାଜନେତା, ସେଲିବ୍ରିଟିଙ୍କୁ ସମାଲୋଚନାର ଶିକାର ହେବାକୁ ପଡୁଛି। ତେଣୁ ଏହି ପ୍ଲାଟ୍‌ଫର୍ମରେ ଏଡିଟ୍ ବଟନ୍ ବିକଳ୍ପ ରଖାଯିବା ଉପରେ ଏବେ ଚର୍ଚ୍ଚା ଜୋର ଧରିଛି। ଟେସ୍‌ଲା ମାଲିକ ଏଲନ୍ ମସ୍କ ଟୁଇଟରରେ ଏକ ପୋଷ୍ଟ କରି ଏଡିଟ୍ ଅପ୍‌ସନ୍ ରଖାଯିବା ଉପରେ ସର୍ଭେ କରିବା ପରେ ଏହା ଉପରେ ବିତର୍କ ଆରମ୍ଭ ହୋଇଛି। ୟୁଜର୍ସମାନେ ଏହି ମାଇକ୍ରୋ ବ୍ଲଗିଂ ପ୍ଲାଟ୍‌ଫର୍ମରେ ଏଡିଟ୍ ବଟନ୍ ଚାହୁଁଛନ୍ତି କି ବୋଲି ମସ୍କ ଏକ ପୋଷ୍ଟ କରିଛନ୍ତି। ଟୁଇଟରରେ ମସ୍କ ସର୍ବାଧିକ ୯.୨% ଅଂଶଧନ କ୍ରୟ କରିଥିବା ନେଇ ପ୍ରକାଶ କରିବା ପରେ ତାଙ୍କ ଉକ୍ତ ପୋଷ୍ଟ ପୁଣି ଚର୍ଚ୍ଚାକୁ ଆସିଛି। ଟୁଇଟର ସିଇଓ ପରାଗ ଅଗ୍ରୱାଲ ମସ୍କଙ୍କ ଏହି ପୋଷ୍ଟ ଉପରେ ପ୍ରତିକ୍ରିୟା ମଧ୍ୟ ରଖିଛନ୍ତି। ଏହି ସର୍ଭେର ପରିଣାମ ବେଶ୍ ଗୁରୁତ୍ୱପୂର୍ଣ୍ଣ। ତେଣୁ ଯତ୍ନର ସହ ଭୋଟ ଦେବାକୁ ପରାଗ ଅଗ୍ରୱାଲ ଏକ ଟୁଇଟ୍ କରିଛନ୍ତି।


ଏଲନ୍ ମସ୍କ

ଏହା ପୂର୍ବରୁ ମସ୍କ ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ଟୁଇଟର୍‌ର ପ୍ରତିବଦ୍ଧତାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏପରିକି ୟୁଜର୍ସ ଏକ ନୂଆ ପ୍ଲାଟ୍‌ଫର୍ମ ଚାହୁଁଛନ୍ତି କି ବୋଲି ମଧ୍ୟ ସେ ପଚାରିଥିଲେ। ଗଣତନ୍ତ୍ରରେ ଅଭିବ୍ୟକ୍ତିର ସ୍ୱାଧୀନତା ଜରୁରୀ। ଟୁଇଟର କ'ଣ ଏହି ନୀତିକୁ ପାଳନ କରୁଛି ବୋଲି ମସ୍କ ଏକ ଟୁଇଟ୍ କରି ପ୍ରଶ୍ନ କରିଥିଲେ। ପରେ ମସ୍କ ଏହି ମାଇକ୍ରୋ ବ୍ଲଗିଂ ପ୍ଲାଟ୍‌ଫର୍ମରେ ସବୁଠାରୁ ଅଧିକ ଅଂଶଧନ କ୍ରୟ କରିଥିବା ସମ୍ପର୍କରେ ଜଣାଇଥିଲେ। ଦୀର୍ଘଦିନ ହେବ ଟୁଇଟରରେ ଏଡିଟ୍ ବିକଳ୍ପ ରଖିବା ପାଇଁ ୟୁଜର୍ସମାନେ ଦାବି କରିଆସୁଛନ୍ତି। ଟୁଇଟର ଏହା ଉପରେ କାମ କରୁଛି ବୋଲି ଗତ ୧ ତାରିଖରେ ଏକ ପୋଷ୍ଟ କରିବା ପରେ ଏ ନେଇ ଆଲୋଚନା ଆରମ୍ଭ ହୋଇଛି। କଂଗ୍ରେସ ନେତା ଶଶୀ ଥରୁର ମଧ୍ୟ ୨୦୧୮ ମସିହାର ଏକ ପୁରୁଣା ଟୁଇଟ୍‌କୁ ପୋଷ୍ଟ କରି ଏହି ସୋସିଆଲ ମିଡିଆ ସାଇଟ୍‌କୁ ଉପହାସ କରିଛନ୍ତି। ସେହି ଟୁଇଟ୍‌ରେ ଥରୁର ଏଡିଟ୍ ବିକଳ୍ପ ରଖିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ୨୦୨୨ରେ ଟୁଇଟର ତାଙ୍କ କଥା ଶୁଣିଥିବାରୁ ଥରୁର ମଜାଳିଆ ଢଙ୍ଗରେ କମ୍ପାନୀକୁ ଧନ୍ୟବାଦ ଦେଇଛନ୍ତି।

## ପାକ୍ ସୁପ୍ରିମକୋର୍ଟରେ ପୁଣି ଶୁଣାଣି ସ୍ଥଗିତ

**ଇସ୍‌ଲାମାବାଦ, ୫।୪**

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ନ୍ୟାଶନାଲ ଆସେମ୍ବ୍ଲି ଭଙ୍ଗ କରିବା ମାମଲାର ଶୁଣାଣିକୁ ସୁପ୍ରିମକୋର୍ଟ ବୁଧବାର ପାଇଁ ସ୍ଥଗିତ ରଖିଛନ୍ତି। ଗତ ସପ୍ତାହରେ ପାର୍ଲାମେଣ୍ଟରେ ସଂଖ୍ୟା ଗରିଷ୍ଠତା ହରାଇବା ପରେ ରବିବାର ଇମ୍ରାନ୍‌ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ ହେବାର ଥିଲା। କିନ୍ତୁ ଏହି ପ୍ରସ୍ତାବ ବିଦେଶୀ ଶକ୍ତି ପ୍ରାୟୋଜିତ ବୋଲି ଦର୍ଶାଇ ଉପବାଚସ୍ପତି ତାହାକୁ ଖାରଜ କରିଦେଇଥିଲେ। ପରେ ଇମ୍ରାନ୍ ପାର୍ଲାମେଣ୍ଟ ଭଙ୍ଗ କରିଥିଲେ। ବିରୋଧୀ ଦଳ ଏହାକୁ ଅସାମ୍ବିଧାନିକ କହିଥିବାବେଳେ ସୁପ୍ରିମକୋର୍ଟ ନିଜ ଆଡୁ ମାମଲା ଶୁଣାଣି ପାଇଁ ଗ୍ରହଣ କରିଥିଲେ। ବୁଧବାର ଇମ୍ରାନଙ୍କ ପକ୍ଷରୁ ତର୍କ ଶୁଣାଯିବ ବୋଲି ପାକ୍ ପ୍ରଧାନ ବିଚାରପତି ଉମର ଅତା ବନ୍ଦିଆଲ କହିଛନ୍ତି।

## ୯ ସ୍ତ୍ରୀରୁ ଛାଡ଼ପତ୍ର ଦେବେ ଜଣେ

**ବ୍ରାସିଲିଆ, ୫।୪**

### ଚର୍ଚ୍ଚାରେ ବ୍ରାଜିଲର ମଡେଲ

■ଆଉ ୨ ଜଣଙ୍କୁ ବାହାହେବେ

ଲାଟିନ୍ ଆମେରିକୀୟ ଦେଶ ବ୍ରାଜିଲର ଜଣେ ମଡେଲ ନିଜ ବିବାହକୁ ନେଇ ଚର୍ଚ୍ଚାରେ ଅଛନ୍ତି। 'ମୁକ୍ତ ପ୍ରେମ' ନାଁରେ ପୂର୍ବରୁ ୯ ଥର ବିବାହ କରିସାରିଥିବା ମଡେଲ ଆର୍ଥର ଓ' ଉରସୋ ଏବେ ଆଉ ଦୁଇଟି ବାହାହେବାକୁ ଯାଉଛନ୍ତି। ୯ ଜଣ ସ୍ତ୍ରୀଙ୍କ ମଧ୍ୟରୁ ଜଣେ ଆର୍ଥରଙ୍କୁ ଛାଡ଼ପତ୍ର ଦେବାକୁ ଯାଉଥିବାରୁ ତାଙ୍କ ସ୍ଥାନ ପୂରଣ କରିବାକୁ ମଡେଲ ଜଣକ ଅନ୍ୟ ଜଣଙ୍କୁ ବିବାହ କରିବେ। ଏହାସହ ଜୀବନରେ ୧୦ ସ୍ତ୍ରୀ ରଖିବା ଲକ୍ଷ୍ୟ ପୂରଣ ପାଇଁ ସେ ଦଶମ ବିବାହ ମଧ୍ୟ କରିବେ ବୋଲି ଆର୍ଥର କହିଛନ୍ତି।

ଏକମାତ୍ର ବିବାହ ପ୍ରଥାକୁ ବିରୋଧ କରି ମୁକ୍ତ ପ୍ରେମକୁ ପ୍ରୋତ୍ସାହିତ କରିବା ପାଇଁ ଆର୍ଥର ବିବାହିତ ଥିବା ସତ୍ତ୍ୱେ ଗତ ବର୍ଷ ଆଉ ୮ ଜଣଙ୍କ ହାତ ଧରିଥିଲେ। ମିଡିଆକୁ ପ୍ରତିକ୍ରିୟା ଦେଇ ଆର୍ଥର କହିଛନ୍ତି, ସ୍ତ୍ରୀ ଆଗାଥା ତାଙ୍କ ଉପରେ ସମ୍ପୂର୍ଣ୍ଣ ଅଧିକାରୀ ଚାହୁଁଛନ୍ତି। କିନ୍ତୁ ତାହା ସମ୍ଭବ ନୁହେଁ। ଆମକୁ ମିଶି ରହିବାକୁ ପଡ଼ିବ। ଆଗାଥା ଅଲଗା ହେବାକୁ ଯାଉଥିବା ଜାଣି ବେଶ୍ ଦୁଃଖିତ। କିନ୍ତୁ ଏହାର କାରଣ ତାଙ୍କୁ ଅଧିକ କଷ୍ଟ ଦେଇଛି ବୋଲି ଆର୍ଥର କହିଛନ୍ତି। ୧୦ ସ୍ତ୍ରୀ ରଖିବାକୁ ତାଙ୍କର ସ୍ୱପ୍ନ ରହିଛି ଏବଂ ସମସ୍ତଙ୍କଠାରୁ ସେ ପିଲା ଚାହାନ୍ତି ବୋଲି ଆର୍ଥର ଗଣମାଧ୍ୟମରେ ପ୍ରକାଶ କରିଛନ୍ତି।


୯ ସ୍ତ୍ରୀଙ୍କ ସହ ଆର୍ଥର ଓ' ଉରସୋ ।

## ଆତଙ୍କବାଦୀ କାର୍ଯ୍ୟ କରୁଛି ରୁଷିଆ

**କିଭ୍, ୫।୪**

ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ୪୧ ଦିନ ପୂରିଥିବାବେଳେ ବୁଚା ଗଣହତ୍ୟାକୁ ନେଇ ସାରା ବିଶ୍ୱରେ ଉଦ୍‌ବେଗ ପ୍ରକାଶ ପାଇଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଯୁଦ୍ଧ ଅପରାଧ କରିଥିବା କହି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ମଙ୍ଗଳବାର ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)କୁ ସମ୍ବୋଧନ କରିଛନ୍ତି। ଜେଲେନ୍‌ସ୍କି କହିଛନ୍ତି, ୟୁକ୍ରେନ୍‌ରେ ବୁଚା ଭଳି ଦୃଶ୍ୟ ଆହୁରି ମିଳିବ। ରୁଷୀୟ ସୈନ୍ୟ ନିଜ ଆନନ୍ଦ ପାଇଁ ସାଧାରଣ ଲୋକଙ୍କୁ ହତ୍ୟା କରୁଛନ୍ତି। ସେମାନଙ୍କ ଗୋଡ଼ ହାତ ବାନ୍ଧି ରାସ୍ତାରେ ଗୁଳି କରୁଛନ୍ତି। ଘରେ ପଶି ସମ୍ପୂର୍ଣ୍ଣ ପରିବାରକୁ ମାରିବା ସହ ସେମାନଙ୍କୁ କୂଅରେ ଫିଙ୍ଗି ଦେଉଛନ୍ତି, ଲୋକଙ୍କ ଉପରେ ଟ୍ୟାଙ୍କ ଚଢ଼ାଇ ଦେଉଛନ୍ତି। ରୁଷୀୟ ସୈନ୍ୟଙ୍କ କାମ ଆତଙ୍କବାଦୀ ଗୋଷ୍ଠୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍(ଆଇଏସ୍)ଠାରୁ କମ୍ ନୁହେଁ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ସବୁଠୁ ବଡ଼ ଯୁଦ୍ଧ ଅପରାଧ। ୟୁକ୍ରେନ୍ ବ୍ୟତୀତ ଅନ୍ୟ ଦେଶରେ ମଧ୍ୟ ପୁଟିନ୍ ନିଜ ଘୃଣା, ହିଂସା ମନୋଭାବ ବିସ୍ତାର କରିବାକୁ ଚାହୁଁଛନ୍ତି। ତେଣୁ ସୁରକ୍ଷା ପରିଷଦ କେତେବେଳେ ସୁରକ୍ଷା ଯୋଗାଇବ ବୋଲି ଜେଲେନ୍‌ସ୍କି ପ୍ରଶ୍ନ କରିଛନ୍ତି। କେଉଁଠି ଶାନ୍ତି ଅଛି। ଜାତିସଂଘ ଦେଇଥିବା ସେହି ଗ୍ୟାରେଣ୍ଟିର କ'ଣ ହେଲା ବୋଲି ସେ ୟୁଏନ୍‌ଏସ୍‌ସିରେ ସମସ୍ତ ସଦସ୍ୟଙ୍କୁ ପଚାରିଛନ୍ତି। ରୁଷୀୟ ସୈନ୍ୟ ୟୁକ୍ରେନ୍‌ର ଅନ୍ୟ ଅଞ୍ଚଳରେ ବୁଚା ଭଳି ନରସଂହାର ସହ ଆହୁରି ଅଧିକ ଲୋମହର୍ଷଣକାରୀ ଘଟଣା ଘଟାଇବାକୁ ଯାଉଛନ୍ତି। ତେଣୁ ରୁଷିଆକୁ ରୋକିବାକୁ ହେବ ବୋଲି ସେ ଆହ୍ୱାନ ଦେଇଛନ୍ତି। ସେହିଭଳି ବୁଚା ଦୃଶ୍ୟକୁ କେବେ ଭୁଲିପାରିବେ ନାହିଁ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି। ଅନ୍ୟପକ୍ଷରେ ମାରିଉପୋଲରେ ରୁଷିଆ ହତ୍ୟା କରିଥିବା ସାଧାରଣ ନାଗରିକଙ୍କ ମୃତଦେହକୁ ଏକାଠି କରି ୟୁକ୍ରେନ୍ ସୈନ୍ୟଙ୍କ ଉପରେ ଦୋଷ ଲଦିବାକୁ ଯୋଜନା କରିଥିବା ଦେଶର ସିକ୍ୟୁରିଟି ସର୍ଭିସ୍ ଏସ୍‌ବିୟୁ କହିଛି। ବିଶ୍ୱର ନଜର ନିଜ ଉପରୁ ହଟାଇବା ପାଇଁ ରୁଷିଆ ଏଭଳି ପ୍ଲାନ୍ ପ୍ରସ୍ତୁତ କରିଥିବା ଏସ୍‌ବିୟୁ ପକ୍ଷରୁ ଏକ ଟୁଇଟ୍ କରାଯାଇଛି।


ନଷ୍ଟ ହୋଇଯାଇଥିବା ରୁଷିଆ ଟ୍ୟାଙ୍କ ନିକଟରେ ଜଣେ ୟୁକ୍ରେନ୍ ସୈନ୍ୟ।

### ୟୁଏନ୍‌ଏସ୍‌ସିରେ ଜେଲେନ୍‌ସ୍କିଙ୍କ ସମ୍ବୋଧନ

ସେପଟେ ପୂର୍ବ ୟୁକ୍ରେନ୍‌କୁ ରୁଷିଆ ଟାର୍ଗେଟ କରିଥିବାବେଳେ ଡୋନ୍‌ବାସ୍ ଅଞ୍ଚଳକୁ ଏହା ସମ୍ପୂର୍ଣ୍ଣ କବ୍‌ଜା କରିବାକୁ ଲକ୍ଷ୍ୟ ରଖିଥିବା ନାଟୋ ମହାସଚିବ ଜେନ୍ସ ଷ୍ଟୋଲେନବର୍ଗ କହିଛନ୍ତି। ନାଟୋ ସହଯୋଗୀମାନେ ୟୁକ୍ରେନ୍‌କୁ ଅଧିକ ସାମରିକ ସହାୟତା ଯୋଗାଇବେ ବୋଲି ସେ ପ୍ରକାଶ କରିଛନ୍ତି। ପୁଟିନ୍ ଯୁଦ୍ଧ ଅପରାଧ ଟ୍ରାଏଲର ସମ୍ମୁଖୀନ ହେବା ଉଚିତ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସୋମବାର କହିଥିବାବେଳେ ଏହା ସ୍ୱୀକାରଯୋଗ୍ୟ ନୁହେଁ ବୋଲି କ୍ରେମ୍‌ଲିନ୍ ପକ୍ଷରୁ କୁହାଯାଇଛି। ଯୁଦ୍ଧରେ ୧୮,୫୦୦ ରୁଷୀୟ ସୈନ୍ୟ ନିହତ ହୋଇଥିବା ୟୁକ୍ରେନ୍ ଆର୍ମଡ ଫୋର୍ସର ଜେନେରାଲ ଷ୍ଟାଫ୍ ଏକ ଫେସ୍‌ବୁକ୍ ପୋଷ୍ଟରେ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୯,୩୨,୯୭,୫୫୨ | ୬୧,୮୦,୭୭୭ | ୪୨,୮୯,୨୮,୩୪୩ |
| ଭାରତ | ୪,୩୦,୨୯,୮୩୯ | ୫,୨୧,୪୪୬ | ୪,୨୪,୯୭,୩୬୯ |
| ଓଡ଼ିଶା | ୧୨,୮୭,୭୫୭ | ୯୧୨୧(+୫୩) | ୧୨,୭୮,୩୬୭ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ବାଉଁଶ, କାଠଫାଳିଆରେ ହତ୍ୟା କରାଯାଇଥିଲା

**ଭୁବନେଶ୍ୱର,୫।୪(ବ୍ୟୁରୋ)**

ବହୁଚର୍ଚ୍ଚିତ ନୟାଗଡ଼ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଦ୍ୱିତୀୟ ପର୍ଯ୍ୟାୟରେ ୩ଦିନ ପାଇଁ ରିମାଣ୍ଡରେ ଆସିଥିବା ମୁଖ୍ୟ ଅଭିଯୁକ୍ତା ଶର୍ମିଷ୍ଠା ରାଉତ ଓ ସହଯୋଗୀ ଝୁନା ଭୋଇଙ୍କୁ କ୍ରାଇମବ୍ରାଞ୍ଚ ସାମ୍ନାସାମ୍ନି ଜେରା କରୁଛି। ମଙ୍ଗଳବାର ରିମାଣ୍ଡର ଦ୍ୱିତୀୟ ଦିନ ସରିଥିବାବେଳେ ହତ୍ୟାକାଣ୍ଡକୁ ନେଇ କ୍ରାଇମବ୍ରାଞ୍ଚ କିଛି ନୂଆ ତଥ୍ୟ ପାଇଛି। ହତ୍ୟାରେ ବ୍ୟବହୃତ ୩ଟି ଫଟା ବାଉଁଶ ଓ ଗୋଟିଏ କାଠଫାଳିଆକୁ ଜବତ କରାଯାଇଥିଲା। ଉକ୍ତ ବାଉଁଶ ଏବଂ କାଠଫାଳିଆକୁ ଝୁନା ଚିହ୍ନଟ କରିଥିବା କ୍ରାଇମବ୍ରାଞ୍ଚ ମଙ୍ଗଳବାର ସୂଚନା ଦେଇଛି।

ସୂଚନା ଅନୁଯାୟୀ, ମାନସଙ୍କୁ ଭଦ୍ରକରୁ ଅପହରଣ କରି ଅଣାଯିବା ପରେ ଭୁବନେଶ୍ୱର ଦୟାଳ ଆଶ୍ରମରେ ବାଉଁଶ ଓ କାଠ ଫାଳିଆରେ ଅଭିଯୁକ୍ତମାନେ ପିଟିପିଟି ହତ୍ୟା କରିଥିଲେ। ଏହାପରେ ଆଶ୍ରମରେ କାମ କରୁଥିବା ମହିଳା କେୟାରଟେକରଙ୍କୁ ମାଲିକାଣୀ ଶର୍ମିଷ୍ଠା ହତ୍ୟାରେ ବ୍ୟବହୃତ ବାଉଁଶ ଓ କାଠଫାଳିଆକୁ ଫୋପାଡ଼ି ଦେବା ପାଇଁ କହିଥିଲେ। ଶର୍ମିଷ୍ଠାଙ୍କ ଚାପରେ କେୟାରଟେକର ଆଶ୍ରମର ଝରକା ବାଟ ଦେଇ ସେଗୁଡ଼ିକୁ ଫୋପାଡ଼ି ଦେଇଥିଲେ। ତଦନ୍ତ ସମୟରେ କେୟାରଟେକରଙ୍କ ଠାରୁ ସୂଚନା ପାଇ କ୍ରାଇମବ୍ରାଞ୍ଚ ଆଶ୍ରମରୁ ବାଉଁଶ ଓ କାଠଫାଳିଆକୁ ଜବତ କରିଥିଲା। ତେବେ ଏହା ହତ୍ୟାରେ ବ୍ୟବହୃତ ହୋଇଛି କି ନାହିଁ ତାହା ଜାଣିବାକୁ କ୍ରାଇମବ୍ରାଞ୍ଚ ସେଗୁଡ଼ିକୁ ପରୀକ୍ଷା ପାଇଁ କଟକ ଏସ୍‌ସିବି ଏଫ୍‌ଏମ୍‌ଟି ବିଭାଗକୁ ପଠାଇଥିଲା। ତେବେ ମାନସଙ୍କୁ ଜବତ ସାମଗ୍ରୀରେ ସମ୍ଭବତଃ ହତ୍ୟା କରାଯାଇଥିବା ଏଫ୍‌ଏମ୍‌ଟି ବିଭାଗ ପ୍ରଫେସର କହିଛନ୍ତି।

ଅନ୍ୟପକ୍ଷରେ ଯେଉଁ ମେମୋରି ଚିପ୍ ପାଇଁ ମାନସଙ୍କୁ ହତ୍ୟା କରାଯାଇଥିଲା ତାହା ଏଯାବତ୍ କ୍ରାଇମ୍‌ବ୍ରାଞ୍ଚକୁ ମିଳିପାରି ନାହିଁ। ତେବେ ଉକ୍ତ ମେମୋରି ଚିପ୍ ଶେଷ ଥର ପାଇଁ ମାନସଙ୍କ ପାଖରେ ଥିବା କ୍ରାଇମ୍‌ବ୍ରାଞ୍ଚ ଜାଣିବାକୁ ପାଇଛି। କ୍ରାଇମ୍‌ବ୍ରାଞ୍ଚର ୫ଜଣିଆ ଟିମ୍ ସୋମବାର ଅପରାହ୍ନରେ ନୟାଗଡ଼ ଜିଲା ରଣପୁର ଥାନା ମଝିଆଖଣ୍ଡ ଗୋଡ଼ିପୋଖରୀସ୍ଥିତ ମାନସଙ୍କ ଘରକୁ ଯାଇ ମେମୋରି ଚିପ୍‌କୁ ଖୋଜାଖୋଜି କରିଥିଲା। ହେଲେ ପାଇ ନ ଥିଲା। ଏଥିସହ ଯାଜପୁର ଚଣ୍ଡିଖୋଲ ନିକଟରୁ ମିଳିଥିବା ଅଧାପୋଡ଼ା ମାନସଙ୍କ ଚପଲ ଓ ଇୟରଫୋନ୍‌କୁ ସ୍ତ୍ରୀ ଓ ଭାଇଙ୍କୁ ଦେଖାଇଥିଲା। ତେବେ ସେମାନେ ସେଗୁଡ଼ିକୁ ଚିହ୍ନଟ କରିଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ମାନସଙ୍କ ଘରୁ ମେମୋରି ଚିପ୍ ମିଳି ନ ଥିବାରୁ ସେ ଗତ ଜାନୁୟାରୀ ୩୦ରୁ ଅପହରଣ ହେବା ମଧ୍ୟରେ ଯେଉଁ ଯେଉଁ ସ୍ଥାନକୁ ଯାଇଛନ୍ତି, ସେସବୁ ସ୍ଥାନକୁ ଯାଇ ଯାଞ୍ଚ କରାଯିବ ବୋଲି କ୍ରାଇମ୍‌ବ୍ରାଞ୍ଚ ଏଡିଜି ପଣ୍ଡା କହିଛନ୍ତି। ମାନସ ହତ୍ୟା ଘଟଣା ରାଜ୍ୟର ଏକ ଚର୍ଚ୍ଚିତ ଘଟଣା ହୋଇଥିବାରୁ ଏହା ଉପରେ ସମସ୍ତଙ୍କ ନଜର ରହିଛି। ଏଯାବତ୍ ମାନସଙ୍କୁ ଅପହରଣଠୁ ହତ୍ୟା ଓ ପ୍ରମାଣ ନଷ୍ଟ କରିବା ପର୍ଯ୍ୟନ୍ତ ସମସ୍ତ ପ୍ରମାଣକୁ କ୍ରାଇମବ୍ରାଞ୍ଚ ଯୋଗାଡ଼ କରିଥିଲେ ସୁଦ୍ଧା ମେମୋରି ଚିପ୍ ସମ୍ପର୍କରେ ବା କେଉଁ କାରଣ ପାଇଁ ମାନସଙ୍କୁ ହତ୍ୟା କରାଯାଇଥିଲା, ସେନେଇ କ୍ରାଇମବ୍ରାଞ୍ଚ କୌଣସି ସୂଚନା ଦେଇନାହିଁ। ଯଦି ମୃତ ମାନସଙ୍କ ପାଖରେ ମେମୋରି ଚିପ୍ ଥିଲା, ତେବେ ତାହା ମିଳିବା ଏକ ପ୍ରକାର ଅସମ୍ଭବ ଭଳି ମନେହେଉଛି।

**କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ଘଟଣା**



- **ହତ୍ୟାକାଣ୍ଡରେ ବ୍ୟବହୃତ କାଠଫାଳିଆ, ବାଉଁଶ ଜବତ**
- **ଶର୍ମିଷ୍ଠାଙ୍କ ଚାପରେ କେୟାରଟେକର ଝରକା ଦେଇ ଫୋପାଡ଼ିଥିଲେ**
- **ମେମୋରି ଚିପ୍ ମିଳିବା ସମ୍ଭାବନା କମ୍**

## ମାଲବାହୀ ଟ୍ରେନ୍‌ରେ ଗୋଡ଼ କଟି ଶ୍ରମିକ ଗୁରୁତର

ରାଇରଙ୍ଗପୁର,୫।୪(ଡି.ଏନ.ଏ.)– ମୟୂରଭଞ୍ଜ ଜିଲା ବାଦାମପାହାଡ ପଟୁ ଝାଡ଼ଖଣ୍ଡ ରାଜ୍ୟ ଟାଟାନଗର ଆଡକୁ ଯାଉଥିବା ଏକ ଲୁହାପଥର ବୋଝେଇ ମାଲବାହୀ ଟ୍ରେନ୍‌ରେ ଗୋଡ଼ କଟି ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ସେ ହେଲେ ରାଇରଙ୍ଗପୁର ଟାଉନଥାନା ଅଧୀନ ୱାର୍ଡନଂ. ୧୩ର ଚନ୍ଦନ ବିଧାଣୀ। ସୋମବାର ରାତିରେ ସେ ରେଳ ଧାରଣା ପାର୍ଶ୍ୱରେ ଶୋଇଥିବା ବେଳେ ଅସାବଧାନତାରୁ ଟ୍ରେନରେ ତାଙ୍କ ଗୋଡ଼ କଟିଯାଇଥିଲା। ତାଙ୍କୁ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି।






# ବାଇକ୍‌ରେ ଘରକୁ ଗଲା ଛାତ୍ରୀଙ୍କ ମୃତଦେହ

- **କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା**
- **ମହାପ୍ରୟାଣ ଗାଡ଼ି ପାଇଁ ଅର୍ଥ ଦାବି ଅଭିଯୋଗ**

**କେନ୍ଦ୍ରାପଡ଼ା ଅଫିସ, ୫।୪**

ସ୍ୱାସ୍ଥ୍ୟ ବିଭାଗ ଅବହେଳାର ଆଉ ଏକ ହୃଦୟବିଦାରକ ଚିତ୍ର ମଙ୍ଗଳବାର ଦେଖିବାକୁ ମିଳିଛି। କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ମହାପ୍ରୟାଣ ଗାଡ଼ି ଥିବା ସତ୍ତ୍ୱେ ଏକ ଗରିବ ପରିବାରର ୭ ବର୍ଷୀୟା ଛାତ୍ରୀଙ୍କ ମୃତଦେହକୁ ବାଇକ୍‌ରେ ଘରକୁ ନେବାକୁ ପଡିଛି। ଏହି ଘଟଣା ଲୋକଲୋଚନକୁ ଆସିବା ପରେ ଅସନ୍ତୋଷ ପ୍ରକାଶ ପାଇଛି।

ସମ୍ପୂର୍ଣ୍ଣ ଘଟଣାଟି ଏପରି। କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଛଚିଣା ଗ୍ରାମର ସୁନାକର କାଣ୍ଡିଙ୍କ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ଝିଅ ବୈଶାଖୀଙ୍କୁ ମଙ୍ଗଳବାର ସକାଳେ ଏକ ସାପ କାମୁଡ଼ି ଦେଇଥିଲା। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ସହାୟତାରେ ବୈଶାଖୀଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଏହାପରେ ମୃତଦେହ ଘରକୁ କିପରି ନିଆଯିବ ସେ କଥା ପରିବାର ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଥିଲା। ଝିଅକୁ ନେଇ ଡାକ୍ତରଖାନା ଆସିଥିବା ସୁନାକର ଓ ତାଙ୍କ ସାନଭାଇ ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ। ଡାକ୍ତରଖାନାଠାରୁ ଗାଁର ଦୂରତା ୨୦ କିଲୋମିଟର। ଏଥିପାଇଁ ମହାପ୍ରୟାଣ ଗାଡ଼ି ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହିତ ମଧ୍ୟ ଯୋଗାଯୋଗ କରାଯାଇଥିଲା। ହେଲେ ସେଥିପାଇଁ ଅର୍ଥ ଦାବି ହୋଇଥିଲା ବୋଲି ସୁନାକରଙ୍କ ସାନଭାଇ କହିଛନ୍ତି। ଆମ ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ। ଏତେ ଟଙ୍କା ମହାପ୍ରୟାଣ ଗାଡ଼ି ପାଇଁ ଦେବା ସାମର୍ଥ୍ୟ ଆମର ନାହିଁ। ବାଇକ୍‌ରେ ଝିଆରୀର ମୃତଦେହ ନେବାକୁ ବାଧ୍ୟ ହେଉଛୁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଏଡିଏମ୍‌ଓ କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି, ଛାତ୍ରୀଙ୍କ ପରିବାର ସଦସ୍ୟ ମୃତଦେହ ପରିବହନ ସମ୍ପର୍କରେ କୌଣସି ସୂଚନା ଦେଇନାହାନ୍ତି। ତଥାପି ଏହି ଘଟଣା ସମ୍ପର୍କରେ ଅନୁଧ୍ୟାନ କରାଯିବ ବୋଲି ସେ କହିଛନ୍ତି।



ଛାତ୍ରୀଙ୍କ ମୃତଦେହକୁ ବାଇକ୍‌ରେ ଘରକୁ ନିଆଯାଉଛି।




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଆଜିର ମନ୍ତବ୍ୟ

"ଭାରତ ଔଦ୍ୟୋଗିକ ଶକ୍ତିରେ ପରିପୂର୍ଣ୍ଣ। 'ଷ୍ଟାର୍ଟଅପ୍ ଇଣ୍ଡିଆ' ଅଭିଯାନ ହେଉଛି ଦେଶର ବିକାଶ ପାଇଁ ଚାଲିଥିବା ଉଦ୍ୟମର ଏକ ଅଂଶ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଆଭ୍ୟନ୍ତରୀଣରେ ୪୦ ଡିଗ୍ରୀ ଟପିବ ତାପମାତ୍ରା

**ଭୁବନେଶ୍ୱର, ୫।୪(ବ୍ୟୁରୋ):** ଓଡ଼ିଶାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ତାତିରୁ ସାମାନ୍ୟ ତ୍ରାହି ମିଳିଛି। ବଲାଙ୍ଗୀରରେ ସର୍ବାଧିକ ତାପମାତ୍ରା ୪୧.୭ ଡିଗ୍ରୀ ଥିବାବେଳେ ଟିଟିଲାଗଡ଼ରେ ୪୦.୮, ବୌଦ୍ଧ ୪୦.୫, ଭବାନୀପାଟଣାରେ ୪୦ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟରେ ଦିନ ତାପମାତ୍ରାରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ। କିନ୍ତୁ ଆସନ୍ତା ୪ରୁ ୫ଦିନ ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ। ଏପରି କି ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୪୦ ଡିଗ୍ରୀ ଉପରକୁ ଡେଇଁବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେଣୁ କାମ ନ ଥିଲେ ଅଯଥାରେ ବାହାରକୁ ନ ଯିବା ପାଇଁ ଏବଂ ଯଦି ବାହାରକୁ ଯିବାକୁ ପଡ଼େ ତାହାହେଲେ ପ୍ରାକ୍ ସାବଧାନତା ନେବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି। ସେହିପରି ମଙ୍ଗଳବାର ରାଜ୍ୟର ବିଭିନ୍ନ ଜିଲାରେ କାଳବୈଶାଖୀ ହୋଇଛି। ମାଲକାନଗିରି, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ମୟୂରଭଞ୍ଜ, କନ୍ଧମାଳ, ଗଜପତି ପ୍ରଭୃତି ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ସହ ଝଡ଼ତୋଫାନ ହୋଇଥିଲା। ବୁଧବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ ଓ ନୟାଗଡ଼ର କିଛି ସ୍ଥାନରେ ବର୍ଷା ସହ ଘଡ଼ଘଡ଼ି ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ଆକଳନ କରିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଫୁଲି ଫୁଲି**
**ନା ତାଳଗଛ ମୂଳେ ପାରିଲି ବୁଲି।**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବ ସ୍ୱାଭାବିକ। କିନ୍ତୁ ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ତୁଚ୍ଛାକୁ ଫୁଲି ଉଠନ୍ତି ବା ବାହ୍ୟ ଆଡ଼ମ୍ବର ଦେଖେଇ ହୁଅନ୍ତି। ଅନ୍ୟ ଆଗରେ ନିଜର ଫୁଲାଣିଆ ଭାବ ଦେଖେଇ ହେଉଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅଭାଗ୍ୟ କାଳେ ବିପରୀତ ବାଣୀ,**
**ଚାଳରୁ ମୂଷା ଗଡ଼ି ମାରନ୍ତି କହୁଣି।**

ଦୁର୍ଦ୍ଦିନ ପଡ଼ିଲେ ମଣିଷ ଅସହାୟ ହୋଇଯାଏ। ମଣିଷ ଉପରକୁ ଦୁଃଖର ପାହାଡ଼ ମାଡ଼ିଆସିବା ସହ ବିପଦରେ ପଡ଼ି ଘାଣ୍ଟି ଚକଟି ହେବା ସାର ହୋଇଥାଏ। ଏପରିସ୍ଥଳେ ଅତିନ୍ୟୁନ ସ୍ତରର ବ୍ୟକ୍ତି ପରାକ୍ରମ ଦେଖାଇବାକୁ ବା ଦାଉ ସାଧିବାକୁ ତିଳେ ମାତ୍ର ପଛାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ଏହାସଙ୍ଗକୁ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ ଏବଂ ଯୋଗାଯୋଗ କ୍ଷେତ୍ରରେ ମଧ୍ୟ ଶିଥିଳତା ଦେଖାଦେବ। ଆବଶ୍ୟକତା ଅନୁଭବ କରି ନୂତନ ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ** ପରିସ୍ଥିତି ତାଡନାରେ ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ପରିକଳ୍ପନା କରିଥିବା ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଆଲୋଚନା କାଳରେ ସହକର୍ମୀଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମିଥୁନ** ଅଭାବ ଅନଟନ ମାନସିକ ଶାନ୍ତିକୁ ନଷ୍ଟକରିପାରେ। ପାରିବାରିକ ସମସ୍ୟା କ୍ରମଶଃ ବଳିଯାଉଥିବାରୁ ମନର ଦୁଃଖକୁ ଲୁଚାଇ ରଖି ବନ୍ଧୁମାନଙ୍କ ସମ୍ମୁଖରେ ହସି ହସି କଥା କହିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ମଧ୍ୟମ ପ୍ରକାରର ଫଳ ମିଳିବ। ଆଜି କୌଣସି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**କର୍କଟ** ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ। ଅସମର୍ଥିତସୂତ୍ରରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ପ୍ରଶାସନିକ ସ୍ତରରେ ଏପରି କି ଶିଳ୍ପ, ବାଣିଜ୍ୟରେ ମଧ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ଆକସ୍ମିକ ଭାବରେ ସ୍ଥାନାନ୍ତର ସୂଚନା ମନକୁ ଭାରାକ୍ରାନ୍ତ କରିପାରେ।

**ସିଂହ** କର୍ମ କ୍ଷେତ୍ରରେ ବିବାଦର ସମାଧାନ କରିବାକୁ ଯାଇ ଅପମାନିତ ହୋଇପାରନ୍ତି। ପାରିବାରିକ ସ୍ତରରେ ବିଭିନ୍ନ ପ୍ରକାରର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ପୂର୍ବାଫାଲ୍‌ଗୁନୀ ନିଜର ଦକ୍ଷତା ବଳରେ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ଧାର୍ମିକ କାର୍ଯ୍ୟାରମ୍ଭ କ୍ଷେତ୍ରରେ ଆତ୍ମୀୟଙ୍କଠାରୁ ପ୍ରେରଣା ପାଇ ଖୁସି ହେବେ।

**କନ୍ୟା** ନିକଟତର ବନ୍ଧୁଙ୍କ ସହ ଆପଣଙ୍କ ସମ୍ପର୍କକୁ ଅନ୍ୟମାନେ ଖରାପ ଭାବିପାରନ୍ତି। ପୂର୍ବ ରାଗ ଶୁଝାଇବାକୁ ଯାଇ ମିତ୍ରମାନେ ଶତ୍ରୁତା ଆଚରଣ କରିବେ। ପୁରାତନ ରୋଗ, ଋଣ ଯୋଗୁ ଅଧିକାଂଶ ସମୟ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** ବିଭିନ୍ନ କାରଣକୁ କେନ୍ଦ୍ରକରି ମାନସିକ ସ୍ଥିତି ବିଶେଷ ଭଲ ରହିବନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ବନ୍ଧୁଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଆବଶ୍ୟକତା ପୂରଣ କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ବିଛା** ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ନିଜର ଆତ୍ମୀୟଙ୍କ ସହ ଆଲୋଚନା କରିପାରନ୍ତି। ଦୀର୍ଘଦିନରୁ ଲାଗି ରହିଥିବା ଜମିଜମା ବିବାଦର ଆଶୁ ଅବସାନ ଘଟିବ। କର୍ମକ୍ଷେତ୍ରରେ ଶତ୍ରୁତା ପଥରୋଧ କରୁଥିବାର ସନ୍ଦେହ କରି ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ଧନୁ** ପାରିବାରିକ କ୍ଷେତ୍ରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଉତ୍ତରାଷାଢ଼ା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଯିବାର ଆଶଙ୍କା ମଧ୍ୟ ରହିଛି। ଧୈର୍ଯ୍ୟ ଧରି କର୍ମ କରିଚାଲିଲେ ଆଂଶିକ ସଫଳତା ମିଳିପାରେ।

**ମକର** କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ପରିବାରରେ ସାଧାରଣ ଘଟଣାକୁ କେନ୍ଦ୍ରକରି ଅଶାନ୍ତି ଉପୁଜିପାରେ। ଶ୍ରବଣା ନକ୍ଷତ୍ରର ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ସୂଚନା ରହିଛି।

**କୁମ୍ଭ** ଆଜିର କାମ ସମୟରେ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ଶତଭିଷା ନକ୍ଷତ୍ର କିନ୍ତୁ ସହମତିରେ କାମ କଲେ ସଫଳତା ପାଇପାରନ୍ତି। ବିଜାତୀୟବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ପାରିବାରିକ ସ୍ଥିତି, ବ୍ୟବସାୟିକ ପରିସ୍ଥିତି ଏବଂ ଯାତ୍ରା, ବାଣିଜ୍ୟ କ୍ଷେତ୍ରରେ ଆଶା ପୂରଣ ହୋଇପାରିବ।

**ମୀନ** ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ଟେନ୍ସନ ଛାଡିବ ନାହିଁ। ବନ୍ଧୁମାନଙ୍କ ପରାମର୍ଶକୁ ଅନୁଧ୍ୟାନ କରି ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। କିନ୍ତୁ ପାରିବାରିକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ରାଜନୈତିକ ସମସ୍ୟାର ସମାଧାନ କୂଟନୀତି ମାଧ୍ୟମରେ କରିପାରିବେ।

# ଏଣିକି ୨୫% ସିଟ୍‌ରେ ମାଗଣା ନାମଲେଖା

ଭୁବନେଶ୍ୱର, ୫।୪(ବ୍ୟୁରୋ)

ଏଣିକି ଶିକ୍ଷା ଅଧିକାର ଆଇନ (ଆର୍‌ଟିଇ) ଅନୁଯାୟୀ ରାଜ୍ୟର ସମସ୍ତ ସ୍କୁଲରେ ୨୫% ମାଗଣା ସିଟ୍‌ରେ ପ୍ରଥମ ଶ୍ରେଣୀ ସହ ପ୍ଲେ ସ୍କୁଲରେ ନାମଲେଖା ହୋଇପାରିବ। ଏ ନେଇ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଶିକ୍ଷା ଅଧିକାର ଆଇନ ଅନୁସାରେ ଏଣିକି ୩ବର୍ଷ ବୟସର ପିଲାମାନେ(ଆର୍‌ଟିଇ ଅଧୀନରେ ଆସୁଥିବା ବର୍ଗ) ଯେଉଁ ଘରୋଇ ସ୍କୁଲରେ ଚାହିଁବେ ପ୍ରି-ପ୍ରାଇମେରି କ୍ଲାସ୍ (ନର୍ସରି, ଏଲ୍‌କେଜି, ୟୁକେଜି) ବା ପ୍ଲେ ସ୍କୁଲରେ ଏବଂ ୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ପିଲା ପ୍ରଥମ ଶ୍ରେଣୀରେ ମାଗଣାରେ ନାମ ଲେଖାଇପାରିବେ। ପ୍ରତ୍ୟେକ ପିଲାଙ୍କ ବୟସ ପ୍ଲେ ସ୍କୁଲ ପାଇଁ ମାର୍ଚ୍ଚ ୩୧ ସୁଦ୍ଧା ୩ରୁ ୫ବର୍ଷ ଏବଂ ପ୍ରଥମ ଶ୍ରେଣୀ ପାଇଁ ୫ରୁ ୭ବର୍ଷ ଭିତରେ ହୋଇଥିବା ଆବଶ୍ୟକ। ଏଥିସହ ଆର୍ଥିକ ଅନଗ୍ରସର କ୍ଷେତ୍ରରେ ଅଭିଭାବକଙ୍କ ପାଇଁ ବାର୍ଷିକ ଆୟ ସର୍ବାଧିକ ୧ଲକ୍ଷ ୮୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ଚାଇଲ୍ଡ ୱିଥ୍ ସ୍ପେଶିଆଲ ନିଡ୍ (ସିଡବ୍ଲ୍ୟୁଏସ୍ଏନ୍) ବର୍ଗର ୩ରୁ ୯ ବର୍ଷ ବୟସର ପିଲା ଯେଉଁ ସ୍କୁଲରେ ସିଟ୍ ଥିବ ସେଠାରେ ନାମ ଲେଖାଇପାରିବେ ବୋଲି ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଛି।

■ ପ୍ରଥମଶ୍ରେଣୀ ସହ ପ୍ଲେ ସ୍କୁଲରେ ନାମ ଲେଖାଇପାରିବେ ପିଲା
■ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ

ସୂଚନାଯୋଗ୍ୟ, ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଘରୋଇ ସ୍କୁଲରେ ୨୫% ସିଟ୍‌ରେ ଅବହେଳିତ ଶ୍ରେଣୀର ପିଲାଙ୍କୁ ମାଗଣା ପାଠ ପଢ଼ିବାର ବ୍ୟବସ୍ଥା ୨୦୦୯ରୁ ରହିଛି। କିନ୍ତୁ ତାହା କାର୍ଯ୍ୟକାରୀ ହେଉ ନ ଥିଲା। ଓଡ଼ିଶା ଅଭିଭାବକ ମହାସଂଘର ବାରମ୍ବାର ଦାବି ଓ ଆନ୍ଦୋଳନ ପରେ ଗତବର୍ଷ ରାଜ୍ୟ ସରକାର ଆର୍‌ଟିଇ-ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ ଏହି ସିଟ୍‌ରେ ନାମଲେଖା ଆରମ୍ଭ କଲେ। ହେଲେ ପ୍ରଚାର ପ୍ରସାର ଓ ସଚେତନତା ଅଭାବ ଯୋଗୁ ମାତ୍ର ୫ହଜାର ପିଲା ନାମ ଲେଖାଇଥିଲେ। ଅତି କମ୍‌ରେ ଏହି ସ୍କିମ୍‌ରେ ୬୭ହଜାର ପିଲା ମାଗଣାରେ ପାଠ ପଢ଼ିଥାନ୍ତେ। ଗତବର୍ଷ ଏହି ପୋର୍ଟାଲରେ କିଛି ତ୍ରୁଟି ଥିଲା। ଯେଉଁ ସ୍କୁଲଗୁଡ଼ିକରେ ପ୍ରି-ପ୍ରାଇମେରି ବା ନର୍ସରି ଲେଭଲରେ ଏଣ୍ଟ୍ରି ପଏଣ୍ଟ ଥିଲା ସେମାନେ ଚଞ୍ଚକତା କରିବାରୁ ପିଲା ନାମଲେଖାଇ ପାରିଲେନାହିଁ। ତେଣୁ ଚଳିତବର୍ଷ ଏହି ସ୍କିମ୍‌ରେ ପ୍ରଥମ ଶ୍ରେଣୀ ସହିତ ଏଣ୍ଟ୍ରି ଲେଭ୍ଲ ବା ପ୍ଲେ ଶ୍ରେଣୀରେ ନାମଲେଖା ପାଇଁ ନୂଆ ଗାଇଡ୍‌ଲାଇନ କରିବାକୁ ଅଭିଭାବକ ମହାସଂଘ ଗଣଶିକ୍ଷା ବିଭାଗକୁ ଦାବି ଜଣାଇଥିଲା। ଏହା କାର୍ଯ୍ୟକାରୀ ନ ହେଲେ ଆନ୍ଦୋଳନକୁ ଯିବା ପାଇଁ ଚେତାବନୀ ମଧ୍ୟ ଦେଇଥିଲା। ଏବେ ଗଣଶିକ୍ଷା ବିଭାଗ ଏ ସଂକ୍ରାନ୍ତରେ ସଂଶୋଧିତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେଥିପାଇଁ ମହାସଂଘ ସରକାରଙ୍କୁ ଧନ୍ୟବାଦ ଜଣାଇବା ସହିତ ଏହି ଆଇନର ଉପଯୋଗ କରି ଓଡ଼ିଶାର ଅଭିଭାବକମାନେ ବିଭିନ୍ନ ଘରୋଇ ସ୍କୁଲରେ ପିଲାମାନଙ୍କୁ ମାଗଣାରେ ଦେୟ ମୁକ୍ତ ସିଟ୍‌ରେ ନାମଲେଖାଇବାକୁ ନିବେଦନ କରିଛି। ନିର୍ଦ୍ଦେଶନାମାର ଠିକ ଭାବେ କାର୍ଯ୍ୟକାରୀ ହେଲେ ବହୁ ପିଲା ପାଠ ପଢ଼ି ସେମାନଙ୍କ ଭବିଷ୍ୟତ ଗଢ଼ିପାରିବେ ବୋଲି ଅଭିଭାବକ ମହାସଂଘ ପକ୍ଷରୁ କୁହାଯାଇଛି।

## ୪୦ ବର୍ଷ ପରେ...

ପ୍ରଥମ ପୃଷ୍ଠାରୁ...

ନିଆଯାଏ ତେବେ ରାଜକୋଷରୁ ୧୮,୧୪୭.୯ କୋଟି ଟଙ୍କା ଅଧିକ ବ୍ୟୟବରାଦ କରାଯାଇଛି। ୨୦୨୦ ମାର୍ଚ୍ଚ ସୁଦ୍ଧା ଏହି ପ୍ରକଳ୍ପ ବାବଦରେ ୧୨,୭୪୨.୬୩ କୋଟି ଟଙ୍କା ଖର୍ଚ୍ଚ କରାଯାଇ ସାରିଲାଣି। ସେଥିରୁ ମାତ୍ର ୩ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିବା ବେଳେ ୪ଟି କାର୍ଯ୍ୟ ଚାଲୁ ରହିଛି। ପ୍ରକଳ୍ପ ବିଳମ୍ବ ପାଇଁ ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଅନୁମତି, ଡିପିଆର ବୃତ୍ତାନ୍ତ କରିବାରେ ବିଳମ୍ବ ଆଦିକୁ ଦାୟୀ କରାଯାଇଛି। ଏମ୍‌ଏଲ୍‌ପି ପ୍ରକଳ୍ପକୁ ବାଦ୍ ଦେଲେ ଅନ୍ୟ ସମସ୍ତ ପ୍ରକଳ୍ପଗୁଡ଼ିକର ମୂଲ୍ୟ ୧୮୨ ପ୍ରତିଶତରୁ ୪,୫୯୬ ପ୍ରତିଶତକୁ ବୃଦ୍ଧିପାଇଛି ବୋଲି ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି। ପ୍ରକଳ୍ପ ଖର୍ଚ୍ଚ ପାଇଁ ପାଣିଭଳି ଟଙ୍କା ବ୍ୟୟ କରାଯାଉଥିବାବେଳେ କେବଳ ଅପର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ୨୦୨୧ ମାର୍ଚ୍ଚ ସୁଦ୍ଧା ଅନ୍ୟ ପ୍ରକଳ୍ପଗୁଡ଼ିକ ଅଗ୍ରଗତି ପର୍ଯ୍ୟାୟରେ ରହିଛି। ଏହି ପ୍ରକଳ୍ପଗୁଡ଼ିକ ସମାପ୍ତ ପାଇଁ ଆହୁରି ମୂଲ୍ୟ ବୃଦ୍ଧି ହେବାର ସମ୍ଭାବନା ରହିଛି ବୋଲି ସିଏଜି କହିଛନ୍ତି। ଆର୍ଥିକ ପରିଚାଳନାରେ ଅନିୟମିତତା, କେନ୍ଦ୍ରୀୟ ସହାୟତା ଫେରିଯିବା, ବିଭିନ୍ନ ବ୍ୟାଙ୍କରେ ଟଙ୍କା ପଡ଼ି ରହିବା, ରାଜସ୍ୱ ଟଙ୍କା ପଇଠ ନ ହେବା ଯୋଗୁ ପ୍ରକଳ୍ପ କାର୍ଯ୍ୟ ମନ୍ଥର ହେବା ଓ ସରକାରଙ୍କ ଉପରେ ଆର୍ଥିକ ବୋଝ ବଢ଼ିଯାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଭାଗୀୟ ଅଧିକାରୀମାନଙ୍କ ଅପାରଗତା ଓ ଖାମଖିଆଲ ମନୋଭାବ ଯୋଗୁ ପ୍ରକଳ୍ପ ଧାର୍ଯ୍ୟ ସମୟରେ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ପ୍ରକଳ୍ପ ପାଇଁ ପର୍ଯ୍ୟାପ୍ତ ପାଣ୍ଠି ସତ୍ତ୍ୱେ ଅର୍ଥ ବିନିଯୋଗରେ ବ୍ୟାପକ ଅବହେଳାରୁ ରାଜକୋଷ ଉପରେ ଅତିରିକ୍ତ ବୋଝ ଲଦି ହୋଇଯାଇଛି। ପ୍ରକଳ୍ପ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କର ବେପରୁଆ ଦାୟିତ୍ୱ ନିର୍ବାହ ଯୋଗୁ ସରକାରଙ୍କ ଉପରେ ଖର୍ଚ୍ଚ ବୋଝ ବଢ଼ିଛି। ସମସ୍ତ ଆର୍ଥିକ ଅନିୟମିତତା ପାଇଁ ସରକାର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ଉପରେ ଉତ୍ତରଦାୟିତ୍ୱ ସ୍ଥିର କରିବା ସହ ପ୍ରକଳ୍ପର ଆର୍ଥିକ ପରିଚାଳନା ଉପରେ ବିଭାଗ କଡ଼ା ନଜର ରଖିବାକୁ ସିଏଜି ସୁପାରିସ କରିଛନ୍ତି।

## ଏଟିଏମ୍ ତାଡ଼ି...

କମିଶନରେଟ ପୋଲିସ କହିଛି। ଦୁର୍ବୃତ୍ତଙ୍କୁ ଧରିବା ପାଇଁ ନିକଟବର୍ତ୍ତୀ ୩ ଥାନା ଅଞ୍ଚଳର ପୋଲିସଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ବୋଲି ଡିସିପି ଉମାଶଙ୍କର ଦାଶ କହିଛନ୍ତି। ସୂଚନାନୁସାରେ ସୋମବାର ବିଳମ୍ବିତ ରାତିରେ ଶିଶୁପାଳଗଡ ଇନ୍ଦିରାକଲୋନୀରେ ଥିବା ଏସବିଆଇ ଏଟିଏମ୍‌କୁ ୩ଜଣ ଦୁର୍ବୃତ୍ତ ମୁଖା ପିନ୍ଧିପଶିଥିଲେ। ଏହାପରେ ସେଠାରେ ଏଟିଏମ୍‌ରୁ ଟଙ୍କା ନେବା ପାଇଁ ଚେଷ୍ଟା କରିଥିଲେ। ହେଲେ ବିଫଳ ହେବାରୁ ଦୁର୍ବୃତ୍ତମାନେ କିଛି ଉପାୟ ନ ପାଇ ଏଟିଏମ ମେଶିନକୁ କାଟି ନେଇ ଫେରାର ହୋଇଯାଇଥିଲେ। ମଙ୍ଗଳାବର ସକାଳେ ଲୋକେ ପଇସା ଉଠାଇବାକୁ ଯାଇଥିବା ବେଳେ ସେଠାରେ ଏଟିଏମ ମେଶିନ ନ ଥିବା ଜାଣିବାକୁ ପାଇଥିଲେ। ଏନେଇ ତୁରନ୍ତ ସେମାନେ ଧଉଳି ଥାନାରେ ଖବର କରିଥିଲେ। ଏହାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଦୟାନଦୀ କୂଳରୁ ଗାଡ଼ି ସହ ଏଟିଏମ୍‌କୁ ଜବତ କରିଥିଲା। ଏଠାରେ ପ୍ରଶ୍ନ ଉଠୁଛି ଏଟିଏମ୍‌ରେ ଆଲାର୍ମ ବ୍ୟବସ୍ଥା ଥାଇ ମଧ୍ୟ ଏହା କେମିତି ଲୁଟ୍ ବେଳେ କାମ କଲାନି? ଲୁଟେରାମାନେ ଏତେ କମ୍ ସମୟରେ ପ୍ରାୟ ୩କ୍ୱିଣ୍ଟାଲ ଓଜନର ମେଶିନକୁ କେମିତି ତାଡ଼ିଲେ ଏବଂ ମେଶିନ ଭାଙ୍ଗି ଟଙ୍କା ନେବାରେ କିପରି ସଫଳ ହେଲେ? ଏଟିମ୍ ସୁରକ୍ଷା ବ୍ୟବସ୍ଥା ସହ ଜଡ଼ିତ କୌଣସି ଲୋକଙ୍କ ସଂପୃକ୍ତ ନାହାନ୍ତି ତ? ଏଭଳି ଅନେକ ପ୍ରଶ୍ନ ଉଠୁଥିବାବେଳେ ଲୁଟେରାଙ୍କୁ ଧରିବା ଲାଗି ସ୍ୱତନ୍ତ୍ର ଗୋଟିଏ ଟିମ୍ ଗଠନ କରାଯାଇ ପୋଲିସର ତଦନ୍ତ ଜାରି ରହିଛି। ତେବେ ଦୁର୍ବୃତ୍ତମାନେ ଓଡ଼ିଶାର କି ଓଡ଼ିଶା ବାହାର ଏଯାବତ୍ ଜଣାପଡିନାହିଁ। ଯାହା କମିଶନରେଟ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ବୈଷୟିକ ଟିମ୍‌ର କହିବା ହେଲା ଲୁଟେରାମାନେ ପ୍ରଥମେ ଏଟିଏମ୍‌ର ଇଲେକ୍ଟ୍ରିକ୍ କନେକ୍ସନ କାଟିଥିଲେ। ପରେ ନେଟୱର୍କ ଡିଜାବଲ୍ କରିବା ପରେ ସିସିଟିଭି କ୍ୟାମେରା ଭାଙ୍ଗି ଦେଇଛନ୍ତି। ଏହାପରେ ଏଟିଏମକୁ ତାଡ଼ି ତାକୁ ନେଇଯିବାରେ ସଫଳ ହୋଇଛନ୍ତି। ଏନେଇ ଡିସିପି ଉମାଶଙ୍କର ଦାସ କହିଛନ୍ତି ଲୁଟର ତରିକା ଦେଖିଲେ ଏଟିଏମ୍ ଲୁଟିଥିବା ଲୁଟେରା ପେଶାଦାର ଭଳି ଲାଗୁଛନ୍ତି। ପାରିପାର୍ଶ୍ୱିକ ସ୍ଥିତିରୁ ଲୁଟ ପୂର୍ବରୁ ଲୁଟେରାମାନେ ସ୍ଥାନୀୟ ଅଞ୍ଚଳରେ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ଏଟିଏମ୍ ଲୁଟ ବେଳେ କୌଣସି ସାଇରନ ବାଜି ନ ଥିବାରୁ ସୁରକ୍ଷାରେ ତ୍ରୁଟି ଥିଲା ବୋଲି ସେ କହିଛନ୍ତି।


# classifieds

**Everyday 0674-2580101, 2549302**



### BRIDE WANTED

ବିବାହ ପାଇଁ ବରପାତ୍ର ଖୋଜୁଛନ୍ତି କି? ସବୁ ଜାତିର ଉତ୍ତମ ବରପାତ୍ର ପାଇଁ- 7653898752. D-68290

### GROOM WANTED

ଏକାକୀ ରହୁଥିବା ଭୁବନେଶ୍ୱରସ୍ଥିତ ୬୫ ବୟସ୍କା Pension Holder ନିଃସନ୍ତାନ ବିଧବା ବ୍ରାହ୍ମଣ ଝିଅଙ୍କୁ ବରପାତ୍ର ଆବଶ୍ୟକ। 9437688033. D-023

Extremely Beautiful Khandayat Girl, 1997/5'5" (PG-English), Require Service Holder, Varsha- 7205309255, 9938153405. D-038

ବିବାହ ପାଇଁ କନ୍ୟାପାତ୍ରୀ ଖୋଜୁଛନ୍ତି କି? ସବୁ ଜାତିର ସୁନ୍ଦର କନ୍ୟାପାତ୍ରୀ ପାଇଁ- 7653898752. D-68291



### SALE

Gharabari boundary plot at Chhatabara, Little Odisha housing project, adjacent to Pitapalli-Cuttack NH. 7008563697. D-035

3 Acre Land for Sale on NH-16 near Khurda Collectorate for 6 Crore. 7980909139. D-23515

ଭୁବନେଶ୍ୱର ସୁନ୍ଦରପଦା-ଜଟଣୀ ରାସ୍ତାରେ Xavier University ଏବଂ Aditya Birla School ପାଖରେ possession ପ୍ଲଟ୍ ମିଳୁଛି। 8249292535, 7377376856. D-73215

ଭୁବନେଶ୍ୱର Gita/ Gandhi କଲେଜରୁ 1k.m. BDA Satellitecityକୁ ଲାଗି 30' ରାସ୍ତା ଥାଇ boundary ପ୍ଲଟ୍ 30ft.- 750/-. 9439918431, 8249603324. D-73222

ଜଟଣୀଗେଟ୍‌ରୁ କିଛି ଦୂରତାରେ sqft.- 450/-, sqft.- 350/-, sqft.-220/- ପର୍ଯ୍ୟନ୍ତ ଜାଗା ଅଛି। Immediately registration & possession. 9348232008, 9556055607. D-014

Fully furnished apartment @73L, Madanpur, Bhubaneswar, Semi furnished apartment at Patrapada and commercial at LaxmiSagar @7000/- sqft. & 35L at Madanpur. 6370834658, 9439434700. D-73223

Gharabari ready to construction plot sale 1.5k.m. from Patia Railway station @1300/-, gharabari plot Puri bypass 1.5.k.m. Kesura Mangaraj point, Bhubaneswar- sqft.-2700/- first possesion then registration. 8249602844. D-73221

Studio and 1BHK Apartment with all furnished available at Srikhetradham, Puri. 9348332283, 9861593321. D-017

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71970

Developed gharabari plot sale at Krushnasaranpur near Patia sqft.-750/-, 1250/- immediate construction. 9937746615. D-73220

ଉତ୍ତରା ଛକ ବାଳକାଟି market ନିକଟରେ developed, gharabari boundary plot କିଣନ୍ତୁ। 9937166932. D-23509

ଭୁବନେଶ୍ୱରଠାରୁ ସାତ କିଲୋମିଟର ଦୂର Balianta Area ଘରବାରି ପ୍ଲଟ୍ ବିକ୍ରିହେବ। sqft. Rs-750/- immediate construction. Contact No.- 7008992019. D-025



Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-23456

### GENERAL

### SALE

A.C. Sale
Carrier window A.C. 1.5 ton domestically used in excellent running sale 12,000/- fixed. Contact: 8458080690. D-018



2BHK well located modern flat available for rent Rs.- 15000/- (negotiable) with conditions on GGP Pandra road in Avantika Apartment near Gokul Residency. Contact: 8984692488 during Office hour. D-71627

Three Rooms, Dining, Kitchen, Veranda, near GGP Colony, Pandara road. 8249484647. D-003

Single room furnished 4000/-, singleroom attached Toilet, Kitchen- 5000/-, plot-5, Kharvelnagar near Kesharitalkies, Bhubaneswar. 9238647661. D-71021



"Required Bolero, Scorpio, Dzire for Monthly Hire Basis. 9776032030, Nttplodisha@gmail.com". D-039

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



Newly open full body massage ladies and gents. 8327740003. D-71884

Newly open SPA positively health benifit with expert. Contact: 7749976301. D-71973

"Spa & Massage & Steam-Bath. Contact -Trupti Spa 9861550765.". D-037

Relax, Refresh your body, Mind at Saikrupa Spa with best therapies. 8984068077. D-23511

Mesmerizing, energetic body, mind qualitative relaxing massage experienced therapists. 9668374480. D-71972

Herbal full body relax massage by trend lady therapist. 7008773793. D-71485

Newly open SPA positively health benefits by expert therapist. 8455987557. D-71484

### AFFIDAVIT

By the virtue of an affidavit dt.05.04.22 before the Court of Executive Magistrate, Bhubaneswar, I Susanta Das, At/ PO.- Kharinasi, Vi- Mahakalpara, Dist.- Kendrapara have changed my name from Sushanta Das to Susanta Das for all purposes. D-034

ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଖୋର୍ଦ୍ଧାଙ୍କ ପାଖରେ ଶପଥ କରୁଅଛିକି, ମୁଁ ଜ୍ୟୋସ୍ନାରାଣୀ ପାଲଟାସିଂ, ପି- କରୁଣାକର ପାଲଟାସିଂ, ଗ୍ରା/ପୋ- ନନ୍ଦିଘର, ଶରଣକୂଳ, ଜି- ନୟାଗଡ଼ ମୋର ଆଗ ନାମକୁ ବଦଳାଇ ଜ୍ୟୋସ୍ନାରାଣୀ ଛଳସିଂ କରୁଅଛି। ଏହା ପ୍ରତ୍ୟେକ କାର୍ଯ୍ୟରେ ଆସିବ। ଧ-୦୪୦


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

" ଅତିମାନବ ନୁହଁ ଏକ ଉନ୍ନତ ମାନବର ଉଚ୍ଚତମ ନିର୍ଦ୍ଧାରିତ ଶୃଙ୍ଗ ଉପରେ ଆରୋହୀ ମାନବ। ସେ ମଧ୍ୟ ମାନବୀୟ ଜ୍ଞାନ, ଶକ୍ତି, ବୁଦ୍ଧି, ସଂକଳ୍ପ, ଚରିତ୍ର, ପ୍ରତିଭା, ଗତିଶୀଳ ଶକ୍ତି, ସତ୍ତ୍ୱ, ପ୍ରେମ, ପବିତ୍ରତା କିମ୍ବା ପରିପୂର୍ଣ୍ଣତାର ପ୍ରତୀକ ନୁହେଁ। ... ସେ ମଣିଷ ପ୍ରକୃତିର ଉଚ୍ଚତମ ଚେତନାଠାରୁ ଉଚ୍ଚରେ ଅତିମାନସ ଚେତନାର ଅଧିକାରୀ। –ଶ୍ରୀଅରବିନ୍ଦ

# ଅସୁନ୍ଦରୀଙ୍କ ସହ ଅସୁନ୍ଦର

ପାଠ୍ୟପୁସ୍ତକ ଜରିଆରେ ଛାତ୍ରୀଛାତ୍ରଙ୍କ ମନରେ ସକାରାତ୍ମକ ଚିନ୍ତା ସୃଷ୍ଟି କରିବା ଲାଗି ସର୍ବଦା ପ୍ରୟାସ ହେବା କଥା। କିନ୍ତୁ ଦେଖାଯାଉଛି ୨୦୧୪ରେ କେନ୍ଦ୍ରରେ କ୍ଷମତାସୀନ ହୋଇଥିବା ସରକାର ଅନେକ କ୍ଷେତ୍ରରେ ଇତିହାସକୁ ବଦଳାଇବା ସହ ବିଦ୍ୟାର୍ଥୀଙ୍କୁ 'ନୂଆ ଭାରତ'ରେ ଦୀକ୍ଷିତ କରିବାକୁ ଚାହୁଁଛନ୍ତି। ବହୁବର୍ଷ ଧରି ପ୍ରଚଳିତ ହୋଇଆସିଥିବା ବିଷୟବସ୍ତୁ ତା'ର ପ୍ରାସଙ୍ଗିକତା ହରାଇ ବସିଥିବା କହି ପାଠ୍ୟକ୍ରମରେ ପରିବର୍ତ୍ତନ ଆଣି ଶାସକ ବର୍ଗ ନିଜ ଆଦର୍ଶକୁ ସେଥିରେ ସନ୍ନିବେଶିତ କରୁଥିବା ଦେଖାଯାଉଛି। ସଦ୍ୟ ବିବାଦକୁ ଦେଖିଲେ ଭାରତୀୟ ନର୍ସିଂ କାଉନ୍‌ସିଲ (ଆଇଏନ୍‌ସି) ପାଠ୍ୟକ୍ରମରେ ସାମିଲ ହୋଇଥିବା ଟି. କେ. ଇନ୍ଦ୍ରାଣୀଙ୍କ ଲିଖିତ ସମାଜ ବିଜ୍ଞାନ ବହିରେ ଉଲ୍ଲେଖ କରାଯାଇଛି ଯେ, ଅସୁନ୍ଦରୀମାନେ ଯୌତୁକ ଯୋଗୁ ବାହା ହୋଇପାରୁଛନ୍ତି। ସେଥିରେ ଲେଖାଯାଇଛି ଯୌତୁକ ବାବଦରେ ଘରକୁ ନୂଆ ଆସବାବପତ୍ର, ଗାଡ଼ି ଆଦି ଅଣାଯାଇ ପାରୁଥିବାରୁ ଏହା ଦ୍ୱାରା ପୈତୃକ ସମ୍ପତ୍ତିରୁ ଝିଅ ନିଜ ଭାଗ ପାଇପାରୁଛନ୍ତି। ଏଥିସହିତ ଏହା ମଧ୍ୟ ଲେଖାଯାଇଛି, ଯୋଗ୍ୟ ପୁଅମାନେ ଏଭଳି ଏକ ସାମଗ୍ରୀ ପାଲଟିଯାଇଛନ୍ତି, ଯାହାଙ୍କ ଘୋର ଅଭାବ ଦେଖାଦେଇଛି। ଏହି ପୁସ୍ତକରେ ଆହୁରି ଉଲ୍ଲେଖ ଥିବା ବିଷୟ ହେଉଛି ଯେ, ବୋହୂଠାରୁ ମିଳୁଥିବା ଯୌତୁକ ସାହାଯ୍ୟରେ ଝିଅ ବିବାହ କରିବା ସହଜ ହୋଇପଡୁଛି। ଆଶ୍ଚର୍ଯ୍ୟର କଥା ଯେ, ଏହି ପୁସ୍ତକକୁ ଜଣେ ମହିଳା ଲେଖିଛନ୍ତି। ଉକ୍ତ ବହିର ବିବାଦୀୟ ପୃଷ୍ଠାର ଏକ ଫଟୋ ଶିବସେନା ନେତ୍ରୀ ତଥା ରାଜ୍ୟ ସଭା ସଦସ୍ୟା ପ୍ରିୟଙ୍କା ଚତୁର୍ବେଦୀ ଟୁଇଟରରେ ଶେୟାର କରିବା ପରେ ଏହା ଭାଇରାଲ ହୋଇଛି।

> **ଅନେକ ତଥାକଥିତ 'ଆଧୁନିକ' ପୁଅ ସାଧାରଣରେ କହୁଥାଇପାରନ୍ତି ଯେ ବିବାହ ବେଳେ କୌଣସି ଯୌତୁକ ନେଇ ନ ଥିଲେ। କିନ୍ତୁ ଅଳ୍ପ ସମୟ କଥା ହେଲେ ଜଣାପଡ଼େ ଯେ, ଯାହାସବୁ ଝିଅଘରୁ ଆସିଥିଲା ତାହା କୁଆଡ଼େ ଶାଶୁଶ୍ୱଶୁର ନିଜ ଆଡୁ ବାଧ୍ୟକରି ଦେଇଦେଇଥିଲେ।**

ନାରୀ ସଶକ୍ତୀକରଣ ଓ ଶିକ୍ଷା ଦିଗରେ ବହୁବିଧ ପଦକ୍ଷେପ ନିଆଯାଉଥିବା କୁହାଯାଉଛି। ଭାରତରେ ଯୌତୁକକୁ ଅପରାଧ ଭାବେ ଗଣାଯିବା ସହ ଆଇନ ବିରୋଧରେ ଯାଉଥିବା ବ୍ୟକ୍ତିଙ୍କୁ ଦଣ୍ଡିତ କରିବାର ବ୍ୟବସ୍ଥା ରହିଛି। ଭାରତୀୟ ବିବାହ ପରମ୍ପରାରେ ଝିଅମାନଙ୍କୁ ବାହା ଦେବା ବେଳେ ମାତାପିତା ଓ ସମ୍ପର୍କୀୟ କିଛି ଉପହାର ଦେଇଥାଆନ୍ତି। କିନ୍ତୁ ବରପକ୍ଷରୁ ହେଉଥିବା ଦାବି ମୁତାବକ ଅର୍ଥ ବା ସାମଗ୍ରୀ ଦିଆଯାଇଥିବା ପ୍ରମାଣିତ ହେଲେ ତାହା ଯୌତୁକ ପର୍ଯ୍ୟାୟଭୁକ୍ତ ହୋଇଥାଏ ଏବଂ ସ୍ଥଳବିଶେଷରେ ଏଥିପାଇଁ ନିର୍ଯାତନା ଦେଉଥିବା ବ୍ୟକ୍ତିମାନେ ଦଣ୍ଡିତ ହୋଇଥାଆନ୍ତି। ଭାରତର ବାସ୍ତବ ସ୍ଥିତିକୁ ଦେଖିଲେ ଜାତୀୟ ଅପରାଧ ରେକର୍ଡସ ବ୍ୟୁରୋ (ଏନ୍‌ସିଆର୍‌ବି)ର ୨୦୨୧ରେ ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୨୦ରେ ୬,୯୬୬ ଜଣ ମହିଳାଙ୍କ ମୃତ୍ୟୁ ଯୌତୁକଜନିକ କାରଣରୁ ଘଟିଛି। ଆଜିର ଭାରତରେ ମଧ୍ୟ ଶିକ୍ଷିତ ପରିବାରରେ ଯୌତୁକକୁ କେହି ବିରୋଧ କରୁନାହାନ୍ତି। ଅନେକ ତଥାକଥିତ 'ଆଧୁନିକ' ପୁଅ ସାଧାରଣରେ କହୁଥାଇପାରନ୍ତି ଯେ ବିବାହ ବେଳେ କୌଣସି ଯୌତୁକ ନେଇ ନ ଥିଲେ। କିନ୍ତୁ ଅଳ୍ପ ସମୟ କଥା ହେଲେ ଜଣାପଡ଼େ ଯେ, ଯାହାସବୁ ଝିଅଘରୁ ଆସିଥିଲା ତାହା କୁଆଡ଼େ ଶାଶୁଶ୍ୱଶୁର ନିଜ ଆଡୁ ବାଧ୍ୟକରି ଦେଇଦେଇଥିଲେ। କିନ୍ତୁ ଅଯୋଗ୍ୟ ପୁଅଙ୍କର କୌଣସି 'ଡିମାଣ୍ଡ' ନ ଥିଲା ବୋଲି ମୁରୁକେଇ ମୁରୁକେଇ କହିଥାଆନ୍ତି। ଅନ୍ୟ ଏକ ଛବି ମଧ୍ୟ ରହିଛି, ଯେଉଁଥିରେ ଯୌତୁକର ଦାବି ହ୍ରାସ ପାଇଥାଏ। ଯଦି ବିବାହ କରିବାକୁ ଥିବା ଝିଅ ଚାକିରି କରି ପ୍ରତ୍ୟେକ ମାସ ଦରମା ଆକାରରେ ଯୌତୁକ ଆଣୁଥିବ ମା'ବାପାଙ୍କ ଉପରେ ଯୌତୁକ ଦେବାର ଚାପ କମିଯାଏ ଏବଂ ରୋଜଗାରିଆ ବୋହୂ ତାଙ୍କ ଶାଶୁଘରେ ଅଳ୍ପ କିଛିଟା ସମ୍ମାନ ପାଇବାର ଯୋଗ୍ୟତା ହାସଲ କରିଥାଆନ୍ତି। ଅପରପଟେ ବହିରେ ଯାହା କୁହାଯାଇଛି ଯେ ଅସୁନ୍ଦରୀ ଝିଅ ପାଇଁ ଅଧିକ ଯୌତୁକ ଦେବାକୁ ପଡ଼ିଥାଏ, ତାହା ଏକ ଅତ୍ୟନ୍ତ ଭ୍ରାନ୍ତ ଚିନ୍ତାଧାରା ହୋଇଥିଲେ ମଧ୍ୟ ଆମ ବିକୃତ ସମାଜରେ ତାହାକୁ ଅତି ସହଜରେ ଗ୍ରହଣ କରିନିଆଯାଉଛି। ଏହାର ଅର୍ଥ ହେଲା ଭାରତୀୟ ସମାଜରେ ଯୌତୁକର ଜଘନ୍ୟ ପ୍ରଥା ଅତ୍ୟନ୍ତ ସୁସ୍ଥ ଓ ସବଳ ରହିଛି। ଏଭଳି ପ୍ରଚ୍ଛଦପଟରେ ଟି. କେ. ଇନ୍ଦ୍ରାଣୀଙ୍କ ପୁସ୍ତକ କାହାରିକୁ ବ୍ୟସ୍ତ କରୁନାହିଁ। ଏହି କଥାକୁ ରାଜନୈତିକ ବ୍ୟକ୍ତି ସୋସିଆଲ ମିଡିଆ ମାଧ୍ୟମରେ ଲୋକଲୋଚନକୁ ଆଣିଲେ। କିନ୍ତୁ ବିଗତ ବର୍ଷଗୁଡ଼ିକରେ ଅନେକ ହଜାର ନର୍ସିଂ ଛାତ୍ରୀ ଏହି ପୁସ୍ତକକୁ ପଢ଼ି ପ୍ରତିକ୍ରିୟା ପ୍ରକାଶ କରିବାକୁ ଆବଶ୍ୟକ ମନେ କରି ନ ଥିଲେ।

କେବଳ ଏହି ପାଠ୍ୟପୁସ୍ତକରେ ରହିଥିବା ବିଷୟ ସାମାଜିକ ଅସଙ୍ଗତିକୁ ଦର୍ଶାଉ ନାହିଁ, ଏହା ପୂର୍ବରୁ ଏକାଧିକ ଘଟଣା ସାମ୍ନାକୁ ଆସିଛି। ଗତବର୍ଷ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀର ଟର୍ମ-୧ର ଇଂଲିଶ ପରୀକ୍ଷାରେ ନାରୀ ସ୍ୱାଧୀନତା ବିରୋଧୀ ବିଷୟ ପଚରାଯାଇଥିଲା। ଉକ୍ତ ଲେଖା ଜରିଆରେ ମହିଳାମାନଙ୍କୁ ଉପଦେଶ ଦିଆଯାଇଥିଲା ଯେ, ସ୍ୱାମୀଙ୍କ ଚରଣ ସ୍ପର୍ଶ ହୋଇ ରହିପାରିଲେ ପିଲାଙ୍କୁ ଆୟତ୍ତ କରି ରଖିହେବ। ୧୫ ଡିସେମ୍ବର ୨୦୨୧ରେ ଏହି ସ୍ତମ୍ଭରେ 'ନକାରାତ୍ମକ ସିବିଏସ୍‌ଇ' ଶୀର୍ଷକରେ ଆମେ ଲେଖା ପ୍ରକାଶ କରିଥିଲୁ। ଏଥିରେ କହିଥିଲୁ ଯେ, ସିବିଏସ୍‌ଇ ଦ୍ୱାରା ଉଲ୍ଲେଖ କରାଯାଇଥିବା ବିଷୟରେ କେବଳ ମହିଳାମାନଙ୍କୁ ନ୍ୟୂନ କରାଯାଇଛି ତାହା ନୁହେଁ, ଭାରତର ପ୍ରତ୍ୟେକ ପରିବାରରେ ଥିବା ପିଲାଙ୍କୁ କିଭଳି ଲଗାମ ଲଗାଇ ରଖାଯିବ ତାହାର ବାଟ ଦେଖାଇ ଦିଆଯାଇଛି।

ପାଠ୍ୟକ୍ରମ ମାଧ୍ୟମରେ ଏହିଭଳି ନକାରାତ୍ମକ ଚିନ୍ତାଧାରା ଛାତ୍ରୀଛାତ୍ରଙ୍କ ମୁଣ୍ଡରେ ପୂରାଇବାର ଉଦ୍ୟମ ସାମାଜିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ମାରାତ୍ମକ। ଅଭିଭାବକଙ୍କ ତରଫରୁ ଏଭଳି ମାନସିକତାକୁ ତତ୍‌କ୍ଷଣାତ୍ ବିରୋଧ କରା ନ ଯିବା ସଙ୍କେତ ଦେଉଛି ଯେ, ଭାରତର ସମାଜ ଅତ୍ୟନ୍ତ ରିଗ୍ରେସିଭ୍ ବା ପଶ୍ଚାତ୍‌ପଦ।

# ଉଦ୍‌ବେଳନ ଓ ଅନୁଶୀଳନ



ଡ. ଗୌରୀଶଙ୍କର ସାହୁ

ମୁଁ ଯେତେବେଳେ ଶାହାପୁରସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ ପରିସରରେ ଯୋଗଦେଲି ଭଡ଼ାଘରଟିଏ ପାଇବା ପାଇଁ ବଡ଼ କସରତ କରିବାକୁ ପଡ଼ିଥିଲା। ବିଶ୍ୱବିଦ୍ୟାଳୟରେ କ୍ୱାର୍ଟର୍ସ ନ ଥିବାରୁ ଦ୍ରମଣ, ଶାହାପୁର, ରାଏତ୍ ପ୍ରଭୃତି ଅଞ୍ଚଳ ଯାହା ବିଶ୍ୱବିଦ୍ୟାଳୟ ଆଖପାଖରେ ଅବସ୍ଥିତ, ସେଠାରେ ଭଡ଼ାଘର ନେବାକୁ ପଡୁଥିଲା। ଶାହାପୁର ହିମାଚଳ ପ୍ରଦେଶର ଗୋଟିଏ ଉପଖଣ୍ଡ ମୁଖ୍ୟାଳୟ। କୌଣସି ଶିଳ୍ପକ୍ଷେତ୍ର ଏହାର ଆଖପାଖରେ ନାହିଁ। ଭଡ଼ାଘରଟିଏ ମିଳିବାରେ ଏତେ ଅସୁବିଧା କାହିଁକି? ହୋଇପାରେ ବାହାର ଲୋକ ଆଖପାଖରୁ ସେତେ ଅଧିକ ଆସୁ ନ ଥିବାରୁ ସ୍ଥାନୀୟ ଲୋକେ ଘରଭଡ଼ା ଲକ୍ଷ୍ୟରେ ଘର ତିଆରି କରୁ ନ ଥିବେ। ବନ୍ଧୁ ଜଗଦୀଶ କୁମାର ଓ କରୁଣାକରଙ୍କ ସହ ବେଶ୍ କେଇଦିନ ଖୋଜାଖୋଜି କରିବା ପରେ ଦୁଇ ବଖୁରିଆ ଘରଟିଏ ମିଳିଲା। ଭଡ଼ା ମାସକୁ ଆଠ ହଜାର। କିଛି ଦିନ ରହିବା ପରେ ଶାହାପୁରଠାରୁ ପ୍ରାୟ ୩୦ କିଲୋମିଟର ଦୂରରେ ଅବସ୍ଥିତ ନାଗ୍ରୋଟାରେ ରହୁଥିବା ଜଣେ ହିମାଚଳି ବନ୍ଧୁଙ୍କ ଘରକୁ ଯାଇଥିଲି। ତାଙ୍କର ୧୦ଟି ପରିବାର ଭଡ଼ାଟିଆ ଥିବା ଦେଖିବାକୁ ମିଳିଲା। ନାଗ୍ରୋଟା ମଧ୍ୟ ଗୋଟିଏ ଛୋଟିଆ ସ୍ଥାନ। ପାଖରେ ଶିଳ୍ପାଞ୍ଚଳ ବା ଅନ୍ୟକିଛି ନାହିଁ। କିଏ ତା'ହେଲେ ଏହି ସବୁ ଭଡ଼ାଟିଆ? ବନ୍ଧୁ କହିଲେ ଏମାନଙ୍କ ମଧ୍ୟରୁ ଅଧିକାଂଶ ଆଖପାଖ ଗାଁର ବାସିନ୍ଦା। ସ୍ୱାମୀ, ସ୍ତ୍ରୀ ଓ ପିଲାଛୁଆ- ଏଇତ ଏମାନଙ୍କ ପରିବାର। ବାପାମା'ଙ୍କ ପାଖରେ ନ ରହିବାପାଇଁ ସେମାନେ ଭଡ଼ାଘରେ ରହୁଛନ୍ତି। ବାହାନା ପିଲାଙ୍କ ପାଠପଢ଼ା। ନାଗ୍ରୋଟାରେ ଏହିପରି ଅନେକ ଲୋକ ଆପଣ ପାଇବେ; ଯେଉଁମାନଙ୍କ ଗାଁ ଭଡ଼ାଘରଠାରୁ ପାଞ୍ଚରୁ ଦଶ କିଲୋମିଟର ମଧ୍ୟରେ ହେବ। ଧୀରେ ଧୀରେ ଜାଣିବାକୁ ପାଇଲି ଶାହାପୁର, ଦ୍ରମଣ, ରଏତ୍ ପ୍ରଭୃତି ପ୍ରାୟ ଅଧିକାଂଶ ଛୋଟ ସହର ଆଖପାଖ ଗାଁର ନବଦମ୍ପତିମାନଙ୍କ ଗନ୍ତବ୍ୟସ୍ଥଳୀ ପାଲଟିଛି। ସ୍ୱାମୀ ସକାଳୁ କାମରେ ଯାଏ। ସ୍ତ୍ରୀ ପିଲାକୁ ଗାଧୋଇ ପାଧୋଇ, ଖୋଇଦେଇ ସକାଳୁ ସ୍କୁଲ ବସ୍ ପର୍ଯ୍ୟନ୍ତ ବାଟୋଇ ଦିଏ। ଦିନସାରା ଟେଲିଭିଜନ, ମୋବାଇଲ୍ କିମ୍ବା ନିଦ୍ରାର ସାହଚର୍ଯ୍ୟ। ଓଳିଏ ରୋଷେଇ ହେଲେ ଦୁଇଓଳି ଚଳିଯାଏ। ମୁଁ ଓଡ଼ିଶାର ରେଢ଼ାଖୋଲରେ ଥିବାବେଳେ ମଧ୍ୟ ଏହି ଏକା ପରିଦୃଶ୍ୟ ଦେଖିବାକୁ ପାଇଥିଲି। ଭାରତର ଅଧିକାଂଶ ସ୍ଥାନରେ ଏହି କିଛି ବର୍ଷ ମଧ୍ୟରେ ପରିବାରର ସଂଜ୍ଞା ବଦଳିଯାଇଛି।

କିଛି ମାସ ତଳେ ଏକ ଓଡ଼ିଆ ଖବରକାଗଜରେ ପ୍ରକାଶିତ ପ୍ରସଙ୍ଗଟିଏ ଅବତାରଣା କରୁଛି। ଜଣେ ଭାରତୀୟ ଆମେରିକା ଯୁକ୍ତରାଷ୍ଟ୍ରରେ ଚାକିରି ପାଇଲେ। ମା' ଚାଲିଗଲା ପରେ ବୁଢ଼ାବାପାଙ୍କୁ ପୁଅ ଆମେରିକାରେ ସେ ରହୁଥିବା ସହରକୁ ନେଇଗଲା। ବୁଢ଼ାବାପାଙ୍କୁ ନେଇ ପରିବାରରେ ପ୍ରତିଦିନ ଝଗଡ଼ାହେବାରୁ ସେ ବାଧ୍ୟହୋଇ ନିଜ ଭଡ଼ାଘରଠାରୁ ଅନତିଦୂରରେ ଆଉ ଗୋଟିଏ ଭଡ଼ାଘରେ ବାପାଙ୍କୁ ନେଇ ରଖିଲା। ତାଙ୍କ ପାଇଁ ଗୋଟିଏ ପରିଚାରିକାର ବ୍ୟବସ୍ଥା କରିଦେଲା, ଯେପରି ତାଙ୍କର ଦେଖାଶୁଣା କରିବ। ଅଫିସ୍ କାମରେ ବ୍ୟସ୍ତ ରହି ସପ୍ତାହକୁ ଥରେ ସେ ବାପାଙ୍କୁ ଦେଖାକରିବାକୁ ଯାଏ। ଥରେ ସପ୍ତାହାନ୍ତରେ ବାପାଙ୍କୁ ଦେଖା କରିବାକୁ ଯାଇ ଦେଖିଲା, ଭିତରପଟୁ କବାଟ ବନ୍ଦ ଅଛି। ଯେତେ ଡାକିଲେ ବି କେହି ଖୋଲୁନାହାନ୍ତି। କବାଟ ଭାଙ୍ଗି ଦେଖିବା ବେଳକୁ ବାପା ଆରପାରିକୁ ଚାଲିଯାଇଛନ୍ତି। ବୁଝୁ ବୁଝୁ କୌଣସି କାରଣରୁ ଏ ସପ୍ତାହ ପରିଚାରିକା ବାପାଙ୍କ ପାଖକୁ ଆସି ପାରିନାହିଁ। ପୋଷ୍ଟମର୍ଟମରୁ ଜଣାପଡ଼ିଲା ବାପା ଇହଲୀଳା ତ୍ୟାଗକରିବାର ୪ ଦିନ ହେଲାଣି।

ଏଇ ଗତ କିଛିଦିନ ହେଲା ଗୋଟିଏ ଖବର ପ୍ରକାଶିତ ହୋଇଥିଲା ଯେ ଗୁଜରାଟରେ ଜଣେ ପିଲାର ବାପା ବାଲ୍ୟକାଳୁ ତାକୁ ଛାଡ଼ି ଆରପାରିକୁ ଚାଲିଗଲେ। ମା' ଦ୍ୱିତୀୟ ବିବାହ ନ କରି ବଡ଼ କଷ୍ଟରେ ପାଳି ପୋଷି ପୁଅକୁ ବଡ଼କଲା। ପୁଅ ଡାକ୍ତର ହେଲା ଓ ବିବାହ କଲା ତା'ର ଜଣେ ଡାକ୍ତରୀ ସହପାଠିନୀକୁ। ସେ ବୁଢ଼ୀ ମା'କୁ ଆଣି ନିଜ ଆପାର୍ଟମେଣ୍ଟରେ ରଖିଲା। ନିଇତି ମା'କୁ ନେଇ ଦୁଇପ୍ରାଣୀଙ୍କ ମଧ୍ୟରେ କଳହ, ରାଗରୁଷା। ଏ ଭିତରେ ତା'ର ହତଭାଗିନୀ ମା' ପକ୍ଷାଘାତ ରୋଗରେ ପଡ଼ିଲା। ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡ଼ା ବହୁଗୁଣିତ ହୋଇଗଲା। ଦିନେ ପୁଅ ମା'କୁ କହିଲା ''ମା ଚାଲ୍ ତତେ ନେଇ ଛାତ ଉପରୁ ଏ ସୁନ୍ଦର ସହର ଦେଖେଇଦେବି, ଭଲ ଲାଗିବ''। ମା'କୁ ଛାତ ଉପରକୁ ନେଇଗଲା ପୁଅ। ଅଳସ ଅପରାହ୍ନ। ସହର ସାରା କୃତ୍ରିମ ଆଲୋକ। ଛାତ ଧଡ଼ିକୁ ନେଇ ତଳକୁ ପକାଇଦେଲା ମା'କୁ। ମା'ର ପ୍ରାଣବାୟୁ ଉଡ଼ିଗଲା। ପ୍ରଥମେ ସଭିଏଁ ଭାବିଲେ ଦୁର୍ଘଟଣା। ପୋଲିସ ତଦନ୍ତରୁ ଜଣାପଡ଼ିଲା ପୁଅ ଦ୍ୱାରା ନିଜ ମା'ର ହତ୍ୟା। ବୁଢ଼ା ବାପା ମା'ଙ୍କୁ ପିଲାମାନେ ଆଉ ପ୍ରଣମ୍ୟ ପୁରୁଷ ପାଳକ ଭାବେ ଗଣୁନାହାନ୍ତି, ବ୍ୟବହାର କରୁଛନ୍ତି ଅଲୋଡ଼ା ବୋଝ ଭାବେ। ଅତୀତର ସ୍ମୃତି ସବୁ ବିସ୍ମୃତିଗର୍ଭରେ ଲୀନ ହୋଇଯାଉଛି। ବୁଢ଼ା ବାପା ମା' ବହନ କରୁଛନ୍ତି ପିଲାଛୁଆଙ୍କ ଅତ୍ୟାଚାରର ଅଲିଭା ସ୍ୱାକ୍ଷର। ସେମାନଙ୍କର ଶେଷ ଜୀବନ ହେଉଛି, ଅଭିଶପ୍ତ, ଶୋକସନ୍ତପ୍ତ।

ଏହିପରି ଅସଂଖ୍ୟ ଦୁର୍ଘଟଣା ଆଜି ଆମ ଚାରିପାଖରେ ଘଟୁଛି। ପରିବାର କହିଲେ ଆଉ ବାପା, ମା, ଭାଇ, ଭଉଣୀ, ଜେଜେ ବାପା, ଜେଜେମା, ଦାଦା, ଖୁଡ଼ୀଙ୍କୁ ବୁଝାଉନାହିଁ। ବାପା ମା', ଗୋଟିଏ ବା ଅତି ବେଶିରେ ଦୁଇଟି ସନ୍ତାନକୁ ନେଇ ପରିବାର। ଅଧିକାଂଶ ସାଂପ୍ରତିକ ପରିବାରରେ ବାପା, ମା' ଉଭୟ କର୍ମଜୀବୀ। ସକାଳୁ ଡେରିରାତି ପର୍ଯ୍ୟନ୍ତ ଅଫିସ କାର୍ଯ୍ୟରେ ବ୍ୟସ୍ତ। ଆୟା ବା ପରିଚାରିକା ଉପରେ ପିଲାର ସମସ୍ତ ଦାୟିତ୍ୱ। ସ୍କୁଲରେ ପାଠର ଅସହ୍ୟ ବୋଝ। ସୁଖ, ଦୁଃଖ, ଭଲମନ୍ଦ କହିବାପାଇଁ ପିଲାଟି ପାଖରେ କେହି ନାହିଁ। ଜେଜେବାପା, ଜେଜେମା'ଙ୍କୁ ଘରେ ରଖିଲେ ଦାମ୍ପତ୍ୟ ଜୀବନ ଦୁର୍ବିଷହ ହେଉଥିବାର ଦେଖି ସେମାନଙ୍କୁ ନିଜଠାରୁ ଅଲଗା ରଖାଯାଉଛି। ପିଲାକୁ କିଏ କହିବ ବୁଢ଼ୀମା' ଗପସବୁ। କିଏ କହିବ ସାତତାଳ ପାଣି, ତା' ତଳେ ସାତତାଳ ପଙ୍କ, ତା' ତଳେ କୁହୁକ ପେଡ଼ି, ତା' ଭିତରେ ଫରୁଆ, ଫରୁଆ ଭିତରେ କେଶ, ସେଥିରେ ରହିଛି ବୁଢ଼ୀ ଅସୁରୁଣୀର ଜୀବନ। କିଏ କହିବ ପରୀ ରାଇଜ କଥା, ମାଙ୍କଡ଼ କୁମ୍ଭୀର ଗପ, ମିଛୁଆ ରାଧୁଆ କଥା, ପଞ୍ଚତନ୍ତ୍ର କାହାଣୀ ଆହୁରି ଅନେକ? ଯେଉଁ ଗପ ତାକୁ ଦିଏ ସ୍ୱପ୍ନ, ସମ୍ଭାବନା, କଳ୍ପନା, ଯୁକ୍ତି ସିଦ୍ଧତା, ମୁକ୍ତିଚିନ୍ତନ। ଯେଉଁ ଗପ ତା' ଭିତରେ ଭରିଥାଏ ସାହସ, ଭୟ, ଉତ୍ସାହ, ଉଦ୍ଦୀପନା, ଆହୁରି ଅନେକ ମାନବୀୟ ସମ୍ବେଦନା। ୧୯୭୦ରେ କଳିଙ୍ଗ ପୁରସ୍କାରରେ ସମ୍ମାନିତ ବିଶିଷ୍ଟ ନୃତତ୍ତ୍ୱବିତ୍ ମାର୍ଗାରେଟ୍ ମିଡ୍, ''କମିଙ୍ଗ୍ ଅଫ୍ ଏଜ୍ ଇନ୍ ସାମୋଆ''ରେ ନିଜ ଗବେଷଣା ଲବ୍ଧ ତତ୍ତ୍ୱକୁ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଶିଶୁ ଓ କିଶୋର ଜୀବନରେ ମଣିଷ କିପରି ପରିସ୍ଥିତି, ପରିବେଶ ସହ ଖାପଖୁଆଇ ଚଳିହେବ ସେ କଥା ଶିଖିଥାଏ। ଏହି ବୟସରେ ବ୍ୟକ୍ତି ଯେତେ ଦାୟିତ୍ୱ ମୁକ୍ତ ହେବ ଓ ଯେତେ ଅଧିକ ଅନୁଭବ ଯୁକ୍ତ ହେବ ତା'ର ସେତିକି ବିକାଶ ହେବ। କିପରି ଯୌଥ ପରିବାର ଶିଶୁ ମନରେ ସୁରକ୍ଷା ଓ ସମ୍ବେଦନା ଭରିଥାଏ ତାହା ସେ ଦର୍ଶାଇଛନ୍ତି। ଯୌଥପରିବାର କିଶୋରକୁ ଶିଖାଇଥାଏ ଶୃଙ୍ଖଳା ଓ ସ୍ୱାଧୀନତା ମଧ୍ୟରେ କିପରି ତାଳମେଳ ରଖାଯାଇପାରିବ। ସେ ପରିବାର, ସମାଜ ଓ ସଂସ୍କୃତି କିପରି ଏକ ପୂର୍ଣ୍ଣାଙ୍ଗ ମଣିଷ ତିଆରି କରିଥାଏ ତାହା ଦର୍ଶାଇଛନ୍ତି। ଯୌଥପରିବାର ଭାଙ୍ଗିଯିବାରୁ ବୋଧେ ଗତ କିଛି ବର୍ଷ ଧରି ଆମେ ଯୁଗପୁରୁଷଟିଏ ଦେଖିବାକୁ ପାଉନାହେଁ। ଭ୍ରୂଣକୁ ଲାଳନ ପାଳନ କଲେ ସିନା ଗଛ ଭଳିଆ ଗଛଟିଏ ପାଇବା। ନ ହେଲେ ଚାରିଆଡ଼େ ଖାଲି ଦେଖିବା ବନସାଇ ସାମ୍ରାଜ୍ୟ। ଭବିଷ୍ୟତରେ ମଧ୍ୟ ଆହୁରି ଭୟାବହ ପରିସ୍ଥିତି ଦେଖିବାକୁ ମିଳିବ।

ପରିବାରରେ ପିଲା ସମ୍ପର୍କ କ'ଣ ଜାଣୁଥିଲା। ସ୍ନେହ, ପ୍ରେମର ସ୍ୱରୂପ ଦେଖୁଥିଲା। ପରବର୍ତ୍ତୀ ସମୟରେ ଏହା ତାହାର ସାମାଜିକ ଜୀବନରେ ପ୍ରତିଫଳିତ ହେଉଥିଲା। ଭାଙ୍ଗୁଥିବା ପରିବାର, ବ୍ୟକ୍ତିକୈନ୍ଦ୍ରୀକ ମଣିଷ ଯାହା ଗଢ଼ିତୋଳୁଛି, ଏହା ସମାଜ ଓ ରାଷ୍ଟ୍ରଜୀବନରେ ନକାରାତ୍ମକ ପ୍ରଭାବ ପକାଉଛି। ଆମ ପାଠ ବି ଏ ଦିଗରେ କାରକ ପରି କାମକରୁଛି। ଆମେ ଏବେ ପଢୁଛେ, ଓମେନ୍ ଷ୍ଟଡିଜ୍, ଜେଣ୍ଡର ଷ୍ଟଡିଜ୍ ପ୍ରଭୃତି ବିଭିନ୍ନ ପାଠ୍ୟକ୍ରମ, ଯାହା ବ୍ୟକ୍ତି କୈନ୍ଦ୍ରୀକ ଚିନ୍ତାଧାରାର ପାଳନ ପୋଷଣ କରୁଛି। ଆମ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ଅଗ୍ନିହୋତ୍ରୀ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ପ୍ରସ୍ତାବିତ ଓମେନ୍ ଷ୍ଟଡିଜ୍ ପାଠ୍ୟକ୍ରମ ବଦଳରେ ସେଣ୍ଟର ଫର୍ ଫାମିଲି ଓ କମୁନିଟୀ ଷ୍ଟଡିଜ୍ କେନ୍ଦ୍ର ଚାଲୁକରିବା ପାଇଁ ଚେଷ୍ଟା କରିଥିଲେ। ଶିକ୍ଷା ଓ ସଂସ୍କାରରେ ପରିବାରର ଗୁରୁତ୍ୱ ଓ ମହତ୍ତ୍ୱ ବୁଝାଇବାରେ ଆମେ ଯଦି ଆଜି ଅସମର୍ଥ ହେବା ଆମେ ଜଣେ ଜଣେ ଭସ୍ମାସୁରରେ ରୂପାନ୍ତରିତ ହେବା ହିଁ ସାର ହେବ।

**ଅଧ୍ୟାପକ, ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଧର୍ମଶାଳା**

# ଅଣୁ ଉଦ୍ୟୋଗରେ ଡିଜିଟାଲ ହିସାବ ଖାତା



ଶକ୍ତି ରଞ୍ଜନ ଦାଶ

ବ୍ୟବସାୟିକ ହିସାବ ଖାତା ହେଉଛି ଏକ ଦସ୍ତାବିଜ୍, ଯାହା ସମସ୍ତ ବ୍ୟବସାୟ ପରିଚାଳନାଗତ ସୂଚନା ଗଚ୍ଛିତ କରେ। ଫେଡେରାଲ ଡିପୋଜିଟ୍ ଇନ୍‌ସ୍ୟୁରାନ୍ସ କର୍ପୋରେଶନ ଏବଂ ଆମେରିକୀୟ କ୍ଷୁଦ୍ର ବ୍ୟବସାୟ ପ୍ରଶାସନ ଅନୁଯାୟୀ ବ୍ୟବସାୟର ପ୍ରକାର ଯଥା ଏକମାତ୍ର ମାଲିକାନା, ସହଭାଗିତା, ଘରୋଇ କମ୍ପାନୀ କିମ୍ବା ବୈଧାନିକ କମ୍ପାନୀ ନିର୍ବିଶେଷରେ ଏକ ବ୍ୟବସାୟର ହିସାବ ପ୍ରଣାଳୀ ସେହି ବ୍ୟବସାୟର ସଫଳତା ପାଇଁ ଦାୟୀ। ନିଷ୍ପତ୍ତି ନେବା ପାଇଁ ବ୍ୟବସାୟ ହିସାବ ଖାତା ଅପରିହାର୍ଯ୍ୟ ଏବଂ ଏହା ବ୍ୟବସାୟର ଆଇନଗତ ଆବଶ୍ୟକତା ପୂରଣ କରିବାରେ, ସ୍ୱଚ୍ଛତା ଏବଂ ହିତାଧିକାରୀଙ୍କ ସ୍ୱାର୍ଥରକ୍ଷା କରିବାରେ ସାହାଯ୍ୟ କରିଥାଏ। ଏହା ବ୍ୟବସାୟର କାର୍ଯ୍ୟଦକ୍ଷତା ଓ ରଣନୀତି ପ୍ରସ୍ତୁତ କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି ହିସାବ ପ୍ରଣାଳୀ, ବିଶେଷତଃ ଆକାଉଣ୍ଟିଂ ହିସାବ ଖାତାଗୁଡ଼ିକ ବ୍ୟବସ୍ଥିତ ହେବା ଉଚିତ। ଇନ୍‌ଷ୍ଟିଚ୍ୟୁଟ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଫ ଇଣ୍ଡିଆ ଅନୁଯାୟୀ ପ୍ରାସଙ୍ଗିକତା, ନିର୍ଭରଯୋଗ୍ୟତା, ତୁଳନାତ୍ମକତା ଏବଂ ବୋଧଗମ୍ୟତା ଏକ ସଠିକ ହିସାବ ଖାତାର ମୁଖ୍ୟ ବୈଶିଷ୍ଟ୍ୟ। ମଧ୍ୟଯୁଗୀୟ ୟୁରୋପରୁ ଉତ୍ପତ୍ତି ଲାଭ କରିଥିବା ଡବଲ୍-ଏଣ୍ଟ୍ରି ହିସାବ ପ୍ରଣାଳୀ ସମୟକ୍ରମେ, ବିଶ୍ୱର ଅଗ୍ରଣୀ ଦେଶ ଯଥା ଆମେରିକାରେ ଥିଲା। ପ୍ରତ୍ନତାତ୍ତ୍ୱିକ ଏବଂ ଐତିହାସିକ ବିଶେଷଜ୍ଞଙ୍କ ଅନୁଯାୟୀ, ପ୍ରାଚୀନ ଗ୍ରୀସ୍, ରୋମ ଏବଂ ବାବିଲୋନରେ ବି ହିସାବ ପ୍ରଣାଳୀର କିଛି ଅଂଶ ରହିଥିଲା, କିନ୍ତୁ ତାହା ଏକ ଉନ୍ନତର 'ସିଙ୍ଗଲ ଏଣ୍ଟ୍ରି ହିସାବ ପ୍ରଣାଳୀ' (single-entry book-keeping) ଥିଲା। ସେହିପରି ଇଟାଲୀରେ ୧୩୪୦ ପୂର୍ବରୁ, ବିଶେଷତଃ ଜେନୋଆ ଏବଂ ଭେନିସ୍‌ରେ ଡବଲ୍-ଏଣ୍ଟ୍ରି ବୁକ୍‌କିପିଂକୁ ବିକଶିତ କରାଯାଇଥିଲା। ପରେ ୧୪୯୪ରେ ଲୁକା ପାସିଓଲି ଏହି ବିଷୟରେ ଏକ ଗବେଷଣାସିଦ୍ଧ କାର୍ଯ୍ୟ ପ୍ରକାଶ କରିଥିଲେ, ଯାହାକୁ ବୁକ୍‌କିପିଂର ଏକ ଆଧୁନିକ ପଦ୍ଧତି ଭାବରେ ବିବେଚନା କରାଯାଏ। ସମୟକ୍ରମେ ପରିବର୍ତ୍ତିତ ବ୍ୟବସାୟ ପରିବେଶକୁ ଧ୍ୟାନରେ ରଖି ହିସାବ ରଖିବା ପ୍ରଣାଳୀ ଓ ହିସାବ ରଖାଯାଉଥିବା ବିଷୟଗୁଡ଼ିକ ମଧ୍ୟରେ ଅନେକ ପରିବର୍ତ୍ତନ ଅଣାଯାଇଛି। ଏଥିସହିତ ଆନାଲଗ ହିସାବ-ସଂରକ୍ଷଣ ପ୍ରଣାଳୀ ଡିଜିଟାଲ ହିସାବ-ସଂରକ୍ଷଣ ପ୍ରଣାଳୀରେ ରୂପାନ୍ତରିତ ହୋଇଛି। ଡିଜିଟାଲାଇଜେସନକୁ ବ୍ୟବସାୟର ଏକ ରଣନୀତିକ ପସନ୍ଦ ଭାବରେ ବିବେଚନା କରାଯାଏ। ଏହି ହିସାବ ପଦ୍ଧତିର ଗ୍ରହଣୀୟତା ସମୟକ୍ରମେ ସମସ୍ତ ପ୍ରକାର ବ୍ୟବସାୟରେ ଦେଖାଯାଇଛି, ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶ୍ରେଣୀର ଉଦ୍ୟୋଗଗୁଡ଼ିକ ମଧ୍ୟ ଏ କ୍ଷେତ୍ରରେ ବ୍ୟତିକ୍ରମ ନୁହନ୍ତି। ଉକ୍ତ ଉଦ୍ୟୋଗଗୁଡ଼ିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ଜନତାଙ୍କୁ ଆତ୍ମନିର୍ଭର କରିବା ସହିତ ସମ୍ବଳକୁ ସଦୁପଯୋଗ କରି ଭାରତର ଆର୍ଥିକ ଅଭିବୃଦ୍ଧିରେ ପ୍ରମୁଖ ଯୋଗଦାନ କରିଥା'ନ୍ତି। ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ୨୦୧୯-୨୦ ବାର୍ଷିକ ବିବରଣୀ ଅନୁଯାୟୀ ଭାରତରେ ୬୩୦.୫୨ଲକ୍ଷ ଅଣୁ, ୩.୩୧ଲକ୍ଷ କ୍ଷୁଦ୍ର ଏବଂ ୦.୦୫ ଲକ୍ଷ ମଧ୍ୟମ ଉଦ୍ୟୋଗ ଭାବରେ ବିଭିନ୍ନ କ୍ଷେତ୍ରରେ ନିୟୋଜିତ। ଏହା ୧୧.୧୦ କୋଟି ନିଯୁକ୍ତି ସୃଷ୍ଟି କରିବା ସହ ଭାରତର ମୋଟ ଜାତୀୟ ଉତ୍ପାଦନ (ଜିଡିପି)ରେ ୩୭.୫୪% ଯୋଗଦାନ ଦେଇଛନ୍ତି।

ବର୍ତ୍ତମାନ ଯେତେବେଳେ ଏକ ବ୍ୟବସାୟିକ ଚିନ୍ତାଧାରା ଗୋଟିଏ ଷ୍ଟାର୍ଟଅପ୍‌ରେ ଏବଂ ପରବର୍ତ୍ତୀ ସମୟରେ ଏକ ପ୍ରତିଷ୍ଠିତ ବ୍ୟବସାୟ ରୂପେ ପରିଗଣିତ ହୁଏ, ବ୍ୟବସାୟ ହିସାବ ଖାତାର ପରିମାଣ ଦ୍ରୁତ ଗତିରେ ବିସ୍ତାର କରିଥାଏ। ସେହି ପରିମାଣର ହିସାବ ଖାତା, ଏହାର ସଂରକ୍ଷଣ ସ୍ଥାନ, ନିରାପତ୍ତା, ରକ୍ଷଣାବେକ୍ଷଣ ଇତ୍ୟାଦି ଦୃଷ୍ଟିରୁ ଉଦ୍ୟୋଗୀମାନଙ୍କ ଦୃଷ୍ଟି ଆକର୍ଷଣ କରେ। କିନ୍ତୁ ଉଦ୍ୟୋଗୀମାନଙ୍କ ପାଖରେ ଏହି ଖାତାଗୁଡ଼ିକ ରକ୍ଷଣାବେକ୍ଷଣ କରିବାବେଳେ ଏହାର ମୂଲ୍ୟ ଏବଂ ଲାଭ ମଧ୍ୟରେ ସନ୍ତୁଳନ ସୃଷ୍ଟି କରିବା ଏକ କଠିନ କାର୍ଯ୍ୟ। ଏହି ପରିପ୍ରେକ୍ଷୀରେ ଡିଜିଟାଲାଇଜେଶନର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ସହଜ ତଥା ନିରାପତ୍ତାକୁ ସୁନିଶ୍ଚିତ କରି ସୂଚନାକୁ ସୁରକ୍ଷିତ ରଖିବା, ଟଙ୍କା ଏବଂ ସମୟ ସଞ୍ଚୟ କରିବା, ଗ୍ରାହକ ସେବାକୁ ଉନ୍ନତ କରିବା, ସଂରକ୍ଷଣ ସ୍ଥାନକୁ କମ୍ କରିବା, ନିୟାମକ ପାଳନକୁ ପୂରଣ କରିବା, କାଗଜ ଆବର୍ଜନା କମ୍ କରିବା ଭଳି ସମସ୍ତ ପରିଶ୍ରମକୁ ହ୍ରାସ କରିଥାଏ। ଡିଜିଟାଲାଇଜେଶନ ଏକ ବିକଳ୍ପ ନୁହେଁ ବରଂ ଏକ ମୌଳିକ ଆବଶ୍ୟକତା। ଯଦିଓ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ଆଜି ମାନବ ଶ୍ରମଭିତ୍ତିକ କ୍ଷେତ୍ରରେ ଭଲ ପ୍ରଦର୍ଶନ କରୁଛନ୍ତି, କିନ୍ତୁ ଭବିଷ୍ୟତରେ ଏହାକୁ ବଜାୟ ରଖିବା ପାଇଁ ପ୍ରଯୁକ୍ତିବିଦ୍ୟା ସହିତ ଯିବାକୁ ପଡ଼ିବ।

ସାମ୍ପ୍ରତିକ ବ୍ୟବସାୟିକ ଗବେଷଣା ଓ ବୈଜ୍ଞାନିକ ଅଧ୍ୟୟନ ପ୍ରମାଣ କରିଛି ଯେ ଡିଜିଟାଲ ରୂପାନ୍ତର ଏବଂ ରଣନୀତି ହେଉଛି ସର୍ବୋଚ୍ଚ ଗବେଷଣା। ତେଣୁ ବ୍ୟବସାୟୀମାନେ ଡିଜିଟାଲାଇଜେଶନକୁ ଗ୍ରହଣ କରିନେବା ଉଚିତ। ଏହାର ଆବଶ୍ୟକତାକୁ ଆଖିରେ ରଖି ଅନେକ ପ୍ରଯୁକ୍ତିବିଦ୍ୟାଜନିତ ବ୍ୟବସାୟୀମାନେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ଡିଜିଟାଲ ହିସାବ ସଂରକ୍ଷଣ ସଫ୍ଟୱେର ଓ ଆପ୍ ଯଥା 'FreshBooks', 'Intuit quick books on-line', 'Sage50 cloud', 'Wave,' 'Xero,' 'Khata book' ଇତ୍ୟାଦି ବିକଶିତ କରିଛନ୍ତି। କିନ୍ତୁ, ଡିଜିଟାଲାଇଜେଶନର ଅନେକ ସୁବିଧା ସତ୍ତ୍ୱେ ଭାରତରେ ଅଣୁ, କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ ତାହାକୁ ଗ୍ରହଣ କରିବାକୁ ଇଚ୍ଛୁକ ନୁହନ୍ତି। ଡିଜିଟାଲାଇଜେଶନ ଗ୍ରହଣ କରିବାରେ ବାଧା ସୃଷ୍ଟି କରୁଥିବା ପ୍ରମୁଖ ଆହ୍ୱାନଗୁଡ଼ିକ ହେଉଛି: ପ୍ରାରମ୍ଭିକ ବିନିଯୋଗର ବୋଝ, ସୀମିତ ଜ୍ଞାନ ଏବଂ କୌଶଳ, ସଚେତନତାର ଅଭାବ, ପାରମ୍ପରିକ ପ୍ରଣାଳୀ ସହିତ ଅଭ୍ୟାସ ଏବଂ ନୂତନ ଶିକ୍ଷଣ ପ୍ରତିରୋଧ ମନୋଭାବ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ଏକ ଗବେଷଣାପତ୍ର ଅନୁଯାୟୀ ଓଡ଼ିଶାରେ ମାତ୍ର ୩୦ ପ୍ରତିଶତ ଅଣୁ, କ୍ଷୁଦ୍ର ଉଦ୍ୟୋଗୀମାନେ ଡିଜିଟାଲ ହିସାବଖାତା ବ୍ୟବହାର କରୁଥିଲାବେଳେ ୭୦ ପ୍ରତିଶତ ଉଦ୍ୟୋଗୀ ଏହାର ବ୍ୟବହାର ଜାଣିନାହାନ୍ତି। ଏହି ପରିପ୍ରେକ୍ଷୀରେ ସରକାରଙ୍କ ଦ୍ୱାରା ପରିଚାଳିତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦିଓ ସରକାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ବିକାଶ ପାଇଁ ଅନେକ କାର୍ଯ୍ୟକ୍ରମ କରିଆସୁଛନ୍ତି ତଥାପି, ବର୍ତ୍ତମାନର ଏହି ଚତୁର୍ଥ ଶିଳ୍ପାୟନ ବିପ୍ଳବ ସମୟରେ ଏହି ଡିଜିଟାଲାଇଜେଶନକୁ ଆହୁରି ତ୍ୱରାନ୍ୱିତ କରାଯିବାର ଆବଶ୍ୟକତା ରହିଛି। ଯେପରିକି ଡିଜିଟାଲାଇଜେଶନ ଗବେଷଣା ପାଇଁ ଅଧିକ ପ୍ରୋତ୍ସାହନ, ଘରୋଇ ଆପ୍ ବଦଳରେ ସରକାରଙ୍କ ନିଜସ୍ୱ ଡିଜିଟାଲ ହିସାବ ଖାତା ଆପ୍ କରାଗଲେ ଏହା ଉଦ୍ୟୋଗୀଙ୍କୁ ଡିଜିଟାଲାଇଜେଶନ ଗ୍ରହଣ କରିବା ପାଇଁ ଉତ୍ସାହିତ କରିବ। ଏହାଦ୍ୱାରା ସମସ୍ତ ଉଦ୍ୟୋଗୀଙ୍କୁ ଏକ ଶୃଙ୍ଖଳ ମଧ୍ୟରେ ରଖାଯାଇପାରିବ, ଯାହାକି ପରବର୍ତ୍ତୀ ସମୟରେ ଅନେକ ସୁବିଧା ଯୋଗାଇ ଦେବାରେ ସହାୟକ ହେବ।

**ସହକାରୀ ପ୍ରଫେସର, ବାଣିଜ୍ୟ ବିଭାଗ**
**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**
**ମୋ: ୮୨୪୯୪୪୨୩୯୩**

## ଏଇ ଭାରତରେ

ହାଇଡ୍ରୋପୋନିକ୍ ଫାର୍ମିଂ ବିଷୟରେ ପ୍ରାୟ ସମସ୍ତେ ଜାଣନ୍ତି। ଏହି ପଦ୍ଧତିରେ ବିନା ମାଟିରେ କେବଳ ପାଣିରେ ହିଁ ଚାଷ କରାଯାଉଛି। ଏବେ ବିନା ମାଟିରେ ଝୁଲନ୍ତା ଅବସ୍ଥାରେ ଆଳୁ ଫଳାଇପାରିବେ। ଶୁଣି ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସମ୍ଭବ ହେଉଛି ଏରୋପୋନିକ୍ ଫାର୍ମିଂ ଦ୍ୱାରା। ହରିୟାଣା କର୍ନଲ ଜିଲାରେ ଥିବା ପଟାଟୋ ଟେକ୍‌ନୋଲୋଜି ସେଣ୍ଟର ବିନା ମାଟିରେ ଏରୋପୋନିକ୍ ପଦ୍ଧତିରେ ଆଳୁ ଫଳାଇବାର ଏଭଳି ବାଟ ଦେଖାଇଛି। ଏହି ପଦ୍ଧତିରେ ଆଳୁଗଛ ଉପରେ ରହୁଥିବାବେଳେ ତଳକୁ ଝୁଲି ରହେ ଚେର। ଗଛ ଓ ଚେରରେ ମିନେରାଲ୍‌ସ ଯୁକ୍ତ ପାଣି ସ୍ପ୍ରେ କରାଯାଏ, ଯେଉଁଥିରୁ ଗଛ ନ୍ୟୁଟ୍ରିଏଣ୍ଟ ସଂଗ୍ରହ କରି ବଢ଼େ କିମ୍ବା ଚେର ସର୍ବନିମ୍ନ ଭାଗକୁ ଜଳସ୍ରୋତ ସହ ସ୍ପର୍ଶ କରାଯାଇଥାଏ। ଝୁଲନ୍ତା ଚେରରେ ହିଁ ଆଳୁ ଫଳୁଛି। ଏରୋପୋନିକ୍ ଫାର୍ମିଂରେ ୭୦-୮୦ ଦିନ ମଧ୍ୟରେ ଆଳୁ ଅମଳ ହେଉଛି। ବନ୍ଦ ପରିବେଶରେ ଏଭଳି ଆଳୁ ଚାଷ କରାଯାଉଛି। ଏରୋପୋନିକ୍‌ରେ କମ୍ ଖର୍ଚ୍ଚରେ ପାରମ୍ପରିକ ପଦ୍ଧତି ତୁଳନାରେ ଅଧିକ ଅମଳ ହେବା ସହ କମ୍ ଜଳ ଓ ସଂସାଧନ ମଧ୍ୟ ଆବଶ୍ୟକ ହେଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୬ ଏପ୍ରିଲ ୧୯୯୭

- ନାସାର ସର୍ବ ପୁରାତନ ମହାକାଶ ଯାନ 'କଲମ୍ବିଆ' ୭ ମହାକାଶଚାରୀଙ୍କୁ ଧରି ୧୬ ଦିନିଆ ଅଭିଯାନରେ ମହାକାଶକୁ ଯାତ୍ରା କରିଛି।
- ରୁଷିଆ-ବେଲାରୁଷ ମଧ୍ୟରେ ଏକ ବିବାଦୀୟ ୟୁନିୟନ ଚୁକ୍ତି ଯୋଗୁ ରୁଷିଆ ରାଷ୍ଟ୍ରପତି ବୋରିସ ୟେଲଟ୍‌ସିନ ତାଙ୍କର ବୈଦେଶିକ ରାଜନୈତିକ ପରାମର୍ଶଦାତା ଦିମିତ୍ରୀ ରୁରିକୋଭଙ୍କୁ ତାଙ୍କ ପଦରୁ ବହିଷ୍କାର କରିଛନ୍ତି।
- ହୋଣ୍ଡୁରାସର ଦକ୍ଷିଣାଞ୍ଚଳ ଚୋଲୁଟେକା ସହରରେ ଏକ ଟ୍ରକ ସହ ବସ୍‌ର ମୁହାଁମୁହିଁ ଧକ୍କା ହେବାରୁ ୨୧ ବସ୍‌ଯାତ୍ରୀଙ୍କ ମୃତ୍ୟୁ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | 1 | | | | | 8 |
| | 1 | 8 | | | 3 | | | |
| | 9 | | | | | | 3 | 5 |
| | | | | | 4 | | | |
| | 8 | | 3 | 2 | | | 7 | |
| | | | 7 | | | | | 1 |
| | 5 | | 8 | | | | | |
| | | | 2 | 6 | 1 | | | |
| | | 7 | 5 | 3 | | 6 | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 6 | 3 | 7 | 8 | 4 | 9 | 2 |
| 4 | 9 | 8 | 1 | 5 | 2 | 6 | 3 | 7 |
| 7 | 2 | 3 | 4 | 6 | 9 | 8 | 1 | 5 |
| 2 | 5 | 9 | 6 | 8 | 1 | 7 | 4 | 3 |
| 6 | 7 | 1 | 9 | 3 | 4 | 2 | 5 | 8 |
| 3 | 8 | 4 | 7 | 2 | 5 | 1 | 6 | 9 |
| 9 | 3 | 7 | 8 | 4 | 6 | 5 | 2 | 1 |
| 8 | 4 | 2 | 5 | 1 | 3 | 9 | 7 | 6 |
| 1 | 6 | 5 | 2 | 9 | 7 | 3 | 8 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଧର୍ମକୁ ଆଳ କରା ନ ଯାଉ

ମହାଶୟ,

ଭାରତ ସ୍ୱାଧୀନ ହେବା ପରେ ଆମ ଦେଶକୁ ଧର୍ମ ନିରପେକ୍ଷ ରାଷ୍ଟ୍ର ଭାବରେ ଘୋଷଣା କରାଯାଇଛି। ସମ୍ବିଧାନରେ କୁହାଯାଇଛି ଯେ ଦେଶର ନାଗରିକ ଧର୍ମ ପାଳନ ସ୍ୱାଧୀନ ଭାବରେ କରିବ କିନ୍ତୁ ଅନ୍ୟର କିଛି କ୍ଷତି ହେବ ନାହିଁ ଏବଂ ଦେଶ ଧର୍ମ ବିଷୟରେ ହସ୍ତକ୍ଷେପ କରିବ ନାହିଁ। କିନ୍ତୁ କର୍ନାଟକରେ କଲେଜରେ ସଂଖ୍ୟାଲଘୁ ଛାତ୍ରୀମାନଙ୍କ ପାରମ୍ପରିକ ପୋଷାକ ହିଜାବକୁ ବିରୋଧ କରାଗଲା। କଲେଜରେ ପ୍ରଚଳିତ ୟୁନିଫର୍ମକୁ ଅବମାନନା କରିବାରୁ କର୍ତ୍ତୃପକ୍ଷ ହସ୍ତକ୍ଷେପ କଲେ। ବାସ୍ତବରେ ଶିକ୍ଷାନୁଷ୍ଠାନରେ ୟୁନିଫର୍ମର ଗୁରୁତ୍ୱ ଅଧିକ। ଧାର୍ମିକ ସହାବସ୍ଥାନ ମଧ୍ୟରେ ଏହା ବଜାୟ ରହୁ। ଶିକ୍ଷାନୁଷ୍ଠାନ ହେଉଛି ଶୃଙ୍ଖଳାର ସ୍ଥାନ। ସେଠାରେ ଧର୍ମକୁ ଆଳକରି ବିଚାର ବିଭ୍ରାଟ ନ କରି ଶାନ୍ତି ଶୃଙ୍ଖଳା ଏକତା ଅତୁଟ ରଖିବା ଜରୁରୀ।

**–ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପଉଷ ଗୀତ ଆସୁ ହେ ଭାସି
ପୂରବୀ ପ୍ରୀତି ଛନ୍ଦେ
ଆକାଶ ଧରା ଉଠୁ ହେ ପୂରି
ଅଗୁରୁ ଗୁରୁ ଗନ୍ଧେ।
-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଛାତ୍ରବୃତ୍ତି ଆବେଦନ ଅବଧି ବଢ଼ିଲା

ଭୁବନେଶ୍ୱର, ୫।୪(ବ୍ୟୁରୋ): ୨୦୨୧-୨୨ ବର୍ଷ ପାଇଁ ସମସ୍ତ ବର୍ଗର ଛାତ୍ରବୃତ୍ତି ଆବେଦନ ଅବଧି ବଢ଼ାଇ ଦିଆଯାଇଛି। ଉଚ୍ଚଶିକ୍ଷା ବିଭାଗ ଇ-ମେଧାବୃତ୍ତି ଓ ବ୍ୟାସକବି ଫକୀରମୋହନ ଭାଷାବୃତ୍ତି ପ୍ରଦାନ କରୁଛି। ମେ’ ୫ ତାରିଖ ସୁଦ୍ଧା ଇ-ମେଧାବୃତ୍ତି (ୟୁଜି, ପିଜି, ବୈଷୟିକ ଏବଂ ବୃତ୍ତିଗତ) ପାଇଁ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍ ଆବେଦନ କରିପାରିବେ। ମେ’ ୨୦ ତାରିଖ ସୁଦ୍ଧା ଶିକ୍ଷାନୁଷ୍ଠାନର ଅଧକ୍ଷ/ମୁଖ୍ୟଙ୍କ ଦ୍ୱାରା ଅନ୍‌ଲାଇନ୍ ଭ୍ୟାଲିଡେଶନ ହେବ। ସେହିପରି ୟୁଜି (ଓଡ଼ିଆ) ଏବଂ ପିଜି (ଓଡ଼ିଆ) ପାଇଁ ଦିଆଯାଉଥିବା ବ୍ୟାସକବି ଫକୀରମୋହନ ଭାଷାବୃତ୍ତି ନିମନ୍ତେ ଛାତ୍ରୀଛାତ୍ରମାନେ ମେ’ ୫ ସୁଦ୍ଧା ଆବେଦନ କରିବେ ଏବଂ ମେ’ ୨୦ ତାରିଖ ସୁଦ୍ଧା ଅନ୍‌ଲାଇନ୍ ଭ୍ୟାଲିଡେଶନ ହେବ। ଛାତ୍ରୀଛାତ୍ର ଯଦି ଅନ୍‌ଲାଇନ୍ ଆବେଦନ କିମ୍ବା ଅନ୍‌ଲାଇନ୍ ଭାଲିଡେଶନ ସମୟରେ କୌଣସି ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତେବେ ସେମାନେ ଟେଲିଫୋନ୍ ନଂ. ୦୬୭୪-୨୩୯୬୫୫୦ କିମ୍ବା ଷ୍ଟେଟ୍ ସ୍କଲାରଶିପ୍ ପୋର୍ଟାଲରେ ଯୋଗାଯୋଗ କରିପାରିବେ। ଏଥିସହିତ ଛାତ୍ରୀଛାତ୍ରମାନେ ଚାହିଁଲେ scholar-shiphed@gmail.comକୁ ମେଲ୍ କରି ପଚାରି ବୁଝିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଇ-ମେଧାବୃତ୍ତି ଆବେଦନ ପାଇଁ ଏପ୍ରିଲ ୫ ଓ ବ୍ୟାସକବି ଫକୀରମୋହନ ଭାଷାବୃତ୍ତି ଆବେଦନ ପାଇଁ ଏପ୍ରିଲ ୨୦ ତାରିଖ ଶେଷ ତାରିଖ ରହିଥିଲା।

# ଧରାପଡ଼ିଲା ମୂର୍ତ୍ତି ଚୋରି ର୍‍ୟାକେଟ



ଗିରଫ ୫ ଅଭିଯୁକ୍ତ, ଜବତ ହୋଇଥିବା ମୂର୍ତ୍ତି ଓ ସମଗ୍ରୀ।

**ଜଟଣୀ,୫।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ଥାନା ପୋଲିସ ଏକ ମୂର୍ତ୍ତି ଚୋରି ର୍‍ୟାକେଟକୁ ଧରିବାରେ ସଫଳ ହୋଇଛି। ଏହି ର୍‍ୟାକେଟର ମାଷ୍ଟରମାଇଣ୍ଡଙ୍କ ସମେତ ୫ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଜଟଣୀ ବାଲିଛକ ସାହିର ରମେଶ ଜେନା(୨୧), ମଜିଦ ଖାନ୍(୩୦), ପଦନପୁର ଅଞ୍ଚଳର ପଦ୍ମଲୋଚନ ବେହେରା ଓରଫ ବାପିନା(୩୭) ଓ ମଧୁସୂଦନ ନଗରର ମହମ୍ମଦ ଶୋଏବ ଖାନ୍(୨୯) ଓ କବାଡିଆ ଖାନା ମାଲିକ ରଥିପୁର ଗ୍ରାମର ଅଖତର ଖାନ୍ ଓରଫ ବାପି (୪୪)। ଏମାନଙ୍କ ନିକଟରୁ ୨କୁଇଣ୍ଟାଲ ଓଜନର ପିତ୍ତଳ ଓ ତମ୍ବା ଠାକୁର ବାସନ, ଲକ୍ଷ୍ମୀ, ନଟରାଜ ଓ ପାର୍ବତୀଙ୍କ ମୂର୍ତ୍ତି ସହ ୨ଟି ବାଇକ୍ ଓ ଏକ ଟାଟା ଏସିଇ(ଓଡି ୩୩ଭି ୨୦୦୮) ଗାଡ଼ି ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା(ନଂ.୧୨୮/୨୨)ରୁଜୁ ହୋଇଛି। ରଥିପୁର ଗ୍ରାମର ଅଖତର୍ ଏହି ର୍‍ୟାକେଟର ମାଷ୍ଟରମାଇଣ୍ଡ ବୋଲି ପୋଲିସ କହିଛି। ପୋଲିସ ସୂଚନା ମୁତାବକ,

■ **ଲକ୍ଷାଧିକ ଟଙ୍କାର ଠାକୁରଙ୍କ ମୂର୍ତ୍ତି, ସାମଗ୍ରୀ ଜବତ**

■ **ମାଷ୍ଟରମାଇଣ୍ଡଙ୍କ ସମେତ ୫ ଗିରଫ**

ଜଟଣୀର ବିଭିନ୍ନ ଅଞ୍ଚଳରେ ଥିବା ୧୪ଟି ମନ୍ଦିର, ଖୋର୍ଦ୍ଧାର ୩ଟି, ଯାଁଳାର ୧, ଏପରି ୨୧ରୁ ଊର୍ଦ୍ଧ୍ୱ ମନ୍ଦିରରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ମୂର୍ତ୍ତି ଓ ସାମଗ୍ରୀ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଯାହାକି ପୋଲିସର ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ଜଟଣୀ ପୋଲିସ ପକ୍ଷରୁ ବିଭିନ୍ନ ମନ୍ଦିର ଓ ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯାଇ ଏସ୍‌ଆଇ ନିରଞ୍ଜନ ଓଝାଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ଉପରୋକ୍ତ ୫ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଠାକୁରଙ୍କ ମୂର୍ତ୍ତି ଓ ସାମଗ୍ରୀ ଜବତ କରିଛି। ତେବେ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ଜଟଣୀ ଥାନାରେ ୪ଟି, ବାଲିଅନ୍ତା ଥାନାରେ ୨ଟି, ଇନ୍‌ଫୋଭ୍ୟାଲି ଓ ଖୋର୍ଦ୍ଧା ମଡେଲ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି ବୋଲି ପୋଲିସ କହିଛି।

# କୋର୍ଟରେ ହାଜର ହେଲେ ଗୋବିନ୍ଦ, ରାଧେଶ୍ୟାମ

**ବଲାଙ୍ଗୀର ଅଫିସ, ୫।୪**

**ମମିତା ମେହେର ହତ୍ୟା ମାମଲା**

■ **୧୮ରେ ପରବର୍ତ୍ତୀ ଶୁଣାଣି**



ଗୋବିନ୍ଦ ସାହୁ



ରାଧେଶ୍ୟାମ ଚଣ୍ଡୀ

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ସହଯୋଗୀ ରାଧେଶ୍ୟାମ ଚଣ୍ଡୀଙ୍କୁ ମଙ୍ଗଳବାର କଣ୍ଟାବାଞ୍ଜି ଅତିରିକ୍ତ ଦୌରାଜଜ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ଏହି ମାମଲାର ଶୁଣାଣି ଆରମ୍ଭ ହେବାକୁ ଉଭୟ ଅଭିଯୁକ୍ତଙ୍କୁ ହାଜର କରାଯାଇଥିଲେ ମଧ୍ୟ ଶୁଣାଣି ହୋଇପାରିନାହିଁ। ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଓକିଲ ଦୁର୍ଗା ପାଢ଼ୀ କୋର୍ଟ ଜରିଆରେ କିଛି ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ଯଥା କଲ୍ ରେକର୍ଡ, ସାଇଣ୍ଟିଫିକ୍ ତଦନ୍ତ ରିପୋର୍ଟ ଓ ଅନ୍ୟ କାଗଜପତ୍ର ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଫଳରେ ମଙ୍ଗଳବାର ଏହି ମାମଲାର ଶୁଣାଣି ହୋଇପାରି ନ ଥିଲା। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆଗାମୀ ୧୮ ତାରିଖ ଧାର୍ଯ୍ୟ କରାଯାଇଥିବା ସୂଚନା ଦିଆଯାଇଛି। ଗତ ୯ ମାର୍ଚ୍ଚରେ ଗୋବିନ୍ଦ ସାହୁଙ୍କ ଓକିଲ କୋର୍ଟରେ ଏକ ପିଟିଶନ ଫାଇଲ କରିଥିଲେ। ଏହି ପିଟିଶନ ବିରୋଧରେ ସରକାରୀ ଓକିଲ ମଙ୍ଗଳବାର ଅବ୍‌ଜେକ୍ସନ୍ ଫାଇଲ କରିଥିଲେ। ଏହା ଉପରେ କୋର୍ଟରେ ଶୁଣାଣି ହେବା ପରେ ଆସନ୍ତା ୧୮ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିବା କୁହାଯାଇଛି। କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ଗତବର୍ଷ ଅକ୍ଟୋବର ୮ରୁ ଘରୁ ବାହାରି ପରେ ନିଖୋଜ ହୋଇଯାଇଥିଲେ । ଏନେଇ ପରିବାର ଲୋକେ ସିନ୍ଧେକେଲା ଥାନାରେ ଅଭିଯୋଗ କରିଥିଲେ। ଖୋଳତାଡ ପରେ ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁ ମମିତାଙ୍କୁ ଚାନ୍ଦୋତରା ଛକରୁ ଅପହରଣ କରିନେଇ ନିଜ କାର ଭିତରେ ତଣ୍ଟିଚିପି ହତ୍ୟା କରି ମହାଲିଙ୍ଗସ୍ଥିତ ନିର୍ମାଣାଧୀନ ଷ୍ଟାଡିୟମରେ ଗାତ ଖୋଳି ପୋଡି ପୋତି ଦେଇଥିବା ଜଣାପଡ଼ିଥିଲା। ଏଥିରେ ଗୋବିନ୍ଦଙ୍କ ସହଯୋଗୀ ରାଧେଶ୍ୟାମ ଚଣ୍ଡୀଙ୍କ ସମ୍ପୃକ୍ତି ଜଣାପଡିବା ପରେ ତାଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା।

# କାଳବୈଶାଖୀରେ ଭାଙ୍ଗିଲା ଘର

**ପାଟଣା, ୫।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସାହାରପଡା ବ୍ଲକ ଅଞ୍ଚଳ ରେ ମଙ୍ଗଳବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ରାଇପୁର ଗ୍ରାମର ଭରତ ମହାନ୍ତଙ୍କ ଘର ଉପରେ ଏକ ବିରାଟ ଆମ୍ବ ଗଛ ଭାଙ୍ଗି ଖସି ପଡିବାରୁ ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଘର ଭିତରେ ଥିବା ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେହିପରି ଉଦୟପୁର ଗ୍ରାମର ଗୋପାଳ ସାହିରେ ରଙ୍ଗଲତା ମହାନ୍ତଙ୍କ ୩ ବଖରା ଘରର ଆଜବେଷ୍ଟସ ଛପର ଉଡିଯାଇଛି। ଏଥିସହ ଉଦୟପୁର ଗ୍ରାମର ଅନନ୍ତ ମାଟିଆଙ୍କ ଘର ଉପରେ ମଧ୍ୟ ଏକ ବିରାଟ ଆମ୍ବ ଗଛ ପଡିଯିବାରୁ ୨ ବଖରା ଘର ଭାଙ୍ଗି ଯାଇଛି। ଖବର ପାଇ ଘଟଣା ସ୍ଥଳରେ ଉଦୟପୁର ରାଜସ୍ୱ ନିରୀକ୍ଷକ ସୁଶାନ୍ତ କୁମାର ଦ୍ୱିବେଦୀ ଓ ଉଦୟପୁର ସରପଞ୍ଚ ଲଳିତା ନାଏକ କ୍ଷତିଗ୍ରସ୍ତଙ୍କୁ ସରକାରଙ୍କ ପକ୍ଷରୁ ପଲିଥିନ ଯୋଗାଇ ଦିଆଯାଇଛି। ସମସ୍ତ କ୍ଷତିଗ୍ରସ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଖୁବଶୀଘ୍ର ଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR**
AT/PO- NAYABAZAR, CUTTACK -753004, Tel No. 0671-2444488, E-mail:serw_kpd@yahoo.com
Tender Online RCK - 8/22 Letter No,-781, Date :- 04/04/2022
**e-Procurement NOTICE**

**No.O-08:1**. Name of the Work: Construction of Bridge works in the District of Jajpur. 2. Class of Contractor : B & A Class as specified in the Column 6 of the Annexure. 3. Time for Completion : As specified in the Column-7 of the Annexure. 4. Detail Projects : As per Annexure attached. 5. Other details:

| Procurement Officer | Bid Identification No. | Availability of tender online for bidding | | Last Date & Time of seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-8/22 | 11.04.2022 at 11.00 A.M. | 25.04.22 upto 5.00 P.M. | 25.04.22 upto 2.00 P.M. | 26.04.22 at 11.30 A.M. | Will be intimated later |

Further details can be seen from the website **www.tendersorissa.gov.in.**
**Sd./- Chief Construction Engineer, Rural Works Circle, Kendrapara-Jajpur**
**OIPR-25129/11/0002/2223**

# ଜମ୍ବୀରା ମୁଖ୍ୟ କେନାଲରେ ଘାଇ



ମୁଖ୍ୟ କେନାଲରେ ସୃଷ୍ଟି ହୋଇଥିବା ଘାଇ।

**ବାରିପଦା ଅଫିସ,୫।୪**

ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ ଦେଉଳି ଖଇକିଆସ୍ଥିତ ଜମ୍ବୀରା ଡ୍ୟାମ୍‌ର ମୁଖ୍ୟ କେନାଲରେ ୧୦ଫୁଟର ଘାଇ ସୃଷ୍ଟି ହୋଇଛି। ଏଠାରୁ ୫ରୁ ୧୦ଫୁଟ ଉଚ୍ଚରେ ପାଣି ପ୍ରବାହିତ ହୋଇ ନିକଟସ୍ଥ ନଦୀରେ ମିଶିଯାଇଛି। ସୋମବାର ବିଳମ୍ବିତ ରାତିରେ ମୁଖ୍ୟ କେନାଲରେ ଘାଇ ସୃଷ୍ଟି ହୋଇ ସଂରକ୍ଷିତ ଥିବା ଜଳ ପ୍ରବାହିତ ହୋଇଥିଲା। ଘାଇ ସୃଷ୍ଟି ହେବା ଦ୍ୱାରା କେନାଲ ସଂଲଗ୍ନ ଚାଷ ଜମିଗୁଡ଼ିକରେ ବ୍ୟାପକ ଫସଲ ନଷ୍ଟ ହେବା ଆଶଙ୍କା କରାଯାଉଛି। ନିମ୍ନମାନର କାର୍ଯ୍ୟ ଯୋଗୁ ଏପରି ପରିସ୍ଥିତି ଉପୁଜିଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେବେ କେନାଲ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବା ଜଳ ସମ୍ପଦ ବିଭାଗ ଅଧିକାରୀ କହିଛନ୍ତି।

**GOVT. OF ODISHA**
**OFFICE OF THE COLLECTOR KANDHAMAL, PHULBANI**
**(ST & SC Development Section)**
**e-mail: dwo.kandhamal@gmail.com**
**Notification No.1794/SSD/XVI-11/2021, Date:04.04.2022**

**No.V-06:**Applications in prescribed format are invited from the deserving candidates from native of Odisha for engagement as Initial Appointee through WRITTEN EXAMINATION in the following categories of posts against existing vacancy in ST & SC Development Department Educational institutions run in Kandhamal District. Preference will be given to the candidates belonging to Kandhamal District.

| Sl. No. | Name of the Post | Category wise Vacancy Position | | | | | | | | |
|---|---|---|---|---|---|---|---|---|---|---|
| | | ST | ST(W) | SC | SC(W) | SE BC | SEBC (W) | UR | UR(W) | Total |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | TGT, Arts | 3 | 1 | 1 | 1 | 3 | 1 | 7 | 3 | 20 |
| 2 | TGT, Science (PCM) | 4 | 2 | 1 | 0 | 1 | 0 | 3 | 0 | 11 |
| 3 | TGT, Science (CBZ) | 2 | 0 | 2 | 1 | 1 | 0 | 3 | 1 | 10 |
| 4 | Hindi | 1 | 0 | 1 | 0 | 0 | 0 | 6 | 2 | 10 |
| 5 | Sanskrit | 2 | 1 | 1 | 0 | 0 | 0 | 3 | 1 | 8 |

(4% will be reserved for Physically Handicapped as per instructions contained in SSPED Deptt. Resolution No. 7140 / Dtd. 05.09.2017. 1% for eminent sports personnel (having represented stated and country and State in Govt. recognised sporting events) and 3% for Ex - Serviceman) In pursuance of Odisha Civil Service (Fixation of Upper Age Limit) Amendment Rules, 2022 (Odisha Gazette Notification No. 771/Gen. dated 11.01.2022 of General Administration & Public Grievance Deptt. Odisha), the Candidates who are availing of age relaxation (i.e upper age limit-38 years) need to be apply in response to this advertisement. **Those candidates who have already been applied in response to this office Notification no. 4866/SSD & 4868/SSD Dated. 31.12.2021 need not to apply again.**
The detailed advertisement and the selection criteria may be obtained from office Notice board of District Welfare Office, Kandhamal and District Website www.kandhamal.nic.in. The candidates may download the advertisement, scheme/ syllabus (for written examination) and application format accordingly. The last date of receipt of application in the Office of the District Welfare Office, Kandhamal is 20.04.2022 by Regd. Post / Speed Post only.
**Sd./- Collector, Kandhamal, Phulbani**
**OIPR/26066/11/0001/2223**

# ରାସ୍ତାରେ ଟଙ୍କା ପକାଇ ୧୨ ଲକ୍ଷ ଲୁଟ୍

**ରାଉରକେଲା ଅଫିସ,୫।୪**

ରାଉରକେଲା ଉଦିତନଗର ଥାନା ଅଧୀନ ରିଂରୋଡରେ ମଙ୍ଗଳବାର ଦିନ ଦ୍ୱିପ୍ରହରରେ ୧୨ ଲକ୍ଷ ଟଙ୍କା ଲୁଟ୍ ହୋଇଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ତନାଘନା ଚଳାଇଛି। ରିପୋର୍ଟ ଲେଖାହେବା ସୁଦ୍ଧା (ରାତି ସାଢେ ୮ଟା) ଦୁର୍ବୃତ୍ତଙ୍କ ଟେର ମିଳିନି। ପୋଲିସ ସୂଚନା ଅନୁସାରେ, ସେକ୍ଟର-୨୧ ସ୍ଥିତ ରାଉରକେଲା ବନ ଉନ୍ନୟନ ନିଗମର କର୍ମଚାରୀ ଦାଶରଥି ଷଣ୍ଢ ଠିକା କର୍ମଚାରୀଙ୍କୁ ଦରମା ଦେବା ପାଇଁ ମଙ୍ଗଳବାର ଦିନ ସାଢ଼େ ୧୨ଟା ସମୟରେ ଉଦିତନଗର ସ୍ଥିତ କାନାରା ବ୍ୟାଙ୍କରୁ ୧୨ ଲକ୍ଷ ଟଙ୍କା ଉଠାଇଥିଲେ। ସେ ଏହି ଟଙ୍କା ତାଙ୍କ ଆକ୍ଟିଭା ଗାଡି ଡିକିରେ ରଖି ଉଦିତନଗର ସ୍ଥିତ ସିଂହାସିନୀ ମନ୍ଦିର ରୋଡ ଦେଇ ଅଫିସକୁ ଯାଉଥିଲେ। ଏହି ସମୟରେ ଦୁଇଜଣ ଦୁର୍ବୃତ୍ତ ପିଛା କରି ରାସ୍ତାରେ ଟଙ୍କା ପଡିଯାଉଥିବା ଦାଶରଥିଙ୍କୁ କହିଥିଲେ। ଫଳରେ ସେ ନିଜ ଗାଡି ଅଟକାଇ ଟଙ୍କା ଗୋଟାଇବା ପାଇଁ ଯାଇଥିଲେ। ଏହାର ସୁଯୋଗ ଦେଇ ଉକ୍ତ ଦୁର୍ବୃତ୍ତ ଦାଶରଥିଙ୍କ ଗାଡି ଡିକି ଭାଙ୍ଗି ଟଙ୍କା ବ୍ୟାଗ୍ ଧରି ଫେରାର ହୋଇ ଯାଇଥିଲେ। ଏ ସମ୍ପର୍କରେ ବନ ବିଭାଗର ଅନ୍ୟ କର୍ମଚାରୀମାନେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି।

# ହାତୀ ଆକ୍ରମଣରେ ମଇଁଷି ଚରାଳିଙ୍କ ମୃତ୍ୟୁ

**ଗୁଣପୁର,୫।୪(ଡି.ଏନ୍.ଏ.)**

**୧୫ ଦିନରେ ଦ୍ୱିତୀୟ ଘଟଣା**

ମଇଁଷି ଚରେଇବାକୁ ଯାଇଥିବା ଜଣେ ବ୍ୟକ୍ତଙ୍କୁ ହାତୀପଲ ଦଳିଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଗୁଣପୁର ସହର ଇରିଗେଶନ କଲୋନିର ରମେଶ ଗୌଡ଼(୪୫)। ୧୫ ଦିନ ମଧ୍ୟରେ ଗୁଣପୁରରେ ଏହା ଦ୍ୱିତୀୟ ଘଟଣା। ରମେଶ ମଙ୍ଗଳବାର ସକାଳେ ମଇଁଷି ଚରାଇବାକୁ ଯାଇଥିଲେ। ଏହି ସମୟରେ ଚାଲକମ୍ବାକାଲମା ଜଙ୍ଗଲ ରାସ୍ତାର ଟଙ୍ଗଟଙ୍ଗ ବନ୍ଧ ନିକଟରେ ୬ଜଣିଆ ହାତୀପଲ ରମେଶଙ୍କୁ ଦଳିଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଗୁଣପୁର ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ଲୋକମାନଙ୍କୁ ବାରଣ କରିବା ସତ୍ତ୍ୱେ ସେମାନେ ହାତୀ ଦେଖିବାକୁ ଯାଉଛନ୍ତି। ଫଳରେ ହାତୀ ଆକ୍ରମଣର ଶିକାର ହେଉଛନ୍ତି ବୋଲି ରେଞ୍ଜର ରଞ୍ଜନ କୁମାର ମହାନ୍ତି କହିଛନ୍ତି। ରମେଶଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସହାୟତା ମିଳିବ। ସୂଚନାନୁଯାୟୀ, ଗତ ୨୩ ତାରିଖରେ ଚାଲକମ୍ବା ଗ୍ରାମର ଗଦାଧର ସେନାପତି ମଧ୍ୟ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। କିଛି ମାସ ହେବ ହାତୀ ଗୁଣପୁର ବ୍ଲକର ରୂପାପଦର, ତରାମାଳ, ଝୁମ୍ପାପୁର ଅଞ୍ଚଳରେ ରହି ଆସୁଛନ୍ତି। ଗୁଣପୁର ସହରଠାରୁ ମାତ୍ର ୭ କି.ମି. ଦୂର ମଧ୍ୟରେ ହାତୀ ପଲ ରହୁଥିବାରୁ ଲୋକଙ୍କ ମଧ୍ୟରେ ଭୟ ଦେଖାଦେଇଛି। ତେଣୁ ହାତୀପଲଙ୍କୁ ଘଉଡ଼ାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବନ୍ୟଜନ୍ତୁଙ୍କ ଅଙ୍ଗପ୍ରତ୍ୟଙ୍ଗ ଜବତ, ଜଣେ ଗିରଫ

**ପାତ୍ରପୁର, ୫।୪(ଡି.ଏନ.ଏ.)**

**ତିତିଗାଁରେ ଜଙ୍ଗଲ ବିଭାଗର ଚଢ଼ାଉ**

ଗଞ୍ଜାମ ଜିଲା ସାମନ୍ତିଆପଲ୍ଲି ବନାଞ୍ଚଳ ଅଧୀନ ତିତିଗାଁରେ ମଙ୍ଗଳବାର ବିପୁଳ ପରିମାଣର ବନ୍ୟଜନ୍ତୁଙ୍କ ଅଙ୍ଗପ୍ରତ୍ୟଙ୍ଗ ଜବତ ହୋଇଛି। ଏହି ଘଟଣାରେ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ତିତିଗାଁର ବଳରାମ ସାହୁ। ପ୍ରକାଶ ଯେ, ବଳରାମଙ୍କ ଘରେ ବନ୍ୟଜନ୍ତୁଙ୍କ ଅଙ୍ଗପ୍ରତ୍ୟଙ୍ଗ ରହିଥିବା ଖବର ପାଇ ସାମନ୍ତିଆପଲ୍ଲି ବନାଞ୍ଚଳ ଅଧିକାରୀ ରଜତ କୁମାର ମିଶ୍ର, ଜରଡ଼ା ଏସ୍‌ଆଇ ସତ୍ୟନାରାୟଣ ପାଢ଼ୀ ଏବଂ ତହସିଲଦାର ଅମିତ୍ କୁମାର ନାୟକ ମିଳିତ ଭାବେ ଚଢ଼ାଉ କରିଥିଲେ। ସେଠାରୁ ୨ଟି ଚିତାବାଘ ଛାଲ, ଗୋଟିଏ ଚିତ୍ରା ହରିଣ ଛାଲ, ଦୁଇଟି ହରିଣ ଶିଙ୍ଗ, ଝିଙ୍କ କାଠି ୩୮ଟି, ବାର୍ହା ଦାନ୍ତ ୭, ଗୋଟିଏ ବଜ୍ରକାପ୍ତା କାତି, ୫ ଚିତାବାଘ ଦାନ୍ତ, ଗୋଟିଏ ଚିତାବାଘ ନଖ, ଗୋଟିଏ ଚିତାବାଘ ହାଡ଼, ଗୁରାଣ୍ଡି ଖୁରା ଏବଂ ୮୦ ଫୁଟର ମୂଲ୍ୟବାନ ଶାଗୁଆନ କାଠପଟା ବନ ବିଭାଗ ଜବତ ହୋଇଛି। ଏ ନେଇ ନଂ. ୧/୨୨,୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ଜବତ ହୋଇଥିବା ବନ୍ୟଜନ୍ତୁଙ୍କ ଅଙ୍ଗପ୍ରତ୍ୟଙ୍ଗ।

**TPWODL**
**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint venture)**
**Corporate Office : Burla, Dist.-Sambalpur (Odisha)-768017**
**NOTICE INVITING TENDER**
**Tender Notice No. TPWODL/NP/O/SU/ 117**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**Rate Contract for Supply of Hardware Fittings & LT GI Pin.**

Interested bidders to submit Tender Participation Fee and Authorization Letter through email on or before **18th April 2022, 15:00Hrs**, after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

Sd /- **Chief-Contracts and Stores**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KENDRAPARA - JAJPUR**
**At/P.O.- Nayabazar, Cuttack - 753004, Tel. No. 0671-2444488, Email: serw_kpd@yahoo.com**
**No. Tender Online RCK-9/22 Letter No. 797 Date: 04.04.2022**
**E-Procurement NOTICE**

No. O-09: The Chief Construction Engineer, R.W. Circle, Kendrapara-Jajpur on behalf of Odisha State Rural Road Agency invites the percentage rate bids in electronic tendering system for construction of roads under Pradhan Mantri Gram Sadak Yojana in the district of **Kendrapara for 1 (One)** numbers of packages with estimated cost totaling to Rs.2.19 Cr. (Approximately) including their maintenance for five years from the eligible contractors registered with State PWD/CPWD/MES/Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.
**Date of release of Invitation for Bids through e-Procurement: Dtd.07.04.2022.**
**Availability of Bid documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the Authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security declaration and (c) original affidavit regarding correctness of information furnished with bid document as per provisions of Clause 4.4B (a) (ii) of ITB with **Chief Construction Engineer, R.W. Circle, Kendrapara-Jajpur** on a date not later than three working days after the opening of technical qualification part of the Bid, either by Registered Post or By Hand, failing which the bids shall be declared non-responsive.
**summary for key dates is provided below:**

| Procurement Officer | Bid Identification No. | Availability of Tender Online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender RCK-9/22 | 07.04.2022 at 11.00 A.M. | 27.04.2022 to 5.00 P.M. | 26.04.2022 upto 5.00 P.M. | 28.04.2022 at 11.30 A.M. | Will be intimated later |

Date of submission of original documents such as Bid Security Declaration, Cost of bid document and affidavit Dt.28.04.2022 at 11.30 A.M. to 30.04.2022 at 3.00 P.M.
Further details can be seen from the website **www.pmgsytenders.gov.in**.
**Sd./- Chief Construction Engineer, Rural Works Circle, Kendrapara-Jajpur**
**OIPR-25129/11/0001/2223**

## ସଂକ୍ଷେପରେ

### ଜଳୁଛି ଜଙ୍ଗଲ, ବନ ବିଭାଗର ଦେଖାନାହିଁ

**କୁତ୍ରା, ୫।୪(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ କୁତ୍ରା ବ୍ଲକର ବିଭିନ୍ନ ଜଙ୍ଗଲଗୁଡିକ କିଛିଦିନ ହେବ ଜଳୁଥିବା ଦେଖିବାକୁ ମିଳିଛି। ସୋମବାର ନୂଆଗାଁ ଜଙ୍ଗଲରେ ହୁତହୁତ ହୋଇ ଜଳୁଥିବା ଦେଖିବାକୁ ମିଳିଛି। ନିଆଁକୁ ଆୟତ୍ତ କରିବା ପାଇଁ ଗ୍ରାମବାସୀ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଛନ୍ତି। ତେବେ ସବୁଠୁ ଆଶ୍ଚର୍ଯ୍ୟର ବିଷୟ ହେଲା ବନ ବିଭାଗର ଦେଖା ନାହିଁ। ଜଙ୍ଗଲ ନିଆଁରେ ସେପଟେ ବହୁ ମୂଲ୍ୟବାନ ଗଛ ଓ ବନ୍ୟଜନ୍ତୁଙ୍କ ପାଇଁ ବିପଦ ସୃଷ୍ଟି ହୋଇଛି । ଗ୍ରାମବାସୀଙ୍କ କହିବା ମୁତାବକ ବନ ବିଭାଗକୁ ଫୋନକଲେ ମଧ୍ୟ ସେମାନେ ଆସୁ ନାହାନ୍ତି। ସ୍ଥାନୀୟ ବନ ବିଭାଗ କିମ୍ବା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ଏହି ନିଆଁ ସମ୍ପୂର୍ଣ୍ଣ ଜଙ୍ଗଲକୁ କବଳିତ କରିବାକୁ ବସିଥିବା ବେଳେ ବନ୍ୟପ୍ରାଣୀ, ଗଛଗୁଡିକ ଯଥା ଶାଳ, ମହୁଲ,କେନ୍ଦୁ,କୁସୁମ,ଜାମୁ ଇତ୍ୟାଦି ଗଛ ଗୁଡିକ ପୋଡିଯିବା ଆଶଙ୍କା ସୃଷ୍ଟି ହେବା ସହ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଲୋକେ ଭୟଭୀତ ହୋଇପଡିଛନ୍ତି।ଜଙ୍ଗଲରେ ନିଆଁ ଲାଗି ପରିବେଶ ଉତ୍ତପ୍ତ କରିବା ସହ ଧୂଆଁରେ ପ୍ରଦୂଷଣ ସୃଷ୍ଟି କରୁଛି। ବନବିଭାଗ ପ୍ରଶାସନ ବୃକ୍ଷରୋପଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ ଏହି ଘନ ଜଙ୍ଗଲ ମଧରେ ରହିଥିବା ବିରାଟ ମୂଲ୍ୟବାନ ବୃକ୍ଷଗୁଡିକର ସୁରକ୍ଷା ପ୍ରତି କେହି ଧାନ ଦେଉନାହାନ୍ତି। ନିଆଁ ଲିଭାଇବା ପାଇଁ ଆନ୍ତରିକତା ଦେଖାଉ ନ ଥିବା ଅଭିଯୋଗ ହେଉଛି। ଏହାକୁ ନେଇ ତାପମାତ୍ରା ବୃଦ୍ଧି ପାଉଛି। ତେଣୁ ଏହି ନିଆଁକୁ ତୁରନ୍ତ ଆୟତ କରିବା ସହ ନିଆଁ ଲଗାଇଥିବା ଦୁର୍ବୃତ୍ତଙ୍କ ପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

### ଗୋଟିଏ ଦିନରେ ୨ ପୃଥକ୍ ଆତ୍ମହତ୍ୟା

**ଖଡିଆଳ,୫।୪(ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ଥାନା ଅଞ୍ଚଳରେ ସୋମବାର ୨ଟି ପୃଥକ ଆତ୍ମହତ୍ୟା ଘଟଣା ଘଟିଛି। ମୃତକ ଦ୍ୱୟ ହେଲେ ଏହି ଥାନା ଅଞ୍ଚଳ ଚନାବେଡା ଗାଁର କବିରାଜ ବେହେରା (୪୦) ଏବଂ ବରଗାଁ ଶବରପଡାର ବିଳାସିନୀ ଶବର (୨୬)। ଖବର ପାଇ ଖଡିଆଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ପୃଥକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁସାରେ ଖଡିଆଳ ଥାନା ଚନାବେଡା ଗାଁର ଏକ ଆଖୁବାଡିରେ ଟେଣ୍ଡା କୂଅଁରେ ବେକରେ ରଶି ଲଗାଇ ଗାଁ କବିରାଜ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡି ନ ଥିବା ବେଳେ ଖଡିଆଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ସେହିପରି ଅନ୍ୟ ଏକ ଘଟଣାକ୍ରମରେ ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧରେ ଗଣ୍ଡଗୋଳକୁ କେନ୍ଦ୍ର କରି ସ୍ତ୍ରୀ ବିଳାସିନୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଅନେକ ସମୟରେ ସ୍ତ୍ରୀଙ୍କ ଚରିତ୍ରକୁ ସ୍ୱାମୀ ରୋହିତ ଶବର ସନ୍ଦେହ କରୁଥିଲେ। ଏହାକୁ ସନ୍ଦେହ କରି ଦୁହିଁଙ୍କ ମଧରେ ଗଣ୍ଡଗୋଳ ହୋଇଥିଲା। ବିଳାସିନୀ ଉତ୍ତ୍ୟକ୍ତ ହୋଇ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଖବର ପାଇ ମାଜିଷ୍ଟ୍ରେଟ ଦାୟିତ୍ୱରେ ଅତିରିକ୍ତ ତହସିଲଦାର ଭୁପିନ୍ଦର ସିଂଙ୍କ ସମେତ ଖଡିଆଳ ଏସଡିପିଓ ସନ୍ତକ ଜେନା, ଆଇଆଇସି ଅନିରୁଦ୍ଧ ମୁଦୁଲୀ ସଦଳବଳେ ପହଞ୍ଚି ମୃତଦେହ ଜବତ କରିଛି। ସ୍ୱାମୀ ରୋହିତ ଶବରଙ୍କୁ ଗିରଫ କରି ପୋଲିସ ତଦନ୍ତ ଜାରି ରଖିଛି।

# ୭ ବ୍ଲକରୁ ୧ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ

**ସୁନ୍ଦରଗଡ଼, ୫।୪(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲାରେ ପ୍ରଥମ ଥର ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍ଜି)କୁ ଚାଷୀଙ୍କଠାରୁ ଧାନ ସଂଗ୍ରହ କାମରେ ନିୟୋଜିତ କରାଯାଇଥିଲା। ଏହି କାମରେ ସାମିଲ ହୋଇ ଜିଲାର ମିଶନ ଶକ୍ତିର ମହିଳାମାନେ ବିଶେଷ ସଫଳତା ହାସଲ କରିଛନ୍ତି। ଗତ ଖରିଫ ଋତୁରେ ୧୯୨୬ ଜଣ ଚାଷୀଙ୍କଠାରୁ ସେମାନେ ୧ଲକ୍ଷ ୮ହଜାର ୪୯୫ କୁଇଣ୍ଟାଲ ଧାନ ସଂଗ୍ରହ କରି ପ୍ରଶାସନଠାରୁ ପ୍ରଶଂସା ପାଇପାରିଛନ୍ତି। ରାଜ୍ୟ ସରକାରଙ୍କ ଜୀବିକା ମିଶନ ଅଧୀନରେ ତଥା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଏସ୍ଏଚ୍ଜି ମହିଳାମାନଙ୍କୁ ୨୦୨୧-୨୨ ଖରିଫ ଋତୁ ପାଇଁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯାଇଥିଲା। ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ପାଇଲଟ ଭିତ୍ତିରେ ଜିଲାର ୮ଟି ଏସ୍ଏଚ୍ଜିକୁ ୭ଟି ବ୍ଲକ ବାଲିଶଙ୍କରା, ବଡ଼ଗାଁ, ଗୁରୁଣ୍ଡିଆ, କୁଆଁରମୁଣ୍ଡା, ଲେଫ୍ରିପଡ଼ା ଲାଠିକଟା, ଲହୁଣୀପଡ଼ା ଦାୟିତ୍ୱ ଦିଆଯାଇଥିଲା। ଏ ସମ୍ପର୍କରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ କହିଛନ୍ତି ଯେ, 'ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ନିଷ୍ପତ୍ତିକ୍ରମେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ



ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଧାନ ସଂଗ୍ରହ କରୁଛନ୍ତି।

ପ୍ରଥମ ଥର ପାଇଁ ବିଭିନ୍ନ ବ୍ଲକରେ ଧାନ ସଂଗ୍ରହ ଦାୟିତ୍ୱ ଦିଆଯାଇଥିଲା। ଏହି ନୂଆ ପ୍ରକାରର କାମକୁ ସେମାନେ ଠିକ ଭାବେ ପରିଚାଳନା କରିପାରିଛନ୍ତି। ପ୍ରଥମ ବର୍ଷର ସଫଳତାକୁ ଆଧାରକରି ଚଳିତ ଖରିଫ ଋତୁରେ ଜିଲାର ୫୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନ ସଂଗ୍ରହ ପ୍ରକ୍ରିୟାରେ ଯୋଡ଼ିବା ଲକ୍ଷ୍ୟ ରଖାଯାଇଛି। ସରକାରୀ ମାନଦଣ୍ଡ ଅନୁଯାୟୀ ଯେଉଁ ମହିଳା ଏସ୍ଏଚ୍ଜିଙ୍କ ପାଖରେ ଧାନ ଗଚ୍ଛିତ ରଖିବା ପାଇଁ ଗୋଦାମ ଘର, ମଣ୍ଡିକୁ ଯିବା ଆସିବା ଲାଗି ରାସ୍ତା, ବିଜୁଳି ଓ କମ୍ପ୍ୟୁଟର ସୁବିଧା ସହ ଡାଟା ଏଣ୍ଟ୍ରି ଅପରେଟର ରହିଥିବେ ସେମାନଙ୍କୁ ଧାନ ସଂଗ୍ରହ ଦାୟିତ୍ୱ ଦିଆଯାଇଥିଲା। ମନୋନୀତ ଗୋଷ୍ଠୀର ସଦସ୍ୟାମାନଙ୍କୁ ଜିଲାସ୍ତରରେ ଏକ ଦୁଇ ଦିନିଆ କର୍ମଶାଳାରେ ସାମିଲ କରି ଧାନ ସଂଗ୍ରହର ବିଭିନ୍ନ ପ୍ରକ୍ରିୟା ଉପରେ ବିଧିବଦ୍ଧ ତାଲିମ ଦିଆଯାଇଥିଲା। ଚାଷୀଙ୍କ ପଞ୍ଜୀକରଣ, ଧାନ ସଂଗ୍ରହବେଳେ ଧାନର ମାନ ନିରୂପଣ, ବିଶେଷକରି ଆର୍ଦ୍ରତା ପରୀକ୍ଷା, ମାପ, ଓଜନ ଏବଂ ଧାନର ସଂରକ୍ଷଣ ଆଦି କିପରି ସୁରୁଖୁରୁରେ କରାଯିବ ସେ ବିଷୟରେ ମହିଳାମାନେ ତାଲିମ ନେଇଥିଲେ। ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ସେମାନଙ୍କୁ ଏଥିପାଇଁ ବୈଷୟିକ ସହଯୋଗ ଯୋଗାଇ ଦିଆଯାଇଥିଲା। ବାଲିଶଙ୍କରା ବ୍ଲକରେ ଜୟ ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ସର୍ବାଧିକ ୪୩ ହଜାର କୁଇଣ୍ଟାଲରୁ ଅଧିକ ଧାନ ସଂଗ୍ରହ କରିଥିବା ବେଳେ ଲହୁଣୀପଡା ବ୍ଲକର ମା' ଠାକୁରାଣୀ ଏସ୍ଏଚଜି ୧୮ ହଜାର କୁଇଣ୍ଟାଲରୁ ଅଧିକ ଧାନ କ୍ରୟ କରିପାରିଛନ୍ତି। ସେହିପରି ଲେଫ୍ରିପଡ଼ା ବ୍ଲକର ମେଘନା ଏସ୍ଏଚ୍ଜି

**ସୁନ୍ଦରଗଡ଼ ଜିଲା**
- ଧାନ ସଂଗ୍ରହ ପ୍ରକ୍ରିୟାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଫଳତା
- ପାଇଲଟ ଭିତ୍ତିରେ ପ୍ରଥମ ଥର ଏସ୍ଏଚ୍ଜିକୁ ଧାନ ସଂଗ୍ରହ ଦାୟିତ୍ୱ
- ୭ ବ୍ଲକରେ ୮ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ନିୟୋଜିତ

୧୬ ହଜାର କୁଇଣ୍ଟାଲ, ବଡ଼ଗାଁ ବ୍ଲକରେ ଶାନ୍ତି ଏସ୍ଏଚ୍ଜି ୬,୬୪୩ କୁଇଣ୍ଟାଲ, ଗୁରୁଣ୍ଡିଆ ବ୍ଲକରେ ମା' ତାରିଣୀ ଏସ୍ଏଚଜି ୪,୯୦୬ କୁଇଣ୍ଟାଲ, କୁଆଁରମୁଣ୍ଡା ବ୍ଲକର ଇନ୍ଦିରା ଏସ୍ଏଚ୍ଜି ୫,୮୮୬ କୁଇଣ୍ଟାଲ, ଲହୁଣୀପଡ଼ା ବ୍ଲକର ମାର୍ଥା ଏସ୍ଏଚ୍ଜି ୬,୧୬୦ କୁଇଣ୍ଟାଲ ଏବଂ ଲାଠିକଟା ବ୍ଲକରେ କାମଧେନୁ ଏସ୍ଏଚ୍ଜି ୬,୯୪୦ କୁଇଣ୍ଟାଲରୁ ଅଧିକ ଧାନ ସଂଗ୍ରହ କରିପାରିଛନ୍ତି।

ଜିଲାରେ ବୃହତ ଆଞ୍ଚଳିକ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ), ଆର୍ସିଏମଏସ ଆଦି ସଂସ୍ଥା ଉଭୟ ଖରିଫ ଏବଂ ରବି ଧାନ ସଂଗ୍ରହ କରୁଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟାକୁ ଅଧିକ ପ୍ରଭାବୀ କରିବା ସହ ମହିଳାଙ୍କ ହାତକୁ କାମ ଦେଇ ସେମାନଙ୍କୁ ଜୀବିକାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ ମିଶନ ଶକ୍ତିର ମହିଳା ଗୋଷ୍ଠୀକୁ ଚାଷୀଙ୍କଠାରୁ ଧାନ କ୍ରୟର ଦାୟିତ୍ୱ ଦିଆଯାଉଛି।

### ଓଏଏସ୍ ସ୍ତରରେ ଅଦଳବଦଳ ୪ଜଣଙ୍କୁ ପଦୋନ୍ନତି

**ଭୁବନେଶ୍ୱର,୫।୪(ବ୍ୟୁରୋ)**

ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଏନେଇ ମଙ୍ଗଳବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଓଏସ୍ସିଏସ୍ସିର ଏମ୍ଡି ବିଶ୍ୱଜିତ କେଶରୀ ଦାସଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଏବଂ ରାୟଗଡ଼ା ପଦ୍ମପୁର ବିଡିଓ ଦୟାମୟ ପାଢ଼ୀଙ୍କୁ ଝାରସୁଗୁଡ଼ା ସବକଲେକ୍ଟର ଭାବେ ବଦଳି କରାଯାଇଛି। ଏଥିସହିତ ୪ଜଣ ଓଏଏସ୍ ଅଧିକାରୀଙ୍କୁ ମଧ୍ୟ ରାଜ୍ୟ ସରକାର ପଦୋନ୍ନତି ଦେଇଛନ୍ତି। ବାଲେଶ୍ୱର ଏଫ୍ଏମ୍ ରେଜିଷ୍ଟ୍ରାର କୁଙ୍କୁମିନା ଦାସ, ବାଲେଶ୍ୱର ନୀଳଗିରି ସବ୍କଲେକ୍ଟର ଦୀପ୍ତି ରଞ୍ଜନ ସେଠୀ, କଟକ ଓପିଏସ୍ସି ଅଣ୍ଡର ସେକ୍ରେଟାରୀ ଦୀପ୍ତିରେଖା ପାତ୍ର ଏବଂ ସମ୍ବଲପୁର ଡେପୁଟି କଲେକ୍ଟର ଜୟଶ୍ରୀ ପାଢ଼ୀଙ୍କୁ ଓଏଏସ୍ ଗ୍ରେଡ -ଏ (ସିନିୟର ବ୍ରାଞ୍ଚ)ରୁ ଓଏଏସ୍ (ସୁପର ଟାଇମ୍ସ ସ୍କେଲ)କୁ ପଦୋନ୍ନତି ଦିଆଯାଇଛି।

### ଓକିଲସଂଘର ଜମି ରେଜିଷ୍ଟ୍ରେଶନ ବନ୍ଦ

**ରାଜଗାଙ୍ଗପୁର, ୫।୪(ଡି.ଏନ.ଏ.)**

**ସରକାରୀସ୍ତରରେ ଜମିଦର ବୃଦ୍ଧି ପ୍ରତିବାଦ**

ରାଜଗାଙ୍ଗପୁର ସବରେଜିଷ୍ଟ୍ରର ଅଧିନସ୍ଥ ରାଜଗାଙ୍ଗପୁର, କୁତ୍ରା ଓ ବଡଗାଁ ଅଞ୍ଚଳର ରୟତି ଜମିଗୁଡିକର ସରକାରୀସ୍ତରରେ ଅହେତୁକ ଦର ବୃଦ୍ଧି ପ୍ରତିବାଦ କରିଛି ରାଜଗାଙ୍ଗପୁର ଓକିଲ ସଂଘ। ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରେଜିଷ୍ଟ୍ରେସନ କାର୍ଯ୍ୟ ବନ୍ଦ କରିଦିଆଯାଇଛି। ରାଜଗାଙ୍ଗପୁର ସବରେଜିଷ୍ଟ୍ରର ଅଧିନରେ ରାଜଗାଙ୍ଗପୁରର ୭୪ଟି ଗ୍ରାମ, କୁତ୍ରାର ୫୬ ଓ ବଡ଼ଗାଁର ୬୯ ସମୁଦାୟ ୧୯୯ଟି ଗ୍ରାମର ଜମି ରେଜିଷ୍ଟ୍ରେସନ ସହ ଅନ୍ୟ ଜମିଜମା କାର୍ଯ୍ୟ ହୋଇଥାଏ। ଚଳିତବର୍ଷ ଏହି ଗ୍ରାମଗୁଡିକ ମଧ୍ୟରୁ ଅଧିକାଂଶ ଗ୍ରାମଗୁଡିକର ଜମି ଦର ସରକାରୀ ସ୍ତରରେ ଏକର ପିଛା ଲକ୍ଷାଧିକ ଟଙ୍କା ବୃଦ୍ଧି କରାଯାଇଛି। ଏହା ଚଳିତ ଏପ୍ରିଲରୁ ଲାଗୁ କରିବା ପାଇଁ ସବରେଜିଷ୍ଟ୍ରର ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଏହି ନୂତନ ଜମି ଦରକୁ ବେଞ୍ଚ ମାର୍କ ଭେଲୁଏସନ ଭାବେ ଗ୍ରହଣ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଅହେତୁକ ସରକାରୀ ଜମି ଦର ବୃଦ୍ଧି ଯୋଗୁ ସାଧାରଣ ଜନତା ବହୁ ମାତ୍ରାରେ ପ୍ରଭାବିତ ହେବା ସହିତ କିଣାବିକା ମଧ ପ୍ରଭାବିତ ହେବ ବୋଲି ଓକିଲ ସଂଘ ଦର୍ଶାଇଛି। ଜମି ରେଜିଷ୍ଟ୍ରେସନ କାର୍ଯ୍ୟ ବନ୍ଦ କରିବା ସହ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ପତ୍ର ଦ୍ୱାରା ଓକିଲ ସଂଘ ଲିଖିତ ଭାବେ ଜଣାଇଛନ୍ତି ଓ ଏହି ସରକାରୀ ନୂତନ ଜମି ଦର କମ ନ ହେବା ପର୍ଯ୍ୟନ୍ତ ସମସ୍ତ ରେଜିଷ୍ଟ୍ରେସନ କାର୍ଯ୍ୟ ବନ୍ଦ ରଖିବା ପାଇଁ ସଂଘ ନିଷ୍ପତ୍ତି ନେଇଛନ୍ତି।

### ଜଙ୍ଗଲରେ ନିଆଁ ନିବାରଣ ସଚେତନତା କାର୍ଯ୍ୟକ୍ରମ



ନିଆଁ ନିବାରଣ ସମ୍ପର୍କରେ ଅଭିନୟ ମାଧ୍ୟମରେ ଲୋକଙ୍କୁ ବୁଝାଯାଉଛି।

**ଲହୁଣୀପଡ଼ା,୫।୪(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବାଙ୍କି ରେଞ୍ଜ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ସୋମବାର ଜଙ୍ଗଲରେ ନିଆଁ ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାଙ୍କି ରେଞ୍ଜର ଅଜୟ କୁମାର ଖେସ ଯୋଗ ଦେଇଥିଲେ। ମହୁଲ, କେନ୍ଦୁ ପ୍ରଭୃତି ସଂଗ୍ରହ ପାଇଁ ଜଙ୍ଗଲରେ ପଡିଥିବା ଶୁଖିଲା ପତ୍ରରେ ନିଆଁ ନ ଲଗାଇବା ପାଇଁ ଲୋକଙ୍କୁ ପରାମର୍ଶ ଦେଇଥିଲେ। କୁଚେଇତା, ଚନ୍ଦରପୁର, ଚାନ୍ଦିପୋଷ, ମୁଣାବିରା ପ୍ରଭୃତି ଗ୍ରାମରେ ସଚେତନତାମୂଳକ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରାଯାଇଥିଲା। ଗ୍ରାମବାସୀ ମିଳିତ ହୋଇ ନିଜ ଅଞ୍ଚଳର ଜଙ୍ଗଲର ସୁରକ୍ଷା କରିବା ପାଇଁ ନିବେଦନ କରାଯାଇଥିଲା। ୱାଇଏମ୍ଏଫ୍ଆଇର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ କଳାକାର ବାପି ପଲାଇ, ବିଷ୍ଣୁପ୍ରିୟା, ସୁନିତା ପ୍ରମୁଖ ସୁନ୍ଦର ଅଭିନୟ ମାଧ୍ୟମରେ ଲୋକଙ୍କୁ ବୁଝାଇଥିଲେ। ଏହି ଅବସରରେ ବିଭିନ୍ନ ଅଞ୍ଚଳର ଫରେଷ୍ଟର, ଫରେଷ୍ଟ ଗାର୍ଡ, ଫାୟାର ସ୍କ୍ୱାଡ୍ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

### ସୁନ୍ଦରଗଡ଼ ସଦର ବ୍ଲକସ୍ତରୀୟ ବିଜ୍ଞାନ ମେଳା

**ସୁନ୍ଦରଗଡ଼, ୫।୪ (ଡି.ଏନ୍.ଏ)**

ସୁନ୍ଦରଗଡ ସଦର ବ୍ଲକସ୍ତରୀୟ ବିଜ୍ଞାନମେଳା ମଙ୍ଗଳବାର ସ୍ଥାନୀୟ ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍ଘାଟନୀ ସମାରୋହରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଓ ସଦର ବ୍ଲକ ଅଧ୍ୟକ୍ଷ ସୁବ୍ରତ ମାଝୀ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ଏହି ବିଜ୍ଞାନ ମେଳାରେ ୬ଟି ବିଜ୍ଞାନଭିତ୍ତିକ ବିଷୟକୁ ଆଧାର କରି ବିଭିନ୍ନ ବିଦ୍ୟାଳୟର ମୋଟ ୧୬୪ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଭାରତୀୟ ବିଜ୍ଞାନ ଏକାଡେମୀ ବିଷୟରେ ହୋଇଥିବା ତର୍କ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ବିଚାରକମାନଙ୍କ ଦ୍ୱାରା ମନୋନୀତ ଶ୍ରେଷ୍ଠ ୬ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ଏହି ମେଳାରେ ସେଣ୍ଟ ଟେରେସା ବିଦ୍ୟାଳୟର ଛାତ୍ରୀ ନବନୀତା ଭିତ୍ରିଆ, ଛାତ୍ର ଅଭିନବ ସଙ୍କେତ, ଭି ତ୍ୟାଗୀ, ସୁନ୍ଦରଗଡ ପବ୍ଲିକ ସ୍କୁଲର ସ୍ମୃତିଶିକ୍ଷା ଶତପଥୀ, ଅଭିପ୍ସା ସିଂ ଠାକୁର, ନିଶ୍ଚିନ୍ତ ପାଣିଗ୍ରାହୀ ଓ ଓମ ପରିଡାଙ୍କ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ସଦର ବ୍ଲକ ଶିକ୍ଷା ଅଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଯାପନୀ ସମାରୋହରେ ବିଜୁଲିଖମନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପୀନାଥ ନାଏକ ସଦର ବ୍ଲକ ଏବିଓ ଜେନାମଣି ନାଏକ ଓ ସୁଶାନ୍ତ କୁମାର ହୋତା ଅତିଥି ଭାବେ ଯୋଗ ଦେଇଥିଲେ। ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନନ୍ଦିତା ନାଏକ ସଭା ସଞ୍ଚାଳନ କରିଥିଲେ। ସୁଧାଂଶୁଶେଖର ଚୌଧୁରୀ, ପ୍ୟାରୀମୋହନ ନାଏକ, ସୁସ୍ମିତା ଯୋଶୀ, ଅଶ୍ୱିନୀ କୁମାର ହୋତା, ଅନୀତା ଦାସ, କମଳିନୀ ଭୂୟାଁ, ମିରଣ୍ଡା ବାରା, ବିଧୂଭୂଷଣ ନାଏକ ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

### ଛାତ୍ରୀଙ୍କ ଆତ୍ମାର ସଦ୍ଗତି କାମନା କରି ଶୋଭାଯାତ୍ରା



ଓକିଲମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ସୁନ୍ଦରଗଡ଼, ୫।୪ (ଡି.ଏନ୍.ଏ)**

**ଲେଫ୍ରିପଡ଼ା ଛାତ୍ରୀ ଆତ୍ମହତ୍ୟା ମାମଲା**

**ପ୍ରଧାନ ଶିକ୍ଷକଙ୍କ ସପକ୍ଷରେ ମକଦ୍ଦମା ଲଢିବେନି ଓକିଲ**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ପଟୁଆଡିହି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ହଷ୍ଟେଲ ଛାତରୁ ତଳକୁ ଡେଇଁ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ଜିଲା ଓକିଲ ସଂଘର କୌଣସି ଓକିଲ ଅଭିଯୁକ୍ତ ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ପଟେଲଙ୍କ ସପକ୍ଷରେ ମୋକଦ୍ଦମା ନ ଲଢିବାକୁ ନିଷ୍ପତ୍ତି ନେଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଜିଲା ଓକିଲସଂଘ ପକ୍ଷରୁ ମୃତା ଛାତ୍ରୀ ଅପର୍ଣ୍ଣାଙ୍କ ଅମର ଆତ୍ମାର ସଦ୍ଗତି କାମନା କରି ସୁନ୍ଦରଗଡ଼ ସହର ପରିକ୍ରମା କରାଯାଇଛି। ଅପର୍ଣ୍ଣା ଜିଲା ଓକିଲ ସଂଘର ଆଇନଜୀବୀ ଯାଜ୍ଞସେନୀ ନାଏକଙ୍କ କନ୍ୟା। ଜିଲା ଓକିଲ ସଂଘର ସଭାପତି କମଳସେନ୍ ଓ ସମ୍ପାଦକ ସତ୍ୟଜିତ ନାଏକଙ୍କ ନେତୃତ୍ୱରେ ଓକିଲମାନେ କ୍ୟାଣ୍ଡେଲ ଜାଳି ସହର ପରିକ୍ରମା କରି ଡିଆରଡିଏ ଛକ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଅନୁଷ୍ଠିତ ଏକ ଶୋକସଭାରେ ଅପର୍ଣ୍ଣାଙ୍କ ଅମର ଆତ୍ମାର ସଦ୍ଗତି କାମନା କରାଯାଇଥିଲା।

### ହିନ୍ଦୁ ନବ ବର୍ଷ ଉପଲକ୍ଷେ ନାମଯଜ୍ଞ

**ଲହୁଣୀପଡ଼ା, ୫।୪(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଗ୍ରାମ କୀର୍ତ୍ତନ ମଣ୍ଡପ ଠାରେ ହିନ୍ଦୁ ନବ ବର୍ଷ ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି।ଶନିବାର ଗ୍ରାମର ମହିଳାମାନେ ସ୍ଥାନୀୟ ପୁଷ୍କରିଣୀରୁ ପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପଠାରେ ସ୍ଥାପନ କରିଥିଲେ। ରବିବାର ପ୍ରାତଃ ସମୟ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିବାବେଳେ ସୋମବାର ପୂର୍ଣ୍ଣାହୁତି ଯଜ୍ଞ ସହିତ ନଗର ଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୀଲ କୁମାର ମାହାନ୍ତ ଓ ତାଙ୍କ ସ୍ତ୍ରୀ ସରିତା ମାହାନ୍ତ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ରୁଦ୍ର ନାରାୟଣ ଦାଶ ଯଜ୍ଞ ସଞ୍ଚାଳନ କରିଥିଲେ। ଏହି ଅଷ୍ଟପ୍ରହର ନାମଯଜ୍ଞରେ ବିଭିନ୍ନ ଗ୍ରାମରୁ ମା' ଲକ୍ଷ୍ମୀ ଗ୍ରୁପ ଲହୁଣୀପଡ଼ା, ରାଜାମୁଣ୍ଡା, ଉଲୁକୁଣ୍ଡେଇ,ଗୌତମ ଡ଼ିହି, କଂସରା, ଭିଗରା, କେନାପଲି, ଗୋପନା, ଭାଲିଆଡ଼ିହି, ଘୁଷୁରା, ଉଲୁସୁରେଇର ଗ୍ରାମର କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ରଞ୍ଜନ କୁମାର ମାହାନ୍ତ,ମୋହିତ କୁମାର ମାହାନ୍ତ, ପ୍ରକାଶ ମାହାନ୍ତ, ରାଜୀବ କୁମାର ମାହାନ୍ତ, ମୃତ୍ୟୁଞ୍ଜୟ ମାହାନ୍ତ, ଗୋବର୍ଦ୍ଧନ ଦିଗାର, ସାଧୁ ଚରଣ ମାହାନ୍ତ, ସୋମନାଥ ଦିଗାର, ଶୁଭମ କୁମାର ମାହାନ୍ତଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶିକ୍ଷା ସଚେତନତା ରଥର ଶୁଭାରମ୍ଭ

**ଦେବଗଡ଼,୫।୪(ଡି.ଏନ.ଏ.)**

ଦେବଗଡ ଜିଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ତିନୋଟି ଶିକ୍ଷା ସଚେତନତା ରଥର ଶୁଭାରମ୍ଭ ହୋଇଛି । ଏହି ଅବସରରେ ସମଗ୍ର ଶିକ୍ଷା କାର୍ଯ୍ୟାଳୟରେ ଆୟୋଜିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ ଓ ଶକୁନ୍ତଳା ଟେଟେ ସବୁଜ ପତାକା ଦେଖାଇ ତିନୋଟି ଯାକ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ତ୍ରୟ ଜିଲା ସଦର ମହକୁମା ସମେତ ଜିଲାର ତିଲେଇବଣି, ରିଆମାଳ ଓ ବାରକୋଟ ଆଦି ତିନୋଟିଯାକ ବ୍ଲକ ପରିକ୍ରମା କରି 'ଆସ ଆମେ ସ୍କୁଲ ଯିବା' ଏବଂ 'ପୁଣି ବାଜିଲା ସ୍କୁଲ ଘଣ୍ଟା, ଆସ ଖେଳିବା, ପଢିବା ମନରେ ନରଖି ବ୍ୟଥା' ଆଦି ଆକର୍ଷଣୀୟ ସ୍ଲୋଗାନ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବେ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଏହି ଉଦ୍ଘାଟନୀ ଉତ୍ସବରେ ତିଲେଇବଣି ବ୍ଲକର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମାଡ, ରିଆମାଳ ବ୍ଲକର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଉମାକାନ୍ତ, ସଂଯୋଜିକା ସୁନିତା ବଡେଇ ପୌରାଞ୍ଚଳ ସିଆର୍ସିସି ଚୂଡାମଣି ସାହୁ ଓ ପ୍ରାଣବନ୍ଧୁ ଘଡେଇଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।



ସବୁଜ ପତାକା ଦେଖାଇ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

### ବେଆଇନ ସ୍କ୍ରାପ କାରବାର ବୃଦ୍ଧି: ନାହିଁ କାର୍ଯ୍ୟାନୁଷ୍ଠାନ

**କୁଆଁରମୁଣ୍ଡା,୫।୪(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ରାଉରକେଲାଠାରୁ ଆରମ୍ଭ କରି କୁଆଁରମୁଣ୍ଡା ପର୍ଯ୍ୟନ୍ତ ବେଆଇନ୍ ଲୁହା ସ୍କ୍ରାପ କାରବାର ବୃଦ୍ଧି ପାଇବାରେ ଲାଗିଛି। ବିନା କାଗଜପତ୍ରରେ ଇନଗଟ କାରଖାନା ମାଲିକମାନେ ଶାଗମାଛ ମୂଲ୍ୟରେ ଲୁହାସ୍କ୍ରାପଗୁଡିକୁ କାରଖାନାରେ ତରଳାଇ ସ୍ପଞ୍ଜ ଲୁହା କରୁଛନ୍ତି। ପରେ ସେହି ସ୍ପଞ୍ଜଲୁହାରେ ବିଭିନ୍ନ ପ୍ରକାରର ଯନ୍ତ୍ରାଂଶ ତିଆରି କରି ବଜାରରେ ବିକ୍ରି କରି ବେଶ୍ ଲାଭବାନ ହେଉଛନ୍ତି। ଅନ୍ୟ ପକ୍ଷରେ ଚୋରା ସ୍କ୍ରାପଗୁଡିକ ଦୈନନ୍ଦିନ ରାଉରକେଲାରୁ କୁଆଁରମୁଣ୍ଡା ଶିଳ୍ପାଞ୍ଚଳକୁ ଟ୍ରକ, ପିକ୍ଅପ୍ ଭ୍ୟାନ ଜରିଆରେ ଆସୁଥିଲେ ମଧ୍ୟ ନିକଟସ୍ଥ ଥାନା, ଫାଣ୍ଡି ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯିବା ସାଧାରଣରେ ଭିନ୍ନ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ରାଉରକେଲାରୁ କୁଆଁରମୁଣ୍ଡା ପର୍ଯ୍ୟନ୍ତ ଆସିବା ବାଟରେ ପ୍ଲାଣ୍ଟସାଇଟ୍ ଥାନା, ଉଦିତ ନଗର ଥାନା, ରଘୁନାଥପାଲ୍ଲୀ ଥାନା ଅତିକ୍ରମ କରିବା ପରେ ପାନପୋଷ ବ୍ରାହ୍ମଣୀ ବ୍ରିଜ ପଡୁଛି। ଏହା ପରେ ପୁଣି ବେଦବ୍ୟାସ ଛକ ସ୍ଥିତ ବ୍ରାହ୍ମଣୀ ତରଙ୍ଗ ଥାନା ଓ ଏହା ପରେ କୁଆଁରମୁଣ୍ଡା ରୋଡରେ ଥିବା ବ୍ରାହ୍ମଣୀ ତରଙ୍ଗ ଥାନା ବିଟ୍ ହାଉସକୁ ଅତିକ୍ରମ କଲା ପରେ ବେଆଇନ ସ୍କ୍ରାପ ବୋଝେଇ ଗାଡିଗୁଡିକ କୁଆଁରମୁଣ୍ଡା ଫାଣ୍ଡି ଇଲାକାରେ ପ୍ରବେଶ କରନ୍ତି। ଏହା ପରେ କୁଆଁରମୁଣ୍ଡା-ହାତୀବାରି ରୋଡ, କୁଆଁରମୁଣ୍ଡା ଲାଂଜିବେର୍ଣ୍ଣା ରୋଡ ଇତ୍ୟାଦି ଶିଳ୍ପାଞ୍ଚଳରେ ପ୍ରବେଶ କରିଥାଆନ୍ତି। ଏହା ପରେ ଉକ୍ତ ଗାଡିକୁ ଅସାଧୁ କାରଖାନା ମାଲିକମାନେ ନିଜ କାରଖାନାକୁ ନେଇଥାଆନ୍ତି। ଏହି ବେଆଇନ୍ ଲୁହା ସ୍କ୍ରାପ କାରବାର ଦୈନନ୍ଦିନ ଚାଲୁଥିଲେ ମଧ୍ୟ ଏତେଗୁଡିଏ ଥାନା ଅତିକ୍ରମ କରିବା ଘଟଣା ପଛରେ ପୋଲିସର ଗୁପ୍ତ ବୁଝାମଣା ନେଇ ସ୍ପଷ୍ଟ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଫଳରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ କୁଆଁରମୁଣ୍ଡା-ହାତୀବାରି ରୋଡରେ ଥିବା ଟପ୍ଟେକ୍ କାରଖାନା। ଏହି କାରଖାନାରେ ଚୋରା ସ୍କ୍ରାପଗୁଡିକୁ ତରଳାଯାଇ ବିଭିନ୍ନ ପ୍ରକାର ଲୌହ ସରଞ୍ଜାମ ତିଆରି କରାଯାଇ ବଜାରରେ ବିକ୍ରି କରାଯାଇ ବିପୁଳ ପରିମାଣର ଜିଏସ୍ଟି ଠକେଇ ହୋଇଥିବାର ସଦ୍ୟତମ ଜିଏସ୍ଟି ଗୋଇନ୍ଦା ବିଭାଗର ଚଢାଉରୁ ଜଣାପଡ଼ିଛି। କେବଳ ଏହି କାରଖାନା ନୁହେଁ, କୁଆଁରମୁଣ୍ଡା ସମେତ ବେଦବ୍ୟାଦ, କଳୁଙ୍ଗା ଇତ୍ୟାଦି ଅଞ୍ଚଳରେ ଥିବା ଏକାଧିକ କାରଖାନାରେ ମଧ୍ୟ ଏହିଭଳି ଚୋରା ସ୍କ୍ରାପ କାରବାର ବହୁଳ ପରିମାଣରେ ଚାଲୁଥିବା ଅଭିଯୋଗ ହେଉଛି। ଜିଏସ୍ଟି ବିଭାଗ ସହ ଜିଲା ପୋଲିସ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଅଚାନକ ଚଢାଉ କଲେ ଆହୁରି ଅନେକ କାରଖାନାମାଲିକଙ୍କ କଳାକାରନାମା ଯେ ନିଶ୍ଚିତ ପଦାକୁ ଆସିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

## ସଂକ୍ଷେପରେ

### ଆରଏସ୍‌ପି ସୁରକ୍ଷା ସ୍ତମ୍ଭ ଉଦ୍‌ଘାଟିତ

**ରାଉରକେଲା ଅଫିସ,୫।୪:** ରାଉରକେଲା ଇସ୍ପାତ କାରଖାନା ମୁଖ୍ୟ ଫାଟକ ନିକଟରେ ୧୦ ମିଟର ଉଚ୍ଚତା ବିଶିଷ୍ଟ ଏକ ସୁରକ୍ଷା ସ୍ତମ୍ଭ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏହାକୁ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଖଣି ବିଭାଗର ଇଡି ଏ.କେ କୁଣ୍ଡୁ, କାର୍ଯ୍ୟ ବିଭାଗର ଇଡି ଏସ୍. ଆର ସୂର୍ଯ୍ୟବଂଶୀ, ଏ. କେ ପ୍ରଧାନ, କାର୍ମିକ ଓ ପ୍ରଶାସନିକ ବିଭାଗର ଇଡି ପି. କେ ଶତପଥୀ, ଅଗ୍ନିଶମ ବିଭାଗର ସିଜିଏମ୍ ଅମୀମ କୁମାର ବେହେରାଙ୍କ ସମେତ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ସୁରକ୍ଷା ଇଞ୍ଜିନିୟରିଂ ବିଭାଗ କାର୍ଯ୍ୟକ୍ରମ ସଂଯୋଜନା କରିଥିଲା।

### ନଦୀକୂଳ ସଫେଇ କଲେ ଏନ୍‌ସିସି ବିଦ୍ୟାର୍ଥୀ

**ରାଉରକେଲା ଅଫିସ,୫।୪:** ସମୁଦ୍ର ଓ ନଦୀ କୂଳ ସହ ଅନ୍ୟାନ୍ୟ ପାଣି ଜମୁଥିବା ସ୍ଥାନକୁ ସଫା କରିବା ପାଇଁ ଏନ୍‌ସିସି କ୍ୟାଡେଟଙ୍କ ଦ୍ୱାରା 'ପୁନୀତ ସାଗର ଅଭିଯାନ' ଦେଶବ୍ୟାପୀ ଆରମ୍ଭ ହୋଇଛି। ଏହି କ୍ରମରେ ଓଡିଶା କ୍ୟାଡେଟମାନେ ସେକ୍ଟର-୧୬ ସ୍ଥିତ କୋଏଲ ନଦୀ କୂଳ ଅଞ୍ଚଳରେ ସଫେଇ କରି ୩୬ କେ.ଜି ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ କରିଥିଲେ। ମଙ୍ଗଳବାର ଏହି କାର୍ଯ୍ୟକ୍ରମରେ ଏନ୍‌ସିସିର ୧୯୨ ଜଣ ଶିକ୍ଷାର୍ଥୀ ଓ ୧୬ ଜଣ ଆଲୁମିନି ଓ ୩ ଜଣ ଅଫିସର ଅଂଶଗ୍ରହଣ କରିଥିଲେ। କ୍ୟାପଟେନ ମୀନା ଦାସ, ଲେଫ୍ଟନାଣ୍ଟ ଆର୍ଯ୍ୟ ପ୍ରକାଶ ଜେନା, ପ୍ରତାପ ମହାଳିକ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ କିଛି ଦିନ ବ୍ୟବଧାନରେ କରାଯିବ ବୋଲି କ୍ୟାପ୍‌ଟେନ ସତ୍ୟ ନାରାୟଣ ରାଉତ ସୂଚନା ଦେଇଛନ୍ତି ।

### ଆଦି ମହୋତ୍ସବରେ ଲୋକନୃତ୍ୟ

**ରାଉରକେଲା ଅଫିସ,୫।୪:** ରାଉରକେଲା ସେକ୍ଟର-୫ ସ୍ଥିତ ଭଞ୍ଜଭବନ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଆଦିବାସୀ କଳା ସଂସ୍କୃତିର ପର୍ବ ଆଦି ମହୋତ୍ସବର ମଙ୍ଗଳବାର ଥିଲା ଷଷ୍ଠ ଦିବସ। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳର ଲୋକନୃତ୍ୟ ପରିବେଷିତ ହୋଇଥିଲା। ଏହି ସାଂସ୍କୃତିକ ଉତ୍ସବରେ ଆରଏସ୍‌ପିର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର ସୂର୍ଯ୍ୟବଂଶୀ ଓ ଦୀପିକା ମହିଳା ସଂହତିର ଉପାଧ୍ୟକ୍ଷା ହର୍ଷଲା ସୂର୍ଯ୍ୟବଂଶୀ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆଦିବାସୀ ଲୋକ ନୃତ୍ୟ, ଗୋଟିପୁଅ ନୃତ୍ୟ, ମୁଣ୍ଡାରୀ ନୃତ୍ୟ ପରିବେଷଣ କରାଯାଇଥିଲା।

### କେନାଲ ଗେଟ୍ ଚୋରି, ୨ ଗିରଫ

**ଟିଟିଲାଗଡ଼,୫।୪(ଡି.ଏନ.ଏ):** ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଜଳସେଚନ ପ୍ରକଳ୍ପର ବିଭିନ୍ନ କେନାଲରୁ ଗେଟ ସବୁ ଚୋରି ହୋଇଯାଉଥିବା ଅଭିଯୋଗ ହୋଇଛି। ଦାୟିତ୍ୱରେ ଥିବା ସାଲେଭଟା ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ମହେଶ ପ୍ରସାଦ ପଣ୍ଡା ଟିଟିଲାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବ୍ଲକ ଅନ୍ତର୍ଗତ ତୁର୍ଲା ସବ୍ ମାଇନର-୧ ସିରୁଲ ମୁଖ୍ୟ କେନାଲରୁ ହେଡ ରେଗୁଲେଟର ଗେଟ, ସ୍କ୍ରିଉ,ସଟର, ଚ୍ୟାନେଲ, ଗିୟର ବକ୍ସ ଚୋରି ହୋଇଛି। ସେହିପରି ଚିତାଲୋଲ ମାଇନରୁ ଗିୟର ବକ୍ସ, ଚ୍ୟାନେଲ, ନଟବୋଲ୍ଟ କେହି ଦୁର୍ବୃତ୍ତ ଚୋରି କରିନେଇଛି। ଚୋରି ପଛରେ ବଡ ର୍‍ୟାକେଟ କାର୍ଯ୍ୟ କରି ଅନେକ ଗେଟ ଚୋରି ହୋଇସାରିଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ଦୁଇ ଚୋରଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ଉକ୍ତ ଦୁଇ ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ରଞ୍ଜନ ବରିହା କହିଛନ୍ତି।

### ବେଲପଡ଼ାରେ ଖୋଲିବ ଜେଏମ୍‌ଏଫ୍‌ସି

**ବେଲପଡା,୫।୪(ଡି.ଏନ.ଏ):** ବଲାଙ୍ଗୀର ଜିଲା ବେଲପଡାଠାରେ ଜେଏମଏଫସି ଆରମ୍ଭ ହେବାକୁ ଯାଉଛି। ଜିଲାଜଜ୍ ଲୋକନାଥ ମହାପାତ୍ର ବେଲପଡା ଆସି ପ୍ରସ୍ତାବିତ କୋର୍ଟ ଏରିଆ ପରିଦର୍ଶନ କରିଛନ୍ତି। ବେଲପଡାରେ ନୂତନ କୋର୍ଟ ବିଲ୍ଡିଂ ନିର୍ମାଣ ହେବା ପର୍ଯ୍ୟନ୍ତ ବେଲପଡା ରାଜସ୍ୱ ବଙ୍ଗଳାରେ କୋର୍ଟ କାମ ଚାଲୁ ରଖିବା ପାଇଁ ଆତିଶୀଘ୍ର ମରାମତି କରିବା ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ଜିଲା ଜଜ କହିଥିଲେ। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ହରିଶ ବୁଡେକ, ପୂର୍ବତନ ସମିତି ସଭ୍ୟ ଆଲୋକ ବେହେରା, ନାଗରିକ କମିଟିର ବୀରବଲ ପ୍ରସାଦ ଜୈନ, ମଧୁସୂଦନ ଦାଶ, ବଣିକ ସଂଘ ସମ୍ପାଦକ ପୃଥ୍ୱୀରାଜ ଅଗ୍ରୱାଲ, ବେଲପଡା ଓକିଲ ସଂଘ କର୍ମକର୍ତ୍ତା ଜିଲାଜଜ୍ ମହାପାତ୍ରଙ୍କୁ ଭେଟିଥିଲେ।

# ଝାରସୁଗୁଡ଼ାରୁ ବରଗଡ଼କୁ ଦ୍ୱିତୀୟ ସେତୁ

- ନିର୍ମାଣ ପାଇଁ ହେଲା ଅର୍ଥମଞ୍ଜୁରୀ
- ଖୁବ୍‌ଶୀଘ୍ର ଯୋଡିହେବ ୨ଜିଲାବାସୀଙ୍କ ସମ୍ପର୍କ
- ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଏମ୍‌ପି ପୂଜାରୀ

**ଝାରସୁଗୁଡା ଅଫିସ୍, ୫।୪**

ଝାରସୁଗୁଡା ଜିଲାରୁ ପଡୋଶୀ ବରଗଡ଼ ଜିଲା ସହିତ ସଂଯୋଗୀକରଣ ପାଇଁ ମହାନଦୀ ଉପରେ ଦ୍ୱିତୀୟ ସେତୁ ସହିତ ଏକ ବ୍ୟାରେଜ୍ ନିର୍ମାଣ ପାଇଁ ଉଭୟ ଜିଲାବାସୀ ଦୀର୍ଘ ଦିନରୁ ସ୍ୱପ୍ନ ଦେଖି ଆସୁଥିଲେ। ଏହି ଦୀର୍ଘ ଦିନର ସ୍ୱପ୍ନ ଏବେ ସାକାର ହେବାକୁ ଯାଉଛି। କେନ୍ଦ୍ର ସରକାର ସେତୁ ନିର୍ମାଣ ପାଇଁ ଅର୍ଥ ମଞ୍ଜୁରୀ କରିଛନ୍ତି। କେନ୍ଦ୍ରୀୟ ସଡ଼କ ଓ ଭିତ୍ତିଭୂମି ପାଣ୍ଠିରୁ ୨୭୪କୋଟି ଟଙ୍କା ମଞ୍ଜୁରୀ ହୋଇଛି। ବହୁଶୀଘ୍ର ନିର୍ମାଣ କାମ ଆରମ୍ଭ ହେବ ବୋଲି ଏହାର ମୁଖ୍ୟ ପୁରୋଧା ବରଗଡ଼ ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି। ଏନେଇ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜଣାଇଛନ୍ତି। ଏମ୍‌ପି ପୂଜାରୀ ଦୀର୍ଘଦିନରୁ ଏନେଇ ସ୍ୱପ୍ନ ଦେଖୁଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ଶପଥ ନେଇଥିଲେ। ଏନେଇ ସେ ବାରମ୍ବାର କେନ୍ଦ୍ର ସରକାର ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଲୋକସଭାରେ ଦାବି ଉପସ୍ଥାପନ କରିଥିଲେ। ଦାବିକୁ କେନ୍ଦ୍ର ସରକାର ତ୍ୱରିତ ବିଚାରକୁ ନେଇ ଉଭୟ ଜିଲାବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେତୁ ନିର୍ମାଣ ପାଇଁ ସହମତି ପ୍ରକାଶ କରିଥିଲେ। ଏଥିମଧ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭାଗୀୟ ଅଧିକାରୀଙ୍କ ମିଳିତ ଟିମ୍ ଆସି ସେତୁ ନିର୍ମାଣସ୍ଥଳ ସର୍ଭେ କରି ଏସମ୍ପର୍କରେ ସବିଶେଷ ତଥ୍ୟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଛନ୍ତି। ଗତ ଏକ ସପ୍ତାହ ତଳେ ପୋଲ ନିର୍ମାଣ ସ୍ଥାନରେ ମାଟି ପରୀକ୍ଷା ଶେଷ ହୋଇଛି। ଏହି ସେତୁ ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ଭିକମପାଲି ପଞ୍ଚାୟତ ପୂଜାରୀପାଲି ନିକଟ ପଦ୍ମପୁରଘାଟରୁ ବରଗଡ ଜିଲା ଅମ୍ବାଭନା ବ୍ଲକ୍ ଜରିମୂଳୀ ପର୍ଯ୍ୟନ୍ତ ଏହି ଦୀର୍ଘତମ ସେତୁ ନିର୍ମାଣ ହେବ। ସେତୁର ଦୂରତ୍ୱ ୩ କିଲୋମିଟର ରହିଛି। ଏହି ଦୀର୍ଘତମ ସେତୁ ସହିତ ଏଠାରେ ଏକ ବୃହତ ବ୍ୟାରେଜ୍ ନିର୍ମାଣ ହେବ। ଏଥିରେ ଉଭୟ ଜିଲାବାସୀଙ୍କ ସମ୍ପର୍କ ଯୋଡିହେବା ସହିତ ଅଞ୍ଚଳରେ କୃଷିର ବିକାଶ ହୋଇପାରିବ। ଏହା ସହିତ ଉଚ୍ଚଶିକ୍ଷା, ଗମନା ଗମନ, ବ୍ୟବସାୟୀ ଓ ଅର୍ଥନୈତିକ କ୍ଷେତ୍ରରେ ନିଶ୍ଚିତ ଅଭିବୃଦ୍ଧି ଘଟିବ ବୋଲି ଲୋକେ ଆଶା ରଖିଛନ୍ତି। ସୂଚନାଯୋଗ୍ୟ ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ୧୯ଖଣ୍ଡ ମୌଜା କଣ୍ଢେଇକେଲା ପଞ୍ଚାୟତ ମହୁଲପାଲିରୁ ବରଗଡ ଜିଲା ଅମ୍ବାଭନା ବ୍ଲକ୍ ଚିଖିଲିକୁ ମହାନଦୀରେ ସଂଯୋଗ କରୁଥିବା ନିର୍ମାଣାଧିନ ସେତୁ କାମ ଏବେ ଜାରି ରହିଛି। ଏହି କାମ ଅଧିକାଂଶ ଶେଷ ହୋଇଥିବାବେଳେ ବାକି ରହିଥିବା କାମ ଚଳିତବର୍ଷ ଶେଷ ହୋଇଯିବ ବୋଲି କୁହାଯାଉଛି। ମହାନଦୀ ଉପରେ ଝାରସୁଗୁଡା-ବରଗଡ ଜିଲାକୁ ଏହି ମହୁଲପାଲି ନିର୍ମାଣାଧିନ ସେତୁ ପ୍ରଥମ ହୋଇଥିବାବେଳେ ପଦ୍ମପୁର-ଜରିମୂଳୀ ସେତୁ ମହାନଦୀ ଉପରେ ନିର୍ମାଣ ହେଲେ ଏହା ଦ୍ୱିତୀୟ ସେତୁ ହେବ ।


ପଦ୍ମପୁର-ଜରିମୂଳୀ ମଧ୍ୟରେ ମହାନଦୀରେ ସେତୁ ହେବା ସ୍ଥାନ।

## ମହାନତା ଦେଖାଇଲେ ଭୁପେନ ସାହୁ


ଭୁପେନ ପାଇଥିବା ମନିପର୍ସକୁ ଅନୀଲଙ୍କୁ ଫେରାଉଛନ୍ତି ।

**ସମ୍ବଲପୁର,୫।୪(ବ୍ୟୁରୋ)**

ସମ୍ବଲପୁର ଚାରଭାଟି ନିବାସୀ ଭୁପେନ ସାହୁ ମହାନତା ଦେଖାଇ ସମାଜ ପାଇଁ ବାର୍ତ୍ତା ଦେଇଛନ୍ତି । ସେ କୁଲୁଟକାନୀର ଅନୀଲ ଗୁପ୍ତାଙ୍କ ପାଇଥିବା ମନିପର୍ସ, ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଓ ଅନ୍ୟ ସାମଗ୍ରୀ ଫେରାଇ ଦେଇଛନ୍ତି। ଭୁପେନଙ୍କ କହିବା ଅନୁସାରେ ସୋମବାର ସନ୍ଧ୍ୟାରେ କାମ ସାରି ଘରକୁ ଫେରୁଥିଲେ। ଏହି ସମୟରେ କୁଲତକାନୀ ରାସ୍ତାରେ ଏକ ମନିପର୍ସ ପଡିଥିବା ଦେଖିଥିଲେ । ଏହାକୁ ଉଠାଇ ଘଟଣାସ୍ଥଳରେ କାହାର ବୋଲି ପଚାରି ବୁଝିଥିଲେ ହେଲେ କେହି ଉତ୍ତର ଦେଇ ନ ଥିଲେ । ପରେ ପର୍ସରେ ଥିବା ଆଧାର କାର୍ଡରୁ ପରିଚୟ ଜାଣିଥିଲେ । ଏକ କାଗଜରୁ ଫୋନ ନମ୍ବର ପାଇ ଗୁପ୍ତାଙ୍କୁ ଫୋନ କରିଥିଲେ। ସେ ମଧ ତାଙ୍କ ପର୍ସ ହଜି ଯାଇଥିବା ନେଇ କହିଥିଲେ। ସଠିକ ସୂଚନା ପାଇବା ପାଇଁ ପଚରା ଉଚୁରା କରିଥିଲେ । ପରେ ମଙ୍ଗଳବାର ଗୁପ୍ତାଙ୍କୁ ମନିପର୍ସ ଫେରାଇ ଦେଇଥିଲେ । ଭୁପେନଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି ।

## ବଡ଼ଭାଇଙ୍କୁ ହତ୍ୟା ଅଭିଯୋଗ: ସାନଭାଇ ଗିରଫ

**କୁଚିଣ୍ଡା,୫।୪(ଡି.ଏନ.ଏ.)**

ସମ୍ବଲପୁର ଜିଲା ବାମରା ବ୍ଲକ ତଥା ମହୁଲପାଲିଥାନା ଅନ୍ତର୍ଗତ ରେଙ୍ଗାଲବେଡା ଗ୍ରାମରେ ଅନୈତିକ ସମ୍ପର୍କକୁ ନେଇ ବଡଭାଇଙ୍କୁ ସାନଭାଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହା ୩ ଦିନ ତଳର ଘଟଣା ହୋଇଥିବା ବେଳେ ପୋଲିସ ସୋମବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା ଏହି ଘଟଣାରେ ସାନଭାଇ ସେବେରେନ କେର୍କେଟା(୩୫)ଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୁଚିଣ୍ଡା ଏସଡିଜେଏମ କୋର୍ଟକୁ ଚାଲାଣ କରିଛି । ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନା ମୁତାବକ, ଭାଉଜଙ୍କ ସହ ଅନୈତିକ ସମ୍ପର୍କକୁ ନେଇ ଗତ ୨ତାରିଖ ରାତିରେ ଦୁଇଭାଇଙ୍କ ମଧ୍ୟରେ ବଚସା ହୋଇଥିଲା । ଏହି ସମୟରେ ସେବେରେନ ଉତ୍ୟକ୍ତ ହୋଇ ବଡଭାଇ ପ୍ରଦୀପ କେର୍କେଟା(୩୮)ଙ୍କୁ ପଥରରେ ଛେଚି ହତ୍ୟା କରି ମୃତଦେହକୁ ଶାଢୀ ଦ୍ୱାରା ଘରେ ଟାଙ୍ଗି ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରିଥିଲେ । ୩ ତାରିଖ ସକାଳେ ପଡୋଶୀ ଖବର ପାଇ ସନ୍ଦେହ ପ୍ରକାଶ କରି ଅନ୍ତିମ ସଂସ୍କାର ପାଇଁ ମନା କରି ଦେଇଥିଲେ । ଫଳରେ ଅଭିଯୁକ୍ତ ସେବେରେନ ନିଜ ବାଡିରେ ଗାତ ଖୋଳି ବଡଭାଇଙ୍କ ମୃତଦେହ ପୋତି ଦେଇଥିଲେ । ୪ତାରିଖ ଦିନ ଗ୍ରାମର ୱାର୍ଡ ମେମ୍ବରଙ୍କ ରିପୋର୍ଟ ଆଧାରରେ ମହୁଲପାଲି ଆଇଆଇସି ସୁଶାନ୍ତ ଦାସ ଘଟଣାସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବାଡିରେ ପୋତା ଯାଇଥିବା ମୃତଦେହକୁ ଉଦ୍ଧାର କରି ସେବେରେନଙ୍କୁ ଗିରଫ କରିଥିଲେ। ମହୁଲପାଲି ଥାନାରେ ଦଫା ୩୦୨/୨୦୧ରେ ମାମଲା ରୁଜୁ ହୋଇଛି। ଏହାର କେସ୍ ନଂ୬୩ /୨୨।

## ଘର ଭାଙ୍ଗି ଦଳିଦେଲା ହାତୀ


ହାତୀ ଭାଙ୍ଗି ଦେଇଥିବା ଘର।

### ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ତାଳଚେର,୫।୪(ନି.ପ୍ର.)**

ରାତିରେ ହାତୀ ଆତଙ୍କ। ଘର ଭାଙ୍ଗି ଆକ୍ରମଣ କରିବାରୁ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ସ୍ୱାମୀ ଗୁରୁତର ହୋଇଛନ୍ତି। ଅନୁଗୋଳ ଜିଲା ତାଳଚେର ବ୍ଲକ ସନ୍ଥପଡା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଘଟିଛି ଏହି ଘଟଣା। ଗୁରୁତର ସ୍ୱାମୀଙ୍କୁ ମଙ୍ଗଳବାର ସକାଳେ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଢେଙ୍କାନାଳ ଜିଲାରୁ ବ୍ରାହ୍ମଣୀ ନଦୀ ପାର ହୋଇ ଏକ ହାତୀ ବିଳମ୍ବିତ ରାତିରେ ତାଳଚେର ରେଞ୍ଜ ସନ୍ଥପଡ଼ା ଶନ୍ତରାମୁଣ୍ଡା ସାହିକୁ ପଶିଆସିଥିଲା। ଏ ସମ୍ପର୍କରେ ଗ୍ରାମବାସୀ ଜାଣିପାରି ନ ଥିଲେ। ବିଳମ୍ବିତ ରାତିରେ ଉକ୍ତ ହାତୀ ଶନ୍ତରାମୁଣ୍ଡା ସାହିରେ ଆତଙ୍କ ଖେଳାଇ ଦେଇଥିଲା। ମୁକୁନ୍ଦ ମୁଣ୍ଡା (୬୦)ଙ୍କ ଘର ଭାଙ୍ଗି ଦେବା ସହ ଭିତରେ ଶୋଇଥିବା ମୁକୁନ୍ଦ ଓ ତାଙ୍କ ସ୍ତ୍ରୀ କାଞ୍ଚନ ମୁଣ୍ଡା (୫୫)ଙ୍କୁ ଆକ୍ରମଣ କରିଥିଲା। ହାତୀ କାଞ୍ଚନଙ୍କୁ ପାଦରେ ଦଳି ଦେଉଥିବା ଦେଖି ମୁକୁନ୍ଦ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ ହେଁ ବର୍ତ୍ତିପାରି ନ ଥିଲେ। ମଙ୍ଗଳବାର ସକାଳେ ଖବରପାଇ ବନ ବିଭାଗ ଓ ତାଳଚେର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ମୁକୁନ୍ଦଙ୍କୁ ଉଦ୍ଧାର କରି ମଣ୍ଡାପାଳ ମେଡିକାଲରେ ଭର୍ତ୍ତି କରିଥିଲେ। କାଞ୍ଚନଙ୍କ ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ସରକାରୀ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଏଥିସହ ତାଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ରେଞ୍ଜର ସୁକାନ୍ତି ଦେଇ ପ୍ରକାଶ କରିଛନ୍ତି।

## ଜନଜାତି ସୁରକ୍ଷା ମଞ୍ଚର ବିଶାଳ ସମାବେଶ ପ୍ରସ୍ତୁତି

**କୁଚିଣ୍ଡା,୫।୪(ଡି.ଏନ.ଏ.)**

ସମ୍ବଲପୁର ଜିଲାର କୁଚିଣ୍ଡାଠାରେ ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ଆସନ୍ତା ୮ ତାରିଖ ଦିନ ଆଦିବାସୀଙ୍କ ସୁରକ୍ଷା,ଅଧିକାର ଓ ବିକାଶ ନିମନ୍ତେ ଏକ ବିଶାଳ ସମାବେଶ ହେବ । ଜିଲା ଆଦିବାସୀ ସୁରକ୍ଷା ମଞ୍ଚ ପ୍ରମୁଖ ତଥା ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ବହୁ ସଂଖ୍ୟକ ଆଦିବାସୀ ଉକ୍ତ ଦିନ ପାରମ୍ପରିକ ବେଶଭୂଷା ଓ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ସହର ପରିକ୍ରମା କରି ଶକ୍ତି ପ୍ରଦର୍ଶନ କରିବେ। ଧର୍ମାନ୍ତରୀକରଣ ବନ୍ଦ କରିବା, ଆଦିବାସୀ ଅଞ୍ଚଳରେ ପେଷା ଆଇନକୁ ସମ୍ପୂର୍ଣ୍ଣ ଲାଗୁ କରିବା, ଗ୍ରାମାଞ୍ଚଳରେ ବହୁ ବର୍ଷ ଧରି ବସବାସ କରୁଥିବା ଆଦିବାସୀଙ୍କ ବିକାଶ ନିମନ୍ତେ କାର୍ଯ୍ୟଖସଡା ପ୍ରସ୍ତୁତି କରିବା, ଜଙ୍ଗଲ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ କରିବା ଆଦି ବିଭିନ୍ନ ପ୍ରସଙ୍ଗରେ ସମସ୍ତଙ୍କୁ ସଚେତନ କରିବାକୁ ଏଭଳି ସମାବେଶର ଆୟୋଜନ ହେଉଥିବା ମାଝୀ ପ୍ରକାଶ କରିଛନ୍ତି । ଏହି ସମାବେଶକୁ ସଫଳ କରିବାକୁ ବହୁ ସଂଖ୍ୟାରେ ଆଦିବାସୀ ଯୋଗ ଦେବାକୁ ସେ ନିବେଦନ କରିଛନ୍ତି ।

## ୧୧ ଶମ୍ବର, ହରିଣ ଶିଙ୍ଗ ଜବତ : ଜଣେ ଗିରଫ

**ସମ୍ବଲପୁର,୫।୪(ବ୍ୟୁରୋ)**

ସମ୍ବଲପୁର ଠେଲକୋଲି ଥାନା ପୋଲିସ ମଙ୍ଗଳବାର ବିକାଶ ଜାମୁ ଡାଲିଆ (୩୫)ଙ୍କ ଠାରୁ ୧୧ ଟି ହରିଣ ଓ ଶମ୍ବର ଶିଙ୍ଗ ଜବତ କରିଛି। ବିକାଶଙ୍କ ଘର ସୁନ୍ଦରଗଡ ଜିଲାର କନିକା ଗ୍ରାମରେ ବୋଲି ଜଣାଯାଇଛି । ଏ ନେଇ ଥାନାରେ ଏକ ଜିଡି ୫/୨୨ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ବିକାଶଙ୍କୁ ବନ ବିଭାଗକୁ ହସ୍ତାନ୍ତର କରିଛି । କେଉଁ ଉଦ୍ଦେଶ୍ୟରେ ଶିଙ୍ଗଗୁଡିକ ନିଆଯାଉଥିଲା ଓ ଏହି ଘଟଣାରେ କେଉଁମାନଙ୍କ ସଂପୃକ୍ତି ରହିଛି ସେନେଇ ସବିଶେଷ ତଦନ୍ତ ବନ ବିଭାଗ ପକ୍ଷରୁ କରାଯିବ ବୋଲି ଠେଲକୋଲି ଥାନା ଅଧିକାରୀ ବି.ବି. ମିଶ୍ର ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଜଣେ ଯୁବକ ବାଇକ୍‌ରେ ଶିଙ୍ଗ ନେଇ ଯାଉଥିବାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା । ପୋଲିସ ଟିମ୍ ପହଞ୍ଚି ବିକାଶଙ୍କୁ କାବୁ କରି ନେଇଥିଲେ ।


ସମ୍ବଲପୁର ଠେଲକୋଲି ଥାନାରେ ଅଭିଯୁକ୍ତ ଓ ଜବତ ଶିଙ୍ଗ।

## ଗଙ୍ଗାଧର ମେହେରଙ୍କ ମହାପ୍ରୟାଣ ଦିବସ

**ସମ୍ବଲପୁର,୫।୪(ବ୍ୟୁରୋ)**

ସମ୍ବଲପୁର ଜିଏମୟୁରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ୯୮ ତମ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ସ୍ନାତକୋତ୍ତର ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା କାର୍ଯ୍ୟକ୍ରମ ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ଏନ ନାଗାରାଜୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସେ କହିଥିଲେ ଯେ, ସାହିତ୍ୟ ସାଧନା ଓ ସାରସ୍ୱତ କୃତିର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ଆମ ଅନୁଷ୍ଠାନ ପ୍ରତିଶ୍ରୁତବଦ୍ଧ ହେବା ବାଞ୍ଛନୀୟ । ମୁଖ୍ୟବକ୍ତା କୁଳସଚିବ ଯୋଗଲେଶ୍ୱର ଦାସ କବିଙ୍କ କାବ୍ୟର ଆଦର୍ଶ ଓ ସାହିତ୍ୟିକ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ଶିକ୍ଷା ପରିଷଦ ଅଧ୍ୟକ୍ଷ ମୋହିମ ମହମ୍ମଦ ଗଙ୍ଗାଧରଙ୍କ କବିତ୍ୱ ଓ ସାଂପ୍ରତିକ ସମାଜ ପାଇଁ ଏହାର ଉପାଦେୟତା ଉପରେ ଆଲୋଚନା କରିଥିଲେ । ଓଡିଆ ବିଭାଗ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ର ଓ ଗବେଷିକା ଗବେଷକ ମାନେ ତପସ୍ୱିନୀ, ପ୍ରଣୟ ବଲ୍ଲରୀ, ଇନ୍ଦୁମତୀ, କିଚକବଧ, ଭକ୍ତି ଓ ଅର୍ଘ୍ୟଥାଳି କାବ୍ୟରୁ କବିତା ଆବୃତ୍ତି କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଅଧ୍ୟାପିକା ଡ. ସ୍ୱପ୍ନାରାଣୀ ସିଂ, ଅଧ୍ୟାପକ ଡ.ରଞ୍ଜନ ସେଠୀ ସୂଚନା ପ୍ରଦାନ କରିଥିଲେ । ସ୍ନାତକୋତ୍ତର ଛାତ୍ର ଜଗନ୍ନାଥ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ମଉଳିଲା ଶେଷ ଆଶା, ଯନ୍ତ୍ରଣାରେ ଯାତ୍ରୀ

### ୫୫ ନଂ ଜାତୀୟ ରାଜପଥ ନିର୍ମାଣରେ ବିଳମ୍ବ

- କାରଣ ଦର୍ଶାଅ ନୋଟିସ୍

**ସମ୍ବଲପୁର,୫।୪(ବ୍ୟୁରୋ)**

ସମ୍ବଲପୁର-ଅନୁଗୋଳ ଜାତୀୟ ରାଜପଥ ୫୫ର ଚାରିଆକିଆ ନିର୍ମାଣ କାମ ପ୍ରାୟ ୨ ବର୍ଷ ହେବ ବନ୍ଦ ହୋଇ ପଡି ରହିଛି । ପ୍ରଥମେ ଜମି ଅଧିଗ୍ରହଣ ସମସ୍ୟା, ଜଙ୍ଗଲ ଜମିର ଅନୁମତି, ସ୍ଥାନୀୟ ସମସ୍ୟା, କମ୍ପାନୀର ଆର୍ଥିକ ସଙ୍କଟ, ସବ୍ କଣ୍ଟ୍ରାକ୍ଟରକୁ କାମର ବିଲ ଟଙ୍କା ନ ଦେବା ଭଳି ଅନେକ ଘଟଣା ନେଇ ଠିକା କମ୍ପାନୀ ଆଳ କରି ଠକି ଚାଲୁଥିଲା । ମାର୍ଚ୍ଚ ଶେଷ ସୁଦ୍ଧା ରାସ୍ତାର ଉଭୟ ପାର୍ଶ୍ୱ କାମ ସାରି ଯାତାୟାତ ପାଇଁ ଖୋଲି ଦେବାକୁ କମ୍ପାନୀକୁ ଏନଏଚଆଇ ପକ୍ଷରୁ ଗତ ଅକ୍ଟୋବର ମାସରୁ କଡା ନିର୍ଦ୍ଦେଶ ଦିଆଯାଇଥିଲା । ହେଲେ ମାର୍ଚ୍ଚ ମାସ ଶେଷ ହୋଇ ଯିବା ପରେ ମଧ ଠିକା କମ୍ପାନୀ ଗାୟତ୍ରୀ କାମ ଆରମ୍ଭ କରିନାହିଁ। ତେଣୁ ମାର୍ଚ୍ଚ ମାସରେ ଯାତାୟାତ ପାଇଁ ରାସ୍ତା ଲୋକାର୍ପଣ ହୋଇଯିବା ନେଇ ଲୋକଙ୍କ ଆଶା ମଉଳିଯାଇଛି । ଏବେ ପ୍ରାୟ ୬୦ ପ୍ରତିଶତ କାମ ବାକି ରହିଛି। ଏନଏଚଆଇ ପକ୍ଷରୁ କାମ ଶେଷ କରିବା ପାଇଁ ବାରମ୍ବାର ସମୟ ସୀମା ବୃଦ୍ଧି କରାଯାଇଛି । ଏହାସହ ଠିକ୍ ସମୟରେ ବିଲ୍‌ଗୁଡିକ ପ୍ରଦାନ କରି ଆର୍ଥିକ ସହଯୋଗ ମଧ କରାଯାଇଛି । ହେଲେ କମ୍ପାନୀ କାମ କରି ପାରୁନାହିଁ। କମ୍ପାନୀ କ୍ୟାମ୍ପ କରିଥିବା ଜମି ମାଲିକ ମଧ ଅଫିସ ଅନ୍ୟତ୍ର ନେଇଯିବାକୁ ନୋଟିସ କରିଥିବା ଜଣାପଡିଛି । ଅନେକ କର୍ମଚାରୀ ଦରମା ନ ପାଇଁ ଚାକରି ଛାଡି ଦେଇଛନ୍ତି । ଅନ୍ୟପଟେ ସବ୍ କଣ୍ଟ୍ରାକ୍ଟରମାନଙ୍କ ବିଲ ବକେୟା ଥିବାରୁ କାମ କରିବାକୁ ସେମାନେ ଅମଙ୍ଗ ହେଉଛନ୍ତି । ବାରମ୍ବାର ଅଫିସକୁ ତାଲା ପକାଇ ଦେଉଛନ୍ତି । ଏଭଳି ପରିସ୍ଥିତିରେ ବାକି କାମ ସମ୍ପୂର୍ଣ୍ଣ ହେବା ନେଇ ଅନିଶ୍ଚୟତା ଦେଖାଦେଇଛି। ସମ୍ବଲପୁର- ଭୁବନେଶ୍ୱର ଯିବା ଆସିବା ପାଇଁ ଏହା ମୁଖ୍ୟରାସ୍ତା । ରାସ୍ତା ଅଧାପନ୍ତରିଆ ହେବା ଯୋଗୁ ଯାତାୟତରେ ସମସ୍ୟା ହେଉଛି। ସରକାରୀ ଅଧିକାରୀ, ରାଜନେତା, ମନ୍ତ୍ରୀ ଏହି ରାସ୍ତା ଦେଇ ଯିବା ଆସିବା କରୁଛନ୍ତି। ଉକ୍ତ ରାସ୍ତା ସମସ୍ୟା ନେଇ ସଭିଏଁ ଜାଣିଥିଲେ ମଧ ମୁହଁ ଖୋଲୁ ନାହାନ୍ତି । ଅନ୍ୟପଟେ କମ୍ପାନୀ ପକ୍ଷରୁ କୁହାଯାଉଛି ଯେ, କାମ ଖୁବ ଶୀଘ୍ର ଆରମ୍ଭ କରାଯିବ। ଏନଏଚଆଇ ପକ୍ଷରୁ ବୃଦ୍ଧି ହୋଇଥିବା ସମୟ ସୀମା ଭିତରେ ଶେଷ ହୋଇଯିବ। ଏ ସମ୍ପର୍କରେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ନାଗେଶ୍ୱର ରାଓ କହିଛନ୍ତି ଯେ, କମ୍ପାନୀକୁ ବାରମ୍ବାର ତାଗିଦ କରାଯାଉଛି । ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସ ଜାରି କରାଯାଇଛି । ଶୀଘ୍ର କାମ ଆରମ୍ଭ କରି ସମ୍ପୂର୍ଣ୍ଣ କରିଦେବ ବୋଲି ଲିଖିତ ଭାବେ କମ୍ପାନୀ ଜଣାଇଛି । ଯଦି ଆରମ୍ଭ ନ କଲେ ଆକ୍ସନ ନିଆଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ସମ୍ବଲପୁର- ଅନୁଗୋଳ ଜାତୀୟ ରାଜପଥ ନିର୍ମାଣ ପ୍ରାୟ ୨୦୧୫ ମସିହାରୁ ଆରମ୍ଭ ହୋଇଛି। ୨୦୧୮ରେ ଶେଷ କରିବାକୁ ସମୟ ସୀମା ଧାର୍ଯ୍ୟ ହୋଇଥିବା ବେଳେ ବିଭିନ୍ନ ଆଳ ଦେଖାଇ କମ୍ପାନୀକୁ ଅଧିକ ସମୟ ଦିଆଯାଇଥିଲା। ୨୦୨୦ ମାର୍ଚ୍ଚ ମାସରେ ଏହା ସମ୍ପୂର୍ଣ୍ଣ କରିବାକୁ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ କଡା ନିର୍ଦ୍ଦେଶ ଦିଆଯାଇଥିଲା। ପରେ ୨୦୨୨ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମୟ ବୃଦ୍ଧି କରାଯାଇଥିଲା। ହେଲେ କମ୍ପାନୀ ଏପର୍ଯ୍ୟନ୍ତ କାମ ଶେଷ କରିନାହିଁ। ଏବେ ମଧ ହାତୀ ଚଲାପଥ, ବିଭିନ୍ନ ଛକଗୁଡିକରେ ରାସ୍ତା ନିର୍ମାଣ, ବାଇପାସ ରାସ୍ତା ନିର୍ମାଣ କାମ ବାକି ରହିଛି ।



ସମ୍ବଲପୁର-ଅନୁଗୋଳ ୫୫ ନଂ ଜାତୀୟ ରାଜପଥ।

## ପିଭିର ରିଟେଲ ସେଲ୍‌ରେ ହ୍ରାସ

**ନୂଆଦିଲ୍ଲୀ:** ଚଳିତ ବର୍ଷ ମାର୍ଚ୍ଚରେ ଘରୋଇ ଯାତ୍ରୀବାହୀ ଯାନ(ପିଭି)ଗୁଡିକର ରିଟେଲ ସେଲ୍‌ରେ ୪.୮୭% ହ୍ରାସ ଘଟି ୨,୭୧,୩୫୮ ୟୁନିଟ୍‌ରେ ପହଞ୍ଚିଛି। ଏ ନେଇ ମଙ୍ଗଳବାର ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ (ଫାଡା) ପକ୍ଷରୁ ସୂଚନା ଦିଆଯାଇଛି। ଏହାଛଡ଼ା ୨୦୨୧ ମାର୍ଚ୍ଚରେ ୨,୮୫,୨୪୦ ୟୁନିଟ୍ ପିଭି ବିକ୍ରି ହୋଇଥିବା ଫାଡା କହିଛି। ଫାଡାର ଅଧକ୍ଷ ଭିଙ୍କେଶ ଗୁଲାଟି କହିଛନ୍ତି, ପ୍ୟାସେଞ୍ଜର ଭେହିକିଲ୍ ବିକ୍ରି ଚାହିଦା ବୃଦ୍ଧି ପାଉଛି। ତେବେ ସେମିକଣ୍ଡକ୍ଟର ନିର୍ମାଣ ଏବଂ ଯୋଗାଣ ବର୍ତ୍ତମାନ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି।

**ସଂକ୍ଷେପରେ**

## ସେନ୍‌ସେକ୍ସ ୪୩୫ ପଏଣ୍ଟ ହ୍ରାସ

**ମୁମ୍ବାଇ,୫।୪:** ସପ୍ତାହର ପ୍ରଥମ କାରବାର ଦିନରେ ଶେୟାର ବଜାରରେ ଆଖିଦୃଶିଆ ବୃଦ୍ଧି ପରେ ପରଦିନ ଅର୍ଥାତ୍ ମଙ୍ଗଳବାର ହ୍ରାସ ଦେଖିବାକୁ ମିଳିଛି। କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ୪୩୫.୨୪ (୦.୭୨%)ଅଙ୍କ ହ୍ରାସ ଘଟି ୬୦,୧୭୬.୫୦ରେ ବନ୍ଦ ହୋଇଛି। ସେହିପରି ନିଫ୍ଟିରେ ମଧ ୯୬.୦୦ (୦.୫୩%) ଅଙ୍କ ହ୍ରାସ ଘଟି ୧୭,୯୫୭.୪୦ରେ ବନ୍ଦ ରହିଛି। ଦିନରେ ଆଇଟି, ମେଟାଲ ଏବଂ ଫାର୍ମା ଶେୟାରଗୁଡ଼ିକରେ ବୃଦ୍ଧି ଦେଖିବାକୁ ମିଳିଛି। ତେବେ ସୋମବାର ଟପ୍ ଗେନର୍ସ ତାଲିକାରେ ଥିବା ଏଚ୍‌ଡିଏଫ୍‌ସି ମଙ୍ଗଳବାର ଟପ୍ ଲୁଜର୍ସ ତାଲିକାରେ ରହିଛି। ଫଳରେ ଦିନର ଟପ୍ ଲୁଜର୍ସଙ୍କ ତାଲିକାରେ ଏଚ୍‌ଡିଏଫ୍‌ସି ସମେତ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍, ବଜାଜ ଫାଇନାନ୍ସ, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଏବଂ ଅଲ୍‌ଟ୍ରା ଟେକ୍ ସିମେଣ୍ଟ ରହିଥିବା ବେଳେ ଟପ୍ ଗେନର୍ସ ତାଲିକାରେ ଏନ୍‌ଟିପିସି, ଓଏନ୍‌ଜିସି, ଟାଟା ମୋଟର୍ସ, ଆଦାନୀ ପୋର୍ଟ୍ସ ସାମିଲ ରହିଛନ୍ତି।

## ଏଚ୍‌ସିଏଲ୍ ଜିଗସ୍ୱର ୩ୟ ସଂସ୍କରଣ

**ନୂଆଦିଲ୍ଲୀ,୫।୪ :** ଏଚ୍‌ସିଏଲ୍ ଜିଗସ୍ୱର ତୃତୀୟ ସଂସ୍କରଣ ପଞ୍ଜୀକରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏଚ୍‌ସିଏଲ୍ ଜିଗସ୍ୱରେ ୬ ରୁ ୯ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପିଲାଙ୍କ ମୂଲ୍ୟାଙ୍କନ ରିସର୍ଚ୍ଚ, କ୍ରିଟିକାଲ ଥିଙ୍କିଙ୍ଗ୍ ଏବଂ କମ୍ୟୁନିକେଶନ ଦ୍ୱାରା କରାଯିବ। ଆଗ୍ରହୀ ଛାତ୍ର କିମ୍ବା ବିଦ୍ୟାଳୟଗୁଡ଼ିକ ପ୍ରତିଯୋଗିତାରେ ଭାଗନେବାକୁ ୩୧ ଜୁଲାଇ ୨୦୨୨ ସୁଦ୍ଧା ଆବେଦନ କରିପାରିବେ। ଏଚ୍‌ସିଏଲ୍ ଜିଗସ୍ୱ-୩.୦ ପାଇଁ ମୋଟ ପୁରସ୍କାର ପରିମାଣ ୧୨ ଲକ୍ଷ ଟଙ୍କା ରହିଛି। ଏହା ସହିତ ବିଜେତା ଏବଂ ଫାଇନାଲିଷ୍ଟମାନେ ଏଚ୍‌ସିଏଲ୍ ଇଞ୍ଜିନିୟରିଂରେ ଏବଂ ଇନୋଭେଶନ ଲାବ୍‌ରେ ଶିକ୍ଷାଲାଭର ସୁଯୋଗ ପାଇବେ। ଏ ସମ୍ପର୍କରେ ଏଚ୍‌ସିଏଲ୍ କର୍ପୋରେଶନର ଷ୍ଟ୍ରାଟେଜି ସଭାପତି ସୁନ୍ଦର ମହାଲିଙ୍ଗମ୍ କହିଛନ୍ତି, ଆମେ କେବଳ ଜଣେ ବ୍ୟକ୍ତି ନୁହେଁ ବରଂ ସମଗ୍ର ସମାଜର ସାମର୍ଥ୍ୟକୁ ବୃଦ୍ଧି କରିବାର ପ୍ରୟାସ କରିଥାଉ।

# ରପ୍ତାନିରେ ୫ ମିଲିୟନ ଟନ୍ ହ୍ରାସ

**ନୂଆଦିଲ୍ଲୀ, ୫।୪**



ବୈଶ୍ୱିକ ବଜାରକୁ ଖାଦ୍ୟଶସ୍ୟର ଆବଶ୍ୟକତା ଥିବା ବେଳେ ୟୁକ୍ରେନ୍‌ର ଚାଷ କ୍ଷେତ୍ରରୁ ଅମଳ ହୋଇଥିବା ୧୫ ମିଲିୟନ ଟନ୍ ମକା ସିଲୋ (ଶସ୍ୟ ଷ୍ଟୋରିଂ)ରେ ପଡ଼ିରହିଛି। ୟୁକ୍ରେନ୍‌ରେ ଅମଳ ହୋଇଥିବା ମକାର ପରିମାଣର ଅର୍ଦ୍ଧାଧିକ ବିଭିନ୍ନ ଦେଶକୁ ରପ୍ତାନି ହେବାର ଯୋଜନା ରହିଥିବା ବେଳେ ବର୍ତ୍ତମାନ ଏହା କ୍ରେତାଙ୍କ ନିକଟରେ ପହଞ୍ଚିବା କଷ୍ଟସାଧ ହୋଇପଡ଼ିଛି। ଫଳରେ ଏହି ଯୁଦ୍ଧ ମଧ୍ୟରେ ୧୨୦ ବିଲିୟନ ଡଲାରର ଶସ୍ୟ ରପ୍ତାନି ବନ୍ଦ ପଡ଼ିଛି। ଯୋଗାଣରେ ବାଧା, ଆକାଶଛୁଆଁ ମାଲ୍ ପରିବହନ ଦର ଏବଂ ବର୍ତ୍ତମାନର ପରିସ୍ଥିତି ବଜାରରେ ଉତ୍ତେଜନା ସୃଷ୍ଟି କରୁଛି। ରୁଷିଆ ଏବଂ ୟୁକ୍ରେନ୍‌ର ଶସ୍ୟ ଡେଲିଭରି ମିଳିତ ଭାବରେ ବିଶ୍ୱର ଶସ୍ୟ ବ୍ୟବସାୟରେ ଏକଚତୁର୍ଥାଂଶ ଅଂଶୀଦାର। ଯୁଦ୍ଧ ପୂର୍ବରୁ କୃଷ୍ଣସାଗର ବନ୍ଦର ପର୍ଯ୍ୟନ୍ତ ଶସ୍ୟକୁ ପହଞ୍ଚାଇବା ପାଇଁ ରେଳ ମାର୍ଗରେ ଓଡେସା ଏବଂ ମାୟେକୋଲାଇଭ ପର୍ଯ୍ୟନ୍ତ ପହଞ୍ଚାଯାଉଥିଲା। ସେଠାରୁ ଏସିଆ ଏବଂ ୟୁରୋପର ବିଭିନ୍ନ ସ୍ଥାନକୁ ଏହି ଶସ୍ୟ ପରିବହନ ହେଉଥିଲା। ତେବେ ବର୍ତ୍ତମାନ ବନ୍ଦର ବନ୍ଦ ରହିଥିବାରୁ ରୋମାନିଆ ଏବଂ ପୋଲାଣ୍ଡ ରେଳପଥ ଦେଇ କିଛି ପରିମାଣରେ ମକା ପଶ୍ଚିମ ଦେଶକୁ ପଠାଯାଇଛି। ତେବେ ଏହି ପ୍ରକ୍ରିୟା ବହୁ ଧୀର ଏବଂ ମହଙ୍ଗା ବୋଲି ୟୁକ୍ରେନିଆନ୍ ଏଗ୍ରିବିଜ୍‌ନେସ୍ କ୍ଲବ୍‌ର ଡେପୁଟି ଚେୟାରପର୍ସନ୍ କାଟେରିନା ରିବାଞ୍ଚେକୋ ଏକ ସାକ୍ଷାତ୍‌କାରରେ କହିଛନ୍ତି। କେବଳ ମକା ନୁହେଁ, ଗହମ ଏବଂ ସୂର୍ଯ୍ୟମୁଖୀ ତେଲ ରପ୍ତାନି କ୍ଷେତ୍ରରେ ମଧ ୟୁକ୍ରେନ୍ ବିଶ୍ୱରେ ଏକ ଅଗ୍ରଣୀ ଦେଶ। ଦେଶର କୃଷି ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଯୁଦ୍ଧ ପରେ ଦେଶର ଶସ୍ୟ ରପ୍ତାନି ୫ ମିଲିୟନ ଟନ୍ ହ୍ରାସ ପାଇଛି। ଫଳରେ ବର୍ତ୍ତମାନ ୟୁକ୍ରେନ୍‌ର ଶସ୍ୟ ରପ୍ତାନି ମାସିକ ୫,୦୦,୦୦୦ ଟନ୍ ମଧ୍ୟରେ ସୀମିତ ରହିଛି। ଦେଶଗୁଡ଼ିକର ଏହି ପ୍ରୟାସ ଶସ୍ୟ ଯୋଗାଣ କ୍ଷେତ୍ରରେ ବିଶେଷ ଫଳପ୍ରଦ ହୋଇ ନ ପାରେ ବୋଲି ଏକ କୃଷି ବଜାର ଅନୁସନ୍ଧାନ ସଂସ୍ଥା 'ଏଜରିସୋର୍ସ'ର ସଭାପତି ଡାନ୍ ବାସ୍‌ସେ କହିଛନ୍ତି।

## ଡ୍ୟୁକ୍ ପକ୍ଷରୁ ସ୍ପ୍ରିଙ୍ଗ୍-ସମର କଲେକ୍ସନ-୨୦୨୨

**ଭୁବନେଶ୍ୱର, ୫।୪**



କୁନ୍ତଳ ରାଜ ଜୈନ

ବର୍ତ୍ତମାନର ଯୁବପିଢ଼ି ନୂଆ ନୂଆ ଫ୍ୟାଶନରେ ରହିବାକୁ ପସନ୍ଦ କରୁଛନ୍ତି। ଫଳରେ ଯୁବବର୍ଗଙ୍କ ଚାହିଦା ଏବଂ ଆବଶ୍ୟକତାକୁ ଧ୍ୟାନରେ ରଖି ଦେଶର ବିଶ୍ୱସନୀୟ ଲାଇଫ୍ ଷ୍ଟାଇଲ୍ ବ୍ରାଣ୍ଡ 'ଡ୍ୟୁକ୍' ପକ୍ଷରୁ ସ୍ପ୍ରିଙ୍ଗ୍-ସମର କଲେକ୍ସନ-୨୦୨୨ ଆରମ୍ଭ କରାଯାଇଛି। କମ୍ପାନୀର ଏହି ନୂଆ କଲେକ୍ସନରେ ସମସ୍ତ ବର୍ଗର ପୁରୁଷ ଏବଂ ମହିଳାଙ୍କ ପାଇଁ ଟି-ଶାର୍ଟ, ଶାର୍ଟ, ଟ୍ରାଉଜର, ବରମୁଣ୍ଡା, କ୍ୟାପ୍ରି, ଡେନିମ୍‌ସ, ଟପ୍ସ, ଜେଗିଙ୍ଗ୍‌ସ, ସ୍ପୋର୍ଟ୍ସ ୱେର, ଏକ୍ସେସରିଜ୍ ଏବଂ ଫୁଟ୍ ୱେର ମଧ ସାମିଲ ରହିଛି। ଏହି କଲେକ୍ସନ ପ୍ରାଇସ୍ ରେଞ୍ଜ ୪୯୯ଟଙ୍କାରୁ ଆରମ୍ଭ ହୋଇ ୧୯୯୯ ଟଙ୍କା ପର୍ଯ୍ୟନ୍ତ ରହିଛି। ଏ ସମ୍ପର୍କରେ ଡ୍ୟୁକ୍ ଫ୍ୟାଶନ ଲିମିଟେଡ୍‌ର ନିର୍ଦ୍ଦେଶକ କୁନ୍ତଳ ରାଜ ଜୈନ କହିଛନ୍ତି, ଆମେ ସର୍ବଦା ଗ୍ରାହକଙ୍କ ଆବଶ୍ୟକତାକୁ ଧ୍ୟାନ ଦେଇଥାଉ। ଆମ ଟିମ୍ ସର୍ବଦା ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ନୂଆ ନୂଆ କଲେକ୍ସନ ପ୍ରଦାନ କରିବା ଦିଗରେ ପ୍ରୟାସ କରନ୍ତି। ଏହି ସ୍ପ୍ରିଙ୍ଗ୍-ସମର କଲେକ୍ସନରେ ମଧ ଗ୍ରାହକଙ୍କୁ ଆରାମଦାୟକ ଫ୍ୟାଶନ ପରିଧାନ ଯୋଗାଇଦେବାକୁ ଚେଷ୍ଟା କରିଛୁ ବୋଲି ଜୈନ କହିଛନ୍ତି।

## ଟୟୋଟା ନ୍ୟୁ ଗ୍ଲାନ୍‌ଜାର ବଜାର ପ୍ରବେଶ

**କଟକ,୫।୪**




କଟକ ତେଲେଙ୍ଗାପେଣ୍ଠସ୍ଥିତି ଇସ୍ପ୍ରିଟ୍ ଟୟୋଟା ଶୋ'ରୁମ୍ ପରିସରରେ 'କୁଲ୍ ନ୍ୟୁ ଗ୍ଲାନ୍‌ଜା'ର ପ୍ରଦର୍ଶନ ଓ ଅନାବରଣ କାର୍ଯ୍ୟକ୍ରମ ଅବସରରେ ଅତିଥି ଓ କର୍ମଚାରୀ ବୃନ୍ଦ।

ଟୟୋଟା କିର୍ଲୋସ୍କର ମୋଟର ପକ୍ଷରୁ ସୋମବାର ଏହାର କୁଲ୍ ନ୍ୟୁ ଗ୍ଲାନ୍‌ଜାର ବଜାର ପ୍ରବେଶ ସହ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ସ୍ଥାନୀୟ ତେଲେଙ୍ଗାପେଣ୍ଠ ସ୍ଥିତି ଇସ୍ପ୍ରିଟ୍ ଟୟୋଟା ଶୋ'ରୁମ୍ ପରିସରରେ ଏହାର ପ୍ରଦର୍ଶନ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଭିନେତା ବବି ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇସ୍ପ୍ରିଟ୍ ଟୟୋଟାର ସିଇଓ ରାଜୋ ଗାନ୍ଧୋତ୍ରାଙ୍କ ସମେତ ଟୟୋଟା କିର୍ଲୋସ୍କର ମୋଟର ଓ ଇସ୍ପ୍ରିଟ୍ ଟୟୋଟାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଏଥିରେ ଟୟୋଟା ସିଗ୍ନେଚର ଷ୍ଟାଇଲିଶ ଫ୍ରଣ୍ଟ ଗ୍ରିଲ୍ ଏବଂ ବମ୍ପର, ୧୬-ଇଞ୍ଚ ସ୍ଲିକ୍ ଆଲୟେ ହ୍ୱିଲ୍, ଏଲ୍‌ଇଡି ପ୍ରୋଜେକ୍ଟର ହେଡ୍‌ଲ୍ୟାମ୍ପ, ଏଲ୍‌ଇଡି ଫଗ୍ ଲ୍ୟାମ୍ପ ଆଦି ରହିଛି। ସୁରକ୍ଷା ବ୍ୟବସ୍ଥା ଅନ୍ତର୍ଗତ ଏଥିରେ ୬ଟି ଏୟାରବ୍ୟାଗ୍,ହେ ଟୟୋଟା ଭଏସ୍ ଆସିଷ୍ଟାଣ୍ଟ, ଏବିଏସ୍. ଇବି, ଭିଏସ୍‌ସି, ଆଇଏସ୍‌ଓ ଫିକ୍ସ, ଟେକ୍ଟ ବଡି, ହିଲ୍ ହୋଲ୍ଡ କଣ୍ଟ୍ରୋଲ ଆଦି ରହିଛି। ଏହା ସହ ହେଡ୍‌ଅପ୍ ଡିସ୍‌ପ୍ଲେ ଏବଂ ୩୬୦ ଡିଗ୍ରୀ କ୍ୟାମେରା ଭଳି ବୈଶିଷ୍ଟ୍ୟ ରହିଛି। ଏ ସମ୍ପର୍କରେ ଟୟୋଟା କିର୍ଲୋସ୍କର ମୋଟରର ଷ୍ଟ୍ରାଟେଜିକ ବିଜ୍‌ନେସ୍ ୟୁନିଟ୍ ଆସୋସିଏଟ୍ ଜେନେରାଲ ମ୍ୟାନେଜର ବରିନ୍ଦେର ୱାଧୱା କହିଥିଲେ, କୁଲ୍ ନ୍ୟୁ ଗ୍ଲାନ୍‌ଜା ନେଇ ବହୁ ସକାରାତ୍ମକ ପ୍ରତିକ୍ରିୟା ମିଳିଥିବାରୁ ଆମେ ବେଶ୍ ଉତ୍ସାହିତ। ଟୟୋଟା କୁଲ୍ ନ୍ୟୁ ଗ୍ଲାନ୍‌ଜା ୯ ମାର୍ଚ୍ଚଠାରୁ ମାତ୍ର ୧୧,୦୦୦ ଟଙ୍କାରେ ବୁକିଂ ଆରମ୍ଭ ହେଉଛି। ଗ୍ରାହକମାନେ ଏହାକୁ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ କିମ୍ବା ନିକଟସ୍ଥ ଡିଲରପଏଣ୍ଟଗୁଡ଼ିକରେ ମଧ ଏହା କରିପାରିବେ।

## ମେ'ରେ ଲଞ୍ଚ୍ ହୋଇପାରେ ଏଲ୍‌ଆଇସି ଆଇପିଓ

**ମୁମ୍ବାଇ, ୫।୪**

ଦେଶର ସର୍ବବୃହତ୍ ବୀମା କମ୍ପାନୀ ଜୀବନ ବୀମା ନିଗମ(ଏଲ୍‌ଆଇସି)ର ଇନିସିଆଲ୍ ପବ୍ଲିକ୍ ଅଫରିଂ(ଆଇପିଓ) ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ଆସିବା ଯୋଜନା ରହିଥିଲା। ତେବେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ଶେୟାର ବଜାରରେ ଦେଖା ଦେଇଥିବା ଅନିଶ୍ଚିତତା କାରଣରୁ ଆଇପିଓ ଲଞ୍ଚ୍ ସମୟକୁ ଘୁଞ୍ଚାଇ ଦିଆଯାଇଥିଲା। ତେବେ ବ୍ଲୁମ୍‌ବର୍ଗର ଏକ ରିପୋର୍ଟ ଅନୁସାରେ ଏଲ୍‌ଆଇସି ଆଇପିଓ ଆସନ୍ତା ମାସ ଅର୍ଥାତ୍ ମେ'ରେ ଲଞ୍ଚ୍ କରାଯିବା ସମ୍ଭାବନା ରହିଛି। ଏହି ଆଇପିଓ ଜରିଆରେ ସରକାର ୫୦,୦୦୦ କୋଟି ଟଙ୍କା ନିବେଶ କରିବେ। ସୂଚନାଯୋଗ୍ୟ, ବଜାର ନିୟାମକ ସେବି ନିକଟରେ କାଗଜପତ୍ର ଦାଖଲ ନ କରି ମେ' ୧୨ ମଧ୍ୟରେ ଆଇପିଓ ଲଞ୍ଚ କରିବା ପାଇଁ ସରକାରଙ୍କ ପାଖରେ ସମୟ ରହିଛି।

## ୩୦୦ ରେନଲ୍ଟ ବୁକିଂ ସେଣ୍ଟର ପ୍ରତିଷ୍ଠା ହେବ

**ଭୁବନେଶ୍ୱର, ୫।୪**

ଗ୍ରାମୀଣ କ୍ଷେତ୍ରରେ ନିଜ କମ୍ପାନୀକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଏବଂ ଗ୍ରାମାଞ୍ଚଳର ଗ୍ରାହକଙ୍କ ନିକଟତର ହେବାକୁ ରେନଲ୍ଟ ଇଣ୍ଡିଆ ପକ୍ଷରୁ ସାରା ଭାରତରେ ୩୦୦ ବୁକିଂ ସେଣ୍ଟର ସ୍ଥାପନ କରାଯିବ ବୋଲି ଘୋଷଣା କରାଯାଇଛି। ସିଏସ୍‌ସି ଗ୍ରାମୀଣ ଇ-ଷ୍ଟୋର ସହଯୋଗରେ ଏହି ବୁକିଂ ସେଣ୍ଟର ଆରମ୍ଭ ହେବ। ଏହି ପଦକ୍ଷେପ ଦ୍ୱାରା ଗ୍ରାମୀଣ ଗ୍ରାହକମାନେ ସହଜରେ ନିଜ ପସନ୍ଦର ରିନଲ୍ଟ କାର୍ ବୁକ୍ କରିବାର ସୁଯୋଗ ପାଇପାରିବେ। ଅତିକମ୍ ଡକ୍ୟୁମେଣ୍ଟେଶନ ଫର୍ମାଲିଟି ଦ୍ୱାରା ଏହି ସେଣ୍ଟରରେ ବୁକିଂ ହୋଇପାରିବ। ଉକ୍ତ ବୁକିଂ ସେଣ୍ଟର, ଏକ କଷ୍ଟ୍ୟୁମର ଇନ୍‌ଫର୍ମେଶନ ସେଣ୍ଟର ଭାବରେ ମଧ କାର୍ଯ୍ୟ କରିବ। ଫଳରେ ସେଣ୍ଟରରେ ମଡେଲ, ମଡେଲଗୁଡ଼ିକର ଫିଚର, ମୂଲ୍ୟ, ଫାଇନାନ୍ସ ସ୍କିମ୍ ଏବଂ ମିଳୁଥିବା ଅଫର ସମ୍ପର୍କିତ ସମସ୍ତ ପ୍ରକାର ତଥ୍ୟ ମିଳିପାରିବ। ଏହା ପୂର୍ବରୁ ମଧ କମ୍ପାନୀ ପକ୍ଷରୁ ଗ୍ରାଣୀଣ ଇ-ଷ୍ଟୋର ଦ୍ୱାରା ଗ୍ରାହକଙ୍କ ସହ ଯୋଡ଼ିହେବାର ଚେଷ୍ଟା କରାଯାଇଥିଲା। ସୂଚନାଯୋଗ୍ୟ, ରେନଲ୍ଟ ଇଣ୍ଡିଆ ପକ୍ଷରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମୀଣ ଡିଜିଟାଲ ସାକ୍ଷରତା ଅଭିଯାନକୁ ସମର୍ଥନ କରିବା ପାଇଁ ସିଏସ୍‌ସି ଇ-ଗଭର୍ନାନ୍ସ ସର୍ଭିସ୍ ସହିତ ହାତ ମିଳାଯାଇଛି।

**ଫୁରସତ୍**

## ଗଛ ତଳେ କଟିଲାଣି ୮ ବର୍ଷ



**ଇସଲାମାବାଦ:** ପାକିସ୍ତାନର ୨୮ ବର୍ଷୀୟ ଫରମାନ ଦୀର୍ଘ ୮ ବର୍ଷ ହେବ ଗଛ ତଳେ ଦିନ କାଟୁଛନ୍ତି। ଅର୍ଥ ଅଭାବ ଯୋଗୁ ସେ ନିଜ ରହିବା ପାଇଁ ଏକ ଘର ତିଆରି କରିପାରୁ ନ ଥିବାବେଳେ ଗଛ ତାଙ୍କ ପାଇଁ ପାଲଟିଛି ଘର। ଗଛ ତଳେ ଏକ ଜରି ପାଲରେ ଘର କରି ରହୁଥିବାବେଳେ ବର୍ଷା ଦିନେ ସେଠାରେ ରହିବା କଷ୍ଟକର ହୋଇପଡ଼ିଥିଲା। ସେଥିପାଇଁ ଫରମାନ ବର୍ତ୍ତମାନ ଗଛ ଉପରେ ଏକ ଛୋଟ କୁଡ଼ିଆ କରି ରହୁଛନ୍ତି। ସେ ରାହୁଥିବା ଛୋଟ କୁଡ଼ିଆରେ ଏକ ବେସିନ୍ ଥିବାବେଳେ ଲାଇଟ୍ ଏବଂ ମୋବାଇଲ ଚାର୍ଜିଂ ପଏଣ୍ଟ ରହିଛି। ଗଛରେ ରହିବାରେ କୌଣସି ପ୍ରକାର ଅସୁବିଧା ହେଉ ନ ଥିବା ସେ କହିଛନ୍ତି। ଫରମାନଙ୍କ ବାପା, ମାଙ୍କ ମୃତ୍ୟୁ ହେବା ପରେ ତାଙ୍କ ଜୀବନର ଗତିପଥ ବଦଳିଯାଇଥିଲା। ଅର୍ଥର ଘୋର ଅଭାବ ଦେଖାଯିବା କାରଣରୁ ଦିନକୁ ଦୁଇଓଳା ଖାଇବା ମିଳିବା ତାଙ୍କପକ୍ଷେ କଷ୍ଟକର ହୋଇପଡ଼ିଥିଲା। ସ୍ତ୍ରୀ ପ୍ରତିମାସରେ ୧୦ ହଜାର ଟଙ୍କା ଦାବି କରୁଥିବାବେଳେ ଟଙ୍କା ନ ମିଳିବାରୁ ସ୍ତ୍ରୀ ବି ତାଙ୍କୁ ଛାଡ଼ି ଚାଲିଯାଇଥିଲେ। ବର୍ତ୍ତମାନେ ଫରମାନ ଏକୁଟିଆ ରହୁଛନ୍ତି। ସାହାଯ୍ୟ ପାଇଁ ବହୁବାର ସରକାରଙ୍କୁ ଅନୁରୋଧ କରିଥିଲେ ହେଁ ସେଠାରୁ କୌଣସି ସୁବିଧା ମିଳି ନ ଥିବା ଫରମାନ କହିଛନ୍ତି।

## ସଫଳ ହୋଷ୍ଟ କଙ୍ଗନା



**ମୁମ୍ବାଇ:** ବଲିଉଡ୍ ସୁପରହିଟ୍ ଫିଲ୍ମ 'କୁଇନ୍'ର ନାୟିକା କୁଇନ କଙ୍ଗନା ରନାଓ୍ୱତ ଅଭିନୟ ସାଙ୍ଗକୁ ହୋଷ୍ଟିଂରେ ପାଦ ଥାପିଛନ୍ତି। ଅଲ୍ଟ ବାଲାଜିରେ ପ୍ରସାରିତ ଏକତା କୁପରଙ୍କ ରିଆଲିଟି ଶୋ' ଲକ୍‌ଅପ୍‌ର ହୋଷ୍ଟ ସାଜିଛନ୍ତି କଙ୍ଗନା। ତାଙ୍କ ହୋଷ୍ଟିଂରେ ଶୋ'ର ଲୋକପ୍ରିୟତା ବଢ଼ିବା ସହ ଶୋ'ର ଭିୟର୍ସ ସଂଖ୍ୟା ୨୦୦ ମିଲିୟନ୍ କ୍ରସ୍ କରିବା ଖୁସିରେ ସେ ନିଜ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରିଛନ୍ତି। ଯେଉଁଥିରେ ସେ କିଛି ସେଲିବ୍ରିଟିଙ୍କ ତାଲିକା ପ୍ରକାଶ କରିଛନ୍ତି। ଏହି ଲିଷ୍ଟରେ ସାମିଲ ଅଛନ୍ତି ଶାହରୁଖ ଖାନ୍, ପ୍ରିୟଙ୍କା ଚୋପ୍ରା ଜୋନାସ୍, ଅକ୍ଷୟ କୁମାର ଏବଂ ରଣବୀର ସିଂ। ବହୁ ସୁପରଷ୍ଟାରଙ୍କୁ ଶୋ' ହୋଷ୍ଟ କରିବାର ସୁଯୋଗ ମିଳିଥିଲେ ମଧ ଏ କ୍ଷେତ୍ରରେ ସେମାନଙ୍କୁ ସଫଳତା ମିଳିପାରି ନାହିଁ। ଯେମିତି ଶାହରୁଖ, ଅକ୍ଷୟ ଓ ରଣବୀର ସିଂ। ଫିଲ୍ମରେ ଏମାନଙ୍କ କାମକୁ ଦର୍ଶକେ ଖୁବ୍ ପସନ୍ଦ କରିଥିବାବେଳେ କିନ୍ତୁ ସେମାନଙ୍କ କାର୍ଯ୍ୟକ୍ରମ ହୋଷ୍ଟ କରିବା ଷ୍ଟାଇଲ୍ ଲୋକଙ୍କୁ ପସନ୍ଦ ଆସିପାରି ନାହିଁ। ଅମିତାଭ ବଚ୍ଚନ, ସଲମାନ ଖାନ୍ ହେଉଛନ୍ତି ଦୁଇ ବଲିଉଡ୍ ସୁପରଷ୍ଟାର ଯେଉଁମାନେ ହୋଷ୍ଟିଂ କ୍ଷେତ୍ରରେ ନିଜର ଦବ୍‌ଦବା ବଜାଏ ରଖିଛନ୍ତି। ଲକ୍‌ଅପ୍‌କୁ ଲୋକଙ୍କ ଭଲପାଇବା ମଳିଥିବାରୁ ସେ ଖୁସି ଥିବା ନିଜ ପୋଷ୍ଟ ଜରିଆରେ କହିଛନ୍ତି। ତେବେ ତାଙ୍କ ଏ ପୋଷ୍ଟରେ ସେ କରନ ଜୋହରଙ୍କୁ ଆଟାକ୍ କରିବାକୁ ଭୁଲି ନାହାନ୍ତି। ତାଙ୍କ ଏ ପ୍ରକାର ସଫଳତାରେ ମୁଭି ମାଫିଆ (କରନ ଜୋହର) ଖୁସି ନଥିବା ବେଳେ ଏ ନେଇ ତାଙ୍କ ଉପରେ କୌଣସି ଫରକ ପଡ଼ବି ନାହିଁ ବୋଲି କଙ୍ଗନା କହିଛନ୍ତି। ଅନ୍ୟ ପାଇଁ ଯଦି ମୁଁ ଲଢ଼ିବା ପାଇଁ ସକ୍ଷମ ତେବେ ମୋ ନିଜ ପାଇଁ ମଧ ମୁଁ ଲଢ଼ିପାରିବି ବୋଲି କଙ୍ଗନା ଶେୟାର କରିଥିବା ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

## ଶରଣାର୍ଥୀଙ୍କ ପାଇଁ ଘର କିଣି ଚର୍ଚ୍ଚାରେ ଜାମି



**ଲଣ୍ଡନ**

ରୁଷିଆ ୟୁକ୍ରେନ ଯୁଦ୍ଧକୁ ଏକ ମାସରୁ ଅଧିକ ଦିନ ବିତିଯାଇଥିବାବେଳେ ଲକ୍ଷାଧିକ ୟୁକ୍ରେନ୍‌ବାସୀ ପଡ଼ୋଶୀ ରାଷ୍ଟ୍ର ବ୍ରିଟେନ୍ ଓ ପୋଲାଣ୍ଡରେ ଆଶ୍ରୟ ନେଇଛନ୍ତି। ସରକାରଙ୍କ ସମେତ ବହୁ ସାଧାରଣ ଜନତା ୟୁକ୍ରେନ୍ ଶରଣାର୍ଥୀମାନଙ୍କୁ ସହାୟତାର ହାତ ବଢାଇଛନ୍ତି। ଆଶ୍ରୟ ନେଇଥିବା ୟୁକ୍ରେନ୍ ନାଗରିକଙ୍କ ପାଇଁ ବ୍ରିଟେନର ୱାଲେସ୍‌ରେ ରହୁଥିବା ଜାମି ହଗସ୍ ୩ ବେଡ୍‌ରୁମ୍ ବିଶିଷ୍ଟ ଏକ ଘର କିଣିଛନ୍ତି। ତେବେ ଜାମି କିଣିଥିବା ଏହି ଘରର ମୂଲ୍ୟ ୧ ଲକ୍ଷ ପାଉଣ୍ଡ ରହିଛି। ଘରର ଏକ ଫଟୋ ଜାମି ଫେସବୁକ୍‌ରେ ଶେୟାର କରିବା ପରେ ଇଣ୍ଟରନେଟ ୟୁଜର୍ସ ତାଙ୍କୁ ପ୍ରଶଂସା କରିଛନ୍ତି। ଯୁଦ୍ଧ କାରଣରୁ ଲକ୍ଷାଧିକ ୟୁକ୍ରେନୀୟ ନିଜ ଘର ଛାଡ଼ି ଆସିଥିବାବେଳେ ୟୁକ୍ରେନ୍‌ରେ ଲୋକଙ୍କ ଘର ସବୁ ଧ୍ୱଂସସ୍ତୁପରେ ପରିଣତ ହୋଇଥିବା ଦେଖି ଜାମିଙ୍କୁ କଷ୍ଟ ହୋଇଥିଲା, ଯାହାପରେ ସେ ୟୁକ୍ରେନ ଶରଣାର୍ଥୀଙ୍କ ସାହଯୋଗ କରିବା ନେଇ ମନସ୍ଥ କରିଥିଲେ। ଜାମି ପ୍ରଥମେ ନିଜେ ରହୁଥିବା ଘରେ ଶରଣାର୍ଥୀଙ୍କ ପାଇଁ ଆଶ୍ରୟସ୍ଥଳୀ ତିଆରି କରିବାକୁ ଚାହୁଁଥିଲେ। କିନ୍ତୁ ଘର ତିଆରି ପାଇଁ ୨ରୁ ୩ ମାସ ଲାଗିବା କଥା ଇଞ୍ଜିନିୟର କହିବା ପରେ ଜାମି ଘର ତିଆରି ପରିବର୍ତ୍ତେ ଏକ ନୂଆ ଘର କିଣିଥିଲେ।

## ପିଠିରେ ଘରର ଠିକଣା



**କିଭ:** ଗତ ୪୨ ଦିନ ହେଲାଣି ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଲାଗି ରହିଛି। ଇତି ମଧ୍ୟରେ ଏକ ହୃଦୟ ବିଦାରକ ଦୃଶ୍ୟ ସାମ୍ନାକୁ ଆସିଛି। ସେଥିରେ ଜଣେ ମା' ତା' ଛୋଟ ଶିଶୁ ପିଠିରେ ଘରର ଠିକଣା ଲେଖିଛନ୍ତି। ଏହି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯୁଦ୍ଧ ଯୋଗୁ ମଧରେ ସେହି ମା' ଜଣକ ଏତେ ଭୟଭୀତ ହୋଇପଡିଛନ୍ତି ଯେ ସେ ତାଙ୍କ ଶିଶୁର ପିଠିରେ ଘରର ଠିକଣା, ଫୋନ୍ ନମ୍ବର ଏବଂ ଅନ୍ୟାନ୍ୟ ତଥ୍ୟ ଲେଖିଛନ୍ତି। ସେ ଏପରି ଭାବନ୍ତି ଯେ, ଯଦି ତାଙ୍କର କିଛି ହୋଇଯାଏ ତେବେ ତାଙ୍କ ଶିଶୁକୁ କେହି ଜଣେ ଆପଣେଇ ନେବେ।

## ବାସନମଜା ଭଳି କେକ୍



**ନୂଆଦିଲ୍ଲୀ:** ବାସନମଜା ପାଇଁ ଥିବା ସ୍ପଞ୍ଜକୁ ବି ଖାଇହେବ! ଏଭଳି କଥା ଶୁଣି କେହି ହୁଏତ ବିଶ୍ୱାସ କରି ନ ପାରନ୍ତି। କିନ୍ତୁ ଏମିତି ଏକ ଭିଜୁଆଲ ଏବେ ଦେଖିବାକୁ ମିଳୁଛି ସୋସିଆଲ ମିଡିଆରେ। ବାସନମଜା ସ୍ପଞ୍ଜ ଭଳି ଦେଖାଯାଉଥିଲେ ବି ପ୍ରକୃତରେ ତାହା ଏକ କେକ୍। ଦେଖିବାକୁ ଅବିକଳ ବାସନ ମାଜିବା ସ୍ପଞ୍ଜ ଭଳି। କିନ୍ତୁ ତାହା ବାସନମଜା ନୁହେଁ ବରଂ ଏକ କେକ୍। କଫି ସହ ଏହି କେକ୍ ଖାଇବା ପାଇଁ ଲୋକଙ୍କର ଖୁବ୍ ଆଗ୍ରହ। ସେଥିପାଇଁ ଏହାର ବେଶ୍ ଚାହିଦା ଅଛି। ସୋସିଆଲ ମିଡିଆରେ ଶେୟାର କରାଯାଇଥିବା ଫଟୋ ଓ ସୂଚନା ଅନୁସାରେ ଏମିତି କେକ୍ ତିଆରି କରାଯାଇଛି ତାଇୱାନ୍‌ର ଏକ ରେଷ୍ଟୁରାଣ୍ଟରେ। କେକ୍‌ଟି ଏତେ ସୁନ୍ଦରଭାବେ ତିଆରି କରାଯାଇଛି, ଯେକେହି ବି ପ୍ରଥମେ ଦେଖିଲେ ଏକ ବାସନମଜା ବୋଲି ମନେକରିବେ। କାରଣ ଠିକ୍ ବାସନମଜା ଭଳି ତିନୋଟି ଭିନ୍ନ ଭିନ୍ନ ରଙ୍ଗରେ ଏହାକୁ ତିଆରି କରାଯାଇଛି। ଏହାଛଡ଼ା କେକ୍ ସ୍ପଞ୍ଜ ଭଳି ଖୁବ୍ ନରମ ହୋଇଛି । କିନ୍ତୁ ଅତି ପାଖରୁ ଦେଖିଲେ ଜାଣିହେବ ଯେ ତାହା ଏକ କେକ୍। ତାଇୱାନ୍‌ର ରେଷ୍ଟୁରାଣ୍ଟରେ ଏହି କେକ୍‌ର ଚାହିଦା ଅଧିକ। ସେଥିପାଇଁ ଏହା ଚଢ଼ା ଦରରେ ବି ବିକ୍ରି ହେଉଛି। ପ୍ରଥମେ ଫେସ୍‌ବୁକ୍‌ରେ ଏହାର ଭିଜୁଆଲକୁ ଶେୟାର କରାଯାଇଥିଲା ଓ ଏବେ ଏହାକୁ ନେଇ ଲୋକେ ଖୁବ୍ କମେଣ୍ଟ କରୁଛନ୍ତି। ବିଶେଷକରି କେକ୍ ତିଆରି କରିବାର ସ୍ୱତନ୍ତ୍ର କଳାକୁ ସମସ୍ତେ ପ୍ରଶଂସା କରିଛନ୍ତି।

## ଚପଲ ପିନ୍ଧିବା ମନା

**ଚେନ୍ନାଇ:** ଆମେ ସାଧାରଣତଃ ଘରୁ ବାହାରିବା ସମୟରେ ଚପଲ ବ୍ୟବହାର କରିଥାଉ, ଏହା ଆମକୁ ରାସ୍ତାରେ କେତେକ ଅସୁବିଧାରୁ ରକ୍ଷା କରିଥାଏ। ହେଲେ ଆମ ଦେଶରେ ଏପରି ଏକ ଗାଁ ରହିଛି, ଯେଉଁଠିକି ଚପଲ ପିନ୍ଧିବା ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ତାମିଲନାଡୁର ମଦୁରାଇଠାରୁ ପାଖାପାଖି ୨୦ କି.ମି. ଦୂରରେ ଥିବା କଲିମାୟନ ଗାଁରେ ସମସ୍ତେ ଖାଲି ପାଦରେ ଯିବା ଆସିବା କରନ୍ତି। ଯଦି କେହି ବ୍ୟକ୍ତି ସେଠାରେ ଭୁଲ୍‌ରେ ମଧ ଚପଲ ପିନ୍ଧନ୍ତି, ତେବେ ତାଙ୍କୁ କଠୋର ଦଣ୍ଡ ଦିଆଯାଏ। କୁହାଯାଉଛି କି ସେହି ଗାଁରେ ଅପାଚ୍ଛୀ ନାମକ ଦେବତାଙ୍କୁ ପୂଜା କରାଯାଏ। ସେମାନେ ଭାବନ୍ତି କି ଅପାଚ୍ଛୀ ଦେବତା ହିଁ ତାଙ୍କୁ ସବୁ ବିପତ୍ତିରୁ ରକ୍ଷା କରିବେ। ସେମାନେ ଦେବତାଙ୍କ ପ୍ରତି ଆସ୍ଥା ରଖି ଗାଁ ସୀମାରେଖା ଭିତରେ ଚପଲ ପିନ୍ଧନ୍ତିନାହିଁ। ଗ୍ରାମବାସୀ ବହୁ କାଳରୁ ଏହି ପରମ୍ପରା ମାନି ଚଳି ଆସୁଛନ୍ତି। ଯଦି କେହି ବ୍ୟକ୍ତି ଗାଁ ବାହାରକୁ ଯାଆନ୍ତି, ତେବେ ସେ ହାତରେ ଚପଲ ଧରି ଗାଁ ବାହାରେ ଯାଇ ପିନ୍ଧିଥାନ୍ତି ଏବଂ ଆସିବାବେଳେ ଚପଲ ହାତରେ ଧରି ଫେରିଥାନ୍ତି।

# ପୁରୀ-ଖୋର୍ଦ୍ଧା ସୀମାରୁ ଧରାପଡ଼ିଲେ ସନ୍ଦିଗ୍ଧ

## ଶ୍ରୀମନ୍ଦିର ରୋଷଘର ଚୁଲି ଭାଙ୍ଗିବା ଘଟଣା

ପୁରୀ ଅଫିସ,୫।୪

ଶ୍ରୀମନ୍ଦିର ରୋଷଘର ଚୁଲି ଭଙ୍ଗାରୁଜା ଘଟଣାରେ ପୁରୀ ପୋଲିସକୁ ସଫଳତା ମିଳିଛି। ଘଟଣାର ୩ଦିନ ପରେ ମଙ୍ଗଳବାର ଶ୍ରୀମନ୍ଦିର ସିସିଟିଭି ଫୁଟେଜରୁ ଜଣେ ସନ୍ଦିଗ୍ଧ ଚିହ୍ନଟ କରାଯାଇଥିଲା। ଏ ନେଇ ପୋଲିସ ପକ୍ଷରୁ ଜୋରଦାର ତଦନ୍ତ ଚଳାଇଥିବାବେଳେ ସନ୍ଧ୍ୟା ସମୟରେ ପୁରୀ-ଖୋର୍ଦ୍ଧା ସୀମାନ୍ତ ଅଞ୍ଚଳରୁ ସେହି ସନ୍ଦିଗ୍ଧଙ୍କୁ ଧରିଛି ପୋଲିସ। ସନ୍ଦିଗ୍ଧ ଜଣଙ୍କ ଖୋର୍ଦ୍ଧା ବେଗୁନିଆ ଅଞ୍ଚଳର ବାସିନ୍ଦା ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ତେବେ ପୋଲିସ ସନ୍ଦିଗ୍ଧଙ୍କୁ ଅଟକ ରଖିଥିବା ନେଇ ପୁରୀ ପୋଲିସ ଟୁଇଟରରୁ ସୂଚନା ମିଳିଛି। ପୁରୀ ପୋଲିସ ଟୁଇଟର ଯୋଗେ ଜଣାଇଛି ଯେ, ସିସିଟିଭି ଫୁଟେଜ୍‌ର ସନ୍ଦିଗ୍ଧ ବ୍ୟକ୍ତି ଅଟକ ରହିଛନ୍ତି। ତାଙ୍କୁ ଏବେ ପଚରାଉଚରା ଜାରି ରହିଛି। ସୂଚନା ଅନୁଯାୟୀ, ଏସ୍‌ପି କନୱର ବିଶାଲ ସିଂଙ୍କ ନିର୍ଦ୍ଦେଶକ୍ରମେ ପୁରୀ ପୋଲିସ ପକ୍ଷରୁ ଟାଉନ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାଶ ଓ ବାସେଳୀ ସାହି ଥାନା ଆଇଆଇସି କୁଳମଣୀ ସେଠୀଙ୍କୁ ଖୋର୍ଦ୍ଧା ସୀମାନ୍ତବର୍ତ୍ତୀ ଅଞ୍ଚଳକୁ ପଠାଯାଇଥିଲା। ସନ୍ଦିଗ୍ଧ ବ୍ୟକ୍ତିଙ୍କ ବେଗୁନିଆ ଅଞ୍ଚଳରେ ଥିବା ନେଇ ପୁରୀ ପୋଲିସକୁ ମଙ୍ଗଳବାର ମଧ୍ୟାହ୍ନରେ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଏହାପରେ ପୁରୀ ପୋଲିସର ଏକ ଟିମ୍ ପୁରୀ -ଖୋର୍ଦ୍ଧା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ପହଞ୍ଚି ତଦନ୍ତ କରି ଧରିଥିଲେ। ତେବେ ବୁଧବାର ପୁରୀ ଏସପି ଏନେଇ ଖବରଦାତା ସମ୍ମିଳନୀ କରି ସୂଚନା ଦେବେ। ଅନ୍ୟପକ୍ଷେ ଏ ନେଇ ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ଖୋର୍ଦ୍ଧା ଜିଲାରୁ ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇଛି। ଏ ସମ୍ପର୍କିତ ପରବର୍ତ୍ତୀ ସୂଚନା ଆଗାମୀ ସମୟରେ ପ୍ରଦାନ କରାଯିବ। ତେବେ ଘଟଣା ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଘଟଣା ପରେ ଶ୍ରୀମନ୍ଦିର ଭିତରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଅତ୍ୟାଧୁନିକ ସିସିଟିଭି ସହ ଶ୍ରୀମନ୍ଦିର ଭିତରେ ଜେଟିପି ଓ ଓଡ଼ିଶା ପୋଲିସଙ୍କ ସଂଖ୍ୟା ବଢ଼ାଯାଇଛି। ଭବିଷ୍ୟତରେ ଏହି ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେନେଇ ବ୍ୟବସ୍ଥା ହେଉଛି ବୋଲି ଜିଲାପାଳ କହିଛନ୍ତି।

# ଏମ୍ସରେ ଆଇଏସ୍‌ପିଏନ୍‌ଏସ୍‌ର ବାର୍ଷିକ ସମ୍ମିଳନୀ

## ଯୋଗଦେଲେ ଦେଶର ୧୩୦ ନ୍ୟୁରୋସର୍ଜନ, ପ୍ଲାଷ୍ଟିକ୍ ସର୍ଜନ

ଭୁବନେଶ୍ୱର, ୫।୪(ବ୍ୟୁରୋ)

ଏମ୍ସ ଭୁବନେଶ୍ୱରର ନ୍ୟୁରୋ ସର୍ଜରି ଏବଂ ପ୍ଲାଷ୍ଟିକ୍ ସର୍ଜରି ବିଭାଗ ପକ୍ଷରୁ ଇଣ୍ଡିଆନ୍ ସୋସାଇଟି ଅଫ୍ ପେରିଫେରାଲ୍ ନର୍ଭ ସର୍ଜରି (ଆଇଏସ୍‌ପିଏନ୍‌ଏସ୍)ର ୧୦ମ ବାର୍ଷିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଭର୍ଚୁଆଲ୍ ମୋଡ୍‌ରେ ମଙ୍ଗଳବାର ଅନୁଷ୍ଠିତ ଏହି ସମ୍ମିଳନୀକୁ ଏମ୍ସ ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ମୁକେଶ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏମ୍ସ ଭୁବନେଶ୍ୱର ଲୋକଙ୍କ ହିତ ନିମନ୍ତେ ନିୟମିତ ଭାବେ ସମସ୍ତ ପ୍ରକାରର ଉନ୍ନତ ପେରିଫେରାଲ୍ ସ୍ନାୟୁ ସର୍ଜରି କରିଆସୁଥିବା ପ୍ରଫେସର ତ୍ରିପାଠୀ କହିଥିଲେ। ଏହି ସମ୍ମିଳନୀରେ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏମ୍ସର ନ୍ୟୁରୋ ସର୍ଜରି ବିଭାଗ ମୁଖ୍ୟ ପ୍ରଫେସର ଆର୍.ଏନ୍. ସାହୁଙ୍କ ସହଅଧ୍ୟକ୍ଷତାରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ଏମ୍ସ ପ୍ଲାଷ୍ଟିକ୍ ସର୍ଜରି ବିଭାଗ ମୁଖ୍ୟ ଡା. ସୁନୀଲ ରାଉତ, ନ୍ୟୁରୋ ସର୍ଜରି ବିଭାଗ ଆସୋସିଏଟ୍ ପ୍ରଫେସର ତଥା ସମ୍ମିଳନୀର ଆୟୋଜକ ସମ୍ପାଦକ ଡା. ସୁମିତ ବନ୍‌ସାଲ ବୈଜ୍ଞାନିକ କମିଟିର ଅଧ୍ୟକ୍ଷତା କରିଥିଲେ। ଏହି ଆଲୋଚନାଚକ୍ରରେ ଜାତୀୟସ୍ତରର ୩୨ ଜଣ ଏବଂ ଆମେରିକା, କାନାଡ଼ା, ଜର୍ମାନୀ ଏବଂ ଦୁବାଇରୁ ୬ଜଣ ଅନ୍ତର୍ଜାତୀୟ ବକ୍ତା ଯୋଗଦେଇଥିଲେ। ସାରା ଭାରତରୁ ପେରିଫେରାଲ୍ ସ୍ନାୟୁ ସର୍ଜରିରେ ପାରଦର୍ଶିତା ରଖିଥିବା ପ୍ରାୟ ୧୩୦ଜଣ ନ୍ୟୁରୋ ସର୍ଜନ ଏବଂ ପ୍ଲାଷ୍ଟିକ୍ ସର୍ଜନ ଅଂଶଗ୍ରହଣ କରି ସେମାନଙ୍କ ଅଭିଜ୍ଞତା ବାଣ୍ଟିବା ସହିତ ବର୍ତ୍ତମାନ ସମୟରେ ଏନେଇ ରହିଥିବା ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏମ୍ସ ଭୁବନେଶ୍ୱର ସଫଳତାର ସହିତ ଏପରି ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜିତ କରିଥିବାରୁ ଦେଶ ବିଦେଶରୁ ଯୋଗଦେଇଥିବା ସମସ୍ତ ବିଶେଷଜ୍ଞ ଏହାକୁ ପ୍ରଶଂସା କରିଥିଲେ।



ଆଲୋଚନାଚକ୍ରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

# ଜାଲ୍ ସାର୍ଟିଫିକେଟ୍ ଦେଇ ଧରାପଡ଼ିଲେ ୮ ଛାତ୍ରୀଛାତ୍ର

## ଏତଲା ଦେଲେ ବିଜେବି କଲେଜ କର୍ତ୍ତୃପକ୍ଷ

ଭୁବନେଶ୍ୱର, ୫।୪(ବ୍ୟୁରୋ)

ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ କଲେଜ ଭୁବନେଶ୍ୱରର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ୮ଜଣ ଛାତ୍ରୀଛାତ୍ର ଜାଲ୍ ଦିବ୍ୟାଙ୍ଗ ସାର୍ଟିଫିକେଟ୍ ଦେଇ ନାମ ଲେଖାଇଥିବା ଜଣାପଡ଼ିଛି। ଗତ ୩ ବର୍ଷ ମଧ୍ୟରେ ଏହି ୮ଜଣ ଛାତ୍ରୀଛାତ୍ର କଲେଜରେ ନାମ ଲେଖି ପାଠ ପଢୁଥିବା ବେଳେ ଏହାର ଟେର୍ ପାଇ ନ ଥିଲେ କଲେଜ କର୍ତ୍ତୃପକ୍ଷ। ଏହି ଛାତ୍ରୀଛାତ୍ରମାନେ ୨୦୧୯-୨୦, ୨୦୨୦-୨୧, ୨୦୨୧-୨୨ ଶିକ୍ଷାବର୍ଷରେ ନାମ ଲେଖାଇଥିଲେ। କଲେଜ ପକ୍ଷରୁ ଯାଞ୍ଚ ବେଳେ ଏହି ୮ ଛାତ୍ରୀଛାତ୍ର ଜାଲ ଦିବ୍ୟାଙ୍ଗ ସାର୍ଟିଫିକେଟ୍ ଦେଇଥିବା ଜଣାପଡ଼ିବା ପରେ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ମିଶ୍ର ଏନେଇ ମଙ୍ଗଳବାର ବଡ଼ଗଡ଼ ଥାନାରେ ଏତଲା ଦେଇଛନ୍ତି। ପୋଲିସ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ବିରୋଧରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ ଛାତ୍ରୀଛାତ୍ରମାନେ ଏହି ସାର୍ଟିଫିକେଟ୍ କେମିତି ହାତେଇଲେ, କିଏ ଏହି ସାର୍ଟିଫିକେଟ୍ ଯୋଗାଇଛି ଓ କଲେଜର ଆଉ କେତେଜଣ ଛାତ୍ରୀଛାତ୍ର ଏହି ଘଟଣାରେ ସମ୍ପୃକ୍ତ ଅଛନ୍ତି କି ନାହିଁ ସେ ନେଇ ତଦନ୍ତ ହେବ ବୋଲି ଅଧ୍ୟକ୍ଷ ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ, କିଛି ମାସ ତଳେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏଭଳି ଜାଲ୍ ସାର୍ଟିଫିକେଟ୍ ଘଟଣାରେ ୨୮ଜଣ ଛାତ୍ରୀଛାତ୍ର ଧରାପଡ଼ିଥିଲେ। ଏହାପରେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ରାଜ୍ୟର ସମସ୍ତ ସରକାରୀ, ବେସରକାରୀ ସେଲ୍‌ଫ ଫାଇନାନ୍ସିଂ କଲେଜକୁ ଚିଠି ଲେଖି ସମସ୍ତ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଦେଇଥିବା ସାର୍ଟିଫିକେଟ୍ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯାଞ୍ଚ ପରେ ଛାତ୍ରୀଛାତ୍ରଙ୍କ ସାର୍ଟିଫିକେଟ୍ ଜାଲ ହୋଇଥିବା ଜଣାପଡ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ ସହ ସେମାନଙ୍କ ବିରୋଧରେ ଥାନାରେ ଏତଲା ଦେବାକୁ ନିର୍ଦ୍ଦେଶ ରହିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ଓଡ଼ିଶାର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହୁଏ। ଏଠାରେ ପିବା ପାଇଁ ବହୁ ମେଧାବୀ ଛାତ୍ରୀଛାତ୍ର ସଂଘର୍ଷ କରୁଥିବାବେଳେ ଜାଲ୍ ସାର୍ଟିଫିକେଟ୍ ଦେଇ ନାମଲେଖା ଘଟଣା ଅଭିଭାବକଙ୍କୁ ଚକିତ କରିଛି। ଏ ନେଇ କଡ଼ାକଡ଼ି ଯାଞ୍ଚ ସହ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମେଧାବୀ ଛାତ୍ରୀଛାତ୍ର ଓ ଅଭିଭାବକ ଦାବି କରିଛନ୍ତି। ସେପଟେ ବିଜେବି କଲେଜରେ ଚିହ୍ନଟ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ସରକାରୀ କର୍ମଚାରୀ ଓ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବା ଜଣାପଡ଼ିଛି।

ପ୍ରଥମ ପୃଷ୍ଠାରୁ...

## ନକଲି ଡାକ୍ତରଙ୍କ...

ପୋଲିସ ତାଙ୍କୁ ଖୋଜାଖୋଜି କରୁଥିବା ଜାଣି ସେ ଫେରାର ହୋଇଯାଇଥିଲେ। ସେ ଝାରଖଣ୍ଡରେ ଥିବା କମିଶନରେଟ ପୋଲିସ କୌଣସି ସୂତ୍ରରୁ ସୂଚନା ପାଇ ସେଠାକୁ ଯାଇ ତାଙ୍କୁ ଗିରଫ କରିଛି। କମଳା ଓ ରମେଶଙ୍କୁ ରିମାଣ୍ଡରେ ଆଣି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ ପାଇଁ ପୋଲିସ ଯୋଜନା କରୁଛି। ଅନ୍ୟପଟେ ରମେଶ ୪ର୍ଥ ପର୍ଯ୍ୟାୟରେ ୧୭ ଦିନ ପାଇଁ ରିମାଣ୍ଡରେ ଆସିଥିଲେ ମଧ୍ୟ ପୋଲିସକୁ ସହଯୋଗ କରିନାହାନ୍ତି। ତେଣୁ ତାଙ୍କ ପାଖରୁ ଅଧିକ ତଥ୍ୟ ହାସଲ କରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି।

ଉଲ୍ଲେଖଯୋଗ୍ୟ, ଏହି ମାମଲାରେ ଏଯାବତ୍ ରମେଶଙ୍କୁ ମିଶାଇ ମୋଟ ୪ଜଣଙ୍କୁ ଗିରଫ କରାଯାଇଛି। ପୂର୍ବରୁ ରମେଶଙ୍କ ଭଉଣୀ ରଶ୍ମିତା ବେହୁରା, ଡ୍ରାଇଭର ଚିତ୍ତରଞ୍ଜନ ପଟ୍ଟନାୟକ ଓରଫ ପପୁ, ମୁଖ୍ୟ ସହଯୋଗୀ ବିଶ୍ୱରଞ୍ଜନ ଦାସ ଗିରଫ ହୋଇ ଜେଲ ଯାଇଛନ୍ତି। ଅନ୍ୟପଟେ ଫେରାର ଭିଣୋଇ ଗଣେଶ୍ୱର ବେହୁରାଙ୍କୁ ପୋଲିସ ଖୋଜୁଛି। ମାର୍ଚ୍ଚ ୩୦ରେ ୪ର୍ଥ ଥର ପାଇଁ ପୋଲିସ ରମେଶଙ୍କ ସହ ବିଶ୍ୱରଞ୍ଜନଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିଥିଲା। ହେଲେ ସେମାନେ ସହଯୋଗ ନ କରିବାରୁ ରିମାଣ୍ଡର ଦିନକ ପୂର୍ବରୁ ସେମାନଙ୍କୁ ପୋଲିସ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲା।

## କେନ୍ଦ୍ର ବଢ଼ାଉଛି...

ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ଅଂଶୀଦାର ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏହାକୁ ନେଇ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଅଡୁଆରେ ପକାଇଛି। ଗତ ୧୫ ଦିନ ଧରି ପେଟ୍ରୋଲ, ଡିଜେଲ ଓ ରୋଷେଇ ଗ୍ୟାସ୍‌ରେ ବଢ଼ାଯାଇଥିବା ଦର ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଦଳ ଦାବି କରିଛି।

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିବାରେ ଲାଗିଛି। କ୍ରୁଡ୍ ଅଏଲ୍ ପ୍ରାଇସ୍‌କୁ ଅନୁସରଣ କରି ତୈଳ ବିପଣନ କମ୍ପାନୀ(ଓଏମ୍‌ସି)ଗୁଡ଼ିକ ଆଗକୁ ମଧ୍ୟ ଦର ବଢ଼ାଇଚାଲିଥିବେ ବୋଲି ଜଣାପଡ଼ିଛି। ବିଶେଷଜ୍ଞଙ୍କ ମତରେ କ୍ରୁଡ୍ ମୂଲ୍ୟରେ ୧ ଡଲାର ବଢ଼ିଲେ ଭାରତରେ ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ୫୨-୬୦ ପଇସା ବଢ଼ିବ। ନଭେମ୍ବର ୪ ପରଠାରୁ ବ୍ରେଣ୍ଟ କ୍ରୁଡ୍‌ରେ ବ୍ୟାରେଲ ପିଛା ୨୮.୪ ଡଲାର ବୃଦ୍ଧି ଘଟି ୧୦୮.୯ ଡଲାରରେ ପହଞ୍ଚିଛି। ତେଣୁ ଆଗକୁ ଆହୁରି ୫.୫ରୁ ୭.୮ ଟଙ୍କା ପର୍ଯ୍ୟନ୍ତ ପେଟ୍ରୋଲ ଓ ଡିଜେଲ ମହଙ୍ଗା ହୋଇପାରେ। ଉପରୋକ୍ତ ୫ ରାଜ୍ୟରେ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଓଏମ୍‌ସିଗୁଡ଼ିକ ନଭେମ୍ବର ୪ରେ ତେଲ ଦରକୁ ନେଇ ଦୈନିକ ସମୀକ୍ଷା ବନ୍ଦ କରିଦେଇଥିଲେ। ଏହି ଦର ନିୟନ୍ତ୍ରଣରେ ସରକାର ନିଜ ହାତ ନାହିଁ ବୋଲି ଯେତେ ସଫେଇ ଦେଉଥିଲେ ବି ଭୋଟ ବେଳେ ହଠାତ୍ ବ୍ରେକ୍ ଲାଗିବା ଓ ଫଳାଫଳ ଆସିବା ପରେ ବେଲଗାମ୍ ହେବା କେନ୍ଦ୍ରର ଭିତିରି ଭୂମିକାକୁ ପଦାକୁ ଆଣିଛି।

ଜେଡିୟୁ ସାଧାରଣ ସମ୍ପାଦକ କେ.ସି. ତ୍ୟାଗୀ କହିଛନ୍ତି, ଅତି ଆଗ୍ରହ ସହକାରେ ଏନ୍‌ଡିଏକୁ ନିର୍ବାଚନ ଜିତାଇଥିବା ଭୋଟରମାନେ ଏବେ ମର୍ମାହତ। ଦରବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତିର ପ୍ରଭାବ ସେମାନଙ୍କ ଉପରେ ମଧ୍ୟ ପଡୁଛି। ତେଣୁ ଏହି ମୂଲ୍ୟ ବୃଦ୍ଧିକୁ କେନ୍ଦ୍ର ସରକାର ତୁରନ୍ତ ପ୍ରତ୍ୟାହାର କରନ୍ତୁ ବୋଲି ତ୍ୟାଗୀ ଦାବି କରିଛନ୍ତି। ପାର୍ଲାମେଣ୍ଟରେ ମଧ୍ୟ ତେଲ ତାତି ଦେଖିବାକୁ ମିଳିଛି। ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏହି ପ୍ରସଙ୍ଗ ଉଠାଇ ଆଲୋଚନା ଦାବି କରିଥିଲେ। କିନ୍ତୁ ରୁଲ୍ ୨୬୭ ଅନୁଯାୟୀ ଦିଆଯାଇଥିବା ନୋଟିସ୍‌କୁ ଗୃହର ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ଗ୍ରହଣ କରି ନ ଥିଲେ। ଖାର୍ଗେ କହିଥିଲେ, ଦେଶରେ ପ୍ରତିଦିନ ତେଲ ଦର ବଢୁଛି। ଆପଣ ଆମକୁ ଆଲୋଚନା ଲାଗି ସୁଯୋଗ ନ ଦେଲେ ଆମେ କେଉଁଠି ଏହି ପ୍ରସଙ୍ଗ ଉଠାଇବୁ। ସେହିପରି ଲୋକ ସଭାରେ ବିରୋଧୀ ସଦସ୍ୟମାନେ ଏହି ପ୍ରସଙ୍ଗରେ ବାରମ୍ବାର ହଟ୍ଟଗୋଳ କରିବାରୁ ଗୃହକୁ ଲଗାତର ମୁଲତବୀ କରିବାକୁ ପଡ଼ିଛି। ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଏବଂ ଡିଏମ୍‌କେ ସଦସ୍ୟ ଟି.ଆର୍. ବାଲୁ ତେଲ ଦର ବୃଦ୍ଧି ଉପରେ ଆଲୋଚନା ଦାବି କରିଥିଲେ। ବାଚସ୍ପତି ଓମ୍ ବିର୍ଲା ଶୂନ୍ୟକାଳ ପରିଚାଳନା କରୁଥିବାବେଳେ କଂଗ୍ରେସ, ଡିଏମ୍‌କେ, ତୃଣମୂଳ କଂଗ୍ରେସ, ବାମପନ୍ଥୀ ଦଳ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଯାଇ ମୋଦି ସରକାର ବିରୋଧରେ ସ୍ଲୋଗାନ ଦେଇଥିଲେ। ଶିବସେନା ଓ ଜାତୀୟତାବାଦୀ କଂଗ୍ରେସ ପାର୍ଟି ଏମ୍‌ପିମାନେ ମଧ୍ୟ ବିକ୍ଷୋଭରେ ସାମିଲ ହୋଇଥିଲେ। ତେବେ ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ପୁରୀ ସରକାରଙ୍କୁ ସୁରକ୍ଷା ଦେବାକୁ ଯାଇ କହିଥିଲେ, ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ କେବଳ ଭାରତ ପ୍ରଭାବିତ ହୋଇନାହିଁ, ସାରା ବିଶ୍ୱ ଉପରେ ଏହାର ପ୍ରଭାବ ପଡ଼ିଛି। ଭାରତରେ ବଢ଼ିଥିବା ତେଲ ଦର ଅନ୍ୟ ରାଷ୍ଟ୍ରଗୁଡ଼ିକ ତୁଳନାରେ ୧୦ ଭାଗରୁ ଭାଗେ। ଆମେରିକା, ବ୍ରିଟେନ୍, ଜର୍ମାନୀ, ଫ୍ରାନ୍ସ ଓ ଶ୍ରୀଲଙ୍କା ଭଳି ଦେଶରେ ୫୦% ବୃଦ୍ଧି ଘଟିଥିବାବେଳେ ଆମ ଦେଶରେ ମାତ୍ର ୫ ପ୍ରତିଶତ ବଢ଼ିଛି ବୋଲି ହରଦୀପ ସଫେଇ ଦେଇଥିଲେ।

## ଭ୍ୟାନ୍ ଧକ୍କାରେ...



ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ଅବରୋଧ କରିଥିଲେ। ସେମାନେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଥିଲେ। ଖବରପାଇ ବେଲଗୁଣ୍ଠା ତହସିଲଦାର ଧରଣୀଧର ଦାସ, ଗାଙ୍ଗପୁର ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ, ଆସିକା ବିଧାୟିକାଙ୍କ ପ୍ରତିନିଧି ନଚିକେତା ସ୍ୱାଇଁ, ଆସିକା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶିବ ନାହାକ, ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ବିଜୟ କୁମାର ନାହାକ, ମୁନିଗାଡି ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ୪୦ ହଜାର ଟଙ୍କା ସହାୟତା ପ୍ରଦାନ ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଅଧିକ ସହାୟତା ଲାଗି ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ଭ୍ୟାନକୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛି। ଏ ନେଇ ଗାଙ୍ଗପୁର ଥାନାରେ ନଂ.୧୩୩/୨୨ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସାହୁ ସୂଚନା ଦେଇଛନ୍ତି। ବ୍ରହ୍ମପୁରରେ ବିଶ୍ୱଜିତଙ୍କ ମୃତଦେହ ବ୍ୟବଚ୍ଛେଦ ପରିବାର ଲୋକେ ମହୁଲପଲ୍ଲୀ ନେଇଛନ୍ତି। ବୁଧବାର ଆସିକା ଡାକ୍ତରଖାନାରେ ଜୟରାମ ଓ ତାଙ୍କ ୨ ଝିଅଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ।


**ତହସିଲଦାରଙ୍କ କାର୍ଯ୍ୟାଳୟ, ଖଣ୍ଡମାଳ, ଫୁଲବାଣୀ**

ପତ୍ର ସଂଖ୍ୟା ୧୬୧୧ ତା୦୪।୦୪।୨୦୨୨

**ଲଘୁ ଖଣିଜ ଉତ୍ସର ଲିଜ୍ ନିମନ୍ତେ ବିଜ୍ଞାପନ**

No.F-03:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଖଣ୍ଡମାଳ ତହସିଲ ଅଧୀନରେ ଥିବା କୁମୁରିଗୁଡ଼ା ମୌଜା ଅନ୍ତର୍ଗତ ସଇରାତ ଉତ୍ସଟିକୁ ଆଗାମୀ ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ଏହି ସଇରାତ ଉତ୍ସ ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ତଥା ସଇରାତ ଉତ୍ସର ପ୍ରକାର, ମୌଜାର ନାମ, ପ୍ଲଟ୍ ନଂ., ରକବା, ସର୍ବନିମ୍ନ ଅତିରିକ୍ତ ଦେୟ, ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ପରିମାଣ ଏବଂ ଦରଖାସ୍ତ ଗ୍ରହଣର ସମୟ ସୀମା ଇତ୍ୟାଦିର ସୂଚନା କନ୍ଧମାଳ ଜିଲ୍ଲା ୱେବ୍‌ସାଇଟ୍ : http://kandhamal.nic.in ଅଧୀନରେ ଉପଲବ୍ଧ ହେବ । ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ତହସିଲ କାର୍ଯ୍ୟାଳୟ ସହ ଯେକୌଣସି କାର୍ଯ୍ୟ ଦିବସରେ (ଛୁଟିଦିନ ବ୍ୟତୀତ) ଯୋଗାଯୋଗ କରିପାରନ୍ତି ।

ସ୍ୱା./- ତହସିଲଦାର, ଖଣ୍ଡମାଳ, ଫୁଲବାଣୀ

OIPR-24117/11/0001/2223

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**GANJAM [R&B] DIVISION NO.II, BERHAMPUR**
Phone/Fax: 0680-2233996, e-mail: sernb2.ganjam@gmail.com
INVITATION FOR BIDS (IFB) [e-Procurement]

**TENDER CALL NOTICE**

**Bid Identification No. SC (R&B)-GM-II -01/2022-23 No.2439, Dated 02.04.2022**

No. B-15:-
1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in single cover system to be received in **ONLINE MODE** only for the work as detailed below:
2) Nature of Work : Building work
3) No. of Work : 10 Nos.
4) Tender Cost : Rs.4,000/- & Rs.6,000/-
5) Class of Contractor : 'D' class, 'C' class, 'B' class, & 'A' class
6) Availability of bid documents in the website : From 12.04.2022 10.00 AM to 27.04.2022 4.00 P.M.
7) Date of opening of Bid : 28.04.2022 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website **https://tendersorissa.gov.in**

(Sd./-T.K.Panigrahi)
Superintending Engineer, Ganjam (R&B) Division No.II
OIPR-34080/11/0001/2223

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
CAD-49 OSIC GST No. 21AAACO2101M1Z1

**e-Procurement Notice for Building works**

**Tender Notice No.1562** **Date: 04.04.2022**
**Identification No. On line Building OSIC/Constn./2022-2023/001**

I.Name of the work
i) Construction of boundary wall of "Odisha Rajya Talgur Samabaya Sangha ltd. at Bahugram,Cuttack.
ii) Construction of Boundary Wall of "Odisha Rajya Talgur Samabaya Sangha Ltd at Bhairpur,Cuttack.
2.Total No of works : 02 Nos.
3.Estimated cost. : (i) **Rs.32,57,834/-(approx)** (ii) **Rs.13,53,409/-(approx)**
4.Class of Contractor : (i)C & B class as per illegibility criteria online. (ii) D & C class as per illegibility criteria online.
5.Period of completion : (i) Six calendar months. (ii)Three calendar months.

II. 1.Name of the work : (i) Proposed Girl's Hostel(2nd floor) IED, Bhubaneswar, Odisha.
2. Total No of works : 01 No.
3.Estimated cost. : **Rs. 88,37,312/-(approx)**
4. Class of Contractor : B & A class as per illegibility criteria online.
5.Period of completion : Nine calendar months.

III.1. Name of the work : Construction of Boundary wall of S.C.S, College, Talabania, Puri.
2. Total no. of works : 01 No.
3. Estimated cost. : **Rs. 1,75,00,000/-(approx)**
4. Class of Contractor: A & B class as per illegibility criteria online.
5.Period of completion: Twelve calendar months.

6. Other details.

| Procurement on line | Bid Identification No | Availability of tender on-line for bidding | | Date & time of opening of Tender in O/O MD OSIC Ltd., Cuttack |
|---|---|---|---|---|
| | | From | To | |
| MD OSIC Ltd., Cuttack. | 001 of 2022-2023 | 08.04.22 | 28.04.22 | 29.04.22 |

Further details can be seen from the website www.tendersodisha.gov.in/ www.osicltd.in
Any amendment corrigendum, cancellation or re-tender may please be referred to the website.

Sd/-
MANAGING DIRECTOR

OIPR-14073/11/0006/2223

**SHRI JAGANNATH SANSKRIT UNIVERSITY**
**SHRI VIHAR, PURI**
**No. Exam. 533/2022, S.J.S.U, Puri, Date 31.3.22**

**NOTIFICATION**

**PROGRAMME FOR ANNUAL UPASHASTRI (REG & EX-REG) EXAMINATION, 2022 & LEFT OUT CANDIDATES FOR UPASHASTRI EXAMINATION,2021**

| Date | Day | Time | Subject |
|---|---|---|---|
| 29.04.2022 | Friday | 09.00 A.M.-12.00 Noon | M.I.L (Odia/Sanskrit/Alt. English/ Hindi) |
| 30.04.2022 | Saturday | 09.00 A.M.-12.00 Noon | English |
| 02.05.2022 | Monday | 09.00 A.M.-12.00 Noon | Samanya Sanskrit:Vyakarana |
| 04.05.2022 | Wednesday | 09.00 A.M.-12.00 Noon | Samanya Sanskrit: Sahitya |
| 05.05.2022 | Thursday | 09.00 A.M.-12.00 Noon | Samanya Sanskrit: Sarvadarshana |
| 06.05.2022 | Friday | 09.00 A.M.-12.00 Noon (For Yoga and Education- 9.00 A.M.-11.00 A.M.) | Shastriya Optional Subjects |
| 07.05.2022 | Saturday | 09.00 A.M.-12.00 Noon | Modern Optional Subjects |
| 09.05.2022 | Monday | 09.00 A.M. Onwards | Practical: **Yoga and Education** |

**N.B.:**
1. Any discrepancy in the programme detected afterwards should be brought to the notice of the Controller of Examinations.
2. The Examination (both Theory and Practical) will be held as per the programme, even if any of the dates is declared as a holiday subsequently.
3. Details of Centres as well as Colleges tagged to them will be displayed in the University website: www.sjsv.nic.in. w.e.f. 21.04.2022 and College authorities are requested to go through it meticulously and act accordingly. No further correspondence in this regard will be made either with examination centres or colleges tagged to them.

By order of the Vice-Chancellor
Sd./-
Controller of Examinations

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା ୫୬୦୬/IND-II-PH-895 ତାରିଖ ୦୪.୦୪.୨୦୨୨
No.CAD-43

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ଶ୍ରୀମତୀ ଲକ୍ଷ୍ମୀପ୍ରିୟା ପୃଷ୍ଟି ଓଡ଼ିଶାର ବାଲେଶ୍ୱର ଜିଲ୍ଲା, ଜଳେଶ୍ୱର ତହସିଲ ଅନ୍ତର୍ଗତ ରାଜନଗର ଗ୍ରାମରେ ୫.୪୮ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ ରାଜନଗର ବାଲିଘାଟ** ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪.୦୯.୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୧୧.୦୫.୨୦୨୨ରିଖ ଦିବା ୧୦.୦୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା, ଜଳେଶ୍ୱର ତହସିଲ ଅନ୍ତର୍ଗତ ବାଲିଘାଟ ପାର୍ଶ୍ୱସ୍ଥାନରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯.୦୬.୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ବାଲେଶ୍ୱର** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ବାଲେଶ୍ୱର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ବାଲେଶ୍ୱର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ବାଲେଶ୍ୱର** ।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ବାଲେଶ୍ୱର** ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./- ସଦସ୍ୟ ସଚିବ**

OIPR-08012/11/0005/2223

# ଓଡ଼ିଶାର ୪ ଖେଳାଳି ସାମିଲ

**ଭୁବନେଶ୍ୱର, ୫।୪ (କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଭାରତ ଓ ବିଶ୍ୱର ନମ୍ବର ୱାନ ଦଳ ନେଦରଲାଣ୍ଡ ମଧ୍ୟରେ ଏଫ୍ଆଇଏଚ୍ ପ୍ରୋ ଲିଗ୍ ମହିଳା ହକି ମ୍ୟାଚ ଆସନ୍ତା ୮ ଓ ୯ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ମଙ୍ଗଳବାର ୨୨ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ଏଥିରେ ଓଡ଼ିଶାର ୪ ଖେଳାଳି ସାମିଲ ଅଛନ୍ତି। ସେମାନେ ହେଲେ ଦୀପ୍ ଗ୍ରେସ୍ ଏକ୍କା, ରଶ୍ମିତା ମିଞ୍ଜ୍, ନମିତା ଟପ୍ପୋ ଓ ମାରିଆନା କୁଜୁର। ସବିତା ଅଧିନାୟିକା ଓ ଦୀପ୍ ଗ୍ରେସ୍ ଉପ ଅଧିନାୟିକା ପଦ ବଜାୟ ରଖିଥିବାବେଳେ ଆହତ ସମସ୍ୟାରୁ ମୁକୁଳି ଅଭିଜ୍ଞ ଷ୍ଟ୍ରାଇକର ରାଣୀ ରାମପାଲ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ନୂଆ ମୁହଁ ଭାବେ ଡିଫେଣ୍ଡର ମହିମା ଚୌଧାରୀ ଓ ଫରୱାର୍ଡ ଐଶ୍ୱର୍ଯ୍ୟା ରାଜେଶ ଚଭନ ପ୍ରଥମଥର ପାଇଁ ସିନିୟର ଦଳରେ ସୁଯୋଗ ପାଇଛନ୍ତି। ଆହତ ସମସ୍ୟା ଯୋଗୁ ରାଣୀ ଟୋକିଓ ଅଲିମ୍ପିକ୍ସ ପରେ ଆଉ ଆକ୍ସନକୁ ଫେରି ନ ଥିଲେ। ରାଣୀଙ୍କ ନେତୃତ୍ୱରେ ଭାରତ ଅଲିମ୍ପିକ୍ସରେ ୪ର୍ଥ ସ୍ଥାନ ହାସଲ କରି ବଡ଼ ସଫଳତା ପାଇଥିଲା। ଉପାସନା ସିଂ, ପ୍ରୀତି ଦୁବେ ଓ ବନ୍ଦନା କାଟରିଆଙ୍କୁ ଷ୍ଟାଣ୍ଡବାଇ ତାଲିକାରେ ରଖାଯାଇଛି। ‘‘କୋଭିଡ୍-୧୯ ସମସ୍ୟା ଯୋଗୁ ଇଂଲଣ୍ଡ ମହିଳା ଦଳ ନ ଆସିବାରୁ ଆମେ ପୂର୍ବ ୨ଟି ମ୍ୟାଚ ଖେଳିପାରି ନ ଥିଲୁ। ଏବେ ନେଦରଲାଣ୍ଡ ବିପକ୍ଷ ମ୍ୟାଚ ପାଇଁ ଆମେ ପ୍ରସ୍ତୁତ। ନିକଟରେ ଜୁନିୟର ବିଶ୍ୱକପ ଖେଳିଥିବା କିଛି ଯୁବ ଖେଳାଳିଙ୍କୁ ନେଇ ଆମେ କୋର୍ ଗ୍ରୁପ୍‌କୁ ଅଧିକ ଦୃଢ଼ କରିବାକୁ ଚାହୁଁଛୁ। ଏହି କ୍ରମରେ କେତେକ ଖେଳାଳି ଆଗାମୀ ମ୍ୟାଚରେ ଡେବ୍ୟୁ କରିବେ। ଆହତ ସମସ୍ୟାରୁ ମୁକୁଳି ପଡ଼ିଆକୁ ଫେରିବାକୁ ରାଣୀ କଠିନ ପରିଶ୍ରମ କରିଛନ୍ତି। ଚଳିତ ସପ୍ତାହରେ ଯଦି ତାଙ୍କ ଟ୍ରେନିଂ ଭଲ ରହିଲା ତେବେ ଆମେ ତାଙ୍କୁ ଗୋଟିଏ ମ୍ୟାଚରେ ଖେଳାଇବାକୁ ଆଶା ରଖିଛୁ। ନେଦରଲାଣ୍ଡ ଏକ ଶକ୍ତିଶାଳୀ ଦଳ। ଗତ ସପ୍ତାହରେ ଏହି ଦଳ ଆମେରିକା ବିପକ୍ଷରେ ସହଜରେ ଗୋଲ ସ୍କୋର କରିବା ସହ ରକ୍ଷଣଭାଗକୁ ମଜଭୁତ ରଖିବାରେ ସକ୍ଷମ ହୋଇଥିଲା। ଆମେ ନିଜ ଶକ୍ତି ଅନୁସାରେ ଖେଳିବୁ। ନେଦରଲାଣ୍ଡକୁ ଚ୍ୟାଲେଞ୍ଜ ଦେବାକୁ ଆମେ ଆଶା ରଖିଛୁ’’ ବୋଲି କହିଛନ୍ତି ଭାରତୀୟ ଦଳର ମୁଖ୍ୟ କୋଚ୍ ଜାନେକ ସ୍କୁପମାନ।

ଭାରତୀୟ ମହିଳା ହକି ଦଳ ସମ୍ପ୍ରତି ଷ୍ଟାଣ୍ଡିଂର ୪ର୍ଥ ସ୍ଥାନରେ ରହିଛି। ଦଳ ୬ଟି ମ୍ୟାଚ ଖେଳିଥିବାବେଳେ ୩ଟିରେ ବିଜୟ ହାସଲ କରିଛି ଏବଂ ଶୁଟ୍ଆଉଟ ବିଜୟରୁ ଗୋଟିଏ ପଏଣ୍ଟ ପାଇଛି। ଗୋଟିଏ ଲେଖାଏ ପରାଜୟ ଓ ଶୁଟ୍ଆଉଟ ପରାଜୟ ସହ ଦଳ ୧୨ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ନେଦରଲାଣ୍ଡ ୬ ମ୍ୟାଚରୁ ୫ ବିଜୟ ଓ ଗୋଟିଏ ଶୁଟ୍ଆଉଟ ବିଜୟ ସହ ୧୭ ପଏଣ୍ଟ ପାଇ ଶୀର୍ଷରେ ରହିଛି। ଜର୍ମାନୀ ୮ ମ୍ୟାଚରୁ ୧୩ ଓ ଆର୍ଜେଣ୍ଟିନା ୪ ମ୍ୟାଚରୁ ୧୨ ପଏଣ୍ଟ ସହିତ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ଭାରତ-ନେଦରଲାଣ୍ଡ ମ୍ୟାଚ ଶୁକ୍ରବାର ରାତି ୭ଟା ୩୦ ଏବଂ ଶନିବାର ଅପରାହ୍ଣ ୩ଟା ୩୦ରେ ଅନୁଷ୍ଠିତ ହେବ।

**ଭାରତୀୟ ଦଳ**

ଗୋଲକିପର: ସବିତା (ଅଧିନାୟିକା), ରଜନୀ ଇଟିମାରପୁ। ଡିଫେଣ୍ଡର: ଦୀପ୍ ଗ୍ରେସ୍ ଏକ୍କା (ଉପ ଅଧିନାୟିକା), ଗୁରଜିତ କୌର, ନିକି ପ୍ରଧାନ, ଉଦିତା, ରଶ୍ମିତା ମିଞ୍ଜ, ସୁମନ ଦେବୀ ଥୌଡମ। ମିଡ୍‌ଫିଲ୍ଡର: ନିଶା, ସୁଶିଳା ଚାନୁ ପୁଖରାମବାମ, ଜ୍ୟୋତି, ନବଜୋତ କୌର, ମୋନିକା, ନମିତା ଟପ୍ପୋ, ସୋନିକା, ନେହା, ମହିମା ଚୌଧାରୀ। ଫରୱାର୍ଡ: ଐଶ୍ୱର୍ଯ୍ୟା ରାଜେଶ ଚଭନ, ନବନୀତ କୌର, ରାଜୱିନ୍ଦର କୌର, ରାଣୀ ରାମପାଲ, ମାରିଆନା କୁଜୁର। ଷ୍ଟାଣ୍ଡବାଇ: ଉପାସନା ସିଂ, ପ୍ରୀତି ଦୁବେ, ବନ୍ଦନା କାଟରିଆ।



ନେଦରଲାଣ୍ଡ ବିପକ୍ଷ ମ୍ୟାଚ୍ ପାଇଁ ମନୋନୀତ ଭାରତୀୟ ମହିଳା ହକି ଦଳ।

## ଏଫ୍ଆଇଏଚ୍ ପ୍ରୋ ଲିଗ୍ ମହିଳା ହକି

- ନେଦରଲାଣ୍ଡ ବିପକ୍ଷ ମ୍ୟାଚ ପାଇଁ ଭାରତୀୟ ଦଳ ଘୋଷିତ
- ସବିତା ଅଧିନାୟିକା, ରାଣୀ ରାମପାଲଙ୍କ ପ୍ରତ୍ୟାବର୍ତ୍ତନ
- ଦୀପ୍ ଗ୍ରେସ୍ ଏକ୍କା ଉପ ଅଧିନାୟିକା ରହିଲେ



ଜାତୀୟ ଜୁନିୟର ମହିଳା ହକିରେ ବ୍ରୋଞ୍ଜ ପଦକ ଜିତି ମଙ୍ଗଳବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବା ଓଡ଼ିଶା ଦଳକୁ କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା କଳିଙ୍ଗ ଷ୍ଟାଡିୟମ ପରିସରରେ ସମ୍ବର୍ଦ୍ଧିତ କରୁଛନ୍ତି।

# କେକ୍ କାଟିଲେ, ଖୁସି ମନାଇଲେ

**ଭୁବନେଶ୍ୱର, ୫।୪ (କ୍ରୀଡ଼ା ପ୍ରତିନିଧି)**

**ବ୍ରୋଞ୍ଜ ବିଜୟୀ ଓଡ଼ିଶା ଦଳର ପ୍ରତ୍ୟାବର୍ତ୍ତନ**

ଆନ୍ଧ୍ର ପ୍ରଦେଶର କାକିନଡ଼ାଠାରେ ଅନୁଷ୍ଠିତ ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଦଳ ମଙ୍ଗଳବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛି। ଭୁବନେଶ୍ୱରରେ ପହଞ୍ଚିବା ପରେ ଦଳକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା ଓ ଅନ୍ୟ ଅଫିସିଆଲମାନେ ଯୋଗଦେଇ ଖେଳାଳିଙ୍କ ସହ ଭାବ ବିନିମୟ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଖେଳାଳିମାନେ କେକ୍ କାଟିବା ସହ ଖୁସି ମନାଇଥିଲେ। ପ୍ରକାଶଯୋଗ୍ୟ ଯେ, ଗତ ରବିବାର ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୪-୦ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ନିକିତା ଟପ୍ପୋ ୩୧ ଓ ୪୧ତମ ମିନିଟରେ ୨ଟି ଏବଂ ମୁନମୁନି ଦାସ ୪୭ ଓ ସୁମି ମୁଣ୍ଡାରୀ ୫୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

# ଆଇଡବ୍ଲ୍ୟୁଏଲ୍ ପାଇଁ ଏଆର୍ଏକୁ ଯୋଗ୍ୟତା

**ନୂଆଦିଲ୍ଲୀ, ୫।୪ (ପି.ଟି.)**

ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଯୋଗ୍ୟତା ପର୍ଯ୍ୟାୟରେ ଏଆର୍ଏ ଏଫ୍‌ସି କ୍ରମାଗତ ବିଜୟ ଜାରି ରଖିବାରେ ସକ୍ଷମ ହୋଇଛି। ଏଥିସହ ଦଳ ମୁଖ୍ୟ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଏଆରଏ ୪-୩ ଗୋଲରେ ୱାଇଡବ୍ଲ୍ୟୁସିକୁ ପରାସ୍ତ କରିଛି। ଗୁଜରାଟର ଏହି ଦଳ ଆଇଡବ୍ଲ୍ୟୁଏଲ୍ ଯୋଗ୍ୟତା ପାଇଁ ଅନ୍ତିମ ମ୍ୟାଚରେ ବିଜୟ ଆବଶ୍ୟକ କରୁଥିଲା। ୩ ମ୍ୟାଚରୁ ୯ ପଏଣ୍ଟ ସହ ଏଆର୍ଏ ଭୁବନେଶ୍ୱରରେ ଚଳିତ ମାସ ୧୪ରୁ ଆରମ୍ଭ ହେବାକୁଥିବା ଆଇଡବ୍ଲ୍ୟୁଏଲ୍ ପାଇଁ ଯୋଗ୍ୟତା ପାଇଛି। ଅନ୍ୟପକ୍ଷରେ ୱାଇଏମ୍‌ସି ୩ ମ୍ୟାଚରୁ ୬ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିଛି।

## ରାଜ୍ୟ ଖବର

# ମହିଳାଙ୍କୁ ପଥରରେ ଛେଚି ହତ୍ୟା

**ପଥର ଜବତ, ୩ ଅଟକ**

**ଫୁଲନଖରା, ୫।୪ (ଡି.ଏନ୍.ଏ.):** କଟକ ଜିଲା ସଦର ଥାନା ଅନ୍ତର୍ଗତ ଅରିଲୋ ମେଳଣ ପଡିଆରେ ଜଣେ ମହିଳାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତା ମହିଳା ହେଲେ ଉକ୍ତ ଗ୍ରାମର ହେମଲତା ପାଣିଗ୍ରାହୀ। ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଘଟଣାସ୍ଥଳରୁ ପୋଲିସ ଏକ ପଥର ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପଠାଇଛି। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସ୍ପଷ୍ଟ କରିଛି।

ସୋମବାର ହେମଲତା ଘରେ ଏକୁଟିଆ ଥିବାବେଳେ ତାଙ୍କ ସ୍ୱାମୀ ଭୀମସେନ ଓ ପୁଅ ବିକାଶ ପରିବା ବ୍ୟବସାୟ କରିବାକୁ ନିକଟସ୍ଥ ବଜାରକୁ ଯାଇଥିଲେ। ବ୍ୟବସାୟ ସାରି ରାତିରେ ଫେରିବା ପରେ ଘରେ ହେମଲତା ନ ଥିବା ଦେଖିବାକୁ ପାଇଥିଲେ। ବହୁ ଖୋଜାଖୋଜି କରିବା ପରେ ମଙ୍ଗଳବାର ନିକଟସ୍ଥ ଏକ ବୁଦାମୂଳରେ ହେମଲତାଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେଉଥିବାବେଳେ ନିକଟରେ ଥିବା ରକ୍ତଲଗା ପଥର ପଡିଥିଲା। ଖବରପାଇ ମଙ୍ଗଳବାର ସକାଳେ ଜୋନ୍-୪ ଏସିପି ଚନ୍ଦନ ଘଡେଇ, କଟକ ସଦର ଥାନା ଆଇଆଇସି ସୁଧାଂଶୁ ଭୂଷଣ ଜେନା, ଏସ୍ଆଇ ବବିତା ସାହୁ, ମୁରଲୀଧର ସାହୁ, ହରିଶଙ୍କର ଭୋଇଙ୍କ ସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁର୍ବୃତ୍ତମାନେ ହେମଲତାଙ୍କୁ ପଥରରେ ଛେଚି ହତ୍ୟା କରିଥିବା ବିକାଶ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଦଫା ୩୦୨ ଅନୁଯାୟୀ ଏକ ହତ୍ୟା ମାମଲା(ନଂ.୧୪୫/୨୨) ରୁଜୁ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖି ପଚାଉଚରା ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ଥାନାଧିକାରୀ ଜେନା କହିଛନ୍ତି।


ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପ୍ରତିମା ନାୟକ

ସ୍ଥାନ: ବାଇସିଙ୍ଗା, କାମାକ୍ଷାନଗର

ଆବିର୍ଭାବ: ୧୩।୦୩।୧୯୬୦
ତିରୋଧାନ: ୨୭।୦୩।୨୦୨୨

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଆମକୁ ଛାଡ଼ି ଚାଲିଗଲ। ତମ କର୍ତ୍ତବ୍ୟନିଷ୍ଠା, ସ୍ନେହ, ଭଲପାଇବା ଆଉ ମଧୁର କଥା ସବୁ ଦିନ ପାଇଁ ଚିରସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମା’ବିରଜାଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।

ଧ-୦୩୦


# ଟିପିଡବ୍ଲୁଓଡିଏଲର ପ୍ରଥମ ମହିଳା ଗ୍ରାହକ ସେବାକେନ୍ଦ୍ର ଉଦ୍‌ଘାଟିତ



ସମ୍ବଲପୁର ଜିଲାପାଳ ଦିବ୍ୟଜ୍ୟୋତି ପରିଡା ସେବାକେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି ।

**ସମ୍ବଲପୁର,୫।୪(ବ୍ୟୁରୋ)**

ସମ୍ବଲପୁର କାଳିବାଡିରେ ଟିପିଡବ୍ଲୁଓଡିଏଲ ପକ୍ଷରୁ ପ୍ରଥମ ମହିଳା ଗ୍ରାହକ ସେବାକେନ୍ଦ୍ର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । କମ୍ପାନୀର କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ ଗଜାନନ କାଲେଙ୍କ ସମେତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ଏନେଇ ସିଇଓ କାଲେ କହିଥିଲେ ଯେ, ବିଦ୍ୟୁତ୍ ଗ୍ରାହକମାନଙ୍କ ସେବା ସମ୍ବନ୍ଧୀୟ ଅଭିଯୋଗ ଓ ତ୍ୱରିତ ସମାଧାନ ଲାଗି ଏହି ସେବାକେନ୍ଦ୍ର ଖୋଲାଯାଇଛି। ପ୍ରତ୍ୟେକ ଦିନ ସକାଳ ୯ ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସେବାକେନ୍ଦ୍ର ଖୋଲା ରହିବ। ଏଥିରେ ଗ୍ରାହକମାନଙ୍କୁ ଲାଇନ୍‌ରେ ଛିଡା ହେବାକୁ ପଡିବ ନାହିଁ। ସେମାନେ କେନ୍ଦ୍ରରେ ଥିବା ମେଶିନରୁ ଟୋକନ ନେଇ ପାରିବେ। ଏହାପରେ ନିର୍ଦ୍ଦିଷ୍ଟ କାଉଣ୍ଟରରେ ବିଲ ଟଙ୍କା ଜମା କରି ପାରିବେ। ଏହା ସହ ନୂତନ ବିଦ୍ୟୁତ୍ ସଂଯୋଗ, ଫ୍ୟୁଜ କଲ ସେବା ଯୋଗାଇ ଦିଆଯିବ। ମିଟର ଓ ବିଲ ସମ୍ପର୍କିତ ଅଭିଯୋଗ ଓ ସମସ୍ୟାର ନିରାକରଣ କରି ପାରିବେ । ଟୋଲ ଫି ନମ୍ବର ୧୮୦୦୩୪୫୬୭୯୮ ଜରିଆରେ ସମସ୍ୟା ଜଣାଇ ପାରିବେ। ପର୍ଯ୍ୟାୟକ୍ରମେ ପଶ୍ଚିମ ଓଡିଶାର ଅନ୍ୟ ୯ ଜିଲାରେ ଏପରି ବିଦ୍ୟୁତ୍ ସେବାକେନ୍ଦ୍ର ଖୋଲିବାକୁ ନିଷ୍ପତି ନିଆଯାଇଛି। ସେ ଆହୁରି କହିଥିଲେ ଯେ, ପଶ୍ଚିମ ଓଡିଶାରେ ପ୍ରଥମ ସେବାକେନ୍ଦ୍ର ଖୋଲାଯାଇଛି। ଯେଉଁଥିରେ କେବଳ ମହିଳା କର୍ମଚାରୀ ନିୟୋଜିତ ରହିଛନ୍ତି।

# ‘ଆନ୍ଧ୍ର ସରକାରଙ୍କ କାର୍ଯ୍ୟ ନିନ୍ଦନୀୟ’

**ଭୁବନେଶ୍ୱର, ୫।୪ (ବ୍ୟୁରୋ):** ଆନ୍ଧ୍ର ସରକାର କୋଟିଆକୁ ନିଜର ଦର୍ଶାଇବା ଏକ ନିନ୍ଦନୀୟ ଓ ଚକ୍ରାନ୍ତ ବୋଲି ମଙ୍ଗଳବାର ଉତ୍କଳ ସମ୍ମିଳନୀ ପକ୍ଷରୁ କୁହାଯାଇଛି। ୨୦୦୬ରେ ଖାରଜ ହୋଇଥିବା ମାମଲାକୁ ସୁପ୍ରିମକୋର୍ଟ ବିଚାର ପାଇଁ ଗ୍ରହଣ କରିବା ସହ ଆନ୍ଧ୍ର ସମର୍ଥିତ ସରପଞ୍ଚଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟ୍ ପିଟିଶନକୁ ଖାରଜ କରିଛନ୍ତି। ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ କୋଟିଆ ପଞ୍ଚାୟତକୁ ନୂତନ ଜିଲାରେ ସ୍ଥାନ ଦେଇ ନୂତନ ଜିଲା ଗଠନ ବିଲ୍‌କୁ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଫେରାଇଦେବା ଉଚିତ ଥିଲା ବୋଲି ଉତ୍କଳ ସମ୍ମିଳନୀ ମଞ୍ଜେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି। ଏହି ସମୟରେ ଓଡ଼ିଶା ସରକାର କୋଟିଆର ସୁରକ୍ଷା ପାଇଁ ଆବଶ୍ୟକ ତଥ୍ୟ ଅଦାଲତରେ ଦାଖଲ କରିବା ସହ ଅତିଶୀଘ୍ର ମୁଖ୍ୟ ଶାସନ ସଚିବ ସ୍ତରରେ ବୈଠକ କରି ଏହାର ପ୍ରତିବାଦ ଜଣାଇବାକୁ ଉତ୍କଳ ସମ୍ମିଳନୀ ଦାବି କରିଛି।

# ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

**ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ**

- ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ଧାରଣା

**କଟକ ଅଫିସ,୫।୪:** କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ହଷ୍ଟେଲରୁ ସୋମବାର ରାତିରେ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ହରିୟାଣା ପାନିପତର ଅଞ୍ଚଳର ସୁରଭି ପଞ୍ଚପାଲ। ସେ ଉକ୍ତ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ବର୍ଷ ଆଇନ ବିଭାଗ ଛାତ୍ରୀ ଥିଲେ। ସୋମବାର ରାତି ପ୍ରାୟ ୮ଟାରେ ସୁରଭି ତାଙ୍କ ରୁମ୍‌ରେ ଥିବା ଫ୍ୟାନରେ ଝୁଲୁଥିବା ଜଣେ ଛାତ୍ରୀ ଦେଖିବାକୁ ପାଇଥିଲେ। ଖବରପାଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପହଞ୍ଚି ତାଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସିଡିଏ ଫେଜ୍-୨ ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଏକ ଅପମୃତ୍ୟୁ ମାମଲା(ନଂ. ୬/୨୨) ରୁଜୁ କରିଥିବା ଆଇଆଇସି ସନ୍ଧ୍ୟାରାଣୀ ସିଂ ସୂଚନା ଦେଇଛନ୍ତି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ବାପା ହରିସିଂ ପଞ୍ଚପାଲଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ମଙ୍ଗଳବାର ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ସୁରଭି କିଛିଦିନ ହେବ କ୍ଲାସ୍‌ରେ ଅନୁପସ୍ଥିତ ରହୁଥିଲେ। କୌଣସି କାରଣକୁ ନେଇ କଲେଜ କର୍ତ୍ତୃପକ୍ଷଙ୍କ ସହ ଛାତ୍ରୀଛାତ୍ରଙ୍କ ମନମାଳିନ୍ୟ ଦେଖାଯାଇଥିଲା। ଦୀର୍ଘଦିନ ଧରି ଏଭଳି ଅସନ୍ତୋଷ ମନୋଭାବ ଯୋଗୁ ଅନେକ ଛାତ୍ରୀଛାତ୍ର ମାନସିକ ଚାପରେ ରହୁଥିଲେ। ଏହି କାରଣରୁ ସୁରଭି ଆତ୍ମହତ୍ୟା କରିଥିବା ଆଲୋଚନା ହେଉଛି। ଏଭଳି ଘଟଣା ପାଇଁ ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ଦାୟୀ କରି ଧାରଣାରେ ବସିଥିଲେ। ଖବରପାଇ ଏସିପି ତାପସ ପ୍ରଧାନ ଓ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଯୋଗେଶ ପ୍ରତାପ ସିଂହ ପହଞ୍ଚି ବୁଝାଶୁଝା କରିବା ପରେ ଛାତ୍ରୀଛାତ୍ରମାନେ ଧାରଣାରୁ ହଟିଥିଲେ। ଏହି ଘଟଣାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କୌଣସି ସମ୍ପୃକ୍ତି ନ ଥିବା କୁଳସଚିବ ସିଂହ ସଫେଇ ଦେଇଛନ୍ତି। ଏଥିସହ ମୃତା ଛାତ୍ରୀ ମାନସିକ ଚାପରେ ରହୁଥିବା କଥାକୁ ମଧ୍ୟ ସେ ସ୍ୱୀକାର କରିଛନ୍ତି। ଅପରପକ୍ଷେ ଆଇଆଇସି ସିଂ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

MARKETING MANAGER & PLANT OPERATOR
Required for Industrial Gases Manufacture.
Contact No.: 9437060498
Mail: info@noblegas.in

WANTED
ଭୁବନେଶ୍ୱରର ଏକ କମ୍ପାନୀରେ କାର୍ ଚଳାଇବା ପାଇଁ ଅଭିଜ୍ଞ ଡ୍ରାଇଭର ଆବଶ୍ୟକ। ରହିବା ସୁବିଧା ଅଛି।
Contact:
9861326975 | 9937997998

କାର ଡ୍ରାଇଭର ଆବଶ୍ୟକ
ଜଗତପୁର ଅଫିସ୍ ପାଇଁ ଯୋଗାଯୋଗ କରନ୍ତୁ ।
Mob.: 9437021279
7381075901

WANTED
COMPUTER OPERATOR & OFFICE ASSISTANT REQUIRED
Whatsapp your Resume @
9937327922

See Career Appointment on every Wednesday & Saturday

ଆବଶ୍ୟକ
ମାଳି କାମ ପାଇଁ ଲୋକ ଦରକାର। ରହିବା ପାଇଁ ଘର + 10,000/-. ଫୁଲନଖରା, କଟକ। ଯୋଗାଯୋଗ:
7809525452

Department of Agriculture & Farmers' Empowerment, Govt. of Odisha
Krushi Bhawan, Bhubaneswar, Odisha
ADVERTISEMENT FOR ONE POST OF LEGAL CONSULTANT (CONTRACT BASIS)
No.L-06:- Applications are invited from interested Retired Law Officers or those retired from Odisha Legal Service well versed with court cases and legal matters for contractual engagement as Legal Consultant in the Department of Agriculture & Farmers' Empowerment. Interested candidates may go through the detailed advertisement, application proforma and eligibility criteria in the website https://agri.odisha.gov.in.
Sd./- Joint Secretary to Government
Department of Agriculture & FE
OIPR-01425/11/0001/2223

OFFICE OF THE COLLECTOR & DISTRICT MAGISTRATE, BHADRAK
(ST & SC Dev. Section)
dwobhadrak@gmail.com, 06784-240335/241415
Notification No. 418/SSD Date 05.04.2022
CORRIGENDUM TO ADVERTISEMENT NO.1805/ SSD DTD-29.12.2021 FOR ENGAGEMENT OF INITIAL APPOINTEE TEACHERS.
Pursuance to this office Advertisement No. 1805/ SSD Dtd.- 29.12.2021 published in the Odia daily newspapers "The SAMAJ, DHARITRI and PRAMEYA" on 31st December 2021, applications were invited for engagement of one post of TGT (Art) and one post of Sanskrit Teacher. In partial modifications to the said advertisement with respect to upper age limit as per GA Deptt., Odisha notification No. 771/Gen Dtd.- 11.01.2022, fresh applications are invited from the candidates in the prescribed format who were not eligible due to age criteria fixed earlier so as to reach the Office of the District Welfare Officer, Bhadrak, on or before 25th April 2022, 5.00 P.M. through Registered Post / Speed Post only. The details of the corrigendum may be obtained from the district website www.bhadrak.nic.in.
Sd./- Collector, Bhadrak

CLASSIFIED DISPLAY
ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନେଲ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଫୁଲଚାଷରେ ଖତ ପ୍ରୟୋଗ



ଫୁଲଚାଷରେ ତରଳ ଖତ ପ୍ରୟୋଗ କରୁଥିଲେ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ। ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ସେବତୀ ଲଗାଇବାର ୪ ସପ୍ତାହ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷକରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨-୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗି ଦିଅନ୍ତୁ। ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ, ସେରାକୋଲା ଇତ୍ୟାଦି । ଗୋଲାପ ଗଛର କାଟଛାଣ୍ଟ କାମ ଶୀଘ୍ର ଶେଷ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ।

# ଡାଲୁଅଧାନରେ କାଣ୍ଡବିନ୍ଧା ପୋକ ନିୟନ୍ତ୍ରଣ



ଡାଲୁଅଧାନରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଡାଲୁଅ ଧାନରେ ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ସମ୍ଭାବନା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧/୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନ୍‌ପ୍ରକ୍ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ।

# ଫଳବଗିଚାରେ ଉଇ ଦମନ



ଫଳବଗିଚାକୁ ଉଇ ଦାଉରୁ ରକ୍ଷା କରିବା ପାଇଁ ଜଳସେଚନ ପୂର୍ବରୁ କ୍ଲୋରୋପାଇରିଫସ୍ ଗୁଣ୍ଡ ଗଛ ପ୍ରତି ୧୦ ରୁ ୨୦ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ । ଦହିଆ ପୋକକୁ ନିୟନ୍ତ୍ରଣ କରିବାକୁ ହେଲେ ଗଛର ଗଣ୍ଡି ଚାରିପଟେ ଗ୍ରୀଜ୍‌ର ଲେପ କିମ୍ବା ମସୃଣ ଟିଣ ବ୍ୟାଣ୍ଡ (୪ରୁ ୬ ଇଞ୍ଚ ଓସାର) ଭୂମି ପତନଠାରୁ ଦେଢ଼ ଫୁଟ ଉଚ୍ଚରେ ଦିଅନ୍ତୁ । ଅଧିକ ଅମଳ ପାଇବା ପାଇଁ ଗଛର ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ। ଆମ୍ବ ଡାହାଣୀ ଦମନ ପାଇଁ ଆମ୍ବକଷି ଧରିବା ଅବସ୍ଥାରେ ଥରେ ୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ କିମ୍ବା ଥାୟୋମିଥୋକ୍ସାମ୍ (୩ ଗ୍ରାମ୍) ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫିମ୍ପି ତଥା ପାଉଁଶିଆ ରୋଗର ପ୍ରତିକାର ପାଇଁ ବଉଳ ହେବାର ୧୫ ଦିନ ପରେ ଥରେ ସଲ୍‌ଫର (ସେଚିତ ଗୁଣ୍ଡ) ୦.୪% କିମ୍ବା ୦.୧୦% ବାଭିଷ୍ଟିନ୍ ବା ପେନ୍‌କୋନାଜୋଲ୍ ୦.୫ ମି.ଲି./ଲିଟର ପାଣି ସିଞ୍ଚନ କରନ୍ତୁ। ଅଧିକ ଅମଳ ପାଇବା ପାଇଁ ଚଣା ଅବସ୍ଥାରେ ଗଛରେ ପ୍ଲାନୋଫିକ୍ସ କିମ୍ବା ପ୍ଲାନୋଭିଟା ୭ ମି.ଲି.କୁ ୨୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କଷି ଧରି ସାରିଥିଲେ ଜଳସେଚନର ବ୍ୟବସ୍ଥା କରନ୍ତୁ।

## ଅଳ୍ପରେ...

**ଡାଲି ଜାତୀୟ ଫସଲ :** ଜଳସେଚନର ସୁବିଧା ଥିଲେ ମୁଗ ଓ ବିରି ଫସଲରେ ୨୦-୨୫ ଦିନ ବେଳକୁ ଥରେ ଜଳସେଚନ କରନ୍ତୁ । ଜଳସେଚନ ପୂର୍ବରୁ ଟାର୍ଗା ସୁପର୨ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ଫସଲରେ ୧୫-୨୦ ଦିନ ବେଳକୁ ସିଞ୍ଚନ କଲେ ଏକ ବୀଜପତ୍ରୀ ଅନାବନା ଘାସ ଦାଉରୁ ସମ୍ପୂର୍ଣ୍ଣ ରକ୍ଷା ମିଳିଥାଏ ।

**ଚିନାବାଦମ :** ଚିନାବାଦାମ ଅମଳଯୋଗ୍ୟ ହେଲେ ଅର୍ଥାତ୍ ଗଛ ହଳଦିଆ ପଡ଼ି ଶୁଖି ଆସିଲେ ଚିନାବାଦାମ ଖୋସା ଭିତର ପଟେ କଳାଦାଗ ପଡ଼ିଲେ ଓ ଚିନାବାଦାମ ମଞ୍ଜି ଚୋପା ଗୋଲାପି ପଡ଼ିଆସିଲେ ଅମଳ କରନ୍ତୁ । ଅମଳ ଚିନାବାଦାମକୁ ୩/୪ଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ ।

**ରାଶି :** ଖରାଦିନିଆ ରାଶି ଫସଲ ୩ ସପ୍ତାହର ହୋଇଗଲେ ପ୍ରଥମେ ଜଳସେଚନ କରି କୋଡ଼ାଖୁସା କରନ୍ତୁ ଓ ଘାସ ବାଛି ଦିଅନ୍ତୁ ।

**ସୂର୍ଯ୍ୟମୁଖୀ :** ଫସଲରେ ଧଳାମାଛି ବା ପତ୍ରଉକୁଣି ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଆସିଟାମିପ୍ରିଡ୍ ବା ୧୨୫ ଗ୍ରାମ୍ ଥାଇଓମେଥୋକ୍ଜାମ୍ ଔଷଧକୁ ୫୦୦ ଲିଟର ପାଣି ସହ ମିଶାଇ ସିଞ୍ଚନ କରିବା ଆବଶ୍ୟକ ।

**ନଳିତା :** ଯେଉଁ ଅଞ୍ଚଳରେ କେନାଲ କିମ୍ବା ଉଠା ଜଳସେଚନର ସୁବିଧା ଅଛି ସେଠାରେ ମାର୍ଚ୍ଚ ୧୫ ତାରିଖଠାରୁ ପିତାନଳିତା ବୁଣାବୁଣି କାର୍ଯ୍ୟ ଆରମ୍ଭ କରାଯାଇପାରିବ । ନଳିତା ବୁଣିବା ପାଇଁ ଜମି ପ୍ରସ୍ତୁତ କରନ୍ତୁ । ମାଟିକୁ ଭଲଭାବରେ ଗୁଣ୍ଡ କରି ହେକ୍ଟର ପ୍ରତି ୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ହେକ୍ଟର ପ୍ରତି ପିତାନଳିତା ପାଇଁ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର, ମଧୁର ନଳିତାରେ ୬୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ।

# ଆଖୁ ହୁଡ଼ା ଭାଙ୍ଗିବା ସମୟରେ...



ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗି ଦିଅନ୍ତୁ। ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ। ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ। ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବର ଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ। ଏଥିପାଇଁ ଆଖୁ କାଟିବା ବେଳେ ଆଖୁଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ। ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଆଖୁଗଛକୁ ଏକ ଧାରୁଆ କଟୁରିରେ ଭୂମି ପତନ ସହ ସମାନ କରି କାଟି ଦିଅନ୍ତୁ। ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ। ଜମିରୁ ଶୁଖିଲା ପତ୍ର ବାହାର କରି କ୍ଷେତକୁ ପରିଷ୍କାର କରନ୍ତୁ। ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଉଚିତ।

# କୁକୁଡ଼ାଙ୍କୁ ଘୁମାରୋଗ ହେଲେ..



ଦୁଇମାସରୁ ଅଧିକ ବୟସର କୁକୁଡ଼ାଙ୍କୁ ଘୁମାରୋଗ ନ ହେବା ପାଇଁ ପଶୁଡାକ୍ତରଙ୍କ ସହାୟତାରେ ଆର୍ ଟୁ ବି ଟିକା ଦିଅନ୍ତୁ। କୁକୁଡ଼ା ଓ ବତକଙ୍କ କକ୍‌ସିଡିଆ ବା ନାଳରକ୍ତ ଝାଡ଼ାର ପ୍ରତିକାର ପାଇଁ କକ୍‌ସିଡିଆ ନିରୋଧୀ ଔଷଧ ଦାନା ବା ପାଣିରେ ନିୟମିତ ପ୍ରୟୋଗ କରନ୍ତୁ । ପ୍ରବଳ ଖରାତାପରୁ କୁକୁଡ଼ାମାନଙ୍କୁ ରକ୍ଷା କରିବା ପାଇଁ କୁକୁଡ଼ାଘରର ଟିଣଛାତ କିମ୍ବା ଆଜବେଷ୍ଟସ୍ ଛାତ ଉପରେ ନଡ଼ା ଛାଉଣି କରନ୍ତୁ । ମାଟିହାଣ୍ଡିରେ ପାଣି ରଖି ଥଣ୍ଡାପାଣିକୁ କୁକୁଡ଼ାଙ୍କୁ ପିଇବାକୁ ଦିଅନ୍ତୁ । ଅଧିକ ଗରମ ବେଳେ ଦିନ ୧୨ଟାରୁ ୪ଟା ପର୍ଯ୍ୟନ୍ତ କୁକୁଡ଼ାଙ୍କୁ ଦାନା ଖାଇବାକୁ ଦିଅନ୍ତୁ ନାହିଁ ।

# ପ୍ରାଣୀଙ୍କୁ ଅଂଶୁଘାତ



ଡା. ବୀରକିଶୋର ପରିଡ଼ା



ଜଳବାୟୁର ପରିବର୍ତ୍ତନ ଯୋଗୁ ବାୟୁମଣ୍ଡଳରେ ଉତ୍ତାପ କ୍ରମଶଃ ବୃଦ୍ଧି ପାଉଛି। ଜଙ୍ଗଲରେ ଗଛକଟା ଓ ଖରାଦିନେ ଜଙ୍ଗଲରେ ନିଆଁ , ଜନସଂଖ୍ୟା ବୃଦ୍ଧି, କଂକ୍ରିଟ ସହର, ବ୍ୟବସାୟଭିତ୍ତିକ ଇଟାଭାଟି ପୋଡ଼ା, ପ୍ରାକୃତିକ ପାଣି ଉତ୍ସର ବିନିଯୋଗରେ ଅସମାନତା, କଳକାରଖାନା ଓ ଯାନବାହନ ଦ୍ୱାରା ନିର୍ଗତ ଉତ୍ତପ୍ତ ଧୂଆଁ ଏବଂ ଦୂଷିତ ବାୟୁମଣ୍ଡଳ ଯୋଗୁ ଉତ୍ତାପ ବୃଦ୍ଧି ପାଉଛି। ଉପରୋକ୍ତ କାରଣଗୁଡ଼ିକ ଯୋଗୁ ଖରାଦିନେ ରୌଦ୍ରତାପ ବୃଦ୍ଧି ଓ ପିଇବା ପାଣିର ଉତ୍କଟ ଅଭାବ ହେତୁ ଉଭୟ ପଶୁପକ୍ଷୀ ଏବଂ ଚାଷୀଭାଇଙ୍କ ପକ୍ଷରେ ଦୁର୍ଦ୍ଦିନର କାରଣ ହୋଇପଡ଼େ। ଫଳରେ ଉଭୟ ମନୁଷ୍ୟ ଓ ପଶୁପକ୍ଷୀ ଅଂଶୁଘାତର ଶିକାର ହେଉଛନ୍ତି । ସଙ୍କର ଜାତୀୟ ଗାଈ ଓ ବ୍ରଏଲର କୁକୁଡ଼ା ଅଂଶୁଘାତରେ ଅଧିକ ଆକ୍ରାନ୍ତ ହେଉଛନ୍ତି। ତେଣୁ ଚାଷୀଭାଇମାନେ ଏହି ସମୟରେ କ୍ଷତିଗ୍ରସ୍ତ ହେବା ସମ୍ଭାବନା ଅଧିକ।

### ଅଂଶୁଘାତ କ'ଣ

ପଶୁପକ୍ଷୀମାନେ ବହୁ ସମୟ ଧରି ବାହ୍ୟ ଜଳବାୟୁର ଅତ୍ୟଧିକ ଉତ୍ତାପ ସଂସ୍ପର୍ଶରେ ଆସିଲେ, ମସ୍ତିଷ୍କର ହାଇପୋଥାଲାମସ୍‌ରେ ଥିବା ତାପ ନିୟନ୍ତ୍ରଣ କେନ୍ଦ୍ରରେ କ୍ଷତ ସୃଷ୍ଟି ହେବା ଯୋଗୁ ଶରୀର ତାପ ନିୟନ୍ତ୍ରଣ ଶକ୍ତି ହରାଇବସେ । ଫଳରେ ଶରୀରରେ ଉତ୍ତାପ କମିବା ପରିବର୍ତ୍ତେ ବୃଦ୍ଧି ପାଇଥାଏ । ତେଣୁ ପଶୁପକ୍ଷୀ ଏବଂ ମନୁଷ୍ୟ ଅକ୍ଳେଶରେ ଅଂଶୁଘାତର ଶିକାର ହୋଇଥାନ୍ତି।

### ଅଂଶୁଘାତ କେଉଁ ପ୍ରାଣୀମାନଙ୍କୁ ହୋଇଥାଏ

କୁକୁରମାନଙ୍କର ଉତ୍ତାପ ନିୟନ୍ତ୍ରଣ ରୋଧ କରିବା ଶକ୍ତି ଏବଂ ବିରାଡ଼ିଙ୍କର ସୀମିତ ଉତ୍ତାପ ନିୟନ୍ତ୍ରଣ ଶକ୍ତି ଯୋଗୁ ଅଂଶୁଘାତ ସଂଘଟିତ ହୋଇଥାଏ । କୁକୁର ପାଗଳା ପରି ଧାଇଁ ଏଣେତେଣେ ବୁଲନ୍ତି ଏବଂ ଭୁକିବା ସହିତ କାମୁଡ଼ିବାକୁ ଗୋଡ଼ାନ୍ତି। ମେଣ୍ଢାର ଚମଡ଼ା ମୋଟା ଥିବାରୁ ଶରୀରରେ ଉତ୍ତାପ ଠିକ୍ ଭାବେ ନିୟନ୍ତ୍ରିତ ହୋଇପାରେ ନାହିଁ। ଫଳରେ ଅଂଶୁଘାତର ଶିକାର ହୁଅନ୍ତି । ଘୁଷୁରିମାନଙ୍କର ଫୁସ୍‌ଫୁସ୍ ଜରିଆରେ ଶ୍ୱାସକ୍ରିୟା ସମୟରେ ସୀମିତ ତାପ ବିକିରଣ ଯୋଗୁ ଶରୀର ଉତ୍ତାପ ବୃଦ୍ଧି ପାଇଥାଏ । ଘୋଡ଼ାମାନଙ୍କର ଅତ୍ୟଧିକ ଶାରୀରିକ ପରିଶ୍ରମ ଯୋଗୁ ଅଂଶୁଘାତ ହୋଇଥାଏ । ସଙ୍କର ଜାତୀୟ ଗୋରୁ(ହଲ୍‌ଷ୍ଟିନ୍, ଜର୍ସି)ଙ୍କର ସୂକ୍ଷ୍ମ ପତଳା ଚମଡ଼ା ଏବଂ ଜିନୀୟ ବା ଗୁଣସୂତ୍ର ଧର୍ମ ଯୋଗୁ ଅଂଶୁଘାତର ସମ୍ମୁଖୀନ ହୁଅନ୍ତି। ସାଧାରଣତଃ, ଗାଈଗୋରୁଙ୍କଠାରେ ଦୁଇ ପ୍ରକାର ଅଂଶୁଘାତ ପରିଲକ୍ଷିତ ହୁଏ। ପ୍ରଥମଟି ହେଲା – ପତଳା ଚମଡ଼ା ବିଶିଷ୍ଟ ପଶୁପକ୍ଷୀ ବା ସଙ୍କର ଜାତୀୟ ଗାଈଗୋରୁଙ୍କ ମୁଣ୍ଡ ଉପରେ ସୂର୍ଯ୍ୟକିରଣ ପ୍ରଖର ରୌଦ୍ରତାପ ରଶ୍ମି ପ୍ରତ୍ୟକ୍ଷ ଭାବେ ସିଧାସଳଖ ପଡ଼ିଲେ ମସ୍ତିଷ୍କରେ ଥିବା ସେରିବ୍ରାଲ ରକ୍ତନାଳୀଗୁଡ଼ିକ ସମ୍ପ୍ରସାରିତ ହେବା ଦ୍ୱାରା ରକ୍ତସ୍ରାବ ସୃଷ୍ଟି ହୋଇ ପାରାଲିସିସ୍ ବା ପକ୍ଷାଘାତ ସୃଷ୍ଟି ହୁଏ ଏବଂ ପ୍ରାଣୀ ମୃତ୍ୟୁ ମୁଖରେ ପଡ଼ନ୍ତି । ପ୍ରାଣୀର ଏହି ଅବସ୍ଥାକୁ ସୂର୍ଯ୍ୟାଘାତ କହନ୍ତି। ଦ୍ୱିତୀୟଟି ହେଲା – ପଶୁପକ୍ଷୀଙ୍କ ଶରୀର ବହୁ ସମୟ ଧରି ବାହ୍ୟ ଜଳବାୟୁର ଅତ୍ୟଧିକ ଉତ୍ତାପ ସଂସ୍ପର୍ଶରେ ଆସିଲେ ଶରୀରରେ ଉତ୍ତାପ ବୃଦ୍ଧି ଘଟିଥାଏ। ଫଳରେ ଶରୀର ତାପ ନିୟନ୍ତ୍ରଣ ଶକ୍ତିର ଦକ୍ଷତା ହରାଇ ବସେ ଏବଂ ପଶୁପକ୍ଷୀ ମୃତ୍ୟୁବରଣ କରନ୍ତି । ଏପରି ଅବସ୍ଥାକୁ ଅଂଶୁଘାତ କହନ୍ତି । ଅତ୍ୟଧିକ ପରିଶ୍ରମ ଏହି ସମୟରେ କରାଇଲେ ଏହି ଅବସ୍ଥା ସାଙ୍ଘାତିକ ଆଡ଼କୁ ଗତିକରେ । ଉପଯୁକ୍ତ ବାୟୁ ଚଳାଚଳରେ ଅବ୍ୟବସ୍ଥା, କମ୍ ଓ ଅନିୟମିତ ପିଇବା ପାଣିର ଯୋଗାଣ, ଅତ୍ୟଧିକ ମୋଟା ହୋଇଥିବା ପଶୁପକ୍ଷୀ, ଖରାଦିନେ ପଶୁପକ୍ଷୀଙ୍କ ପ୍ରତି ନିଷ୍ଠୁରତା ଆଦି ଯୋଗୁ ମୁଖ୍ୟତଃ ଏହି ଅବସ୍ଥା ଉପୁଜିଥାଏ।



### ଅଂଶୁଘାତର କାରଣ

- ଗ୍ରୀଷ୍ମଋତୁର ଦିବା ସମୟରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ବାୟୁମଣ୍ଡଳରେ ଉତ୍ତାପ ବୃଦ୍ଧି ଘଟିବା।
- ଜଳବାୟୁର ଆର୍ଦ୍ରତା ବୃଦ୍ଧି ପାଇବା।
- ପଶୁପକ୍ଷୀଙ୍କୁ ମୁକ୍ତ ବାୟୁ ଚଳାଚଳର ସୁବିଧା ନ ଥାଇ ଆବଦ୍ଧ ଘରେ ରଖିବା।
- ପଶୁପକ୍ଷୀଙ୍କୁ ଗହଳିରେ ରଖିବା, ସାଧାରଣତଃ ୫ଶହ କେ.ଜି. ଓଜନର ଗାଈ ୨୪ ଘଣ୍ଟାରେ ୧୨୦୦ ୱାଟ୍ ତାପଶକ୍ତି ଶରୀରରୁ ଉତ୍ପନ୍ନ କରିଥାନ୍ତି।
- ପଶୁପକ୍ଷୀଙ୍କୁ ପରିବହନ ବା ସ୍ଥାନାନ୍ତର ସମୟରେ ଜଳବାୟୁ ପରିବର୍ତ୍ତନ ସଂସ୍ପର୍ଶରେ ଆସିବା।
- ଖରାଦିନେ ଅତ୍ୟଧିକ ଶାରୀରିକ ପରିଶ୍ରମ କରାଇବା, ବିରକ୍ତି କରାଇବା।
- ଗରମ ଦିନରେ ସୀମିତ ପିଇବାପାଣି ଯୋଗାଇବା।
- ପ୍ରାଣୀଙ୍କ ଶରୀରକୁ ଅଧିକ ସମୟ ଗରମଯୁକ୍ତ ଲୁଗା ଘୋଡ଼ାଇ ରଖିବା।
- ପୋଷା ପଶୁପକ୍ଷୀଙ୍କୁ ନିବୁଜ ଗାଡ଼ି କିମ୍ବା କ୍ରେଟ୍‌ରେ ରଖି ନେବାଆଣିବା କରିବା।
- ଅଳ୍ପବୟସ୍କ ଓ ବୟସ୍କ ପ୍ରାଣୀଙ୍କଠାରେ ବାହ୍ୟ ଉତ୍ତାପ ସହିବା ଦକ୍ଷତା କମ୍ ଥିବା।
- ଅତ୍ୟଧିକ ମୋଟା ହୋଇଥିବା ପ୍ରାଣୀ।

### ଅଂଶୁଘାତରେ ଶରୀରରେ ଘଟୁଥିବା ବିଭିନ୍ନ ପ୍ରକ୍ରିୟା

କେନ୍ଦ୍ରୀୟ ସ୍ନାୟୁ ପ୍ରଣାଳୀରେ କ୍ଷତ ସୃଷ୍ଟି, ଫୁସ୍‌ଫୁସ୍‌ର ସ୍ପନ୍ଦନ ସହିତ ଶ୍ୱାସକ୍ରିୟାର ବେଗ ବୃଦ୍ଧି, ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା, ଶରୀରରେ କମ୍ପ ସୃଷ୍ଟି ସହିତ ଢଳ ଢଳ ହେବା, ଚେତାଶୂନ୍ୟ ହୋଇ ନିସ୍ତେଜ ହେବା, ଶ୍ୱାସକ୍ରିୟା ବନ୍ଦ ହୋଇଯିବା ଯୋଗୁ ଶେଷରେ ପଶୁପକ୍ଷୀଙ୍କର ମୃତ୍ୟୁ ଘଟିବା।

### ଅଂଶୁଘାତର ଲକ୍ଷଣ

- ପଶୁପକ୍ଷୀ କିଛି ଖାଆନ୍ତି ନାହିଁ। କ୍ଷୀଣ, ଦୁର୍ବଳ ବା ଅବସନ୍ନ ଦେଖାଯାନ୍ତି।
- ଶ୍ୱାସକ୍ରିୟା ଏବଂ ନାଡ଼ିର ବେଗ ବଢ଼ିଯାଏ।
- ପାଟି ବାଟେ ନିଃଶ୍ୱାସ ନେବା ସହିତ ଧକେଇ ହୁଅନ୍ତି।
- ଜିଭ ପଦାକୁ ସମୟେ ସମୟେ ବାହାରି ଆସେ।
- ପାଟିରୁ ଓ ନାକପୁଡ଼ାରୁ ଫେଣ ପରି ପଦାର୍ଥ ନିର୍ଗତ ହୁଏ।
- ଆଖିର ଶ୍ଳେଷ୍ମା ଝିଲ୍ଲୀ ଲାଲ୍ ପରି ଦିଶେ।
- ଫୁସ୍‌ଫୁସ୍‌ର ଗତି ବଢ଼ିଯାଏ।
- ଶରୀରର ଉତ୍ତାପ ୧୦୬-୧୧୦ ଡିଗ୍ରୀ ଫାରେନ୍‌ହାଇଟ୍‌କୁ ବୃଦ୍ଧି ଘଟି ସ୍ଥିର ରୁହେ।
- ହୃତ୍‌ପିଣ୍ଡର ବେଗ ବା ସ୍ପନ୍ଦନରେ ଅନିୟମିତତା ଦେଖାଯାଏ।
- ପଶୁପକ୍ଷୀଙ୍କ ଶରୀରରେ କମ୍ପ ସୃଷ୍ଟି ହୁଏ।
- ଶ୍ୱାସକେନ୍ଦ୍ର ଏବଂ ସ୍ନାୟୁରେ ପକ୍ଷାଘାତ ବା ପାରାଲିସସ୍ ଘଟେ।
- ଶେଷ ଆଡ଼କୁ ଶରୀରର ଉତ୍ତାପ କମିଯାଏ।
- ପ୍ରାଣୀମାନେ ମୃତ୍ୟୁବରଣ କରନ୍ତି।

ଯଦି ସନ୍‌ଷ୍ଟ୍ରୋକ୍ ଜନିତ ଅଂଶୁଘାତ ଘଟେ, ତା'ହେଲେ ପ୍ରଥମରୁ ପଶୁପକ୍ଷୀଙ୍କଠାରେ ଅତ୍ୟଧିକ ଉତ୍ତେଜନା ଓ ଅସ୍ଥିରତା ପରି ଲକ୍ଷଣ ପ୍ରକାଶ ପାଇଥାଏ । ଏହାର ଉତ୍କଟ ରୂପ ଦେଖାଗଲେ, ଶରୀରରେ କେତେକ ମାଂସପେଶୀରେ ପକ୍ଷଘାତ ସୃଷ୍ଟି ହୁଏ । ଫଳରେ ପ୍ରାଣୀମାନେ ଶ୍ୱାସକ୍ରିୟା ହରାଇ ମୃତ୍ୟୁବରଣ କରନ୍ତି। (କ୍ରମଶଃ)

-ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨

# ଭେଣ୍ଡି ଫସଲରେ ପୋକ ଦମନ



ଡ. ବିଷ୍ଣୁ ଚରଣ ଜେନା

ଭାରତବର୍ଷ ପନିପରିବା ଉତ୍ପାଦନରେ ପୃଥିବୀରେ ଦ୍ୱିତୀୟ ସ୍ଥାନ ଅଧିକାର କରିବାର ଗୌରବ ହାସଲ କରିଛି। ପନିପରିବାରେ ଥିବା ବିଭିନ୍ନ ପୁଷ୍ଟିସାର ମନୁଷ୍ୟ ପାଇଁ ଅତି ଉପଯୋଗୀ। ସମସ୍ତ ପରିବା ମଧ୍ୟରେ ଭେଣ୍ଡି ଏକ ଉପକାରୀ ପରିବା। କିନ୍ତୁ ଏହାର ଉତ୍ପାଦନରେ ଅନେକ ଅନ୍ତରାୟ ରହିଛି। ଜଳସେଚନର ସୁବିଧା ଥିବା ଅଞ୍ଚଳରେ ଭେଣ୍ଡିଚାଷ ଶୀତ ଏବଂ ଗ୍ରୀଷ୍ମ ଋତୁରେ ମଧ୍ୟ କରାଯାଏ।

ଭେଣ୍ଡି ଫସଲକୁ ଏହାର ବିଭିନ୍ନାବସ୍ଥାରେ ପ୍ରାୟ ୩୬ ପ୍ରଜାତିର ପୋକ ଆକ୍ରମଣ କରନ୍ତି। ତନ୍ମଧ୍ୟରୁ ଚିତ୍ରିତ ଫଳବିନ୍ଧା, ପତ୍ରଡିଆଁ, ପତ୍ରମୋଡ଼ା, ଜଉପୋକ, ଧଳାମାଛି ଓ ଅଷ୍ଟପଦୀ କୀଟ ଅନ୍ୟତମ। ଚିତ୍ରିତ ଫଳବିନ୍ଧା ପୋକର ଶୂକଗୁଡ଼ିକ ଭେଣ୍ଡିଗଛର ଅଗ୍ରଭାଗ ଏବଂ ଫଳକୁ ଆକ୍ରମଣ କରନ୍ତି। ଧଳାମାଛି ପତ୍ରରୁ ରସ ଶୋଷିବା ସଙ୍ଗେ ସଙ୍ଗେ ଭୂତାଣୁଜନିତ 'ସାହେବା' ରୋଗ ଭେଣ୍ଡିଗଛରେ ସୃଷ୍ଟିକରେ। ପତ୍ରଡିଆଁ ଏବଂ ଜଉପୋକ ପତ୍ରରୁ ରସ ଶୋଷିବା ଯୋଗୁ ପତ୍ରଗୁଡ଼ିକ ମୋହି ମୋଡ଼ିହୋଇ ଛୋଟ ହୁଅନ୍ତି।



ଭେଣ୍ଡି ଫସଲରେ ଅତି କଟୁ କୀଟନାଶକ ପ୍ରୟୋଗକୁ ନିଷେଧ କରାଯାଇଛି। ତା' ପରିବର୍ତ୍ତେ ବିକଳ୍ପ ବ୍ୟବସ୍ଥା ପ୍ରତି ଧ୍ୟାନଦେବା ଏବଂ ସେଗୁଡ଼ିକୁ ବ୍ୟବହାର କରିବା ପାଇଁ ଚାଷୀଭାଇମାନଙ୍କୁ ଉକ୍ତ ନିବନ୍ଧ ମାଧ୍ୟମରେ ପରାମର୍ଶ ଦିଆଯାଉଛି। ପ୍ରତ୍ୟେକ ବର୍ଷ ଗୋଟିଏ ନିର୍ଦ୍ଦିଷ୍ଟ ଜମିରେ ଭେଣ୍ଡିଚାଷ କରନ୍ତୁ ନାହିଁ। ଏହାଦ୍ୱାରା ପୋକଗୁଡ଼ିକ ଅନ୍ୟ ଫସଲକୁ ଖାଇ ବଞ୍ଚିପାରିବେ ନାହିଁ। ରୋଗପୋକ ନିରୋଧକ ଭେଣ୍ଡି କିସମ ଯଥା-ଉତ୍କଳ ଗୌରବ କିସମକୁ ଚାଷ କରନ୍ତୁ। ଭେଣ୍ଡି ଫସଲ ମଧ୍ୟରେ ଝୁଡ଼ୁଙ୍ଗ ଏବଂ ମୁଗ ମଞ୍ଜି କେତୋଟି ଧାଡ଼ିରେ ଲଗାଇଲେ ଧଳାମାଛି ଭେଣ୍ଡି ପରିବର୍ତ୍ତେ ଝୁଡ଼ୁଙ୍ଗ ଏବଂ ମୁଗକୁ ଆକ୍ରମଣ କରନ୍ତି। ଭେଣ୍ଡି ଚାଷ ନିମନ୍ତେ ଜମିକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ଯେପରିକି ଅନ୍ୟ ଫସଲର ଅଂଶ ବିଶେଷ ଜମିରେ ନ ରୁହେ। ଭେଣ୍ଡି ଗଛ ମଧ୍ୟରେ ୧୫ ସେ.ମି. ବ୍ୟବଧାନ ଓ ଧାଡ଼ିକୁ ଧାଡ଼ି ୩୦ ସେ.ମି . ବ୍ୟବଧାନ ରଖନ୍ତୁ। ଏହାଦ୍ୱାରା ପତ୍ରଡିଆଁ ଅଷ୍ଟପଦୀ ଏବଂ ଚିତ୍ରିତ ଫଳବିନ୍ଧା ପୋକ ସଂଖ୍ୟା ହ୍ରାସ ପାଏ। ଫଳବିନ୍ଧା ପୋକ ଦ୍ୱାରା ଆକ୍ରମିତ ଫଳଗୁଡ଼ିକୁ ଗଛରୁ ତୋଳି ଦିଅନ୍ତୁ। ବ୍ଲିଷ୍ଟର ବଟ୍‌ଲି ପୋକ ଭେଣ୍ଡି ଫୁଲ ଓ ଫଳକୁ ଖାଇଦିଅନ୍ତି। ଏଗୁଡିକ ଫସଲ କିଆରିରୁ ସଂଗ୍ରହକରି କିରୋସିନ ଦ୍ୱାରା ମାରି ଦିଅନ୍ତୁ। ଭେଣ୍ଡି କିଆରିର ହିଡ଼ରେ ବା ବନ୍ଧରେ ଝୁଡ଼ୁଙ୍ଗ ଏବଂ ଡାଲିଜାତୀୟ ଫସଲ ଚାଷ କରନ୍ତୁ। ଏହାଦ୍ୱାରା ପତ୍ରଡିଆଁ, ଜଉପୋକ ଓ ଧଳାମାଛିକୁ ଖାଉଥିବା ପରାଙ୍ଗଭୋଜୀ ପୋକର ବିଭିନ୍ନ ପ୍ରଜାତି ଭେଣ୍ଡି କିଆରିରେ ରହନ୍ତି। ଚିତ୍ରିତ ବକରା ପୋକଗୁଡ଼ିକୁ ମାରିବା ପାଇଁ ଏକ ହେକ୍ଟର ପ୍ରତି ୧୫-୨୦ଟି ଆକର୍ଷକ ଯନ୍ତା ବସାନ୍ତୁ। ଏହି ଯନ୍ତାରେ ଏରିନ୍ ଓ ଏରଭିଟ୍ ଲିଡର ନାମକ ଆକର୍ଷଣ ଥୋପ ରଖି ପୂର୍ଣ୍ଣାଙ୍ଗପ୍ରାପ୍ତଗୁଡ଼ିକୁ ଯନ୍ତାରେ ଆକର୍ଷିତ କରି ମାରିଦିଅନ୍ତୁ। ପ୍ରତି ୧୫ଦିନରେ ଯନ୍ତାରେ ଆକର୍ଷକ ଥୋପ ବଦଳାନ୍ତୁ। ଉପର ବର୍ଣ୍ଣିତ ପଦ୍ଧତିଗୁଡ଼ିକୁ ଭେଣ୍ଡିଚାଷ କାର୍ଯ୍ୟରେ ପ୍ରୟୋଗ କରିପାରିଲେ ବିଷମୁକ୍ତ ଭେଣ୍ଡି ଅମଳ କରିପାରିବେ। ବଜାରରେ ଏହି ଭେଣ୍ଡିଗୁଡ଼ିକର ଚାହିଦା ରହିଥାଏ। ଖାଉଟି ବଜାରରୁ ଏହି ଭେଣ୍ଡିଗୁଡ଼ିକୁ କିଣିବା ପାଇଁ ଅଗ୍ରାଧିକାର ଦିଅନ୍ତି।

-ପୂର୍ବତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, କୀଟତତ୍ତ୍ୱ ବିଭାଗ, ଓୟୁଏଟି,
ଭୁବନେଶ୍ୱର
ମୋ : ୯୬୬୮୫୯୨୧୩୦

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଏପ୍ରିଲ ୬/୨୦୨୨ Sambalpur, Wednesday, April 6/ 2022

# ରୟାଲ ଲଢ଼େଇରେ ଆର୍‌ସିବି ବିଜୟୀ

**ମୁମ୍ବାଇ, ୫।୪**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ମଙ୍ଗଳବାର ଅନୁଷ୍ଠିତ ରୟାଲ ଲଢ଼େଇରେ ବାଜି ମାରିଛି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି)। ଶାହବାଜ ଅହମଦ ଓ ଦୀନେଶ କାର୍ତ୍ତିକଙ୍କ ଦୃଢ଼ ବ୍ୟାଟିଂ ବଳରେ ଆର୍‌ସିବି ୪ ଉଇକେଟରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ରାଜସ୍ଥାନ ୨୦ ଓଭରରେ ୩ ଉଇକେଟ ହରାଇ ୧୬୯ ରନ କରିଥିଲା। ଜବାବରେ ଆର୍‌ସିବି ୧୯.୧ ଓଭରରେ ୬ ଉଇକେଟ ହରାଇ ୧୭୩ ରନ ସଂଗ୍ରହ କରି ନେଇଥିଲା। ୩ ମ୍ୟାଚରୁ ଆର୍‌ସିବିର ଏହାଥିଲା ଦ୍ୱିତୀୟ ବିଜୟ। ଅନ୍ୟପକ୍ଷରେ ରାଜସ୍ଥାନର ୩ ମ୍ୟାଚରୁ ଏହା ପ୍ରଥମ ପରାଜୟ।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

**କୋଲକାତା ନାଇଟ ରାଇଡର୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ**
**ସ୍ଥାନ: ପୁଣେ**
**ସମୟ: ରାତି ୭ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ଆର୍‌ସିବି ଅଧିନାୟକ ଫାଫ୍ ଡୁ'ପ୍ଲେସି ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ରାଜସ୍ଥାନ ମାତ୍ର ୬ ରନରେ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ଉଇକେଟ ହରାଇଥିଲେ ହେଁ ଜୋଶ୍ ବଟଲର ଓ ଦେବଦତ୍ତ ପଡିକାଲ ଦ୍ୱିତୀୟ ଉଇକେଟରେ ୪୯ ବଲ୍‌ରୁ ୭୦ ରନର ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳିଥିଲେ। ପଡିକାଲ ୨୯ ବଲ୍‌ରୁ ୨ଟି ଲେଖାଏ ଚୌକା ଓ ଛକା ସହାୟତାରେ ୩୭ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ପ୍ରଦର୍ଶନରେ ସ୍ଥିରତା ରକ୍ଷା କରିପାରୁ ନ ଥିବା ଅଧିନାୟକ ସଞ୍ଜୁ ସାମସନ ଏଠାରେ ମାତ୍ର ୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ୧୮ ଓଭର ବେଳକୁ ରାଜସ୍ଥାନ ୩ ଉଇକେଟ ହରାଇ ୧୨୭ ରନ କରିଥିଲା। ମାତ୍ର ଶେଷ ୨ ଓଭରରେ ବଟଲର ଓ ଶିମରନ ହେଟମେର ୪୨ ରନ ସଂଗ୍ରହ କରି ଦଳୀୟ ସ୍କୋରକୁ ୧୬୯ରେ ପହଞ୍ଚାଇ ଦେଇଥିଲେ। ୪୭ଟି ବଲ୍‌ର ସମ୍ମୁଖୀନ ହୋଇ ବଟଲର ୬ ଛକା ସହାୟତାରେ ୭୦ ଓ ୩୧ଟି ବଲ୍ ଖେଳି ହେଟମେର ୪ ଚୌକା ଓ ୨ ଛକା ସହ ୪୨ ରନରେ ଅପରାଜିତ ରହିଥିଲେ। ଅସମାପ୍ତ ୪ର୍ଥ ଉଇକେଟରେ ବଟଲର ଓ ହେଟମେର ୫୧ ବଲ୍‌ରୁ ୮୩ ରନର ପାର୍ଟନରଶିପ୍ ଗଢ଼ିଥିଲେ। ଆର୍‌ସିବି ବୋଲରଙ୍କ ମଧ୍ୟରେ ଡେଭିଡ ୱିଲି, ୱାନିନ୍ଦୁ ହସରଙ୍ଗା ଓ ହର୍ଷଲ ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ହର୍ଷଲ ନିଜ ୪ ଓଭର ସ୍ପେଲ୍‌ରେ ମାତ୍ର ୧୮ ରନ ବ୍ୟୟ କରିଥିଲେ।



ରାଜସ୍ଥାନ ଇନିଂସ୍ ଅବସରରେ ଶିମରନ ହେଟ୍‌ମେର୍ ଓ ଜୋଶ ବଟଲର।

୧୭୦ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଆର୍‌ସିବି ୮୭ ରନ ମଧ୍ୟରେ ୫ ଉଇକେଟ ହରାଇ ବିପଦରେ ପଡ଼ିଥିଲା। ଡୁ'ପ୍ଲେସି ୨୯, ଅନୁଜ ରାୱତ ୨୬, ବିରାଟ କୋହଲି ୫, ଶେର୍ଫାନେ ରୁଥରଫୋର୍ଡ ୫ ରନ ଏବଂ ଡେଭିଡ ୱିଲି ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ତେବେ ଶାହବାଜ ଓ କାର୍ତ୍ତିକ ୬ଷ୍ଠ ଉଇକେଟରେ ୩୩ ବଲ୍‌ରୁ ୬୭ ରନ ସଂଗ୍ରହ କରି ଦଳକୁ ବିଜୟ ଦ୍ୱାରରେ ପହଞ୍ଚାଇ ଦେଇଥିଲେ। ୨୬ ବଲ୍‌ରୁ ୪ ଚୌକା ଓ ୩ ଛକା ସହାୟତାରେ ଶାହବାଜ ସର୍ବାଧିକ ୪୫ ରନକରି ଆଉଟ ହୋଇଥିବାବେଳେ କାର୍ତ୍ତିକ ୨୩ ବଲ୍‌ରୁ ୭ ଚୌକା ଓ ୧ ଛକା ସହ ୪୪ ରନରେ ଅପରାଜିତ ରହି ଦଳର ବିଜୟରେ ମୁଣ୍ଡି ମାରିଥିଲେ। ରାଜସ୍ଥାନ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ଓ ୟୁଜବେନ୍ଦ୍ର ଚହଲ ୨ଟି ଲେଖାଏ ଏବଂ ନବଦୀପ ସଇନୀ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୬୯/୩ (ଜୋଶ୍ ବଟଲର-୭୦, ଶିମରନ ହେଟମେର-୪୨, ଦେବଦତ୍ତ ପଡିକାଲ-୩୭, ଡେଭିଡ ୱିଲି-୧/୨୯, ୱାନିନ୍ଦୁ ହସରଙ୍ଗା-୧/୩୨, ହର୍ଷଲ ପଟେଲ-୧/୧୮)। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୯.୧ ଓଭରରେ ୧୭୩/୬ (ଶାହବାଜ ଅହମଦ-୪୫, ଦୀନେଶ କାର୍ତ୍ତିକ-୪୪*, ଫାଫ୍ ଡୁ'ପ୍ଲେସି-୨୯, ଅନୁଜ ରାୱତ-୨୬, ୟୁଜବେନ୍ଦ୍ର ଚହଲ-୨/୧୫, ଟ୍ରେଣ୍ଟ ବୋଲ୍ଟ-୨/୩୪, ନବଦୀପ ସଇନୀ-୧/୩୬)।

## ମୁମ୍ବାଇ ବିପକ୍ଷରେ ମ୍ୟାକ୍ସୱେଲ ଖେଳିବେ

**ମୁମ୍ବାଇ, ୫।୪ (ପି.ଟି.)**

ଅଷ୍ଟ୍ରେଲିଆ ଅଲ୍‌ରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ ଆସନ୍ତା ଏପ୍ରିଲ ୯ରୁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଦଳରେ ଉପଲବ୍ଧ ହେବେ। ଫଳରେ ସେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚ ଖେଳିବେ ବୋଲି ଆର୍‌ସିବି କୋଚ୍ ମାଇକ ହେସନ ପ୍ରକାଶ କରିଛନ୍ତି।

**ଆଇସିସି ମହିଳା ଦିନିକିଆ ର୍‍ୟାଙ୍କିଂ**

## ମିତାଲି ଖସିଲେ, ସ୍ମୃତି ଉଠିଲେ

**ଦୁବାଇ, ୫।୪ (ପି.ଟି.):** ମଙ୍ଗଳବାର ପ୍ରକାଶିତ ଆଇସିସି ମହିଳା ଦିନିକିଆ ର୍‍ୟାଙ୍କିଂରେ ଭାରତୀୟ ଅଧିନାୟିକା ମିତାଲି ରାଜ ଗୋଟିଏ ସ୍ଥାନ ତଳକୁ ଖସିଛନ୍ତି। ମାତ୍ର ତାରକା ଓପନର ସ୍ମୃତି ମନ୍ଧାନା ଉପରକୁ ଉଠିଛନ୍ତି। ଏବେ ର୍‍ୟାଙ୍କିଂରେ ମିତାଲି ୭ମ ଓ ମନ୍ଧାନା ୯ମ ସ୍ଥାନରେ ଅଛନ୍ତି। ନିକଟରେ ଶେଷ ହୋଇଥିବା ଦିନିକିଆ ମହିଳା କ୍ରିକେଟ ବିଶ୍ୱକପରେ ମିତାଲି ନୈରାଶ୍ୟଜନକ ପ୍ରଦର୍ଶନ କରି ୭ ମ୍ୟାଚରୁ ୨୬ ଆଭରେଜରେ ୧୮୨ ରନ କରିଛନ୍ତି। ତେଣୁ ତାଙ୍କ ରେଟିଂ ପଏଣ୍ଟରେ ହ୍ରାସ ହୋଇ ୬୮୬ରେ ପହଞ୍ଚିଛି। ସେହି ତୁଳନାରେ ଦେଖିବାକୁ ଗଲେ ମନ୍ଧାନା ୭ ମ୍ୟାଚରୁ ୪୬.୭୧ ଆଭରେଜରେ ୩୨୭ ରନ ସ୍କୋର କରିଛନ୍ତି। ତେଣୁ ତାଙ୍କ ର୍‍ୟାଙ୍କିଂ ପଏଣ୍ଟ ୬୬୯ରେ ହୋଇଛି। ଏ ଦୁଇ ଖେଳାଳିଙ୍କୁ ଛାଡ଼ିଦେଲେ ଉପ-ଅଧିନାୟିକା ହରମନପ୍ରୀତ କୌର ଗୋଟିଏ ପାହାଚ ଉପରକୁ ଉଠି ୧୪ତମ ସ୍ଥାନ ଅଧିକାର କରିଛନ୍ତି। ଗତ ବିଶ୍ୱକପରେ ହରମନପ୍ରୀତ ଭାରତର ଦ୍ୱିତୀୟ ଶ୍ରେଷ୍ଠ ବ୍ୟାଟରଭାବେ ୩୧୮ ରନ ସ୍କୋର କରିଥିଲେ। ଇଂଲଣ୍ଡ ବିପକ୍ଷ ଫାଇନାଲରେ ୧୭୦ ରନର ଚମତ୍କାରୀ ଇନିଂସ ଖେଳିଥିବା ଅଷ୍ଟ୍ରେଲିଆର କିପର-ବ୍ୟାଟର ଆଲିସା ହିଲି ର୍‍ୟାଙ୍କିଂର ଶୀର୍ଷସ୍ଥାନ ହାସଲ କରିଛନ୍ତି। ୩୨ ବର୍ଷୀୟା ହିଲି ଗତ ବିଶ୍ୱକପରେ ୨ଟି ଲେଖାଏ ଶତକ ଓ ଅର୍ଦ୍ଧଶତକ ସହ ୫୦୯ ରନ ସଂଗ୍ରହ କରିଥିଲେ। ତାଙ୍କ ଷ୍ଟ୍ରାଇକ୍ ରେଟ୍‌ଥିଲା ୧୦୩.୭୬।



ଥାଇଲାଣ୍ଡ ଓପନ ବକ୍ସିଂ କ୍ୱାର୍ଟରଫାଇନାଲ୍‌ରେ ସୁମିତ୍ (ଡାହାଣ) ଓ ଟିମୁର ନୁର୍ସେଇଟୋଭଙ୍କ ମଧ୍ୟରେ ଲଢ଼େଇ।

## ଥାଇଲାଣ୍ଡ ଓପନ ସେମିରେ ସୁମିତ

**ନୂଆଦିଲ୍ଲୀ, ୫।୪ (ପି.ଟି.):** ଭାରତୀୟ ବକ୍ସର ସୁମିତ (୭୫ କେଜି) ଥାଇଲାଣ୍ଡ ଓପନ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଫୁକେଟଠାରେ ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ସେ କାଜାଖସ୍ତାନର ଟିମୁର ନୁର୍ସେଇଟୋଭଙ୍କୁ ୫-୦ରେ ପରାସ୍ତ କରିଥିଲେ। ପ୍ରଥମ ରାଉଣ୍ଡରେ ସେ ବାଇ ପାଇଥିଲେ। ସୁମିତଙ୍କୁ ମିଶାଇ ୪ ଭାରତୀୟ ଏହି ପ୍ରତିଯୋଗିତାର ସେମିଫାଇନାଲରେ ପହଞ୍ଚିଛନ୍ତି। ତାଙ୍କ ପୂର୍ବରୁ ମୋନିକା (୪୮ କେଜି), ଆଶିଷ କୁମାର (୮୧ କେଜି) ଓ ମନୀଷା (୫୭ କେଜି) ସେମିଫାଇନାଲରେ ପ୍ରବେଶ କରି ସାରିଛନ୍ତି। ତେବେ ଗୌରବ ଚୌହାନ (୯୧ କେଜି) ୨୦୧୮ ୟୁଥ୍ ଅଲିମ୍ପିକ୍ ଚାମ୍ପିୟନ କାଜାଖସ୍ତାନର ଏବେକ ଓରାଲ୍‌ବେଙ୍କଠାରୁ ୧-୪ରେ ପରାସ୍ତ ହୋଇଛନ୍ତି। ଏସିଆ, ୟୁରୋପ, ଓସେନିଆ ଓ ଆଫ୍ରିକାରୁ ୫୬ ମହିଳା ଓ ୭୪ ପୁରୁଷଙ୍କୁ ମିଶାଇ ମୋଟ ୧୩୦ ବକ୍ସର ଏହି ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ୨୦୧୯ରେ ଅନୁଷ୍ଠିତ ଗତ ସଂସ୍କରଣରେ ଭାରତୀୟ ଦଳ ୧ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ଜିତିଥିଲା।

## ସି.କେ. ନାଇଡୁ ଟ୍ରଫି: ଆଶୀର୍ବାଦ, ଦେବାଶିଷଙ୍କ ଅର୍ଦ୍ଧଶତକ

**ଭୁବନେଶ୍ୱର, ୫।୪ (କ୍ରୀଡ଼ା ପ୍ରତିନିଧି):** ତ୍ରିଭେନ୍ଦ୍ରମର ସେଣ୍ଟ ଜାଭିଅର୍ସ କେସିଏ ପଡ଼ିଆରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଓଡ଼ିଶା-ହାଇଦ୍ରାବାଦ ୨୫ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ। ଏଲିଟ-ସି'ର ଏହି ଗ୍ରୁପ୍ ମ୍ୟାଚରେ ହାଇଦ୍ରାବାଦ ଟସ୍‌ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ତେଣୁ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଆଶୀର୍ବାଦ ସ୍ୱାଇଁ ଓ ଦେବାଶିଷ ସାମନ୍ତରାୟଙ୍କ ଅର୍ଦ୍ଧଶତକ ସହାୟତାରେ ପ୍ରଥମ ଦିବସ ଖେଳ ଶେଷ ବେଳକୁ ୭ ଉଇକେଟ ହରାଇ ୩୦୭ ରନ ସଂଗ୍ରହ କରିଛି। ଆଶୀର୍ବାଦ ୧୨୧ ବଲ୍‌ରୁ ୬୯, ଦେବାଶିଷ ୯୮ ବଲ୍‌ରୁ ୬୮, କାର୍ତ୍ତିକ ବିଶ୍ୱାଳ ୧୨୨ ବଲ୍‌ରୁ ୪୯ ଓ ଅନିଲ ପରିଡ଼ା ୮୧ ବଲ୍‌ରୁ ୪୧ ରନ ସ୍କୋର କରିଛନ୍ତି। ହାଇଦ୍ରାବାଦ ବୋଲରଙ୍କ ମଧ୍ୟରେ ଜି. ଅନିକେତ ରେଡ୍ଡୀ ୭୬ ରନରେ ୪ଟି ଏବଂ ଅଭିରଥ ରେଡ୍ଡୀ ୩୨ ରନରେ ୨ଟି ଉଇକେଟ ନେଇଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ମା' ଗଙ୍ଗା ଦେବୀଙ୍କ ନବରାତ୍ର ପୂଜାରମ୍ଭ, ଘଟ ପରିକ୍ରମା



ପଲମ,(ଡି.ଏନ.ଏ.): କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଧୀନ ମ.ରାମପୁରଠାରେ ରାଜ ପରିବାର ପରିସରରେ ପ୍ରସିଦ୍ଧ ଠାକୁରାଣୀ ମା' ଗଙ୍ଗା ଦେବୀଙ୍କ ନବରାତ୍ର ପୂଜା ଆରମ୍ଭ ହୋଇଯାଇଛି। ଏହି ପର୍ବରେ ମୁଖ୍ୟ ବୁଧେନ୍ଦ୍ର ପ୍ରତାପ ସିଂଦେଓଙ୍କ ଦ୍ୱାରା ପୂଜା କାର୍ଯ୍ୟ ଆରମ୍ଭ କରାଯାଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଆରମ୍ଭ ହେବା ସହିତ ମା'ଙ୍କ ନୂତନ ଘଟ ନଗର ପରିକ୍ରମା କରୁଛି। ଏହି ନବଦିନାତ୍ମକ ଯାତ୍ରା ଆସନ୍ତା ୧୦ ତାରିଖରେ ସମାପନ ହେବ ବୋଲି ସିଂଦେଓ ସୂଚନା ଦେଇଛନ୍ତି। ପ୍ରତିଦିନ ମା'ଙ୍କ ଘଟ ପରିବର୍ତ୍ତନ କରାଯାଇ ନୂତନ ଘଟକୁ ନବରାତ୍ରରେ ନଗର ପରିକ୍ରମା କରିବା ସହିତ ମନ୍ଦିରରେ ସ୍ଥାପନା କରାଯାଏ।

## ସଂକ୍ଷେପରେ

### ଆଜି ଶିକ୍ଷକ ସମାଜ ଘେରିବ ବିଇଓ କାର୍ଯ୍ୟାଳୟ

**ମ.ରାମପୁର,୫।୪(ଡି.ଏନ.ଏ.):** କଳାହାଣ୍ଡି ଜିଲା ମ.ରାମପୁର ଗୋଷ୍ଠି ଶିକ୍ଷା ଅଧିକାରୀ ନିୟନ୍ତ୍ରଣାଧୀନ ସମସ୍ତ ପ୍ରାଥମିକ, ଉଚ୍ଚପ୍ରାଥମିକ ଶିକ୍ଷକ ସମୂହ ୬ ତାରିଖ (ବୁଧବାର) ଘେରିବେ ବ୍ଲକ ଗୋଷ୍ଠି ଅଧିକାରୀ କାର୍ଯ୍ୟାଳୟ। ମାର୍ଚ୍ଚ ପୂର୍ବରୁ ଶିକ୍ଷକମାନଙ୍କ ତିନି ପ୍ରତିଶତ ଡିଏ ନ ମିଳିବା, ସପ୍ତମ ବେତନ କମିଶନଙ୍କ ସୁପାରିଶରେ ରାଜ୍ୟ ସରକାରଙ୍କ ଘୋଷିତ ପର୍ଯ୍ୟାୟକ୍ରମେ ୩୦ ପ୍ରତିଶତ ଓ ୨୦ ପ୍ରତିଶତ ବକେୟା ଦେୟ ପ୍ରଦାନ ନ ହେବା ଆଦି ଘଟଣାକୁ ନେଇ ଶିକ୍ଷକ ସମାଜ ଅସନ୍ତୋଷ ବ୍ୟକ୍ତି କରି ବ୍ଲକ କଲୋନୀ ଉପ୍ରା ବିଦ୍ୟାଳୟଠାରେ ବ୍ଲକ ଶିକ୍ଷକ ସଂଘ ଏକ ଜରୁରୀ ବୈଠକ ହୋଇଥିଲା। ଶିକ୍ଷକ ସଂଘ ସଭାପତି ବିଭୂତି ପ୍ରହରାଜଙ୍କ ସଭାପତିରେ ଅନୁଷ୍ଠିତରେ ସମ୍ପାଦକ ପ୍ରଶାନ୍ତ ଦଣ୍ଡସେନାଙ୍କ ଦ୍ୱାରା ବିବରଣୀ ଉପସ୍ଥାପନ ହୋଇଥିଲା। ଉକ୍ତ ବୈଠକରେ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ବୁଧବାର ଶାନ୍ତିଶୃଙ୍ଖଳା ସହିତ ବିଇଓଙ୍କୁ ସାକ୍ଷାତ ପୂର୍ବକ ଶିକ୍ଷକମାନେ ତାଙ୍କର ଅଭିଯୋଗ ଦାଖଲ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

### ଖବରଦାତାଙ୍କୁ ଅଣଦେଖା ନେଇ ଅସନ୍ତୋଷ

**ଖବରଦାତା ସଂଘର ଜରୁରୀ ବୈଠକ**

**ଜୁନାଗଡ଼,୫।୪(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ଖବରଦାତା ସଂଘର ଏକ ଜରୁରୀ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ କାର୍ଯ୍ୟକ୍ରମରେ ଖବରଦାତାଙ୍କୁ ଅଣଦେଖା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଜୁନାଗଡ ଅଞ୍ଚଳରେ ବିଭିନ୍ନ ଗଣମାଧମ ପ୍ରତିନିଧି କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ଦେଶ ଓ ରାଜ୍ୟରେ ଗଣମାଧମ ପ୍ରତିନିଧିମାନେ ଅନେକବାର ଆକ୍ରୋଶର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଜୁନାଗଡ ଅଞ୍ଚଳରେ ବିଭିନ୍ନ ସରକାରୀ ରାଜନୈତିକ ଓ ବେସରକାରୀ ଅନୁଷ୍ଠାନରେ ବିଭିନ୍ନ କାର୍ଯ୍ୟକ୍ରମରେ ଖବରଦାତାମାନଙ୍କୁ ଅଣଦେଖା କରାଯାଉଛି। ଏପରିକି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ମଧ ଦିଆଯାଉନି। ଏ ନେଇ ଜୁନାଗଡ ଖବରଦାତା ସଂଘ ଉଦବେଗ ପ୍ରକାଶ କରି ଏହାର ଦୃଢ଼ ନିନ୍ଦା କରିଛି। ଆଗାମୀ ଦିନରେ ଏହି ସବୁ ଅନୁଷ୍ଠାନ ଯତ୍ନବାନ ନ ହୁଅନ୍ତି ତାହେଲେ ଏହାର ଦୃଢ଼ ଜବାବ ଦିଆଯିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ବରିଷ୍ଠ ଖବରଦାତା ଦୁଷ୍ମନ୍ତ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ସଂଘ ବରିଷ୍ଠ କର୍ମକର୍ତ୍ତା ନରେନ୍ଦ୍ର କ୍ଷୀତି, ପ୍ରଭାକର ସେଠି, ହିମାଂଶୁ ବରାଡ଼, ସନ୍ତୋଷ ସିଂହଦେଓ, ଖଗେ ଧଙ୍ଗ ରବି ସୁନାନୀ, ବିଭୁପ୍ରସାଦ ପାଢ଼ୀ, କୁମରମଣି ଦୁର୍ଗା, ସୁନ୍ଦର ମୋହନ ଛାତ୍ରିଆ, ପ୍ରବୀଣ ପଟ୍ଟନାୟକ, ରାକେସ ବେମାଲ, ଆଦିତ୍ୟ ମହାନ୍ତି ରଜନୀ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

### ରାମଚରିତ ମାନସ ପାରାୟଣ

**ବଲାଙ୍ଗୀର ଅଫିସ, ୫।୪:** ବଲାଙ୍ଗୀର ଭଗବତୀ ନଗର ସ୍ଥିତ ଦିବ୍ୟ ଜୀବନ ସଂଘର ଶିବାନନ୍ଦ ଆଶ୍ରମରେ ୯ ଦିନ ବ୍ୟାପୀ ଚାଲିଥିବା ରାମଚରିତ ମାନସ ଓ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ପ୍ରବାହିକାଭାବେ ଦିବ୍ୟ ଜୀବନ ସଂଘ ସଦସ୍ୟା କମଳ କୁମାରୀ ପାଣିଗ୍ରାହୀ ପ୍ରବଚନ ମାଧମରେ ରାମକଥା ବର୍ଣ୍ଣନା କରିଥିଲେ। ସଂଘ ସଭାପତି ରବିଚନ୍ଦ୍ର ଉଦ୍‌ଗାତାଙ୍କ ପ୍ରତ୍ୟକ୍ଷ ତତ୍ତାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଯୋଜକ ରହିଥିଲେ ଡାକ୍ତର ନିତ୍ୟାନନ୍ଦ ଠାକୁର। କର୍ତ୍ତାଭାବେ ରଘୁନାଥ ବାବୁ ଓ ତାଙ୍କ ପତ୍ନୀ ପଙ୍କଜିନି ବାବୁ କାର୍ଯ୍ୟ ତୁଲାଇଥିଲେ। କୋଷାଧକ୍ଷ ପ୍ରଭାତ ରଞ୍ଜନ ପାଣ୍ଡିଆ ଅର୍ଥ ବିଭାଗର ଦାୟିତ୍ୱ ବୁଝିଥିଲେ। ଶେଷ ଦିନରେ ମାନସ ପାରାୟଣ ପରେ ହୋମ ଶାନ୍ତି ଓ ଅନ୍ୟ ପୂଜା କର୍ମ ହୋଇଥିଲା। ଅପରାହ୍ନରେରେ ପ୍ରଫେସର ମଧୁସୂଦନ ପତି ପ୍ରବଚକ ପାଣିଗ୍ରାହୀଙ୍କ ବୁଝାଇବା ଶୈଳୀକୁ ପ୍ରଶଂସା କରିଥିଲେ। ରୀତା ବକ୍ସି ଧନ୍ୟବାଦ ଅର୍ପଣ କରିଥିଲେ।

### ୩ ପୋଲିସ ଭ୍ୟାନ୍ ଲୋକାର୍ପିତ

**ବରଗଡ଼ ଅଫିସ୍,୫।୪:** ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟରେ ମଙ୍ଗଳବାର ୩ ପୋଲିସ ଭ୍ୟାନ୍ (ଏମର୍ଜେନ୍ସି ରେସପନ୍ସ ଭେଇକିଲ୍) ଲୋକାର୍ପିତ ହୋଇଛି। ଏସ୍‌ପି ରାହୁଲ ଜୈନ ଏହାକୁ ଲୋକାର୍ପଣ କରିଥିଲେ। ଦିନରାତି ଏହି ଭ୍ୟାନ ଜନସାଧାରଣଙ୍କୁ ଜରୁରୀକାଳୀନ ସେବା ଯୋଗାଇବାରେ ଲାଗିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଅନ୍ୟ ଜାତିରେ ବିବାହ ଯୋଗୁ ଆସିଲେନି ସମ୍ପର୍କୀୟ

**ଭବାନୀପାଟଣା,୫।୪(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ମଙ୍ଗଳବାର ପୂର୍ବାହ୍ନରେ କିଡ୍‌ନୀ ରୋଗରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ମୃତା ମହିଳା ଜଣକ ହେଲେ ଛତିଶଗଡର ସେନମୁଡା ଗ୍ରାମର ବିଳାସ ମାଝି। ମୃତାକାଙ୍କ ସ୍ୱାମୀ ବୈଶାଖ ମାଝି ଅନ୍ୟ ଜାତିର ବିବାହ କରିଥିବାରୁ ତାଙ୍କ ସମ୍ପର୍କୀୟ କେହି ଆସି ନ ଥିଲେ। ଫଳରେ ସେ ଗାଁକୁ ମୃତଦେହ ନେଇ ନ ପାରି ଡାକ୍ତରଖାନାରେ ୨ ଛୋଟ ଝିଅ ପୁଅକୁ ଧରି ଚିନ୍ତାରେ ବସିଥିଲେ। ତାଙ୍କ ଦୁଃଖଦ ଘଟଣା ସମ୍ପର୍କରେ ଖବର ପାଇ ଯୁବ କଂଗ୍ରେସ ଟିମ୍ ଡାକ୍ତରଖାନା ପହଞ୍ଚି ସହାୟତାର ହାତ ବଢ଼ାଇଥିଲେ। ଅନ୍ୟ ଜାତିର



ମୃତା ମହିଳାଙ୍କ ୨ ଝିଅ, ପୁଅ ସହ ଯୁବ କଂଗ୍ରେସ ଟିମ୍।

ବିବାହ କରିଥିବାରୁ ଗାଁକୁ ସ୍ତ୍ରୀର ମୃତଦେହ ନେଲେ ମଧ ପାଖକୁ କେହି ଆସିବେ ନାହିଁ ବୋଲି ବୈଶାଖ ଦୁଃଖରେ ପ୍ରକାଶ କରିଥିଲେ। ଫଳରେ ବୈଶାଖଙ୍କ ଇଚ୍ଛା ଅନୁସାରେ ସ୍ଥାନୀୟ ସାଗରପଡାସ୍ଥିତ ଶ୍ମଶାନରେ ତାଙ୍କ ସ୍ତ୍ରୀଙ୍କ ମୃତଦେହକୁ ଅନ୍ତ୍ୟେଷ୍ଟି କ୍ରିୟା ସମାପନ କରାଯାଇଥିଲା।

**ଅନ୍ତ୍ୟେଷ୍ଟି କ୍ରିୟା କଲା ଯୁବ କଂଗ୍ରେସ ଟିମ୍**

ଏହି ସମୟରେ ଯୁବ କଂଗ୍ରେସ ଜିଲା ଉପସଭାନେତ୍ରୀ ମନ୍ଦାକିନୀ ବାଣୁଆ, ରାଜ୍ୟ ସମ୍ପାଦକ ମହମ୍ମଦ ସାହେବ, ମହିଳା ନେତ୍ରୀ ଜ୍ୟାତିର୍ମୟୀ ବାଗ, ଯୁବନେତା ବିଶାଲ ସେନାପତି, ଯଶରାଜ ବାଗଙ୍କ ସମେତ ସାଗରପଡାର କୁନା ସାହୁ, ବିମଲ ପ୍ରଧାନ ସହଯୋଗ କରିଥିଲେ। ବୈଶାଖଙ୍କ ଏବେ ୫ ବର୍ଷର ଏକ ପୁଅ ଓ ୭ ବର୍ଷର ଜଣେ ଦିବ୍ୟାଙ୍ଗ ଝିଅ ଅଛନ୍ତି। ଅନ୍ୟପଟେ ବୈଶାଖ ଓ ତାଙ୍କ ୨ ଝିଅପୁଅକୁ ମଧ ଗାଁକୁ ପଠାଇବା ପାଇଁ ଯୁବ କଂଗ୍ରେସ ପକ୍ଷରୁ ଅର୍ଥ ସହ ଅନ୍ୟାନ ବ୍ୟବସ୍ଥା କରାଯାଇଛି।

# କବିତା ସଙ୍କଳନ 'ସରିନାହିଁ ପ୍ରେମ' ଉନ୍ମୋଚିତ




କବି ଜଗନ୍ନାଥ ସାହୁଙ୍କ କବିତା ସଙ୍କଳନକୁ ତାଙ୍କ ପିତାମାତା ଉନ୍ମୋଚନ କରୁଛନ୍ତି।

**ବଲାଙ୍ଗୀର ଅଫିସ, ୫।୪**

କବି ତଥା ଅଧ୍ୟାପକ ଡ. ଜଗନ୍ନାଥ ସାହୁ ଦ୍ୱିତୀୟ କବିତା ସଙ୍କଳନ ସରିନାହିଁ ପ୍ରେମ ଉନ୍ମୋଚିତ ହୋଇଛି। ରେଙ୍ଗାଲି ଗାଁରେ କବିଙ୍କ ମାତାପିତା ବେଦମତୀ ସାହୁ ଓ ଏହି ଭକ୍ତବନ୍ଧୁ ସାହୁ କବିତା ସଙ୍କଳନକୁ ଉନ୍ମୋଚିତ କରିଥିଲେ। କବି ଡ. ସାହୁଙ୍କ ଗଳ୍ପ ଓ ଗୀତ କ୍ଷେତ୍ରରେ ମାଟି ମନସ୍କତା ତଥା ଗାଁ ଚିତ୍ରପଟ୍ଟର ଚିହ୍ନ ଦେଖିବାକୁ ମିଳେ। ପ୍ରଫେସର ଡ. ଆଦିକନ୍ଦ ସାହୁ ଏହି କବିତା ସଙ୍କଳନର ମୁଖବନ୍ଧ ଲେଖିଥିବା ବେଳେ ସଙ୍କଳନରେ ୩୧ଟି କବିତା ସ୍ଥାନ ପାଇଛି।

# ଜିଲାସ୍ତରକୁ ୬ପ୍ରକଳ୍ପ ମନୋନୀତ

**ମୁରିବାହାଲ,୫।୪(ଡ.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଲେବଡା ପାଟଣେଶ୍ୱରୀ ସରକାରୀ ନୋଡାଲ ଉଚ୍ଚବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମରୁ ହାଇସ୍କୁଲସ୍ତର ଯାଏ ୧୧୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ତନ୍ମଧ୍ୟରୁ ୬ଟି ପ୍ରକଳ୍ପ ଶ୍ରେଷ୍ଠ ବବେଚିତ ହୋଇ ଜିଲାସ୍ତରକୁ ମନୋନୀତ ହୋଇଛି। ବିଜ୍ଞାନ ମେଳକୁ ଲେବଡା ସରପଞ୍ଚ ଦହିମତୀ ହାତୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆବାହକ ପ୍ରଧାନଶିକ୍ଷକ ସୁରେଶ କୁମାର କର ଓ ଲେବଡା ହାଇସ୍କୁଲ ପ୍ରଧାନଶିକ୍ଷକ ରଞ୍ଜିତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମେଳା ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେରେ ବ୍ଲକ ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେର ମୁଖ୍ୟ



ପିଲାମାନଙ୍କ ଦ୍ୱାର ପ୍ରଦର୍ଶିତ ପ୍ରକଳ୍ପ।

ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଶିକ୍ଷକ ସୁରେଶ ବାରିକ, ସୁରେଶ କର, ସମିତି ସଭ୍ୟ ସନ୍ୟାସି ପୁଟେଲ, ଦୁଷ୍ମନ୍ତ ନାଗ, ବିଜେଡି ନେତା ଫିରୋଜ ଖାଁ ଉପସ୍ଥିତ ଥିଲେ। ମୁଖ୍ୟବକ୍ତାଭାବେ ବିଜେପୁର ହାଇସ୍କୁଲ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ଦାଶ ଯୋଗ ଦେଇ ବର୍ତ୍ତମାନ ପରିସ୍ଥିତିରେ ବିଜ୍ଞାନର ଆବଶ୍ୟକତା ଉପରେ କହିଥିଲେ। ଏହି ଅବସରରେ ଜିଲାସ୍ତରକୁ ମନୋନୀତ ପ୍ରକଳ୍ପଧାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଲେବଡା ହାଇସ୍କୁଲ ବିଜ୍ଞାନ ଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡା, ଶିକ୍ଷକ ଦୁତିବାହାନ ସୁନା, ସୁଶାନ୍ତ ପାଢ଼ୀ, ଭକ୍ତ ଚରଣ ସାହୁ, ସ୍ନିଗ୍ଧମୟୀ ସାହୁ, ତୋଷ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟତ୍ରୀ ରଶ୍ମିତା ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ନାମଯଜ୍ଞ ପାଇଁ କଳସ ଯାତ୍ରା

**କୋକସରା,୫।୪(ଡି.ଏନ.ଏ.)**

କଳାହାଣ୍ଡିଜିଲା କୋକସରା ବ୍ଲକ ମୋଟେର ଗାଁରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ ଏକ କଳସ ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏକ ଆଧାତ୍ମିକ ପରିବେଶ ମଧ୍ୟରେ ଗାଁ ପୋଖରୀରୁ ପାଣି ଉଠାଇ ଏକ ଶୋଭାଯାତ୍ରାରେ ଆଣି ଚମ୍ପେଶ୍ୱରପଡା ଯଜ୍ଞସ୍ଥଳରେ ସ୍ଥାପନ ପରେ ଅଧିବାସ ହୋଇଥିଲା। କର୍ତ୍ତାଭାବେ ଦୁଷ୍ମନ୍ତ ପାଟଯୋଷୀ ଓ ଜ୍ୟୋସ୍ନା ମଞ୍ଜରୀ ପାଟଯୋଷୀ ରହିଛନ୍ତି।

# ବରଗଡ଼କୁ ରେଳ ବିଭାଗର ଅଣଦେଖା

**ବରଗଡ଼ ଅଫିସ୍,୫।୪**

ସମ୍ବଲପୁର-ପୁରୀ ଇଣ୍ଟରସିଟି ଟ୍ରେନକୁ ବରଗଡ଼ ରୋଡ୍, ବଲାଙ୍ଗୀର ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଦୀର୍ଘଦିନ ହେଲା ଦାବି ହୋଇ ଆସୁଛି। କିନ୍ତୁ ରେଳ ବିଭାଗ ଏହି ଦାବିକୁ ଅଣଦେଖା କରିଆସୁଛି ବୋଲି ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘ ସଭାପତି ପ୍ରଦୀପ ଦେବତା ଅଭିଯୋଗ କରି କ୍ଷୋଭ ପ୍ରକାଶ କରିଛନ୍ତି। ସେ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି, ଲୋକଙ୍କ ସୁବିଧା ପାଇଁ ସକାଳ ସମୟରେ ଭୁବନେଶ୍ୱର ପାଇଁ ଏକ ଟ୍ରେନ୍‌ର ନିହାତି ଆବଶ୍ୟକତା ରହିଛି। ଏ ନେଇ ଜିଲା ବରଗଡ଼ ରେଳ ଉପଭୋକ୍ତା ସଂଘ ବାରମ୍ବାର ରେଲୱେ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛି। ମାତ୍ର ଏଥିପ୍ରତି ରେଳ ବିଭାଗ ଉଦାସୀନ ଥିବାରୁ ଏପର୍ଯ୍ୟନ୍ତ ତାହା ସମ୍ଭବ ହୋଇପାରିନାହିଁ। ସମ୍ବଲପୁର-ପୁରୀ ଇଣ୍ଟରସିଟି ଟ୍ରେନ୍‌କୁ ବରଗଡ଼ ରୋଡ୍, ବଲାଙ୍ଗୀର ପର୍ଯ୍ୟନ୍ତ ସମ୍ପ୍ରସାରଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଦେବତା ଚେତାବନୀ ଦେଇଛନ୍ତି।

# ଘର ଭାଙ୍ଗି ଦଳିଦେଲା ହାତୀ: ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ତାଳଚେର,୫।୪(ନି.ପ୍ର.)**

ରାତିରେ ହାତୀ ଆତଙ୍କ। ଘର ଭାଙ୍ଗି ଆକ୍ରମଣ କରିବାରୁ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ସ୍ୱାମୀ ଗୁରୁତର ହୋଇଛନ୍ତି। ଅନୁଗୋଳ ଜିଲା ତାଳଚେର ବ୍ଲକ ସନ୍ତପଡା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଘଟିଛି ଏହି ଘଟଣା। ଗୁରୁତର ସ୍ୱାମୀଙ୍କୁ ମଙ୍ଗଳବାର ସକାଳେ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି।

ଢେଙ୍କାନାଳ ଜିଲାରୁ ବ୍ରାହ୍ମଣୀ ନଦୀ ପାର ହୋଇ ଏକ ହାତୀ ରାତିରେ ତାଳଚେର ରେଞ୍ଜ ସନ୍ତପଡ଼ା ଶନ୍ତରାମୁଣ୍ଡା ସାହିକୁ ପଶି ଆତଙ୍କ ଖେଳାଇ ଥିଲା। ମୁକୁନ୍ଦ ମୁଣ୍ଡା (୬୦)ଙ୍କ ଘର ଭାଙ୍ଗି ଭିତରେ ଶୋଇଥିବା ମୁକୁନ୍ଦ ଓ ତାଙ୍କ ସ୍ତ୍ରୀ କାଞ୍ଚନ(୫୫)ଙ୍କୁ ଆକ୍ରମଣ କରିଥିଲା। ହାତୀ କାଞ୍ଚନଙ୍କୁ ପାଦରେ ଦଳି ଦେଉଥିବା ଦେଖି ମୁକୁନ୍ଦ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ ହେଁ ବର୍ତ୍ତିପାରି ନ ଥିଲେ। ମଙ୍ଗଳବାର ସକାଳେ ବନ ବିଭାଗ ଓ ତାଳଚେର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ମୁକୁନ୍ଦଙ୍କୁ ଉଦ୍ଧାର କରି ମଣ୍ଡାପାଳ ମେଡିକାଲରେ ଭର୍ତ୍ତି କରିଥିଲେ। କାଞ୍ଚନଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ତାଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୪ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ରେଞ୍ଜର ସୁକାନ୍ତି ଦେଇ ପ୍ରକାଶ କରିଛନ୍ତି।

# ସତ୍ୟନାରାୟଣଙ୍କୁ ପ୍ରଫେସର ଏସ୍.ଜୟ ପ୍ରକାଶମ୍ ଆୱାର୍ଡ



ସତ୍ୟନାରାୟଣ ପଟ୍ଟନାୟକଙ୍କୁ ଆୱାର୍ଡ ପ୍ରଦାନ କରାଯାଉଛି।

**ମ.ରାମପୁର,୫।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ଭଳି ଆଦିବାସୀ ଅଧୁଷିତ ଦୁର୍ଗମାଞ୍ଚଳରେ ସ୍ୱେଚ୍ଛାସେବୀ ସଙ୍ଗଠନ ସେବା ଜଗତ ଗତ ୩୦ବର୍ଷ ଧରି ଆଦିବାସୀ ସଂସ୍କୃତିର ବିକାଶ, ଶିକ୍ଷା ଓ ସ୍ୱାସ୍ଥ୍ୟ ଜୀବନଜୀବିକାକୁ ନେଇ ଗଣଆନ୍ଦୋଳନ ରୂପ ଦେଇପାରିଛି। ଏଥିଯୋଗୁ ସେବା ଜଗତ ଅନୁଷ୍ଠାନ ସମ୍ପାଦକ ସତ୍ୟନାରାୟଣ ପଟ୍ଟନାୟକଙ୍କୁ ମଦୁରାଇଠାରେ ଥିବା ସିଇଏସ୍‌ସିଆଇ ପରିସରରେ ଏକ ସ୍ୱତନ୍ତ୍ର ଉତ୍ସବରେ ଇଣ୍ଟରନ୍ୟାଶନାଲ ଗାନ୍ଧିୟାନ୍ ଇନିସିଏଟିଭ୍ ଫର୍ ନନ ଭାଓଲେନ୍ସ ଏଣ୍ଡ ପିସ୍ (ଆଇଇଜିଆଇଏନପି) ଓ ସେଣ୍ଟର ଫର ଏକ୍ସପେରିଏନ୍ସି ଶୋସିଓ-କଲଚରାଲ୍-ଇଣ୍ଟରେକସନ୍ (ସିଏସ୍‌ସିଆଇ) ପକ୍ଷରୁ ପ୍ରଥମ ପ୍ରଫେସର ଏସ୍. ଜୟପ୍ରକାସମ୍ ଆୱାର୍ଡ ୨୦୨୨ ପ୍ରଦାନ କରାଯାଇଛି। ଏକତା ପରିଷଦ ମୁଖ୍ୟ ପି.ଭି. ରାଜଗୋପାଳ ଏବଂ ଜରି ବେହେନଙ୍କ ଯୁଗ୍ମ ଅଧକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ରାଜ କ୍ରିଷ୍ଣନ୍, ମୁଖ୍ୟବକ୍ତା ଭାବେ ଅନନ୍ତୁ ପ୍ରମୁଖ ଯୋଗଦେଇ ପଟ୍ଟନାୟକଙ୍କୁ ଉପଢୌକନ ମାନପତ୍ର ସହ ୨୫ ହଜାର ଟଙ୍କା ଆର୍ଥିକ ରାଶି ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୧୦ଟି ରାଜ୍ୟର ଶତାଧିକ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ।

# ନିରପେକ୍ଷ ତଦନ୍ତ, କାର୍ଯ୍ୟାନୁଷ୍ଠାନ ଦାବି

**ନୂଆପଡ଼ା ଅଫିସ,୫।୪**

ନୂଆପଡା ଜିଲା ଧରମବନ୍ଧା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ରେଣୁ ମାଝିଙ୍କୁ ୭ ବର୍ଷର ଅସ୍ଥାୟୀ ଚାକିରିରେ ୮ ଥର ବଦଳି ଓ ଡେପୁଟେଶନ ହୋଇଛି। ଏଥିସହ ୧୯ ମାସର ଦରମା ମିଳି ନ ଥିବା ଅଭିଯୋଗ ହୋଇଛି। ଘଟଣାର ନିରପେକ୍ଷ ତଦନ୍ତ ଓ ଦୋଷୀ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ୭ମ ଦିନରେ ପହଞ୍ଚିଛି। ସୂଚନାନୁସାରେ ରେଣୁ ମାଝି ୨୦୧୪ ମାର୍ଚ୍ଚ ୩ରେ ସଦର ବ୍ଲକ କାଦୋମେରି ସବ୍‌ସେଣ୍ଟରରେ ମହିଳା ସ୍ୱାସ୍ଥ୍ୟକର୍ମୀ ଭାବେ ଅସ୍ଥାୟୀ ନିଯୁକ୍ତି ପାଇଥିଲେ। ଏହି ୭ ବର୍ଷର ଅସ୍ଥାୟୀ ଚାକିରି ସମୟରେ ଉଦ୍ଦେଶ୍ୟମୂଳକ ଭାବେ ୮ ଥର ବଦଳି ଓ ଡେପୁଟେଶନରେ ପଠାଇ ହଇରାଣ କରାଯାଇଛି ବୋଲି



ଧାରଣାରେ ବସିଥିବା ଆପର କର୍ମକର୍ତ୍ତା ବୃନ୍ଦ।

**୭ମ ଦିନରେ ଏଏପିର ଧାରଣା**

ମାଝି ଅଭିଯୋଗ କରିଛନ୍ତି। ଏ ନେଇ ମାଝି ଜାନୁୟାରୀ ୧୨ ଓ ୩୧ ଏବଂ ମାର୍ଚ୍ଚ ୧୬ରେ ଏଏପି ନେତୃତ୍ୱରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ୩ ମାସ ବିତି ଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଜାନୁୟାରୀ ୧୨, ୩୧ ଓ ମାର୍ଚ୍ଚ ୪ରେ ୩ ଥର ସୂଚନା ଅଧିକାର ଆଇନରେ ଏ ନେଇ ତଥ୍ୟ ମାଗିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଦେଉ ନ ଥିବା ସେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ କୌଣସି ତଦନ୍ତ କରାଯାଉ ନ ଥିବାରୁ ମାଝିଙ୍କୁ ନେଇ ଏଏପି ସଦସ୍ୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେବା ଯାଏ ଧାରଣା ଜାରି ରହିବ ବୋଲି ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଙ୍ଗାଧର ମାଝି, ଫକିର ମାଝି, ସଞ୍ଜୟ ହଂସ, ଗୁପ୍ତେଶ୍ୱର ପଟେ ଚେତାବନୀ ଦେଇଛନ୍ତି।

# ଦେବୀ ଦନ୍ତେଶ୍ୱରୀଙ୍କ ଘଣ୍ଟଯାତ୍ରା

**ବେହେରା,୫।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାଠାରେ ଦଣ୍ଡପାଟ ଅଧିଷ୍ଠାତ୍ରୀ ଦେବୀ ଦନ୍ତେଶ୍ୱରୀଙ୍କ ଘଣ୍ଟଯାତ୍ରା ମଙ୍ଗଳବାର ପାଳିତ ହୋଇଯାଇଛି। ଚୈତ୍ର ମାସର ଦେବୀଙ୍କ ଏହି ପର୍ବ ଚଇତ ପର୍ବ ନାମରେ ମଧ୍ୟ ପ୍ରସିଦ୍ଧ। ଘଣ୍ଟଯାତ୍ରା ପୂର୍ବରୁ ଶୁକ୍ରବାର ବିହନଛିନା ନାମକ କୃଷି ଭିତ୍ତିକ ପର୍ବ ପାଳନ କରାଯାଇଥିଲା। ସେହି ଦିନ ଗ୍ରାମର ସମସ୍ତ ଚଇତ ଦେବୀ ମାନପୁରୀଆଣିଙ୍କ ପୂଜା ସ୍ଥଳରୁ ପୂଜାରୀଙ୍କଠାରୁ ବିହନ ଆଣିଥାନ୍ତି ଓ ଅକ୍ଷୟ ତୃତୀୟା ଦିନ ନିଜ ବିଲରେ ବିହନ ପକାଇଥାନ୍ତି। ରବିବାର ଦେବୀଙ୍କ କଳସି ବାହାରି ଦଣ୍ଡପାଟର ପାଳି ଭ୍ରମଣ କରିଥିଲା। ମଙ୍ଗଳବାର ବେହେରା ପହଞ୍ଚି ଦେବୀଙ୍କ କଳସି ଘର ଘର ପରିଭ୍ରମଣ କରି ଭକ୍ତଙ୍କ ମାନସିକ ବୋଲ ବଦନି ଗ୍ରହଣ କରିଥିଲେ। ଏହି ଦିନ ଦଣ୍ଡପାଟର ମୁଖ୍ୟ ପର୍ବ ଯୋଗୁ ଉତ୍ସବ ପାଳନ କରିବାରେ ଲୋକଙ୍କଠାରେ ତତ୍ପରତା ଦେଖାଯାଇଥିଲା। ହଜାର ହଜାର ଲୋକ ସନ୍ଧ୍ୟାରେ ଦେବୀଙ୍କ ମନ୍ଦିର ପରିସରରେ ବୋଲ ବଦନି ନେଇ ଅସୁଥିବା ଦେଖିବାକୁ ମିଳିଛି। ଦନ୍ତେଶ୍ୱରୀଙ୍କ ମୁଖ୍ୟ ପୂଜକ ଯୁବରାଜ ନାଏକ କଳସି ସହିତ ଗ୍ରାମ ପରିକ୍ରମା କରିଥିବା ବେଳେ ଅନେକ ଲୋକ ଏଥିରେ ସାମିଲ ହୋଇ ଦେବୀଙ୍କ ଜୟଧ୍ୱନୀ ଦେଇଥିଲେ।



ଦେବୀ ଦନ୍ତେଶ୍ୱରୀଙ୍କୁ ଗ୍ରାମ ପରିକ୍ରମା କରାଯାଉଛି।

# ପୋଲିସକୁ ମନ୍ଦିର ସୁରକ୍ଷା ଚିନ୍ତା

**ବରଗଡ଼ ଅଫିସ୍,୫।୪**

- ଜିଲାରେ ଥମୁନି ମନ୍ଦିରରୁ ଚୋରି
- ଟେର୍ ପାଇ ପାରୁନି ପୋଲିସ
- ମନ୍ଦିର କମିଟିକୁ ନେଇ ବୈଠକ

ବରଗଡ଼ ଜିଲାର ବିଭିନ୍ନ ମନ୍ଦିରରେ ଥିବା ଦେବାଦେବୀଙ୍କ ପ୍ରତି ଦୁର୍ବୃତ୍ତଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଏହି କ୍ରମରେ ଗତ କିଛିମାସ ହେଲା ଜିଲାର ଅନେକ ମନ୍ଦିରରେ ଦେବାଦେବୀଙ୍କ ମୂର୍ତ୍ତି, ଦାନଟଙ୍କା, ଦେବଦେବୀ ପିନ୍ଧିଥିବା ମୁକୁଟ, ସୁନାରୂପା ଅଳଙ୍କାର ଆଦି ଚୋରି ହୋଇଛି। ମନ୍ଦିରରୁ ଗୋଟିଏ ପରେ ଗୋଟିଏ ଏଭଳି ଚୋରି ହୋଇଚାଲିଛି। ଅଥଚ ଦେବଦେବୀଙ୍କ ଚୋରି ସାମଗ୍ରୀ ଉଦ୍ଧାର କିମ୍ବା ଅଭିଯୁକ୍ତଙ୍କୁ ଗିରଫ କରିବା ତ ଦୂରର କଥା ପୋଲିସ ଏଭଳି ଘଟଣାର ଟେର୍ ବି ପାଇପାରୁନାହିଁ। ଏହା ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଅନ୍ୟପଟେ ଉକ୍ତ ଚୋରି ଘଟଣାର ପର୍ଦ୍ଦାଫାଶ କରିବାରେ ବିଫଳ ଯୋଗୁ ପୋଲିସ ପ୍ରତି ଜନସାଧାରଣଙ୍କ ଆସ୍ଥା ମଧ୍ୟ ତୁଟିବାରେ ଲାଗିଛି। ଏଭଳି ସ୍ଥିତିରେ ବର୍ତ୍ତମାନ ପୋଲିସକୁ ମନ୍ଦିର ସୁରକ୍ଷା ଚିନ୍ତା ଘାରିଛି।

ଏହି କ୍ରମରେ ମଙ୍ଗଳବାର ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶକ୍ରମେ ଜିଲାର ସମସ୍ତ ଥାନା ଅଧିକାରୀ ଅଞ୍ଚଳର ମନ୍ଦିର କମିଟି କର୍ମକର୍ତ୍ତାଙ୍କୁ ଡାକି ବୈଠକ କରିଛନ୍ତି। ବରିଷ୍ଠ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ବୈଠକରେ ମନ୍ଦିର ସୁରକ୍ଷା ନେଇ ଆଲୋଚନା ହୋଇଥିଲା। ସେହିପରି ପୋଲିସ ଅଧିକାରୀମାନେ ଜିଲାର ବିଭିନ୍ନ ମନ୍ଦିର ଗସ୍ତ କରି ସେଠାକାର ସୁରକ୍ଷା ବ୍ୟବସ୍ଥା ନିରୀକ୍ଷଣ ସହିତ ମନ୍ଦିର କମିଟିକୁ ବିଭିନ୍ନ ପରାମର୍ଶ ଦେଇଥିଲେ। ମନ୍ଦିରରେ ସିସିଟିଭି ସ୍ଥାପନ, ଜଗୁଆଳି ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଯେଉଁ ମନ୍ଦିର ଗୁଡ଼ିକରୁ ଚୋରି ହୋଇଛି, ସେଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ଦିଗରେ ଠୋସ୍ ପଦକ୍ଷେପ ନେବାକୁ ଲୋକମାନେ ଦାବି କରିଥିଲେ।



ବରଗଡ଼ ଟାଉନ ଥାନାରେ ମନ୍ଦିର କମିଟି ସହିତ ପୋଲିସର ବୈଠକ।

ସୂଚନାଯୋଗ୍ୟ, ବିଗତ ୬ମାସ ମଧ୍ୟରେ ଜିଲାର ଅନେକ ମନ୍ଦିରରେ ଚୋରି ହୋଇଛି। ଅତାବିରା ଥାନା ସମ୍ମୁଖ ଦୁର୍ଗା ମନ୍ଦିରରୁ ଚୋରି ଘଟଣାକୁ ଦୀର୍ଘମାସ ବିତି ଯାଇଛି। ହେଲେ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି। ପୋଲିସର ଏଭଳି ବିଫଳତାକୁ ନେଇ ଅତାବିରା ବନ୍ଦ ଡାକରା ଦିଆଯାଇଥିଲା। କେବଳ ଅତାବିରା ଦୁର୍ଗା ମନ୍ଦିର ନୁହେଁ, ଗତ ସୋମବାର ବିଳମ୍ବିତ ରାତିରେ ପୋଡ଼ବାଡ଼ି ଛକ ଶ୍ରୀରାମ ମନ୍ଦିରରୁ ଚୋରି ହୋଇଛି। ଏହାପୂର୍ବରୁ ବରଗଡ଼ ସହର ଉପକଣ୍ଠ ରାଣୀସତୀ ମନ୍ଦିର, ଜାଙ୍ଗେଡ଼ ବାଲାଜୀ ମନ୍ଦିର, ଭାଲୁପତ୍ରା ରାଧାକୃଷ୍ଣ ମନ୍ଦିର, ରେଙ୍ଗାଲି କ୍ୟାମ୍ପ ମନ୍ଦିର, ପରମାଣପୁର ଗଣେଶ ମନ୍ଦିରରୁ ଚୋରି ହୋଇଛି। ଜିଲାର ମନ୍ଦିର ଗୁଡ଼ିକ ଉପରେ ଦୁର୍ବୃତ୍ତଙ୍କ ଯେଭଳି ଆଖି ପଡ଼ିଛି, ସୁରକ୍ଷା ପ୍ରତି ତ୍ୱରିତ ପଦକ୍ଷେପ ନିଆ ନ ଗଲେ ପୋଲିସକୁ ଚ୍ୟାଲେଞ୍ଜ କରି ଆଗକୁ ପୁଣି ଅନ୍ୟ ମନ୍ଦିରଗୁଡ଼ିକରେ ଚୋରି ହେବା ଆଶଙ୍କା ରହିଛି।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ପାଇକମାଲ,(ଡି.ଏନ.ଏ):** ବରଗଡ଼ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲ ଜୁନିୟର କଲେଜରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ୭ଦିନ ଧରି ଚାଲିଥିବା ଏହି ଶିବିରରେ ଯୁକ୍ତ୨ ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରାଯାଇଥିଲା। କଲେଜ ଅଧକ୍ଷ ପୁଷ୍ପାଞ୍ଜଳି ମହାପାତ୍ର ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅଧାପିକା ଅନାମିକା ସାହୁ ଏବଂ ଜୟଶ୍ରୀ ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନନ୍ଦିନୀ ରାଉତ ପ୍ରଶିକ୍ଷିକା ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ଉପରେ ତାଲିମ ଦେଇଥିଲେ। ପାଇକମାଲ ସିଆରପିଏଫ୍ ୧୮୯ ବାଟାଲିୟନର କମାଣ୍ଡାଣ୍ଟ ନିନା ଶର୍ମା ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରେମ କୁମାର ସାହୁ, ନାଗେଶ୍ୱର ସାହୁ, ଲାଲା ପଟେଲ, ବିନୋଦ କୁମ୍ଭାର, ଦମୟନ୍ତୀ ରଣା ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଗଞ୍ଜେଇ ସହ ୩ ବାଇକ୍ ଜବତ, ଦୁଇ କୋର୍ଟ ଚାଲାଣ

**ବାଉଁଶୁଣୀ,୫।୪(ଡି.ଏନ.ଏ.):** ବୌଦ୍ଧ ଜିଲା କଣ୍ଟାମାଳ ଥାନା ସାନକୁସଙ୍ଗ ଗାଁ ପୋଖରୀ ନିକଟରୁ ପୋଲିସ ୧ କୁଇଣ୍ଟାଲ ୫୦କେଜି ଗଞ୍ଜେଇ ଓ ୩ଟି ବାଇକ୍ ଜବତ କରିଛି । ଏହି ଘଟଣାରେ ଦୁଇ ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁସାରେ,କୌଣସି ସୂତ୍ରରୁ ଖବର ପାଇ କଣ୍ଟାମାଳ ପୋଲିସ ରବିବାର ସକାଳେ ସଦଳବଳେ କଣ୍ଟାମାଳ ଥାନା ସାନକୁସଙ୍ଗ ଗାଁରେ ପହଞ୍ଚି ପାଟ୍ରୋଲିଂ କରୁଥିବା ସମୟରେ ଗ୍ରାମର ପୋଖରୀ ନିକଟରେ ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ଦେଖି ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ଗଞ୍ଜେଇ ଚାଲାଣକାରୀଙ୍କ ଠାରୁ ୧ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ସହ ୩ଟି ମୋଟର ସାଇକଲ ଜବତ ହୋଇଥିଲା । ଏହାଛଡା ଏହି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ଘଟଣାସ୍ଥଳରୁ କଣ୍ଟାମାଳ ଥାନା ବଡକୁସଙ୍ଗ ଗ୍ରାମର କାର୍ତ୍ତିକ ସେଠୀ (୪୦) ଓ ଶଙ୍କର ମଲ୍ଲିକ (୨୭)ଙ୍କୁ ଗିରଫ କରାଯାଇଥିଲା ।

### ସାଇନିଂ ଷ୍ଟାର ପ୍ରଶିକ୍ଷଣ କର୍ମଶାଳା

**ବରଗଡ଼ ଅଫିସ୍,୫।୪:** ବରଗଡ଼ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ମାଟ୍ରିକ ପରୀକ୍ଷା ଦେବାକୁ ଥିବା ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ସୋମବାର ସାଇନିଂ ଷ୍ଟାର ପ୍ରବେଶ ଓ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଛି। ବରଗଡ଼ ଜର୍ଜ ହାଇସ୍କୁଲରେ ଅନୁଷ୍ଠିତ ଏହି କର୍ମଶାଳାରେ ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ ଅଧ୍ୟକ୍ଷତା କରିଥିଲେ। କର୍ମଶାଳାରେ ଅମ୍ବାଭୋନା, ଭଟଲି, ଅତାବିରା, ବରଗଡ଼ ବ୍ଲକର ୩୫ଜଣ ମେଧାବୀ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟଅତିଥି, ବ୍ଲକ ଶିକ୍ଷାଧିକାରୀ ସରୋଜ ଭୋଇ, ଜିଲା ବିଜ୍ଞାନ ପରିଦର୍ଶକ ମନୋଜ କୁମାର ସାହୁ, ଭାର୍ଗବ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସାଧନ କର୍ମୀ ମନମୋହନ ତ୍ରିପାଠୀ, ଆତ୍ମାରାମ ଭୋଇ, ବିରେନ୍ଦ୍ର କୁମାର ଦାଶ, ଶିବଶଙ୍କର ଦାଶ, ବିରେନ୍ଦ୍ର ନନ୍ଦ ପ୍ରମୁଖ ୧୫ଜଣ ଶିକ୍ଷକ ଉପସ୍ଥିତ ରହି ଆଲୋଚନା କରିଥିଲେ ।

### ମନ୍ଦିର ସୁରକ୍ଷା ବୈଠକ

**ଜାମଟିକ୍ରା,୫।୪(ଡି.ଏନ.ଏ):** ଅତାବିରା ଥାନାରେ ମଙ୍ଗଳବାର ଏସ୍‌ଆଇ ଯାଦବ ବାଗଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତାବିରା ବ୍ଲକ ଅଞ୍ଚଳରେ ଥିବା ମନ୍ଦିରଗୁଡିକର ସୁରକ୍ଷା ସହ ଆଇନ ଶୃଙ୍ଖଳା ଉପରେ ଆଲୋଚନା କରାଯାଇଥିଲା। ଏସ୍‌ଆଇ ସୁଷମା ପଶାୟତ, ଅନିମା ଏକ୍କା, ବାଲୁଙ୍କେଶ୍ୱର ନାୟକ, ମନ୍ଦିର ପରିଚାଳନା କମିଟି ସଦସ୍ୟ ଦିବାକର ପଧାନ, ସୁରେନ୍ଦ୍ର ସ୍ୱାଇଁ, ଅଶ୍ୱିନୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

### ମନ୍ଦିରରୁ ମୂର୍ତ୍ତି, ଦାନବାକ୍ସ ଚୋରି

**ଅତାବିରା,୫।୪(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ଅନ୍ତର୍ଗତ ପୋଡ଼ବାଡ଼ି ଛକ ସ୍ଥିତ ଶ୍ରୀରାମ ମନ୍ଦିରରୁ ସୋମବାର ବିଳମ୍ବିତ ରାତ୍ରିରେ ପଞ୍ଚଧାତୁ ନିର୍ମିତ ୪ଟି ମୂର୍ତ୍ତି, ଦାନବାକ୍ସ ଏବଂ ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ମନ୍ଦିର ପରିଚାଳନା କମିଟିର ଏମ. ମଧୁସୂଦନ ଏ ନେଇ ଏତଲା ଦେବା ପରେ ଗୋଡ଼ଭଗା ଫାଣ୍ଡି ଅଧିକାରୀ ବିପିନ ବାଗ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଛନ୍ତି। ଏହି ଘଟଣାରେ ଜଣେ ଯୁବକଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି।

### ସଂକୀର୍ତ୍ତନ ପରିଷଦର ବାର୍ଷିକୋତ୍ସବ

**ବରଗଡ଼ ଅଫିସ୍,୫।୪:** ବରଗଡ଼ ଜିଲା ସଂକୀର୍ତ୍ତନ ପରିଷଦର ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଛି। ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶଙ୍କ ତତ୍ତ୍ୱାବଧାନ ଏବଂ ଗୋପାଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି, ଗୁରୁ ନରସିଂହ ଦାଶ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ, ପୌରାଧ୍ୟକ୍ଷା କଳ୍ପନା ମାଝି, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, ଛତିଶଗଡ଼ ବିଶ୍ୱାସପୁର କଳାକାର ସଂଘର ପୃଷ୍ଠପୋଷକ ରଘୁନାଥ ପଟେଲ, ଗୁରୁ ରାମଚନ୍ଦ୍ର ସାହୁ, ଲଳିତ ମୋହନ ପଣ୍ଡା, ବେଣୁଧର ମହାପାତ୍ର, ଗୋବିନ୍ଦ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଛତିଶଗଡ଼, ଓଡ଼ିଶାର ୧୬ ସଂକୀର୍ତ୍ତନ ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋପାଳକୃଷ୍ଣ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରହ୍ଲାଦ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅର୍ଜୁନ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

# ଆନ୍ଧ୍ର ପ୍ରଦେଶରେ ବନ୍ଧା ପଡ଼ିଛନ୍ତି ୨୫ ଶ୍ରମିକ

**ବରଗଡ଼ ଅଫିସ୍,୫।୪**


ଆନ୍ଧ୍ର ପ୍ରଦେଶରେ ବନ୍ଧା ପଡ଼ିଥିବା ଶ୍ରମିକଙ୍କୁ ଉଦ୍ଧାର ପାଇଁ ଜିଲା ଶ୍ରମ ଅଧିକାରୀଙ୍କୁ ଫେରାଦ ହୋଇଛନ୍ତି।

ବରଗଡ଼ ଜିଲାର ପଦ୍ମପୁର ଉପଖଣ୍ଡରେ ଦାଦନ ସମସ୍ୟା ନିତିଦିନିଆ ଘଟଣା ହୋଇଛି। ଏଠାରୁ ରାଜ୍ୟ ବାହାରକୁ ଯାଇ ଶ୍ରମିକମାନେ ସେଠାରେ ନିର୍ଯାତିତ ହେଉଥିବା ନଜିର ରହିଛି। ତଥାପି ଏହି ସମସ୍ୟା ଉପରେ ଅଙ୍କୁଶ ଲାଗିପାରୁନାହିଁ। ଜିଲାର ପାଇକମାଲ ଥାନା ଅନ୍ତର୍ଗତ କୋସଡ଼ା ନିକଟ ଚୁହୁରିଆ ପଡ଼ାର ୨୫ ଶ୍ରମିକ ଆନ୍ଧ୍ର ପ୍ରଦେଶ ଯାଇ ସେଠାରେ ନିର୍ଯାତିତ ହେଉଥିବା ଘଟଣା ସାମ୍ନାକୁ ଆସିଛି। ମଙ୍ଗଳବାର ଏ ନେଇ ଗ୍ରାମବାସୀ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଏଭଳି ଅଭିଯୋଗ କରିଛନ୍ତି। ସେମାନେ ଜିଲା ଶ୍ରମ ଅଧିକାରୀ ମାନଭଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ଦେଇ ବନ୍ଧକ ଶ୍ରମିକମାନଙ୍କୁ ଉଦ୍ଧାର ପାଇଁ ନିବେଦନ କରିଛନ୍ତି। ତେବେ ସେ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ଜିଲା ଶ୍ରମ ଅଧିକାରୀ ପ୍ରଧାନ କହିଛନ୍ତି। ପ୍ରକାଶ ଯେ, ଗତ କିଛିଦିନ ତଳେ ଚୁହୁରିଆ ପଡ଼ାର ଗୋବର୍ଦ୍ଧନ ବାଗ, ଅନୁ ବାଗ, ନରସିଂହ ଦୀପଙ୍କ ସମେତ ୨୫ ଜଣ ଶ୍ରମିକ କର୍ମ ଅନ୍ୱେଷଣରେ ଆନ୍ଧ୍ରପ୍ରଦେଶ ଯାଇଥିଲେ ଏବଂ ସେଠାକାର ବିଜୟନଗରମ୍ ଜିଲା ପଦ୍ମନାଭମ ଥାନା ଅଧୀନ ମଞ୍ଜି ଗ୍ରାମର ଏକ ଇଟାଭାଟିରେ ନିୟୋଜିତ ହୋଇଥିଲେ। ଇଟାଭାଟି ମାଲିକ ଅଧିକ ପାରିଶ୍ରମିକ ଲୋଭ ଦେଖାଇ ସେମାନଙ୍କୁ ଦିନରାତି କାମରେ ଲଗାଇଥିଲେ ମଧ୍ୟ ପାରିଶ୍ରମିକ ଦେଉ ନାହାନ୍ତି। ପାରିଶ୍ରମିକ ମାଗିଲେ ସେମାନଙ୍କୁ ଶାରୀରିକ ନିର୍ଯାତନା ଦିଆଯାଉଛି। ଏପରିକି ସେମାନଙ୍କୁ ଘରକୁ ମଧ୍ୟ ଛଡ଼ାଯାଉନାହିଁ। ଏଭଳି ଭାବେ ସେଠାରେ ଇଟାଭାଟି ମାଲିକଙ୍କ ପାଖରେ ଶ୍ରମିକମାନେ ବନ୍ଧା ପଡ଼ିଥିବା ନେଇ ସୂଚନା ପାଇବା ପରେ ଗ୍ରାମର କିଛି ଲୋକ ପାଇକମାଲ ଥାନାରେ ମୌଖିକ ଅଭିଯୋଗ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ କିଛି ସୁଫଳ ମିଳି ନ ଥିବା ଗ୍ରାମର ନିରାକାର ଦୀପ୍ ଅଭିଯୋଗ କରିଛନ୍ତି।

# ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇଲେ ଅଭିଭାବକ


ବିଦ୍ୟାଳୟ ଆଗରେ ଅଭିଭାବକମାନେ ଧାରଣା ଦେଇଛନ୍ତି ।

**ବୌଦ୍ଧ,୫।୪(ସ୍ୱ.ପ୍ର.)**

ବୌଦ୍ଧ ବ୍ଲକ ବଘିଆପଡା ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନସ୍ଥ ଆମଠାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁମିତ୍ରା ମେହେରଙ୍କୁ ଅନ୍ୟତ୍ର ବଦଳି କରାଯିବାକୁ ଦାବି କରି ମଙ୍ଗଳବାର ବିଦ୍ୟାଳୟ ଗେଟରେ ତାଲା ପକାଇ ଅଭିଭାବକମାନେ ଧାରଣା ଦେଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଆମଠାପଡା ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁମିତ୍ରା ଦୀର୍ଘବର୍ଷ ହେଲା ଏହି ବିଦ୍ୟାଳୟରେ ରହିଛନ୍ତି। ତାଙ୍କର ମନୋମୁଖୀ କାର୍ଯ୍ୟ ଯୋଗୁ ବିଦ୍ୟାଳୟରେ ନା ନା ଅବ୍ୟବସ୍ଥା ଦେଖାଦେଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଜିଲାପାଳଙ୍କ ନିକଟରେ ଅଭିଭାବକମାନେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ଅଭିଭାବକମାନେ ବାଧ୍ୟ ହୋଇ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଧାରଣା ଦେଇଛନ୍ତି।

# ଗୀତ, ଅଭିନୟ ମାଧ୍ୟମରେ ଶିକ୍ଷାଦାନକୁ ନେଇ ଚର୍ଚ୍ଚା

**ବିନିକା,୫।୪(ଡି.ଏନ୍.ଏ)**



ପାଠପଢା ପୂର୍ବରୁ ପିଲାମାନେ ବିଭିନ୍ନ ବେଶଭୂଷାରେ ସଜ୍ଜିତ ହୋଇଛନ୍ତି।

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଗିର୍ଡି ପଞ୍ଚାୟତ ଅନ୍ତର୍ଗତ ଅରିଗାଁ ପ୍ରାଥମିକ ବିଦ୍ୟାଳୟ। ଏହି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ଯାଏ ୮୦ରୁ ଉର୍ଦ୍ଧ୍ୱ ପିଲା ଅଧ୍ୟୟନ କରୁଛନ୍ତି। ପ୍ରଧାନଶିକ୍ଷକ ଓ ଦୁଇଜଣ ସହକାରୀ ଶିକ୍ଷକ ଏଠାରେ ନିୟୋଜିତ ଅଛନ୍ତି। ଏହି ବିଦ୍ୟାଳୟରେ ଅଭିନବ ଉପାୟରେ ହେଉଥିବା ପାଠପଢା ଜିଲାବ୍ୟାପୀ ଆଲୋଚନାର ବିଷୟ ହୋଇଛି। ଇଂଲିଶ, ସାହିତ୍ୟ, ଗଣିତ ବିଷୟର ପାଠ୍ୟକ୍ରମକୁ ପ୍ରଧାନଶିକ୍ଷକ ଧନ୍ୱନ୍ତରୀ ନାରାୟଣ ବିଶି ଓ ତାଙ୍କ ସହଯୋଗୀ ଶିକ୍ଷକମାନେ ଗୀତ, ବାଦ୍ୟ ଓ ଅଭିନୟ ମାଧ୍ୟମରେ ପିଲାଙ୍କୁ ପଢାଉଛନ୍ତି। ଏଥିସହ ପାଠ୍ୟକ୍ରମ ବିଷୟ ବସ୍ତୁଗୁଡ଼ିକୁ ଆଧାର କରି ପିଲାଙ୍କୁ ବିଭିନ୍ନ ଚରିତ୍ରରେ ବେଶଭୂଷଣ କରି ଶିକ୍ଷାଦାନ ଦିଆଯାଉଛି। ପିଲାମାନେ ଏପରି ଶିକ୍ଷାଦାନ ପ୍ରତି ଅଗ୍ରହ ରଖି ସହଜରେ ପ୍ରଶ୍ନଗୁଡିକର ଉତ୍ତର ଦେଉଛନ୍ତି। ପରୀକ୍ଷାରେ ପିଲାଙ୍କ ରେଜଲ୍ଟ ମଧ ଉତ୍ତମ ରହୁଛି। ଏହି ଘଟଣା ଜିଲାର ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରଧାନଶିକ୍ଷକ ବିଶି କହିଛନ୍ତି, ଦିନକୁ ଦିନ ଏହି ସରକାରୀ ସ୍କୁଲରୁ ପିଲାଙ୍କ ସଂଖ୍ୟା କମିବାରେ ଲାଗିଥିଲା। ଏହା ଲକ୍ଷ୍ୟ କରି ସେ ଗୀତ ଓ ଅଭିନୟ ମାଧ୍ୟମରେ ଶିକ୍ଷାଦାନ କରି ପିଲାଙ୍କୁ ସ୍କୁଲ ପ୍ରତି ଆକୃଷ୍ଟ କରିବାକୁ ଚିନ୍ତା କରିଥିଲେ। ଏଥିରେ ସହଯୋଗୀ ଶିକ୍ଷକମାନେ ସହଯୋଗର ହାତ ବଢାଇଲେ। ଗତ ତିନି ବର୍ଷ ଧରି ସେ କରିଥିବା ଉଦ୍ୟମ ଯୋଗୁ ଏବେ ସ୍କୁଲରେ ପିଲାଙ୍କ ସଂଖ୍ୟା ଠିକ୍ ଅଛି ଓ ପିଲାମାନେ ଭଲ ରେଜଲ୍ଟ କରୁଛନ୍ତି। ଏହା ତାଙ୍କୁ ଆତ୍ମସନ୍ତୋଷ ଦେଇଛି ବୋଲି ବିଶି କହିଛନ୍ତି।

**ଅରିଗାଁ ପ୍ରାଥମିକ ବିଦ୍ୟାଳୟ**

## ଦୁର୍ଘଟଣା ନେଲା ୨ଜୀବନ

**ବରଗଡ଼ ଅଫିସ୍/ଅତାବିରା,୫।୪**

ବରଗଡ଼ ଜିଲାରେ ମଙ୍ଗଳବାର ପୃଥକ ସଡ଼କ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ବରଗଡ଼-ଭଟଲି ରାସ୍ତାରେ ଟ୍ରାକ୍ଟର ଓ ଟ୍ରକ୍ ମଧ୍ୟରେ ଧକ୍କା ହେବାରୁ ଟ୍ରାକ୍ଟର ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବରଗଡ଼ ସହର ଉପକଣ୍ଠ ଖଳିଆପାଲିର ଭାସ୍କର ଧରୁଆ। ଟ୍ରକ୍ ଚାଳକ ବୁର୍ଲା ଥାନା ଲଡୁଖାଇ ବାସିନ୍ଦା ରମେଶ ଯାଦବ ଗୁରୁତର ହୋଇଛନ୍ତି। ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ବରଗଡ଼ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଛି। ସେହିପରି ସୋମବାର ବିଳମ୍ବିତ ରାତ୍ରିରେ ରେମଣ୍ଡା-ପତ୍ରାପାଲି ରାସ୍ତାରେ ଅନ୍ୟ ଏକ ଦୁର୍ଘଟଣା ଘଟିଛି। ଅତାବିରା ଥାନା ବାବେବିରା ଗ୍ରାମର ବିବେକାନନ୍ଦ ସ୍ୱାଇଁ ଭେଡ଼େନ ଥାନା ଦେଲୁଲବାରୁ ବାଇକ୍ ଯୋଗେ ଫେରିବା ବାଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ବାଇକ୍ କେନାଲ ରାସ୍ତାରେ ରହିଥିବା ଲୁହା ୱାଲ୍‌ରେ ପିଟି ହୋଇ କେନାଲ ଭିତରକୁ ପଶି ଯାଇଥିବା ଲୋକେ କହିଛନ୍ତି।

## କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା

**ଡୁଙ୍ଗୁରିପାଲି,୫।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା ସୁଲେଇ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ଗଣେଶ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାଥମିକ ବିଦ୍ୟାଳୟର ଚେୟାର ପର୍ସନ ପୁରୋତ୍ତମ ପଧାନ ଏଥିରେ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବରାଜ ପଣ୍ଡା ମୁଖ୍ୟବକ୍ତା ଓ ୱାର୍ଡସଭ୍ୟ ଦୂତିଆ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶୈକ୍ଷିକ ଉପକରଣ ଶିକ୍ଷାଦାନକୁ ଜୀବନ୍ତ କରିଥାଏ ବୋଲି କହିଥିଲେ। ଶିକ୍ଷକ ସୁରେଶ ସାହୁ, ସୁଧୀର ଗଡତିଆ, ଶଙ୍କର ପ୍ରସାଦ ଭୋଇ ବିଚାରକଭାବେ ଯୋଗଦେଇଥିଲେ। ପ୍ରଥମ, ଦ୍ୱିତୀୟ, ତୃତୀୟ ପୁରସ୍କାର ପାଇଁ ଯଥାକ୍ରମେ ଧାତୁକିପାଲି ପ୍ରାଥମିକ ବିଦ୍ୟାଳୟର ସୁହାନା ପଧାନ, ଗଜବନ୍ଧ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଦିବ୍ୟାସିନୀ ଭୋଇ ଓ ସୁଲେଇ ପ୍ରାଥମିକ ବିଦ୍ୟାଳୟର ଅଙ୍କିତ ବିଶ୍ୱାଳଙ୍କ ଶିକ୍ଷଣ ଉପକରଣଗୁଡ଼ିକୁ ବ୍ଲକ ପ୍ରଦର୍ଶନୀରେ ଭାଗନେବା ନିମନ୍ତେ ଚୟନ କରି ପୁରସ୍କୃତ କରାଯାଇଥିଲା।

# ୨ ଜରୁରୀ ସହାୟତା ଯାନର ଶୁଭାରମ୍ଭ

**ସୋନପୁର,୫।୪(ନି.ପ୍ର.)**



ଏସ୍‌ପି ଅମରେଶ କୁମାର ପଣ୍ଡା ଜରୁରୀ ସହାୟତା ଯାନର ଶୁଭାରମ୍ଭ କରୁଛନ୍ତି।

ସୁବର୍ଣ୍ଣପୁର ଜିଲାର ନାଗରିକମାନଙ୍କ ବିଭିନ୍ନ ପ୍ରକାର ଅସୁବିଧା ଏବେ ଏକ ସମନ୍ୱିତ ଢଙ୍ଗରେ ସମାଧାନ ହେବ। ପୋଲିସ, ଆମ୍ବୁଲାନ୍ସ କିମ୍ବା ଅଗ୍ନିଶମ ବିଭାଗର ସହାୟତା ପାଇଁ ଏବେ ଆଉ ଅଲଗା ଅଲଗା ନମ୍ବରକୁ ଫୋନ କରିବାକୁ ପଡିବ ନାହିଁ। ୧୧୨ ଡାଏଲ କଲେ ଏଣିକି ପହଞ୍ଚିବ ଜରୁରୀ ସହାୟତା ଯାନ। ଯାହା ବିଭିନ୍ନ ଜରୁରିକାଳୀନ ସେବା ଯୋଗାଇ ଦେବ। ଏହିକ୍ରମରେ ଓଡିଶା ପୋଲିସ ପକ୍ଷରୁ ସୁବର୍ଣ୍ଣପୁର ଜିଲାକୁ ପ୍ରଥମ ପର୍ଯ୍ୟାୟରେ ୨ଟି ଜରୁରୀ ସହାୟତା ଯାନ ଯୋଗାଇ ଦିଆଯାଇଛି। ଜିଲା ପୋଲିସ ମୁଖ୍ୟାଳୟରେ ଏସ୍‌ପି ଅମରେଶ କୁମାର ପଣ୍ଡା ମଙ୍ଗଳବାର ସବୁଜ ପତାକା ଦେଖାଇ ଏହି ସେବାର ଶୁଭାରମ୍ଭ କରିଛନ୍ତି। ଏସ୍‌ପି ପଣ୍ଡା କହିଥିଲେ ଯେ ସୋନପୁର ଥାନା ଓ ବୀରମହାରାଜପୁର ଥାନାକୁ ଗୋଟିଏ ଲେଖାଏ ଇଆରଭି(ଏମରଜେନ୍ସି ରେସ୍‌ପନ୍ସ ଭ୍ୟାନ) ଗାଡି ଯୋଗାଇ ଦିଆଯାଇଛି। ଅଧିକ ପ୍ରଭାବଶାଳୀ ଢଙ୍ଗରେ ପରିଚାଳନା କରିବା ପାଇଁ ଗାଡିରେ ଜିଆରଏସ ଓ ଡିପିଏସ ଭଳି ଆଧୁନିକ ବ୍ୟବସ୍ଥା ରହିଛି। ଏହି ନୂତନ ପ୍ରୟାସ ଦ୍ୱାରା ଅପରାଧ, ବିଶୃଙ୍ଖଳା କାର୍ଯ୍ୟ କିମ୍ବା ଦୁର୍ଘଟଣା ଭଳି ଜରୁରିକାଳୀନ ପରିସ୍ଥିତିରେ ଲୋକଙ୍କୁ ତୁରନ୍ତ ସହାୟତା ମିଳି ପାରିବ। କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପାଢୀ, ରିଜର୍ଭ ଇନିସପେକ୍ଟର ପ୍ରଦ୍ୟୁମ୍ନ ପଟେଲଙ୍କ ସମେତ ଜିଲା ପୋଲିସ ମୁଖ୍ୟାଳୟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ମୋ ଗାଁ ମୋ ପରିଚୟ ସର୍ବେକ୍ଷଣ ତାଲିମ

**ଅମରପାଲି,୫।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଚ୍ଛୁଣ୍ଡୀ ପଞ୍ଚାୟତର ଜନସେବା କେନ୍ଦ୍ରଠାରେ ୧୫ଟି ପଞ୍ଚାୟତର ଗ୍ରାମ୍ୟସ୍ତରୀୟ ଉଦ୍ୟୋଗୀଙ୍କୁ ନେଇ ମୋ ଗାଁ ମୋ ପରିଚୟ ସର୍ବେକ୍ଷଣ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭିଏଲଇ ରବୀନ୍ଦ୍ର ହୋତାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଏସସିଇ ଗଭର୍ଣ୍ଣାନ୍ସ ଜିଲା ସଂଯୋଜକ ରଜନୀ ରଞ୍ଜନ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଗ୍ରାମମାନଙ୍କରେ ଥିବା ବିଭିନ୍ନ ପ୍ରକାର ସାଧାରଣ ସୂଚନା, ପାରମ୍ପରିକ ଖାଦ୍ୟ, ପୋଷାକ, ଅଳଙ୍କାର, କଳା ଓ ହସ୍ତଶିଳ୍ପ, ପ୍ରାକୃତିକ ସ୍ଥାନ, ପର୍ବପର୍ବାଣୀ, ବ୍ୟକ୍ତିବିଶେଷ ଏବଂ କଳାକାରମାନଙ୍କ ସର୍ବେକ୍ଷଣ କାର୍ଯ୍ୟକ୍ରମ ମୋବାଇଲ ଆପ ମାଧ୍ୟମରେ ସଠିକ ଓ ନିର୍ଭୁଲ ଭାବେ ହୋଇ ପାରିବ ସେ ଉପରେ ସମ୍ପୂର୍ଣ୍ଣ ତାଲିମ ପ୍ରଦାନ କରାଯାଇଥିଲା।

## ମା ଲଙ୍କେଶ୍ୱରୀଙ୍କ ବାର୍ଷିକ ପୂଜା


ଶ୍ରଦ୍ଧାଳୁ ମାନେ ଡଙ୍ଗାରେ ମହାନଦୀ ଗର୍ଭରେ ଥିବା ଲଙ୍କେଶ୍ୱରୀ ପୀଠକୁ ଯାଉଛନ୍ତି।

**ସୋନପୁର,୫।୪(ନି.ପ୍ର.)**

ସୋନପୁର ସହର ମହାନଦୀ ଗଣ୍ଡରେ ପୂଜା ପାଉଥିବା ମା ଲଙ୍କେଶ୍ୱରୀଙ୍କ ବାର୍ଷିକ ପୂଜା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାଙ୍କ ନିକଟରେ ବିଶେଷ ପୂଜା ହୋଇଥିଲା। ଗଣ୍ଡ ଭିତର ଲଙ୍କେଶ୍ୱରୀ ପୀଠକୁ ଯିବା ଆସିବା ପାଇଁ ୫ଟି ଡଙ୍ଗାର ବ୍ୟବସ୍ଥା ହୋଇଥିଲା। ଶ୍ରଦ୍ଧାଳୁମାନେ ଚାପ ଡଙ୍ଗାରେ ପୀଠକୁ ଯାଇ ମାଙ୍କ ଦର୍ଶନ ସହ ମନୋସ୍କାମନା ପୂରଣ ପାଇଁ ପୂଜାର୍ଚ୍ଚନା କରିଥିଲେ। ବଳରାମ ନାଏକ ଓ ଚମ୍ପୁରୁ ନାଏକ ରୀତିନୀତି ଅନୁଯାୟୀ ମାଙ୍କ ପୂଜା କରିଥିଲେ। ପରେ ୭ ଜଣ ବାଳିକାଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ କଳସ ଶୋଭାଯାତ୍ରାରେ ବାହାରି ଥିଲେ। ଏହି କଳସ ଯାତ୍ରାରେ ତେନ୍ତୁଳିଘାଟ, ଗଡଭିତର, ଟିକିରିପଡା, ତରିଆପଡା, କୁମ୍ଭାରପଡା ଓ ତଳପଡାର ଶତାଧିକ କୈବର୍ତ୍ତ ଯୋଗ ଦେଇଥିଲେ। ଶ୍ରଦ୍ଧାଳୁ ମାନେ ଛତ୍ର ସହିତ ତେନ୍ତୁଳିଘାଟରୁ ବାହାରି ସୋନପୁର ସହର ପରିକ୍ରମା କରିଥିଲା। କୈବର୍ତ୍ତ ସମାଜ ପକ୍ଷରୁ ପ୍ରତି ୨ ବର୍ଷ ଅନ୍ତରରେ ଥରେ ମାଙ୍କ ବାର୍ଷିକ ପୂଜା କରାଯାଉଛି। ବାଳମୁକୁନ୍ଦ ସାହୁ, ସୁରେଶ ବେରିହା, ମାର୍କଣ୍ଡ ତରିଆ, ଗଙ୍ଗାଧର ତରିଆ ଓ ପବିତ୍ର ସାହୁଙ୍କ ସମେତ କୈବର୍ତ୍ତ ସମାଜ ପକ୍ଷରୁ ଏହି ଯାତ୍ରା ଆୟୋଜନ କରା ଯାଇଥିଲା। ପ୍ରାୟ ୨୫ ବର୍ଷ ଧରି ଏହି ଯାତ୍ରା ଆୟୋଜନ ହୋଇଆସୁଛି।

# ମାହେଶ୍ୱରୀ ସଂସ୍କୃତି ସବୁଠାରୁ ପ୍ରାଚୀନ

**ଅମରପାଲି,୫।୪(ଡି.ଏନ.ଏ)**

**ମାହେଶ୍ୱରୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ହିଲୁଙ୍ଗ ଗ୍ରାମରେ ମା ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଆୟୋଜିତ ମାହେଶ୍ୱରୀ ମହୋତ୍ସବର ମଙ୍ଗଳବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାର କାର୍ଯ୍ୟକ୍ରମରେ ପୂର୍ବତନ ଉଚ୍ଚଶିକ୍ଷା ପରାମର୍ଶଦାତା ଡ.ପ୍ରଫୁଲ୍ଲ କୁମାର ରଥ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ନାଟ୍ୟଶ୍ରୀ ଗଦାଧର ବାରିକ, ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ ଓ ବେଣୁଧର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାହେଶ୍ୱରୀ ସଂସ୍କୃତି ଓ ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ। ମାହେଶ୍ୱରୀ ସଂସ୍କୃତି ହେଉଛି ସବୁଠୁ ପ୍ରାଚୀନ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ବ୍ଲକ ଉପାଧକ୍ଷ ନାରାୟଣ ଲୁହା ସଭା ପରିଚାଳନା କରିଥିବାବେଳେ କମିଟିର ସମ୍ପାଦକ ଶେଷଦେବ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ମାହେଶ୍ୱରୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

# ପରିବେଶକୁ ଉପଯୋଗ କରିବା ଜରୁରୀ

**ସୋନପୁର, ୫।୪(ନି.ପ୍ର.)**

**ପୁନିତ ସାଗର ମହାଅଭିଯାନରେ ଏନସିସି ସ୍ୱେଚ୍ଛାସେବୀ ସାମିଲ**



କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଓ ଅତିଥି ବୃନ୍ଦ।

ଜାତୀୟ ପୁନିତ ସାଗର ଅଭିଯାନ ଅବସରରେ ସୋନପୁର ସହରସ୍ଥିତ ତ୍ରିବେଣୀ ସଙ୍ଗମକୁ ମଙ୍ଗଳବାର ଏନସିସି ସ୍ୱେଚ୍ଛାସେବୀମାନେ ସଫା କରିଛନ୍ତି। ରାମେଶ୍ୱର ମନ୍ଦିର ପ୍ରାଙ୍ଗଣ, ଗାଧୁଆ ଘାଟ, ମନ୍ଦିର ବେଢ଼ା, ଶ୍ମଶାନ ରାସ୍ତା ସବୁକୁ ସଫା କରାଯାଇଛି। ନଦୀକୂଳ ତଥା ସମଗ୍ର ପରିବେଶର ସୁରକ୍ଷା ପାଇଁ ମହାନଦୀ ଓ ତେଲନଦୀର ମିଳନ ସ୍ଥଳୀଠାରେ ଏକଜୁଟ ହୋଇଥିଲେ ସୋନପୁର କଲେଜ, ମହାରାଜା ହାଇସ୍କୁଲ ଏନସିସି ସ୍ୱେଚ୍ଛାସେବୀ ଓ ସୋନପୁର-ମନମୁଣ୍ଡା ସ୍ୱଚ୍ଛଭାରତ ଅନୁଷ୍ଠାନର ସ୍ୱେଚ୍ଛାସେବୀ ବୃନ୍ଦ। ଏହି ଅଭିଯାନକୁ ସୁବର୍ଣ୍ଣପୁରର ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଶୁଭାରମ୍ଭ କରିଥିଲେ। ସ୍ୱଚ୍ଛତା ଯେଉଁଠି ଭଗବାନ ସେଇଠି ବାସ କରନ୍ତି ବୋଲି ମତ ରଖି ପରିବେଶକୁ ଉପଭୋଗ କରିବାଠାରୁ ଅଧିକ ଉପଯୋଗ କରିବା ଜରୁରୀ ବୋଲି କହିଥିଲେ। ବାୟୁ, ଅଗ୍ନି, ଆକାଶ ପରି ସମଗ୍ର ପଞ୍ଚଭୂତକୁ ଶୁଦ୍ଧ ରଖିବା ଓ ଏକ ସୁସ୍ଥ ସମାଜ ପାଇଁ ଗାଁ ଗାଁରେ ଏ ସଚେତନତା ବାର୍ତ୍ତା ପହଞ୍ଚାଇବାକୁ ହେବ। କିନ୍ତୁ ଏଥିପାଇଁ ପ୍ରଶାସନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଜନସାଧାରଣଙ୍କ ଦୃଢ଼ ଇଚ୍ଛାଶକ୍ତି ଓ ମିଳିତ ପ୍ରୟାସ ଜରୁରୀ ବୋଲି ଦାଶ କହିଥିଲେ। ଦିନକୁ ଦିନ ଜଳ ପ୍ରଦୂଷଣ ଓ ପ୍ଲାଷ୍ଟିକର ବ୍ୟବହାର ବଢୁଥିବାରୁ ଏହାକୁ ନିୟନ୍ତ୍ରଣ ଏବଂ ଦେଶରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏନସିସି ଗୃହ ବିଭାଗ ଡାଇରେକ୍ଟର ଜେନେରାଲଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟ ଦେଶର ନଦୀ ଓ ସମୁଦ୍ର କୂଳମାନଙ୍କରେ ଆୟୋଜିତ ହୋଇଥିଲା ବୋଲି କାମାଣ୍ଡିଙ୍ଗ ଅଫିସର ରଞ୍ଜନ ଚକ୍ରବର୍ତ୍ତୀ କହିଥିଲେ। ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ପୌରାଧକ୍ଷ ପ୍ରକାଶ ସାହୁ, ଡାକ୍ତର ଆବାସ ବାବୁ ଓ ପୋଲିସ ଆରଆଇ ପ୍ରଦ୍ୟୁମ୍ନ କୁମାର ପଟେଲ ଯୋଗ ଦେଇ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ଏନସିସି ଲେଫ୍ଟନେଣ୍ଟ ଆଶିଷ ଅଗ୍ରୱାଲ କାର୍ଯ୍ୟକ୍ରମକୁ ସଂଯୋଜନା, ସ୍ୱଚ୍ଛଭାରତର ରଞ୍ଜନ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ । ରକ୍ତଦାତା ସଂଘ ଉଦ୍ୟୋକ୍ତା ମନୋଜ ପଣ୍ଡା, ମହାରାଜା ହାଇସ୍କୁଲ ଏନସିସି ଶିକ୍ଷକ ଆଶିଷ ରଥ, ସ୍ୱଚ୍ଛ ଭାରତ ସଭ୍ୟ ଗରିବ ଲୋଇ, ପ୍ରମୋଦ ସାହୁ, ଓ ନାରାୟଣ ରଥ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମଦବିକ୍ରି ବିରୋଧରେ ଜିଲାପାଳଙ୍କୁ ଫେରାଦ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ଅନ୍ତର୍ଗତ ସାନଟିକା ଗ୍ରାମର ବସ୍ତିରେ ଅବାଧରେ ମଦବିକ୍ରି ଚାଲିଛି। ଏ ନେଇ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ବସ୍ତିରେ ଥିବା ଏକ ତେଜରାଜି ଦୋକାନରେ ଜଣେ ବ୍ୟକ୍ତି ମଦବିକ୍ରି କରୁଛନ୍ତି। ବାରଣ କଲେ ବି ସେ ଏଥିପ୍ରତି କର୍ଣ୍ଣପାତ କରୁ ନାହାନ୍ତି। ଏ ନେଇ ପଞ୍ଚାୟତ ପ୍ରତିନିଧି ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ। ହେଲେ ସୁଫଳ ମିଳିଲା ନାହିଁ। ପୋଲିସ ଓ ଅବକାରୀ ବିଭାଗ ପ୍ରୋତ୍ସାହନରେ ମଦବିକ୍ରି ଚାଲିଥିବା ସେମାନେ ଜିଲାପାଳଙ୍କୁ କହିଛନ୍ତି।

# ବିକଳ୍ପ ସ୍ଥାନ ଖୋଜୁନି ପ୍ରଶାସନ

**ଲୋଇସିଂହା,୫।୪(ଡି.ଏନ.ଏ)**


ଓଭରହେଡ ଟାଙ୍କି ପାଇଁ ଖୋଳାଯାଇଥିବା ଗାତ।

- ବିରୋଧ ପରେ ଓଭରହେଡ ଟାଙ୍କି କାମ ବନ୍ଦ
- ଅନିଶ୍ଚିତତା ମଧ୍ୟରେ ଜଳ ପ୍ରକଳ୍ପ
- ଗ୍ରୀଷ୍ମ ପ୍ରବାହ ସହ ବୁରୋମୁଣ୍ଡାରେ ବଢୁଛି ଜଳକଷ୍ଟ

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଲିଉଡାର ପଞ୍ଚାୟତ ଅନ୍ତର୍ଗତ ବୁରୋମୁଣ୍ଡା ଗ୍ରାମକୁ ପାଇପ ଜଳ ଯୋଗାଣ ପାଇଁ ଗାଁ ସ୍କୁଲ ପଛପଟ ଜମିରେ ଓଭରହେଡ ଟ୍ୟାଙ୍କ ନିର୍ମାଣ ଆରମ୍ଭ ହୋଇଥିଲା। ହେଲେ ସ୍କୁଲ ଜମି କହି କେତେକ ବିରୋଧ କରିବାରୁ ଏବେ ପ୍ରକଳ୍ପ କାମ ବନ୍ଦ ରହିଛି । ଏପରିକି ଗାଁରେ ସରକାରୀ ଜମି ରହିଛି । ହେଲେ ପ୍ରଶାସନର ଆନ୍ତରିକତା ଅଭାବରୁ ପ୍ରକଳ୍ପ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି।

୪ୱାର୍ଡ ବିଶିଷ୍ଟ ବୁରୋମୁଣ୍ଡା ଗାଁରେ ୩ଶହରୁ ଉର୍ଦ୍ଧ୍ୱ ପରିବାର ବାସ କରନ୍ତି। ଜନସଂଖ୍ୟା ୨ ହଜାରରୁ ଉର୍ଦ୍ଧ୍ୱ। ଗ୍ରାମରେ ଥିବା ନଳକୂପ ମଧ୍ୟରୁ ମାତ୍ର ୨ଟି ନଳକୂପର ପାଣି ପିଇବା ଉପଯୋଗୀ। ଏହି ସମସ୍ୟାକୁ ଉପଲବ୍ଧି କରି ଗ୍ରାମର ମସ୍ତରା କଟାଁରେ କୂଅ ଖୋଳାଯାଇଛି। ସେଠାରେ ମୋଟର ଓ ଟ୍ରାନ୍ସଫର୍ମର ବସାଯାଇ ଜଳଯୋଗାଣ କରାଯାଉଛି। ହେଲେ ଗ୍ରାମର ସବୁଭାଗରେ ପାଣି ପହଞ୍ଚିବା ଲକ୍ଷ୍ୟରେ ୨୦୨୦-୨୧ ଆର୍ଥିକ ବର୍ଷରେ ୯୦ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳରେ ଏକ ଓଭରହେଡ ଟ୍ୟାଙ୍କ ନିର୍ମାଣର ବ୍ୟବସ୍ଥା କରାଯାଇଥିଲା। ସ୍କୁଲ କର୍ତ୍ତୃପକ୍ଷ ଏବଂ ଗ୍ରାମବାସୀଙ୍କ ସହମତିରେ ସ୍କୁଲ ପଛପଟ ଜମିରେ ଓଭରହେଡ ଟ୍ୟାଙ୍କ ପାଇଁ ଗାତ ଖୋଳା ଆରମ୍ଭ ହୋଇଥିଲା । ହେଲେ ପରବର୍ତ୍ତୀ ସମୟରେ ସ୍କୁଲର ପ୍ରଧାନଶିକ୍ଷକ କାମକୁ ବାରଣ କରିଥିଲେ। ଏଥିଯୋଗୁ ଏବେ କାମ ବନ୍ଦ ରହିଛି। ଗାଁରେ ଥିବା ଅନ୍ୟ ସରକାରୀ ଜମି ଚିହ୍ନଟ କରି ପ୍ରକଳ୍ପ କରିବାକୁ ଗ୍ରାମବାସୀ ପ୍ରଶାସନକୁ ନିବେଦନ କରିଛନ୍ତି। ହେଲେ ପ୍ରଶାସନିକ ସ୍ଥାଣୁତା ଯୋଗୁ ଜାଗା ଚିହ୍ନଟ ହୋଇ ପାରିନାହିଁ। ଓଭରହେଡ ଟ୍ୟାଙ୍କ କାମର ଅଗ୍ରଗତି ନେଇ ସୋମବାର ବ୍ଲକ ମିଟିଂରେ ଅବଗତ କରିଛୁ ବୋଲି ସରପଞ୍ଚ ଦୀପାଞ୍ଜଳି ସାଏ ଓ ନାଏବ ସରପଞ୍ଚ ସୋମନାଥ ପଟେଲ କହିଛନ୍ତି। ଏହାବାଦ ଅଚଳ ପଡିଥିବା ୧୦ରୁ ଅଧିକ ନଳକୂପ ସଜାଡିବା ପାଇଁ ପଞ୍ଚାୟତରେ ପାଣ୍ଠି ନାହିଁ। ନୂଆ କିମ୍ବା ପୁରୁଣା ନଳକୂପ ସାମଗ୍ରୀ ମଧ୍ୟ ପଞ୍ଚାୟତରେ ନାହିଁ। ୪ଲକ୍ଷ ଟଙ୍କା ବକେୟା ବିଦ୍ୟୁତ୍ ବିଲ ଅଛି ବୋଲି ସେମାନେ କହିଛନ୍ତି। ଜିଲା ପ୍ରଶାସନ ଏ ନେଇ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଭତ୍ତା ପାଇନାହାନ୍ତି ୪୨ ହିତାଧିକାରୀ

**ଲାଠୋର,୫।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତର ୪୨ଜଣ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ୨୦୨୧ନଭେମ୍ବରରୁ ୧୯ଜଣ ବୃଦ୍ଧାବୃଦ୍ଧ, ୨୦ଜଣ ବିଧବା ଏବଂ ୩ଜଣ ଦିବ୍ୟାଙ୍ଗ ଭତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ହେଲେ ଆଜି ଯାଏ ସେମାନଙ୍କୁ ଭତ୍ତା ପ୍ରଦାନ କରାଯାଇନାହିଁ। ପଞ୍ଚାୟତ ଅଫିସରୁ ବ୍ଲକ ଅଫିସ ପର୍ଯ୍ୟନ୍ତ ଦୌଡି ନୟାନ୍ତ ହେଲେ ମଧ କୌଣସି ସୁଫଳ ମିଳିନାହିଁ। ଏନେଇ ବିଡ଼ିଓ ରଶ୍ମିରଞ୍ଜନ ରାଉତଙ୍କୁ ପଚାରିବାରୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନିର୍ବାଚନ ଆଚରଣ ବିଧି ଲାଗୁ ଥିବାରୁ ଭତ୍ତା ପ୍ରଦାନରେ ବିଳମ୍ବ ହୋଇଛି। ଖୁବ୍‌ଶୀଘ୍ର ଯୋଗ୍ୟ ହିତାଧିକାରୀଙ୍କୁ ଏରିଅର ସହ ଭତ୍ତା ପ୍ରଦାନ କରାଯିବ ବୋଲି କହିଛନ୍ତି।

### ସିଡିପିଓଙ୍କୁ ଭେଟିଲେ ଅଙ୍ଗନୱାଡି କର୍ମୀ

**ଲୋଇସିଂହା,୫।୪(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ ସିଡିପିଓ ପ୍ରଜ୍ଞା ବାରିକଙ୍କୁ ମଙ୍ଗଳବାର ଫେରାଦ ହୋଇଛନ୍ତି। ସଂଘ ସଭାନେତ୍ରୀ ଯାଜ୍ଞସିନୀ କୁମ୍ଭାର ଓ ସମ୍ପାଦିକା ଚଞ୍ଚଳା ମହାଲିଙ୍ଗଙ୍କ ନେତୃତ୍ୱରେ କର୍ମୀମାନେ ସିଡିପିଓଙ୍କୁ ଭେଟି ସରକାର କାର୍ଯ୍ୟକାରୀ କରିଥିବା ସୋପାନ କାର୍ଯ୍ୟକ୍ରମକୁ କେନ୍ଦ୍ରରେ ଲାଗୁ ନ କରିବାକୁ ଲିଖିତ ଭାବେ ଜଣାଇଛନ୍ତି। ସରକାର ଅଙ୍ଗନବାଡି କେନ୍ଦ୍ର ଜରିଆରେ ଗର୍ଭବତୀ ଓ ପ୍ରସୂତିଙ୍କୁ ପୁଷ୍ଟିକର ଓ ପରିପୂରକ ରନ୍ଧାଖାଦ୍ୟ ଯୋଗାଇବା ପାଇଁ ସୋପାନ କାର୍ଯ୍ୟକ୍ରମ ହତାକୁ ନେଇଛନ୍ତି। ହେଲେ ଦରଦାମ ବୃଦ୍ଧି ଏବଂ ସରକାରୀ ଅଙ୍ଗନବାଡି କର୍ମୀଙ୍କୁ ଅଣଦେଖା କରୁଥିବାରୁ ରାଜ୍ୟସଂଘର ନିଷ୍ପତ୍ତିକ୍ରମେ ଉକ୍ତ କାର୍ଯ୍ୟକ୍ରମକୁ ବାରଣ କରାଯାଉଥିବା ଦାବିପତ୍ରରେ ଦର୍ଶାଯାଇଛି। ସରକାର ସଂଘ ସହ ଆଲୋଚନା ନକରିବା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ହତାକୁ ନିଆଯିବ ନାହିଁ। ଆସନ୍ତା ୭ ତାରିଖରେ ବଲାଙ୍ଗୀରରେ ସଂଘ ପକ୍ଷରୁ ରାଲି କରାଯିବ ବୋଲି ସେମାନେ ଉଲ୍ଲେଖ କରିଛନ୍ତି।

### କେନାଲ ଗେଟ୍ ଚୋରି, ୨ ଗିରଫ

**ଟିଟିଲାଗଡ଼,୫।୪(ଡି.ଏନ.ଏ):** ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଜଳସେଚନ ପ୍ରକଳ୍ପର ବିଭିନ୍ନ କେନାଲରୁ ଗେଟ ସବୁ ଚୋରି ହୋଇଯାଉଥିବା ଅଭିଯୋଗ ହୋଇଛି। ଦାୟିତ୍ୱରେ ଥିବା ସାଲେଭଟା ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ମହେଶ ପ୍ରସାଦ ପଣ୍ଡା ଟିଟିଲାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବ୍ଲକ ଅନ୍ତର୍ଗତ ତୁର୍ଲା ସବ୍ ମାଇନର-୧ ସିରୁଲ ମୁଖ୍ୟ କେନାଲରୁ ହେଡ ରେଗୁଲେଟର ଗେଟ, ସ୍କ୍ରିଉ,ସଟର, ଚ୍ୟାନେଲ, ଗିୟର ବକ୍ସ ଚୋରି ହୋଇଛି। ସେହିପରି ଚିତାଲୋଲ ମାଇନରୁ ଗିୟର ବକ୍ସ, ଚ୍ୟାନେଲ, ନଟବୋଲ୍ଟ କେହି ଦୁର୍ବୃତ୍ତ ଚୋରି କରିନେଇଛି। ଚୋରି ପଛରେ ବଡ ର୍‌ୟାକେଟ କାର୍ଯ୍ୟ କରି ଅନେକ ଗେଟ ଚୋରି ହୋଇସାରିଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ଦୁଇ ଚୋରଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ଉକ୍ତ ଦୁଇ ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ରଞ୍ଜନ ବରିହା କହିଛନ୍ତି।

### ଅଜିତ କରଙ୍କୁ ଡକ୍ଟର ଅଫ୍ ଅଷ୍ଟ୍ରୋଲୋଜି, ସ୍ୱର୍ଣ୍ଣପଦକ

**ବେଲପଡା,୫।୪(ଡି.ଏନ.ଏ):** ବେଲପଡା ବ୍ଲକ କାନୁଟର ପଣ୍ଡିତ ଅଜିତ କରଙ୍କୁ ବାରଣାସୀର ବିଦ୍ୟାନଗରୀଠାରେ ଭେଦିକ ଇଣ୍ଡଷ୍ଟ୍ରିଜ ଅପ ଭେଦିକ ସାଇନ୍ସ ତରଫରୁ ଡକ୍ଟର ଅପ ଆଷ୍ଟ୍ରୋଲୋଜି ସମ୍ମାନରେ ସମ୍ମାନୀତ କାରୟାଇଛି। ସେଠାରେ ଅନୁଷ୍ଠିତ ପଞ୍ଚମ ଆନ୍ତର୍ଜାତିକ ଜ୍ୟୋତିଷ ସମ୍ମିଳନୀରେ ଜ୍ୟୋତିଷ ବିଦ୍ୟାରେ ଡକ୍ଟରେଟ ସହ ସ୍ୱର୍ଣ୍ଣ ପଦକରେ ବିଭୂଷିତ କରାଯାଇଛି।

### ବେଲପଡ଼ାରେ ଖୋଲିବ ଜେଏମ୍‌ଏଫ୍‌ସି

**ବେଲପଡା,୫।୪(ଡି.ଏନ.ଏ):** ବଲାଙ୍ଗୀର ଜିଲା ବେଲପଡାଠାରେ ଜେଏମଏଫସି ଆରମ୍ଭ ହେବାକୁ ଯାଉଛି। ଜିଲାଜଜ୍ ଲୋକନାଥ ମହାପାତ୍ର ବେଲପଡା ଆସି ପ୍ରସ୍ତାବିତ କୋର୍ଟ ଏରିଆ ପରିଦର୍ଶନ କରିଛନ୍ତି। ବେଲପଡାରେ ନୂତନ କୋର୍ଟ ବିଲ୍ଡିଂ ନିର୍ମାଣ ହେବା ପର୍ଯ୍ୟନ୍ତ ବେଲପଡା ରାଜସ୍ୱ ବଙ୍ଗଳାରେ କୋର୍ଟ କାମ ଚାଲୁ ରଖିବା ପାଇଁ ଆତିଶୀଘ୍ର ମରାମତି କରିବା ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ଜିଲା ଜଜ କହିଥିଲେ। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ହରିଶ ବୁଡେକ, ପୂର୍ବତନ ସମିତି ସଭ୍ୟ ଆଲୋକ ବେହେରା, ନାରରିକ କମିଟିର ବୀରବଲ ପ୍ରସାଦ ଜୈନ, ମଧୁସୂଦନ ଦାଶ, ବଣିକ ସଂଘ ସମ୍ପାଦକ ପୃଥ୍ୱୀରାଜ ଅଗ୍ରୱାଲ, ବେଲପଡା ଓକିଲ ସଂଘ କର୍ମକର୍ତ୍ତା ଜିଲାଜଜ୍ ମହାପାତ୍ରଙ୍କୁ ଭେଟିଥିଲେ।

# ବଲାଙ୍ଗୀରର ପ୍ରଶାନ୍ତ ଦାଶଙ୍କୁ ସ୍ୱର୍ଣ୍ଣପଦକ


ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ବଲାଙ୍ଗୀରର ସ୍ୱର୍ଣ୍ଣପଦକ ବିଜେତା ପ୍ରଶାନ୍ତ ଦାଶ।

**ବଲାଙ୍ଗୀର ଅଫିସ, ୫।୪**

**ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା**

ବଲାଙ୍ଗୀର କୋଶଳ କଳା ମଣ୍ଡଳ ପଡିଆରେ ଦୁଇଦିନ ଧରି ଚାଲିଥିବା ୧୯ତମ ଯୁଧିଷ୍ଠିର ମିଶ୍ର ସିନିୟର ବଡି ବିଲଡିଂ ଚାମ୍ପିୟନଶିପ୍ (ମିଷ୍ଟର ଓଡିଶା-୨୦୨୨) ଉଦ୍‌ଯାପିତ ହୋଇଯାଇଛି। ୧୪ଟି ଓଜନ ବର୍ଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପୁରୁଷ ବଡିବିଲଡିଂ ସହ ଉଭୟ ପୁରୁଷ ଓ ମହିଳା ବର୍ଗରେ ଫିଜିକ୍ ଫିଟନେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜିଲା ଆମେଚର ବଡି ବିଲଡିଂ ଦ୍ୱାରା ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବଲାଙ୍ଗୀରର ରାମଚନ୍ଦ୍ର ଖର୍ସେଲ ୬୫କେଜି ବର୍ଗରେ ରୌପ୍ୟ ପଦକ, ପ୍ରଶାନ୍ତ ଦାଶ ୭୦ କେଜି ବର୍ଗରେ ସ୍ୱର୍ଣ୍ଣ ଓ ସଂଗ୍ରାମ ମୁଣ୍ଡା ୮୦କେଜି ବର୍ଗରେ କାଂସ୍ୟ ପଦକ ଅର୍ଜନ କରିଥିଲେ। ଅଧକ୍ଷ ଅମରେନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଓ ଜିଲା ସମ୍ପାଦକ ସଞ୍ଜୟ ଶତପଥୀଙ୍କ ଆବାହକତ୍ୱରେ ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ, ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ବଢେଇ ଅତିଥିଭାବେ ଯୋଗ ଦେଇଥିଲେ। ଏହି କ୍ରୀଡା ସମାରୋହକୁ ଆୟୋଜକ କମିଟି ଉପସଭାପତି ସମରେନ୍ଦ୍ର ପରିଚ୍ଛା, କୋଷାଧ୍ୟକ୍ଷ ରୂପକ ବରାଳ, ବିଡିଜିଏ ହେଲ୍‌ଥ କ୍ଲବ ସମ୍ପାଦକ ସଂଗ୍ରାମ ବହିଦାର, ପ୍ରମୋଦ ରଥ, ସନ୍ତକ ବହିଦାର, ଅନୀଲ ନାଏକ, ଜିତେନ୍ଦ୍ର ନାଗ, ଶୁଭମ୍ ଦର୍ଜୀ ଓ ବିଙ୍ଗ୍ ଷ୍ଟ୍ରିଙ୍ଗ ଫିଟନେସର ସମସ୍ତ ସଭ୍ୟ ପରିଚାଳନା କରିଥିଲେ ।

# ଭାଜପା ନଦୀ ସୁରକ୍ଷା ସମିତି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର


ଭାଜପା ନଦୀ ସୁରକ୍ଷା ସମିତି କର୍ମକର୍ତ୍ତା।

**ଭବାନୀପାଟଣା,୫।୪(ସ୍ୱ.ପ୍ର.)**

ସାରା ରାଜ୍ୟରେ ଚାଲୁଥିବା ବେଧଡକ ବେଆଇନ ବାଲିଚାଲାଣ ଉପରେ ରୋକ୍, ବାଲି ମାଫିଆଙ୍କ ଗୁଣ୍ଡାରାଜ ଉପରେ ଅଙ୍କୁଶ ତଥା ରାଜ୍ୟରେ ନଦୀଗୁଡ଼ିକର ସୁରକ୍ଷା ଦାବି ନେଇ ମଙ୍ଗଳବାର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଭାଜପା ନଦୀ ସୁରକ୍ଷା ସମିତି ପକ୍ଷରୁ କଳାହାଣ୍ଡି ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବାଲି ଚୋରାଚାଲାଣ ଯୋଗୁ ରାଜ୍ୟରେ ବାର୍ଷିକ ୧୪ ହଜାର କୋଟି ଟଙ୍କା ରାଜସ୍ୱ ହାନୀ ହେଉଥିବା ବେଳେ ଅନିୟନ୍ତ୍ରୀତ ବାଲି ଉଠାଣ ପାଇଁ ନଦୀର ଜଳ ଧାରଣା କ୍ଷମତା ହ୍ରାସ ପାଇବା ସହ ଗତିପଥ ପ୍ରଭାବିତ ହେଉଛି। ତେଣୁ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଭାଜପା ନଦୀ ସୁରକ୍ଷା ସମିତି ସଭାପତି କେଶରୀ ଦୁର୍ଗାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭବେନ୍ଦ୍ର ପଣ୍ଡା, ଜୟଶଙ୍କର ନାଏକ, ମନୋଜ ସାହୁ, ସନ୍ତୋଷ ବିଷି, ବିଜୟଦେବ ସାହୁ, ପ୍ରେମନାଥ ନାଏକ, ଅକୃର ନାଏକ, ଭଣ୍ଡେଶ୍ୱର ମହାପାତ୍ର, ନରହରି ପଟ୍ଟନାୟକ, ମୁରଲୀ ସେଠି, ବିଭିଷଣ ନାଏକ, ମହେନ୍ଦ୍ର ନାଏକ, ଜୟରାମ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଟିଏ ଦିନରେ ୨ ପୃଥକ୍ ଆତ୍ମହତ୍ୟା

**ଖଡିଆଳ,୫।୪(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ଥାନା ଅଞ୍ଚଳରେ ସୋମବାର ୨ଟି ପୃଥକ ଆତ୍ମହତ୍ୟା ଘଟଣା ଘଟିଛି। ମୃତକ ଦ୍ୱୟ ହେଲେ ଏହି ଥାନା ଅଞ୍ଚଳ ଚନାବେଡା ଗାଁର କବିରାଜ ବେହେରା (୪୦) ଏବଂ ବରଗାଁ ଶବରପଡାର ବିଳାସିନୀ ଶବର (୨୬)। ଖବର ପାଇ ଖଡିଆଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ପୃଥକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁସାରେ ଖଡିଆଳ ଥାନା ଚନାବେଡା ଗାଁର ଏକ ଆଖୁବାଡିରେ ଟେଣ୍ଡା କୁଅଁରେ ବେକରେ ରଶି ଲଗାଇ କବିରାଜ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡି ନ ଥିବା ବେଳେ ଖଡିଆଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ସେହିପରି ଅନ୍ୟ ଏକ ଘଟଣାକ୍ରମରେ ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳକୁ କେନ୍ଦ୍ର କରି ସ୍ତ୍ରୀ ବିଳାସିନୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଅନେକ ସମୟରେ ସ୍ତ୍ରୀଙ୍କ ଚରିତ୍ରକୁ ସ୍ୱାମୀ ରୋହିତ ଶବର ସନ୍ଦେହ କରୁଥିଲେ। ଏହାକୁ ସନ୍ଦେହ କରି ଦୁହିଁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ବିଳାସିନୀ ଉତ୍ତ୍ୟକ୍ତ ହୋଇ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଖବର ପାଇ ମାଜିଷ୍ଟ୍ରେଟ ଦାୟିତ୍ୱରେ ଅତିରିକ୍ତ ତହସିଲଦାର ଭୁପିନ୍ଦର ସିଂଙ୍କ ସମେତ ଖଡିଆଳ ଏସଡିପିଓ ସନ୍ତକ ଜେନା, ଆଇଆଇସି ଅନିରୁଦ୍ଧ ମୁଦୁଲୀ ସଦଳବଳେ ପହଞ୍ଚି ମୃତଦେହ ଜବତ କରିଛି। ସ୍ୱାମୀ ରୋହିତ ଶବରଙ୍କୁ ଗିରଫ କରି ପୋଲିସ ତଦନ୍ତ ଜାରି ରଖିଛି।

# ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ୭୦ପ୍ରକଳ୍ପ


ଦେଓଗାଁ ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି।

**ଦେଓଗାଁ, ୫।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲଠାରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜ୍ଞାନ ସଂଯୋଜକ ବିଭୂତି ଭୂଷଣ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ମେଳାରେ ୨୮ଟି ହାଇସ୍କୁଲ ଓ ୬ଟି ପ୍ରାଥମିକ ବିଦ୍ୟାଳୟର ମୋଟ ୭୦ ପ୍ରକଳ୍ପ ମେଳାରେ ପ୍ରଦର୍ଶିତ ହୋଇଥିଲା । ଏଥିମଧ୍ୟରୁ ଆଦର୍ଶ ବିଦ୍ୟାଳୟ ଦେଓଗାଁର ପ୍ରିୟମ୍ବଦା ମେହେରଙ୍କ ଅଟୋମେଟିକ ଫ୍ଲୋଏଟିଂ ୱେଷ୍ଟ କଲେକ୍ଟର, ବନ୍ଧପାଲି ହାଇସ୍କୁଲର ଚନ୍ଦ୍ରମା ବିଶ୍ୱାଳଙ୍କ ଅଟୋମେଟିକ ହେଣ୍ଡ ସାନିଟାଇଜର, ଜରାସିଂହା ନେତ୍ରଭାନୁ ହାଇସ୍କୁଲର ଗଣେଷ ମେହେରଙ୍କ ଏ ଟୁ ଜେଡ କାରିଗର, ଦେଓଗାଁ ହାଇସ୍କୁଲର ସୋନମ ଦେବ ସାହୁଙ୍କ ଗତିଶୀଳ ଯାନର ସୁରକ୍ଷା କବଚ ଓ ଅର୍ଜୁନପୁର ହାଇସ୍କୁଲର କରିନା ରଣାଙ୍କ ଫ୍ଲଡ ରେସିଡେନ୍ସ ହାଉସ ଆଦି ଛଅଟି ପ୍ରକଳ୍ପକୁ ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ କରାଯାଇଥିଲା। ବ୍ଲକସ୍ତରରେ ୧୨ଟି ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା । ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତିଅଧ୍ୟକ୍ଷ ଦୟାନିଧି ଖମାରୀ, ମୁଖ୍ୟବକ୍ତା ଏବିଇଓ ଅଜିତ ମିଶ୍ର, ସମ୍ମାନୀତ ଅତିଥି ଏବିଇଓ ଅଜିତ କୁମାର ସାହୁ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଅମ୍ବରିଶ ଭୋଇ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଜ୍ଞାନ ଶିକ୍ଷକ ଆନନ୍ଦ କୁମାର ସାହୁ ଓ ଘନଶ୍ୟାମ ଦଣ୍ଡସେନା ବିଚାରକଭାବେ ଯୋଗଦେଇଥିଲେ। କୁଶଙ୍ଗ ହାଇସ୍କୁଲ ପ୍ରଧାନଶିକ୍ଷକ ଭୋଲାନାଥ ପର୍ଡିଆ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ।

# ବିଭିନ୍ନ ସମସ୍ୟା ନେଇ ଉପାଧ୍ୟକ୍ଷାଙ୍କ ସହ ଆଲୋଚନା

**କେସିଙ୍ଗା,୫।୪(ଡି.ଏନ.ଏ.)**


ଭାଇସ ଚେୟାରମ୍ୟାନ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ନବନିର୍ବାଚିତ ଭାଇସ ଚେୟାରମ୍ୟାନ ରାଜଲକ୍ଷ୍ମୀ ପଟ୍ଟନାୟକ ମଙ୍ଗଳବାର ଦେଓଗାଁ ଗ୍ରାମପଞ୍ଚାୟତ ମାଟିଆ ଗ୍ରାମ ପରିଦର୍ଶନରେ ଯାଇଥିଲେ। ଉକ୍ତ ଗ୍ରାମର ଭଦ୍ରବ୍ୟକ୍ତିଙ୍କ ସହ ରାସ୍ତାଘାଟ, ପାନୀୟଜଳ ସମସ୍ୟା, ବିଧବା ଭତ୍ତା, ମଧୁବାବୁ ପେନସନ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଏମ୍‌ଜିଏନ୍‌ଆରଇଜିଏସ୍, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହି ସବୁ ସମସ୍ୟା ନେଇ ପଞ୍ଚାୟତ ସମିତି ମିଟିଂ ପ୍ରସ୍ତାବ ଆଗତ କରି ସମସ୍ୟା ସମାଧାନ କରିବା ପାଇଁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ଭାଇସ ଚେୟାରମ୍ୟାନ ରାଜଲକ୍ଷ୍ମୀ ପଟ୍ଟନାୟକଙ୍କୁ ପଚାରିବାରୁ ମୁଁ ଜନସେବା ପାଇଁ ରାଜନୈତିରେ ଓହ୍ଲାଇଛି, ଲୋକଙ୍କ ସେବା ଓ ସମସ୍ୟା ପ୍ରତି ପ୍ରଥମେ ଦୃଷ୍ଟି ଦେବି ବୋଲି ପ୍ରକାଶ କରିଛନ୍ତି।

# ବେକାର ଯୁବକ ସଂଗ୍ରାମ କମିଟି ପକ୍ଷରୁ ଦାବିପତ୍ର

**ଭବାନୀପାଟଣା,୫।୪(ସ୍ୱ.ପ୍ର.)**

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ଖାଲି ପଡିଥିବା ପଦବୀରେ ସ୍ଥାୟୀ ଭିତ୍ତିରେ ନିଯୁକ୍ତି ଦେବା, ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ ଓ ସାମ୍ପ୍ରଦାୟୀକରଣ ବନ୍ଦ କରିବା ଆଦି ଦାବି ନେଇ ମଙ୍ଗଳବାର ବେକାର ଯୁବକ ସଂଗ୍ରାମ କମିଟି ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ଉପସ୍ଥିତ ନ ଥିବାରୁ ଦାବିପତ୍ର ଭବାନୀପାଟଣା ଉପଜିଲାପାଳ ସୁଶାନ୍ତ ପଟେଲ ଗ୍ରହଣ କରିଥିଲେ। କଳାହାଣ୍ଡି ଜିଲାରେ ବିଦ୍ୟାଳୟଗୁଡ଼ିକରେ ଖାଲିପଡିଥିବା ଶିକ୍ଷକ ପଦବୀଗୁଡିକରେ ଡିଇଆଇଇଡି (ସିଟି), ବିଇଡି ତାଲିମ ପ୍ରାପ୍ତ ଯୁବତୀଯୁବକଙ୍କୁ ସ୍ଥାୟୀ ଭିତ୍ତିରେ ନିଯୁକ୍ତି ପ୍ରଦାନ, ଛାତ୍ର ସଂଖ୍ୟା କମ୍ ଦର୍ଶାଇ ବିଦ୍ୟାଳୟ ବନ୍ଦ କରିବା ନିଷ୍ପତ୍ତିକୁ ବାତିଲ କରାଯାଉ, ସମସ୍ତ ଡିଇଆଇଇଡି (ସିଟି), ବିଇଡି କଲେଜରେ ନାମ ଲେଖା ପ୍ରକ୍ରିୟା ତୁରନ୍ତ ଆରମ୍ଭ କରାଯିବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବିକାଶ ଗଡତ୍ୟା, ଭୂପେନ୍ଦ୍ର ଶବର, ବୈଷ୍ଣବ ଭୋଇ, ଅଙ୍କିତ ଖମାରୀ, ହରେକୃଷ୍ଣ ନାୟକ, ସୁନୀଲ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।


ବେକାର ଯୁବକ ସଂଗ୍ରାମ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**୨ ବର୍ଷ ହେଲା ଜୀବିକା ମିଶନରେ କାର୍ଯ୍ୟରତ ମହିଳାଙ୍କୁ ମିଳିନି ପାରିଶ୍ରମିକ**

**ନୂଆପଡ଼ା ଅଫିସ,୫।୪**


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ନୂଆପଡା ସଦର ବ୍ଲକରେ ଓଡ଼ିଶା ଜୀବିକା ମିଶନରେ କାର୍ଯ୍ୟରତ ମହିଳାମାନଙ୍କୁ ଦୀର୍ଘ ଦିନ ହେଲା ପାରିଶ୍ରମିକ ମିଳିନାହିଁ। ଏହାର ପ୍ରତିବାଦରେ ମଙ୍ଗଳବାର ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦକ୍ଷ ନଥିପତ୍ର ଲେଖିକା ବୃନ୍ଦବତୀ ଧରୁଆଙ୍କ ନେତୃତ୍ୱରେ ନୂଆପଡା ବ୍ଲକରେ ଓଡିଶା ଜୀବିକା ମିଶନରେ କାର୍ଯ୍ୟରତ ସମସ୍ତ ଦକ୍ଷ ନଥିପତ୍ର ଲେଖିକା, ଗୋଷ୍ଠୀ ସହାୟିକା, କୃଷିମିତ୍ର, ପ୍ରାଣୀମିତ୍ର ଓ ବ୍ୟାଙ୍କ ମିତ୍ରମାନଙ୍କ ୨ ବର୍ଷ ହେଲା ପାରିଶ୍ରମିକ ମିଳି ନ ଥିବାରୁ ଶୀଘ୍ର ପାରିଶ୍ରମିକ ପ୍ରଦାନ ଦାବିରେ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୨ ବର୍ଷ ହେଲା ପାରିଶ୍ରମିକ ମିଳି ନ ଥିବାରୁ ପରିବାର ଚଳାଇବା, କାର୍ଯ୍ୟାଳୟ ଯାତାୟାତ, ମୋବାଇଲ ଖର୍ଚ୍ଚ ପାଇଁ ବହୁତ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ଶିଘ୍ର ପାରିଶ୍ରମିକ ଦିଆ ଯାଉ ବୋଲି ନୂଆପଡା ବ୍ଲକ ଓଏଲଏମ ବିଏମଏମୟୁ କାର୍ଯ୍ୟାଳୟକୁ ଆସି ୨୦୨୧ ଏପ୍ରିଲ ଓ ଜୁନ ମାସରେ ଲିଖିତ ଭାବରେ ଦିଆଯାଇଥିଲେ ମଧ୍ୟ ଏଯାଏଁ ପାରିଶ୍ରମିକ ମିଳିନାହିଁ। ତୁରନ୍ତ ପାରିଶ୍ରମିକ ପ୍ରଦାନ କରା ନ ଗଲେ ବ୍ଲକର ସମସ୍ତ ଏମ୍‌ବିକେ, ସିଆର୍‌ପି, କେଏମ, ପିଏମ୍ ଓ ବିଏମ୍ କାର୍ଯ୍ୟବନ୍ଦ କରିବା ସହିତ ଆନ୍ଦୋଳନ କରି ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦିଆଯାଇଛି। ବିକ୍ଷୋଭ ପ୍ରଦର୍ଶନରେ ପ୍ରତିଉଜଳି ଛତ୍ରି, ଅମ୍ବିକା ପ୍ରଧାନ, ମନିଶା ପୁଞ୍ଜି, ଲୋପାମୁଦ୍ରା ସାହୁ, ରେଖା ସାହୁ, ନର୍ମଦା ମାଝି, ଶଭ୍ୟା ଦେବାଙ୍ଗନ, ରଞ୍ଜିତା ଦଣ୍ଡସେନା, ଜୋସ୍ନାରାଣୀ ଶବର, ପ୍ରିୟଙ୍କା ଉଜିର, ଯମୁନା ଦେବାଙ୍ଗନ, କବିତା ଗଉଡ, ମିହତା ରଣା, ଇନ୍ଦୁମତୀ ମାଝି, ବନିତା ଛତ୍ରିଆ ପ୍ରମୁଖ ସାମିଲ ହୋଇଥିଲେ।